: ସ୍ମରଣିକା :

ଡକ୍ଟର ଶ୍ରଦ୍ଧାକର ସୂପକାର

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଡକ୍ଟର ଶ୍ରଦ୍ଧାକର ସୂପକାର
ସ୍ମୃତି ସମିତି

Source: Author, Digitized by PPRACHIN, SOA

ସ୍ମରଣିକା

ଡକ୍ଟର ଶ୍ରଦ୍ଧାକର ସୁପକାର

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୪।୨।୧୯୯୪

ଡକ୍‌ଟର ଶ୍ରଦ୍ଧାକର ସୁପକାର
ସ୍ମୃତି ସମିତି
ବୁଢ଼ାରଜା, ସମ୍ବଲପୁର-୭୬୮୦୦୪

Source: Author, Digitized by PPRACHIN, SOA

ମଧ୍ୟମ ପୁରୁଷ

(ସାପ୍ତାହିକ ସମ୍ବାଦପତ୍ର)

ବୁଢ଼ାରଜା, ସମ୍ବଲପୁର - ୭୬୮୦୦୪

ଟେଲଫୋନ : (୦୬୬୩) ୩୧୦୧୦

Source: Author, Digitized by PPRACHIN, SOA

ଡକ୍ଟର ଶ୍ରୀଧାକର ସୂପକାର
ସ୍ମୃତି ସମିତି

ବୁଢ଼ାରଜା, ସମ୍ବଲପୁର-୭୬୮୦୦୪

ଟେଲିଫୋନ (୦୬୬୩) ୩୧୦୧୦

ସଭାପତି : ଶ୍ରୀ ବନମାଳୀ ବାବୁ

କାର୍ଯ୍ୟକାରୀ ସଭାପତି : ଶ୍ରୀ କମଳାକାନ୍ତ ପାଣିଗ୍ରାହୀ.

ଉପ-ସଭାପତି : ଡକ୍ଟର ହାଡ଼ିବନ୍ଧୁ ମିଶ୍ର

ଶ୍ରୀ ବାମାପଦ ତ୍ରିପାଠୀ

ସମ୍ପାଦକ : ଶ୍ରୀ ଭଗବତ ପ୍ରସାଦ ନନ୍ଦ

ଶ୍ରୀ ଶ୍ରୀକର ସୂପକାର

ସହ-ସମ୍ପାଦକ : ଶ୍ରୀମତୀ ବିଷ୍ଣୁପ୍ରିୟା ଭୋଇ

ଶ୍ରୀ ସତ୍ୟନାରାୟଣ ହୋତା

କୋଷାଧକ୍ଷ : ଶ୍ରୀ ଉତ୍ତମ କୁମାର ବେହେରା

କାର୍ଯ୍ୟକାରୀ କମିଟୀ : ଇଞ୍ଜିନିୟର ଶ୍ରୀପତି ମିଶ୍ର

ଜଷ୍ଟିସ ନରକାର ପୁରୋହିତ

ଶ୍ରୀ ବେନଭୂଜ ସାହୁ

ଶ୍ରୀ ଅର୍ଜ୍ଜୁନ ରଞ୍ଜନ ପଣ୍ଡା

ଶ୍ରୀ ଅଭୟ ପାଢ଼ୀ

ଶ୍ରୀ ଶିବ ତ୍ରିପାଠୀ

ଶ୍ରୀ ସୁରେଶ୍ୱର ମିଶ୍ର

ଶ୍ରୀ ପରେଶ ଦାସ

ଶ୍ରୀ ସୁରଞ୍ଜନ ମହାପାତ୍ର

ଶ୍ରୀ ଦାଶରଥି ସାହୁ

ଶ୍ରୀ ଗୋବିନ୍ଦ ନାରାୟଣ ଅଗ୍ରବାଲ

Source: Author, Digitized by PPRACHIN, SOA

ସଂପାଦକୀୟ

ଉତ୍କଳର ଶ୍ରଦ୍ଧାକର ସୂପକାରଙ୍କ ନାମଟି ସ୍ୱୟଂ ସର୍ବସାଧାରଣ ଲୋକଙ୍କ ହୃଦୟରେ ଶ୍ରଦ୍ଧାଜାତ କରଥାଏ । ସେ ଥିଲେ ଜନତାର ନେତା ତେଣୁ ଆଜର ପର୍ଙ୍କିଳ ରାଜନୀତି ତାଙ୍କ ପାଦକୁ ସ୍ପର୍ଶ କରିପାରି ନ ଥିଲା । ସେ କହନ୍ତି—"ମୁଁ କଳ୍ପନା ବିଳାସୀ ନୁହେଁ । ମୁଁ ଖୁବ୍ କମ୍ ସ୍ୱପ୍ନ ଦେଖେ, ତାହା ପୁଣି ସବୁବେଳେ ସୁଖର ସ୍ୱପ୍ନ ନୁହେଁ । ହାତ ପତେଇଲା କଥା ଭାବିଲା ବେଳେ ବଂଶମର୍ଯ୍ୟାଦା, ସ୍ୱାଭିମାନ ଓ ଜୀବନ ଦର୍ଶନ--ସବୁ-ବେଳେ ଆଗରେ ଛେକିଛନ୍ତି । ଦାବୀ କଲାବେଳେ ସୁନା ଓ ଗୁଞ୍ଜି କଥା ମନେପଡ଼େ । ଗୁଞ୍ଜିର ଓଜନ ସୁନାଠାରୁ ପ୍ରାୟ ଅଧିକ ଥିବା ବିଷୟ ଭୁଲି ହୁଏନା ।"

ସତରେ, ଯାହାର ଯେତେ ବେଶୀ ସ୍ୱପ୍ନ, ସିଏ ତାର ବିଫଳତାରେ ସେତିକି ପରିମାଣରେ ହତାଶ ହୁଏ । ତେଣୁ ସଚ୍ଚୋଟ ରାଜନୀତିଜ୍ଞ ଶ୍ରଦ୍ଧାକରଙ୍କୁ କୌଣସି ପ୍ରତିକୂଳ ପରିସ୍ଥିତି ହତାଶ କରିପାରି ନାହିଁ, ବରଂ ନିର୍ବିକାର ପୁରୁଷଙ୍କୁ କୋଟି କୋଟି ଜନତା ଅତି ଆପଣାର କରିନେଇଛନ୍ତି । ଏହା ମଧ୍ୟରେ ବର୍ଷଟିଏ ତ ବିତିଯାଇଛି କିନ୍ତୁ ତାଙ୍କର କୃତି ଆଉ ସ୍ମୃତି ମଉଳି ଯାଇନି । ବରଂ ଅସଂଖ୍ୟ ହୃଦୟରେ ଅଗ୍ନିଚିତ୍ର ଜୀବନ୍ତ ହୋଇ ଉଠିଛି ।

ସ୍ମୃତି କମିଟି ସ୍ମରଣିକାର ପ୍ରତ୍ୟେକ ପୃଷ୍ଠା ହିଁ ତାର ଜ୍ୱଳନ୍ତ ଉଦାହରଣ । ଯେଉଁମାନଙ୍କର ସ୍ମୃତି ଏବଂ ସୃଷ୍ଟି ସ୍ମରଣିକାଟିକୁ ସରସ ସୁନ୍ଦର ଏବଂ ସୁଖପାଠ୍ୟ କରିପାରିଛି, ସେମାନଙ୍କ ନିକଟରେ ଉତ୍କଳର ଶ୍ରଦ୍ଧାକର ସୂପକାର ସ୍ମୃତି କମିଟି କୃତଜ୍ଞତା ଜଣାଉଛି ।

କୃତ୍ତିବାସ ନାୟକ
ସମ୍ପାଦକ

Source: Author, Digitized by PPRACHIN, SOA

ସୁପୁରୁଷ ଶ୍ରଦ୍ଧାକର

● ଡକ୍ଟର ପ୍ରଫୁଲ୍ଲ କୁମାର ପଣ୍ଡା

ଡକ୍ଟର ଶ୍ରଦ୍ଧାକର ସୁପକାର ଥିଲେ ମୋର ବଡ଼ଭାଇ । ଅବଶ୍ୟ ରକ୍ତର ସମ୍ପର୍କ ନ ଥିଲା । କିନ୍ତୁ ଆମର ସମ୍ପର୍କ ଥିଲା ତା’ ଅପେକ୍ଷା ଗାଢ଼ତର— ହୃଦୟର ସମ୍ପର୍କ । ତାଙ୍କ ପ୍ରତି ମୋର ଯେତିକି ଭକ୍ତି ଓ ଶ୍ରଦ୍ଧା ଥିଲା, ସେତିକି ଭକ୍ତି ଓ ଶ୍ରଦ୍ଧା ମୋର ଖୁବ୍ ଅଳ୍ପ ଲୋକଙ୍କ ପ୍ରତି ରହିଛି । ଆମ ଉଭୟ ପରିବାର ମଧ୍ୟରେ ଘନିଷ୍ଠ ସମ୍ପର୍କ ନ ଥିଲେ ବି ଆତ୍ମୀୟତା ଥିଲା; କିନ୍ତୁ ମୋର ସ୍ତ୍ରୀଙ୍କର ପରିବାର ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ମୋର ଶ୍ୱଶୁର ତ ଏକଶତ ବର୍ଷର ଊର୍ଦ୍ଧ୍ୱକୁ ଯାଇଥିଲେ । ତାଙ୍କର ଜୀବନର ଶେଷ ଭାଗରେ ସେ ରୋଗଗ୍ରସ୍ତ ଓ ଶଯ୍ୟାଶାୟୀ ହୋଇଗଲେ । ଶ୍ରଦ୍ଧାକର ବାବୁ ମଝିରେ ମଝିରେ ବରାବର ତାଙ୍କୁ ଦେଖିବାକୁ ଆସୁଥିଲେ । କକା-ପୁତୁରାଙ୍କର ନିବିଡ଼ ଆଳାପ ଏବେ ବି ଆମର ମନେପଡ଼େ । ମୋର ସ୍ତ୍ରୀଙ୍କୁ ସେ ନିଜର ସାନଭଉଣୀ ମନେ କରୁଥିଲେ ଏବଂ ତାଙ୍କୁ ‘ବୁଇ’ ବୋଲି ସମ୍ବୋଧନ କରୁଥିଲେ । ତାର କାରଣ ଥିଲା, ଡକ୍ଟର ପରଶୁରାମ ମିଶ୍ର ଶ୍ରଦ୍ଧାକର ବାବୁଙ୍କର ଅଧ୍ୟାପକ ଥିଲେ ଏବଂ ପରଶୁରାମ ବାବୁଙ୍କ ପୁଅ ହରିକୃଷ୍ଣ ମିଶ୍ର, ଜିଲ୍ଲା ଜଜ୍ (ମୋର ବଡ଼ଶଳା), ଶ୍ରଦ୍ଧାକର ବାବୁଙ୍କର ବନ୍ଧୁ ଥିଲେ । ପଶ୍ଚିମ ଓଡ଼ିଶା ଅଞ୍ଚଳର ସଂସ୍କୃତିର ମହତ୍ତ୍ୱ ଓ ବିଶେଷତ୍ୱ ହେଉଛି ଯେ ଆମର ସମ୍ପର୍କ କେବେ ନିଜର ପରିବାର ମଧ୍ୟରେ ସୀମିତ ନ ଥାଏ । ଆମେ ନିଜ ଗାଁ ବା ସହରରେ ରହୁଥିଲେ ନିଜର ପଡ଼ାର ସମସ୍ତଙ୍କୁ ନିଜ ପରିବାରର ସଦସ୍ୟ ଭାବରେ ନେଇଥାଉଁ । ମୋର ବାଲ୍ୟକାଳ କଥା । ସମ୍ବଲପୁର ଗୋଟିଏ ଶ୍ରେଷ୍ଠ ସହର ଥିଲା, ଗୋଟିଏ ବଡ଼ ଗାଁ କହିଲେ ଚଳେ । ସେତେବେଳେ ସମସ୍ତ ବୟସ୍କ ଲୋକ ପିଲାମାନଙ୍କର ବବା, କକା, ମାମୁଁ ବୋଲି ଡକା ଯାଉଥିଲେ । ଅନ୍ୟ ପ୍ରଦେଶ ତ ଦୂରର କଥା । ଓଡ଼ିଶାର ଅନ୍ୟ ପ୍ରାନ୍ତରେ ବି ଏ ପ୍ରକାର ସଂସ୍କୃତିର ପ୍ରଚଳନ ନାହିଁ ।

Source: Author, Digitized by PPRACHIN, SOA

ଅବଶ୍ୟ ସେମାନେ ବୟସ୍କ ଲୋକଙ୍କୁ ମଉସା ଓ ବୟସ୍କା ସ୍ତ୍ରୀମାନଙ୍କୁ ମାଉସୀ ବୋଲି ଡାକନ୍ତି; କିନ୍ତୁ ଏହି ସମ୍ବୋଧନ କେବଳ ଗତାନୁଗତିକ ଛଳରେ କରାଯାଇଥାଏ । ସମ୍ବଲପୁର ଅଞ୍ଚଳର ସ୍ନେହ, ସୌହାର୍ଦ୍ଦ୍ୟ ଓ ଆନ୍ତରିକତା ଅନ୍ୟ ପ୍ରାନ୍ତରେ ବିରଳ । ଏହି ସଂସ୍କୃତି ଓ ପରମ୍ପରା ଏବେ ମଧ୍ୟ ରହିଛି; କିନ୍ତୁ ଆସ୍ତେ ଆସ୍ତେ ତାହାର ଅବକ୍ଷୟ ହେଉଛି । ତଥାପି ଏହି ପରମ୍ପରାକୁ ଜୀବିତ ରଖିବାକୁ ପଡ଼ିବ ।

କିନ୍ତୁ ଏ'ତ ଗଲା ଶ୍ରଦ୍ଧାକର ବାବୁଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କର କଥା । ଏହି ସ୍ମୃତି ମୋ ପକ୍ଷରେ ଏକ ଅମୂଲ୍ୟ ସମ୍ପଦ; କିନ୍ତୁ ସ୍ମରଣିକାର ଉଦ୍ଦେଶ୍ୟ ହେଉଛି, ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ମହାନ୍ ବ୍ୟକ୍ତିତ୍ୱର ପ୍ରତିଫଳନ । ସେ ଭଲ ଗୁଣ ଥିଲେ ମଧ୍ୟ ତାଙ୍କର ସରକାରୀ ଚାକିରୀ ପ୍ରତି ମୋହ ନ ଥିଲା । ସେ ବାଲ୍ୟାବସ୍ଥାରୁ ସ୍ୱାଧୀନତା ସଂଗ୍ରାମୀ ଥିଲେ । ତାଙ୍କର ଜୀବନର ପ୍ରତ୍ୟେକ ସ୍ତରରେ—ଭାବନା, କଥାବାର୍ତ୍ତା, କାର୍ଯ୍ୟ ଏପରିକି ପୋଷାକ ପରିଚ୍ଛଦରେ ବି ଗାନ୍ଧିଜୀଙ୍କ ଆଦର୍ଶ ପରିସ୍ଫୁଟ ହେଉଥିଲା । ସେ ରାଜନୀତିରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଥିଲେ ବି ରାଜନୀତିର କର୍ଦ୍ଦମ ତାଙ୍କ ପଦସ୍ପର୍ଶ କରିପାରି ନ ଥିଲା । ବ୍ରଜରାଜନଗର କାଗଜକଲ ବିରୁଦ୍ଧରେ ମକଦ୍ଦମା ଲଢ଼ି ଏବଂ ବିର୍ଲାର ସମସ୍ତ ପ୍ରଲୋଭନକୁ ଅସ୍ୱୀକାର କରି ସେ ମୂଳରୁ ପ୍ରମାଣ କରିଦେଲେ ଯେ ତାଙ୍କର ଚରିତ୍ର ଥିଲା ନିର୍ମଳ ଏବଂ ଉଚ୍ଚକୋଟୀର । ସେ ଓଡ଼ିଶାର ପୂଜ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟତମ ହୋଇଥିଲେ କାରଣ ତାଙ୍କର ବଳିଷ୍ଠ ଚରିତ୍ରବଳ ଥିଲା ଏବଂ ତାଙ୍କର ବ୍ୟବହାର ଥିଲା ଅତୀବ ମଧୁର । ଜ୍ଞାନ ଆହରଣ ପାଇଁ ତାଙ୍କର ଅସୀମ ଆଗ୍ରହ ଥିଲା । ଆଇ:ଏସ୍‌ସି: ପରେ ସେ ଗଣିତ ଶାସ୍ତ୍ରରେ ଅନର୍ସ ନେଇ ବି:ଏ: ପାସ୍ କଲେ ଏବଂ ତାପରେ ଇଂରାଜୀ ସାହିତ୍ୟରେ ଏମ୍:ଏ: ପାସ୍ କଲେ । ମହାନଦୀରେ ଆମେ ଯେପରି ଦୁଇଟି ଧାର ରହୁଥିଲା ଗ୍ରୀଷ୍ମ କାଳରେ, ସେହିପରି ପାଶ୍ଚାତ୍ୟ ଶିକ୍ଷାର ଏହି ଧାର ସହିତ ତାଙ୍କର ସଂସ୍କୃତ ଶିକ୍ଷା ମଧ୍ୟ ଅନବରତ ଚାଲିଥିଲା । ସେ ଥିଲେ କାବ୍ୟତୀର୍ଥ । ତାଙ୍କର ସାହିତ୍ୟ ଚର୍ଚ୍ଚା ଓ ସାହିତ୍ୟ ସାଧନା ତାଙ୍କର ହୃଦୟର ଆର୍ଦ୍ରତା ଓ କୋମଳତାକୁ ବଜାୟ ରଖିଥିଲା । ଯାହା ଫଳରେ ରାଜନୀତିର କର୍କଶତା ଓ ଆବିଳତା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥିଲା ।

Source: Author, Digitized by PPRACHIN, SOA

ତାଙ୍କର ସଚ୍ଚୋଟତା ପାଇଁ ସେ ଯଥେଷ୍ଟ ମୂଲ୍ୟ ଦେଇଛନ୍ତି । ଏତେବର୍ଷ ରାଜନୀତିରେ ଥାଇ ମଧ୍ୟ ସେ କେବେ ମନ୍ତ୍ରୀ ହୋଇନାହାନ୍ତି । କିନ୍ତୁ ବିରୋଧୀ ଦଳର ନେତା ଥିବାବେଳେ ସେ ତାଙ୍କର ଚତୁରତାର ପ୍ରମାଣ ଦେଇଛନ୍ତି । ଥରେ ସେ ଓଡ଼ିଶା ବିଧାନସଭାରେ କହିଥିଲେ, "ମୁଁ ସୂପକାର । ଭାତ-ହାଣ୍ଡିରୁ ଗୋଟିଏ ଗୁଣ୍ଡା ଚିପିଲେ ମୁଁ ସରକାରଙ୍କ ନୀତି ବିଷୟରେ ସବୁ କଥା ଜାଣିପାରିବି ।" ଏବଂ ତା'ପରେ ସେ ସରକାରଙ୍କ ଗୋଟିଏ ନିଷ୍ପତ୍ତିକୁ ବିଶଦ୍ ଭାବରେ ସମାଲୋଚନା କରି ସରକାରଙ୍କ ଅପାରଗତାର ପ୍ରମାଣ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରି ପାରିଥିଲେ । ହଁ, ତାଙ୍କର ଜ୍ଞାନ ଆହରଣରେ ଏପରି ଆଗ୍ରହ ଥିଲା ଯେ, ସେ ଆଇନ ଅଧ୍ୟୟନକୁ ଏକ ବ୍ୟବସାୟ ଭାବରେ ନ ନେଇ ଆଇନ୍‌ରେ ଏଲ୍.ଏଲ୍.ଏମ୍. ଓ ପିଏଚ୍.ଡ଼ି ଡିଗ୍ରୀ ହାସଲ କଲେ । ବିଶ୍ୱବିଦ୍ୟାଳୟରେ ସିନେଟ୍ ଓ ସିଣ୍ଡିକେଟ୍ ସଭ୍ୟ ହୋଇ (ଉଭୟ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ) ଏବଂ ଶେଷରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ସେ ଜଣେ ଶିକ୍ଷାବିତ୍ ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରିପାରିଥିଲେ । ସେ ସମ୍ବଲପୁର ଅଞ୍ଚଳକୁ ପ୍ରଗାଢ଼ ଭାବରେ ସ୍ନେହ କରୁଥିଲେ । କିନ୍ତୁ ଏତଦ୍ଦ୍ୱାରା ତାଙ୍କର ଓଡ଼ିଶା ପ୍ରୀତି ବା ଭାରତ ପ୍ରୀତି ଆଦୌ ବାଧାପ୍ରାପ୍ତ ହୋଇ ନ ଥିଲା ।

ଏହି ସୁପୁରୁଷଙ୍କ ସ୍ମୃତି ଜୀବନ୍ତ ରଖିବାରେ ଏହି ସ୍ମରଣିକା ସାହାଯ୍ୟ କରୁ । ଏଥି ସହିତ ଶ୍ରଦ୍ଧାକର ବାବୁଙ୍କର ଉଭୟ ପ୍ରକାଶିତ ଓ ଅପ୍ରକାଶିତ ସାହିତ୍ୟକୃତିର ବହୁଳ ପ୍ରଚାର ଓ ପ୍ରସାର ହେଉ ।

ପୂର୍ବତନ କୁଳପତି,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ସମ୍ବଲପୁର ।

Source: Author, Digitized by PPRACHIN, SOA

ପ୍ରଣମ୍ୟତା

● ଅନାଦି ସାହୁ

ମୁଁ ତାଙ୍କୁ ଦେଖିଥିଲି, ପ୍ରଥମେ ବନ୍ଧୁ ମିଳନରେ । ଧୋତି ଓ ହାଓ୍ୱାଇନ୍ ପିନ୍ଧା ଲୋକ । କଥା ଅଳ୍ପ କହୁଥିଲେ । ବକ୍ତୃତା ଦେଲାବେଳେ ବସେଇ ବସେଇ ପଦ ସଂଯୋଜନା କରୁଥିଲେ । ତାଙ୍କ ବକ୍ତୃତା ଶୁଣି ମୁଁ ଭାବୁଥିଲି, ଇଏ ସେହି ଲୋକକି ଯିଏ ହୀରାକୁଦ ବୁଡ଼ି ଅଞ୍ଚଳର ଲୋକଙ୍କପାଇଁ ଶାସନକୁ ଥରେଇ ଦେଇଥିଲେ ? ଭାବୁଥିଲି ଇଏ ସେହି ଲୋକକି ଯିଏ ଗୋଟାଏ ବିଲେଇ ପାଇଁ ସୁନ୍ଦର ଗପଟିଏ ଲେଖିଦେବେ ପୁଣି ଯାହାର ପ୍ରାଣ ଦରଦଭରା; ଯିଏ ଶାଶ୍ୱତ କଥା ଗୁଡ଼ିକୁ ବ୍ୟଙ୍ଗ କରି ଥୋଇଦେବେ ? ବିଧାନସଭା ଅଫିସର ଗ୍ୟାଲେରିରୁ ତାଙ୍କୁ ଦେଖୁଥିଲି । ହଇଚଗୋଳ ନାହିଁ । ଯାହା କହିବା କଥା ତାକୁ ସୁନ୍ଦର ଭାବେ ଉପସ୍ଥାପନ କରୁଥିଲେ । କଥାର ମର୍ମ ବୋଧହୁଏ ଭେଦି ଯାଉଥିଲା । କଥା ଏମିତି ଭାବରେ କହୁଥିଲେ ଯେ, କେହି ତାଙ୍କ ପ୍ରତି ଅସୂୟା ପ୍ରଣୋଦିତ ହେଉ ନ ଥିଲା । ରାଜନୀତିରେ ସପକ୍ଷ ବିପକ୍ଷ ଲୋକ ଥାଆନ୍ତି । ନିନ୍ଦୁକ ଥାଆନ୍ତି; କିନ୍ତୁ ଶ୍ରୀ ଶ୍ରଦ୍ଧାକର ସୂପକାରଙ୍କ ପାଇଁ କେହି ନିନ୍ଦୁକ ନ ଥିଲେ । ସେ ଥିଲେ ଅଜାତ ଶତ୍ରୁ ।

ସାରସ୍ୱତ ସାଧନା ଓ ରାଜନୀତି—ଦୁଇ ବିରୋଧାଭାସର ପରିପୂରକ । ତାକୁ ନିଜ ଜୀବନର ପ୍ରତି କ୍ଷେତ୍ରରେ ବ୍ୟବହାର କରି ସେ ହୋଇଥିଲେ ମହାନ୍ ।

ସେ ଏତେ ମହାନ୍ ଯେ ନିଜକୁ କେବେହେଲେ ଉତ୍ତମ ପୁରୁଷ ବୋଲି କହି ନାହାନ୍ତି ଯଦିଚ କାୟା, ମନ ଏବଂ ବାକ୍ୟରେ ସେ ଥିଲେ ଉତ୍ତମ ପୁରୁଷ ।

ତାଙ୍କ ଆତ୍ମଜୀବନୀରେ ସେ ନିଜକୁ ମଧ୍ୟମ ପୁରୁଷ ରୂପେ ପରିଚୟ ଦେଇଛନ୍ତି । ହୁଏତ ତଳମାଳିଆ ମହାପାତ୍ରମାନେ ସବୁ ମାରିନେଇ ଉତ୍ତମ ପୁରୁଷ ହୋଇଗଲେ । ଦୁନିଆଟା ସେମିତି । ଅସଲ ଲୋକର ସ୍ଥାନ ନାହିଁ, ସାଂପ୍ରତିକ ଦୁନିଆରେ । ଅବଶ୍ୟ ଶ୍ରୀ ସୂପକାର ଶେଷ ଜୀବନ ପର୍ଯ୍ୟନ୍ତ ନିରଶ ହୋଇ ନାହାନ୍ତି । ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି— ତଥାପି ନ ଲେଖିଲେ ନ ଚଳେ । ବସି ନ ରହିପି ମଧ ଚିତ ନାହିଁ, କାରଣ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆମର ଅବଶ୍ୟ କିଛି କର୍ତ୍ତବ୍ୟ ରହିଛି ।

Source: Author, Digitized by PPRACHIN, SOA

ନିଛକ କଥାଟିଏ ଲେଖିଛନ୍ତି । 'ତଥାପି' ଭିତରେ ସେ ଜୀବନର ସବୁ ଜଞ୍ଜାଳ, ମାନସିକ ଅଶାନ୍ତିକୁ କାଟି ସାହିତ୍ୟ ସାଧନା କରିଛନ୍ତି । ସାହିତ୍ୟ ସାଧନା ଭିତରେ ଅଭିମାନରେ ଲେଖି ପକେଇଛନ୍ତି— ମୁଁ ଜାଣେ, ଉଚ୍ଚ-କୋର୍ଟର ସାହିତ୍ୟିକ ହୋଇ ପାରିଥାନ୍ତି । ମୋର ଜୀବନ ଯେତେ ବର୍ଣ୍ଣାଢ୍ୟ, ମୋର ଜୀବନରେ ଯେତେ ବୈଚିତ୍ର୍ୟତା ଦେଖିବାର ସୁଯୋଗ ପାଇଛି, ମୁଁ ଯେତେ କଥା ଅଙ୍ଗେ ନିଭେଇଛି; ତାହା ଓଡ଼ିଶାର ଯେ କୌଣସି ସାହିତ୍ୟିକ ପକ୍ଷରେ ସହଜରେ ସମ୍ଭବ ହୁଏନାହିଁ ।

ନିହାତି ସତକଥା । ଜାତିଟା ଯଦି ତାଙ୍କୁ ସୁଯୋଗ ଦେଇଥାନ୍ତା, ସେ ଓଡ଼ିଆ ସାହିତ୍ୟର ଗୋଟାଏ ରଥୀ ହୋଇଥାଆନ୍ତେ । ଏବେ ଚିନ୍ତନ କରିବା କଥା । ଆଞ୍ଚଳିକ ଭେଦଭାବରେ ଆମେ ଗୋଟାଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କର ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଉଣ୍ଡ୍ରିମ ପିଟୁଛେ । ଯେଉଁମାନେ ସାଧନା କରୁଛନ୍ତି, ସେମାନେ ନିଜ ଢୋଲ ନିଜେ ପିଟି ଅନ୍ୟମାନଙ୍କୁ ନୈପଥ୍ୟକୁ ଠେଲି ଦେଉଛନ୍ତି । ସେଥିପାଇଁ ଏତେ କ୍ଷୋଭ, ଏତେ ଆଞ୍ଚଳିକ ଭେଦଭାବ ।

ଯଥାର୍ଥରେ ଶ୍ରୀ ମୂପକାର କହିଛନ୍ତି-ମୁଁ ଯଦି କଟକ ବା କଲିକତାରେ ଜନ୍ମଗ୍ରହଣ କରିଥାନ୍ତି, ତେବେ ହୁଏତ ଅଧିକ ସାହିତ୍ୟିକ ଉତ୍ସାହ ଲାଭ କରିଥାନ୍ତି । ପ୍ରଚାରର ଅଧିକ ସୁଯୋଗ ପାଇଥାନ୍ତି ।

ହେ ସାହିତ୍ୟର ବଡ଼ପଣ୍ଡାମାନେ ! ମଧ୍ୟମ ପୁରୁଷର ଉତ୍ତମ ବାଣୀଟିକୁ ଟିକିଏ ହେଜନ୍ତୁ । ଯେଉଁ ଆଭିମୁଖ୍ୟ ନେଇ ଓଡ଼ିଶାର ଏକୀକରଣ ହେଲା, ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଯତ୍ନପରୋନାସ୍ତି ପ୍ରଚେଷ୍ଟା ହେଲା; ତାହା ଯେମିତି ଚେରଠାରୁ ଉପୁଡ଼ି ନ ଯାଏ । ଉପୁଡ଼ି ଗଲେ ଚେର ରହିବନାହିଁ । ପତ୍ର ରହିବ ନାହିଁ । ସମସ୍ତେ ଅକାଳରେ ଝଡ଼ିଯିବେ ।

ସମ୍ପାଦକ,
ଉତ୍କଳ ସାହିତ୍ୟ ସମାଜ,
୫, ରୂପେଲି ବୀଥିକା,
ସୁନାବେଡ଼ା, କୋରାପୁଟ ।

Source: Author, Digitized by PPRACHIN, SOA

ସ୍ମୃତିତର୍ପଣ

ଶ୍ରୀ ରାମଚନ୍ଦ୍ର ବ୍ରହ୍ମା

(ଏକ : ପ୍ରତିଭା ସୌରଭ)

ଉତ୍କଳ ପଶ୍ଚିମ ପ୍ରାନ୍ତେ ଅତି ମନୋରମ
ସମ୍ବଲପୁର ଭୂଖଣ୍ଡ ଶୋଭା ଅନୁପମ ।
ଅଧିଷ୍ଠାତ୍ରୀ ସମଲେଇ ଦେବୀ ଅଧିଷ୍ଠାନ
ଆହେ ଶ୍ରଦ୍ଧାକର ! ତହିଁ ଲଭିଲ ଜନମ ।
ଊଣେଇଶ ଚଉଦ କି ଶୁଭବାର୍ତ୍ତା ଦିଏ
ପ୍ରତିଭା ସୌରଭେ ବିଶ୍ୱ ଆମୋଦିତ ହୁଏ ।

ଯେଣୁ ଛାତ୍ର ଜୀବନରେ ଆଦର୍ଶ ପଣ୍ଡିତ
ପ୍ରତିଭାର ଉନ୍ମେଷରେ ଥିଲ ସଦା ରତ ।
ତେଣୁ ଇଂରାଜୀ, ଓଡ଼ିଆ, ସଂସ୍କୃତ ଭାଷାରେ
ବ୍ୟୁତ୍ପତ୍ତି ଥିଲା ତୁମର ଅଶେଷ ପ୍ରକାରେ ।
ସାହିତ୍ୟାଚାର୍ଯ୍ୟ ଉପାଧି ଏମ୍.ଏ.ରେ କୃତିତ୍ୱ
ବଢ଼ାଇଲା ଜୀବନର ଅଶେଷ ମହତ୍ତ୍ୱ ।

କର୍ମ ଜୀବନ ତୁମର ଉଚ୍ଚ ଆଦର୍ଶରେ
ଓକିଲାତି ଥିଲା ସଦା ସତ୍ୟ ନ୍ୟାୟ ଧାରେ ।
ଅଧ୍ୟାପକ, ଅଧ୍ୟକ୍ଷ କି କୁଳପତି ଗୁଣେ
ବିଦ୍ୟାକ୍ଷେତ୍ରେ ଡିଗ୍ରୀଧାରୀ ଥିଲ ଉଚ୍ଚଗୁଣେ ।
ଏ ସମସ୍ତ ତୁମ ଜୀବନର କଳାକୃତି
ବିରଳସ କର୍ମଯୋଗୀ ସାଧନ-ସଂସ୍କୃତି ।

ସର୍ବକ୍ଷେତ୍ରେ ଥିଲ ତୁମେ ବିଚକ୍ଷଣ ଅତି
ଦେଶସେବା-ରାଜନୀତି-ପ୍ରଶାସନ ସ୍ଥିତି
ସମାଜ ସଂସ୍କାର, ପତ୍ର ସଂପାଦନା ପ୍ରୀତି
ଆଇନ ସେବା କି ଦେଲ, ସ୍ୱାଧୀନ ପ୍ରବୃତ୍ତି ।
ସୁକବି ଗାଳ୍ପିକ ବିଜ୍ଞ ସାହିତ୍ୟ ସେବକ
ଆଲୋଚକ ବିଧାୟକ ସୁବ୍ୟବସ୍ଥାପକ ।

Source: Author, Digitized by PPRACHIN, SOA

(ଦୁଇ : ବ୍ୟକ୍ତିଗତ ଅନୁଭୂତି)

ଉଣେଇଶ ପଞ୍ଚାବନେ ଉଚ୍ଚଶିକ୍ଷା କାଳେ
ପ୍ରଥମ ସାକ୍ଷାତ ସ୍ମୃତି ସଦା ପ୍ରତିଫଳେ ।
ପରେ ଯେବେ ପରିଣୟ ସମ୍ବନ୍ଧ ସୂତ୍ରରେ
ତେଷଠି ସାଲ ମହିମା ସଦା ଉଙ୍କି ମାରେ ।
ଚଉଷଠି ସାଲେ ଏମ୍.ଏ. ସଂସ୍କୃତ ସାଧନା
(ତୁମ) ସାହାଯ୍ୟ-ସହାନୁଭୂତି ବିଚିତ୍ର ମହିମା ।

କର୍ମସଂସ୍ଥାନ ନିମିତ୍ତ ପ୍ରଚେଷ୍ଟା ଆଗ୍ରହ
ଭବିଷ୍ୟତ ଉନ୍ନତିରେ ସଦା ଅନୁରଗ ।
ଦେବଗଡ଼ ମହା-ବିଦ୍ୟା-ଆଳୟେ ସଂସ୍ଥିତି
ଦେଲ୍ କି ବା ତୁମ ପ୍ରାଣେ ପରମ ଆଶ୍ୱସ୍ତି ।
ପରେ ପରେ ବହୁବାର ସାକ୍ଷାତ ମିଳନ
ଆଲୋଚନା ଆଳାପରେ କି ମଗନ ମନ ।

ଛଅସ୍ତରି ସାଲେ ଜିଲ୍ଲା ଲେଖକ ମିଳନେ
ତୁମରି ସାନ୍ନିଧ୍ୟ ଦେଲା ଆନନ୍ଦ ପରାଣେ ।
ଅଠସ୍ତରି ସାଲେ ଏକାଡେମୀର ଉତ୍ସବେ
ଦେବଗଡ଼େ ରତ ଥିଲ ଦିବ୍ୟ ମହାଭାବେ ।
ମୁଖ୍ୟବକ୍ତା ବକ୍ତା ରୂପେ ଆମ ଅଧିଷ୍ଠାନ
ସେ ମିଳନ ସନ୍ଧ୍ୟା ଦିଏ ନବ ଜାଗରଣ ।

ହେ ଦିବ୍ୟ ସାହିତ୍ୟରଥୀ ସାହିତ୍ୟ କ୍ଷେତ୍ରରେ
ତୁମରି ବିପୁଳ ଦାନ ଜଗତ ବକ୍ଷରେ ।
'ବସନ୍ତ ମିଳନେ' ବନ୍ଧୁ ମିଷ୍ଟ ସମ୍ଭାଷଣ
ତେୟାଅଶି ସାଲଠାରୁ ଏ ବନ୍ଧୁ ମିଳନ ।
ସ୍ୱର୍ଗୀୟ ବିଭୂତି ଦିଏ ଦିବ୍ୟ ଅନୁଭୂତି
ଆଜିର ଏ ପଥଧାରେ ଏ ଅତୁଳ ସ୍ମୃତି ।

ବାମଣ୍ଡା ସାହିତ୍ୟପ୍ରୀତି ଅସୀମ ଅଶେଷ
'ଶଙ୍ଖ' ପତ୍ରିକା କି ଦିଏ ସାହିତ୍ୟ ସନ୍ଦେଶ ।

Source: Author, Digitized by PPRACHIN, SOA

ତୁମ ଅଭିମତ ମାନ ହଏ ମୂଲ୍ୟବୋଧ
ତେଣୁ 'ବାମଣ୍ଡାର ଦାନ' ଜାତୀୟ ସମ୍ପଦ ।
'ସ୍ମାରକୀ' ପୁସ୍ତକ ଗାଏ ତୁମ ଜୟଗୀତି
'ବାସୁଦେବ' ପୁସ୍ତକର ସମୀକ୍ଷା ସୁକୃତି ।
ସବୁ ଯେହ୍ନେ ସାରସ୍ୱତ ମହାର୍ଘ ଭଣ୍ଡାର
ତତ୍ତ୍ୱର ଜ୍ଞାନ ନିର୍ଯ୍ୟାସ ଜାତୀୟ ବେଭାର ।

ତୁମର ସାହିତ୍ୟକୃତି ଅଶେଷ ଅତୁଳ
ଅନ୍ୟ କାହା ସହ କାହିଁ ହେବ ସମତୁଲ ।
ସାହିତ୍ୟ ମିଳନେ ଭାଷା ଭାବ ବିନିମୟେ
ପରମ ସୁହୃଦ ଥିଲେ ଜୀବନେ ଉଭୟେ ।
ରାଜନୀତି, ଆଇନରେ ଦକ୍ଷତା ସହିତ
ନୀରବ ସାଧକ ରୂପେ ଥିଲ କର୍ମରତ ।

ଏକାମ୍ର କାନନେ ତୁମ ପ୍ରବାସ ସଦନେ
କେତେ ମଧୁ ବାକ୍ୟାଳାପ ମନର ମିଳନେ ।
ବାହାରେ ବିହାରେ କି ବା ଭ୍ରମଣେ କରମେ
ତୁମ ମହାଭବ ସ୍ମୃତି ଜାଗେ ସଦା ମନେ ।
ତୁମେ ଥିଲ କି ବା ମୋର ଅଗ୍ରଜ ପରମ
ତୁମ ଦେବୋପମ ସ୍ନେହ ପ୍ରୀତି ଅନୁପମ ।

ବ୍ୟକ୍ତିଗତ ଜୀବନରେ ଏ ଦିବ୍ୟ ବିଭୂତି
ଅପାର୍ଥିବ ଜଗତରେ ଶାଶ୍ୱତ ସମ୍ପତ୍ତି ।
ତୁମର ପ୍ରେରଣା ତୁମ ଉତ୍ସାହ ଶକତି
ଜୀବନରେ ଆଜି ଏକ ଅମଳିନ ସ୍ମୃତି ।
ତୁମ ଶୁଭାଶିଷ ବଳେ ମୋ ଜୀବନ ତରୀ
ଦୁଃଖପୂର୍ଣ୍ଣ ଭବଜଳେ ଗଲା କି ବାହାରି ।

(ତିନି : ଅନ୍ତିମ ଦର୍ଶନ)

ବହୁ ପ୍ରୀତି ଦେଇ ତୁମ ଶେଷ ନିମନ୍ତ୍ରଣେ
ମହାତବଶେ ଆସିଥିଲି ତୁମ ସନ୍ନିଧାନେ ।

Source: Author, Digitized by PPRACHIN, SOA

ରୋଗ ଯନ୍ତ୍ରଣାରେ ମଧ୍ୟ ସୁମିଷ୍ଟ ଆଳାପେ
ବିତିଗଲା ବହୁକାଳ ଆନନ୍ଦ ଅମାପେ ।
ମାସ ପରେ ଏ ଦାରୁଣ ବାର୍ତ୍ତା କି ବିଷାଦ
ଅସମୟେ ତିରୋଧାନ ଆଣିଦିଏ ଖେଦ ।

(ଆଜି) ଗାଏ ତୁମ ଅଲୌକିକ ଗୁଣରାଶି ଜୟ
ଅଶ୍ରୁଳ ନୟନରେ ତୁମ ଗୁଣର ବିଜୟ ।
ଓଡ଼ିଶା ସଂସ୍କୃତି ଆଜି ଦିଏ କି ବାରତା
'ସୀରଖଣ୍ଡ' ଦେଶକାଳେ କହେ କି ସେ କଥା ?
ଶ୍ରଦ୍ଧାର ଆକର ତୁମେ ବହୁ ଗୁଣାଧାର
ତେଜୋଦୀପ୍ତ ପ୍ରତିଭାର ବିରାଟ ଆକର ।

ମିଷ୍ଟଭାଷୀ ଥିଲ ଯେଣୁ ସୁବନ୍ଧୁ ବତ୍ସଳ
ଛବି ବିନମୟେ ସଦା ପରାଣ ଉଜ୍ଜ୍ୱଳ ।
ତୁମେ ବିରାଟ ପ୍ରତିଭା ବଳିଷ୍ଠ ବ୍ୟକ୍ତିତ୍ୱ
କାହିଁ ମୋର ଭାଷା ତାହା କରିବ ବ୍ୟକତ ।
ଗୁଣ ଅନୁରୂପ ନାମେ ଦେଶ ଅଭିରୁଚି
ସ୍ୱର୍ଣ୍ଣାକ୍ଷରେ ଶ୍ରଦ୍ଧାକର ! ରହିଥିବ ବଞ୍ଚି ।

ରହିଅଛି ସବୁ ସ୍ମୃତି ହଦୀ ସଞ୍ଜୀବିତ
ଦେଶ ଆଜି ତୁମ ପାଇଁ ଅତି ମର୍ମାହତ ।
ତଥାପି ସୌଜନ୍ୟ ଏହି ସୌହାର୍ଦ୍ଦ୍ୟର ବାଣୀ
ଯୁଗେ ଯୁଗେ ଗାଉଥାନ୍ତି ତୁମ ଜୈସବାଣୀ ।
ତେଣୁ ଏ ଶୁଭ ବାସରେ ଜଣାଏ ପ୍ରଣତି
ଦିଅ ଶୁଭଦୃଷ୍ଟି ଫେଡ଼ି ଦେଶର ଦୁର୍ଗତି ।

ଡଃ ଶ୍ରଦ୍ଧାକର ସୂପକାରଙ୍କ ତିରୋଧାନରେ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଲିଖିତ ଓ ଭୀମଭୋଇ ମହାବିଦ୍ୟାଳୟ ପ୍ରାଙ୍ଗଣରେ ତା ୭।୫।୮୩ ଦିନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ସ୍ଥାନୀୟ ଅଭ୍ୟର୍ଥନା ସମିତି ଯୁଗ୍ମ ଆନୁକୂଲ୍ୟରେ ଅନୁଷ୍ଠିତ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ନିମନ୍ତେ ଉଦ୍ଦିଷ୍ଟ କବିତା ପାଠୋତ୍ସବରେ ପଠିତ ।

ଅଧ୍ୟକ୍ଷ,
ଭୀମଭୋଇ ମହାବିଦ୍ୟାଳୟ, ରେଢ଼ାଖୋଲ

Source: Author, Digitized by PPRACHIN, SOA

ଡକ୍ଟର ଶ୍ରଦ୍ଧାକର ସୁପକାରଙ୍କ ଇତିହାସର ପରିହାସ : ଏକ ଆଲୋଚନା

ଡକ୍ଟର କୃତ୍ତିବାସ ନାୟକ

'ଇତିହାସର ପରିହାସ' ପୁସ୍ତକଟି ଡକ୍ଟର ଶ୍ରଦ୍ଧାକର ସୁପକାରଙ୍କର କେତେକ ଅବ୍ୟକ୍ତ ଭାବନାର ଏକ ସଂକଳନ । ଆଦ୍ୟ କଥନରେ ହିଁ ଲେଖକ ସ୍ପଷ୍ଟ କରି ଦେଇଛନ୍ତି—"ଏ' କାହାଣୀ ନୁହେଁ, ସରକାରୀ ତଥ୍ୟ ଉପରେ ପ୍ରତିଷ୍ଠିତ ତଥା ନଥିପତ୍ରରୁ ସଂଗୃହୀତ ରିପୋର୍ଟ ଉପରେ ଆଧାରିତ ଇତିହାସ ।"

ବିଂଶ ଶତାବ୍ଦୀର କୋଣାର୍କ— 'ହୀରାକୁଦ ବନ୍ଧ' ନିର୍ମାଣକାଳୀନ ଘଟଣାବଳୀ, ସରକାରୀ କଳର ଉଦାସୀନତା ତଥା ବୁଡ଼ି ଅଞ୍ଚଳର ଦୁଃଖୀ ଲୋକଙ୍କ ପୁନଃ ଥଇଥାନ ସମ୍ପର୍କୀୟ ବିଭିନ୍ନ ତଥ୍ୟକୁ ଆଧାର କରି ଡକ୍ଟର ସୁପକାର 'ଇତିହାସର ପରିହାସ' ପୁସ୍ତକଟିକୁ ପାଠକମାନଙ୍କ ଆଗରେ ଉପସ୍ଥାପିତ କରିଛନ୍ତି ।

କୁହାଯାଏ— ଇତିହାସ ବଡ଼ ନିଷ୍ଠୁର । ପ୍ରତାରଣା, ପ୍ରବଞ୍ଚନା, ଅସତ୍ୟ, ଅନ୍ୟାୟକୁ ସେ ଉଜ୍ଜ୍ୱଳ ଆଲୋକକୁ ନେଇଆସେ । ଆଉରଙ୍ଗଜେବ ହୋଇପାରନ୍ତି ସମ୍ରାଟ, ତାଙ୍କର ଧର୍ମାନ୍ଧତାର ମୁଖାକୁ ଇତିହାସ କାଢ଼ି ସମସ୍ତଙ୍କ ଆଗରେ ଥୋଇଦିଏ । ହଜାର ହଜାର ବର୍ଷ ପରେ ବି ତାଙ୍କୁ ଇତିହାସ ନିନ୍ଦା କରି ଚାଲିଥିବ ଆଉ ଆକବରଙ୍କର ଜୟଗାନ କରୁଥିବ । ଠିକ୍ ସେହିପରି, ହୀରାକୁଦ ବନ୍ଧ ନିର୍ମାଣ କାଳରେ ଯେଉଁମାନେ ନିରୀହ ଜନତାଙ୍କୁ ଘୃଣିତ ପ୍ରତାରଣା କରିଛନ୍ତି, ଛିଅ, ମନ୍ଥର ବନ୍ୟା ନାମରେ ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଦେଇଛନ୍ତି, ସେମାନଙ୍କୁ ଇତିହାସ କଦାପି କ୍ଷମା ଦେଇ ନ ପାରେ । ସେହିପରି ହୀରାକୁଦ ବନ୍ଧ ପାଇଁ ଯେଉଁ ଶହ ଶହ ଜନତା ଧରମା ପରି ନିଜକୁ ହୀରାକୁଦ ଅତଳଜଳରେ ଜଳାଞ୍ଜଳି ଦେଇଛନ୍ତି, ସେନେ ନା' ହେନେ ଇତିହାସ ତାଙ୍କୁ ପ୍ରଶଂସା କରିବ ନିଶ୍ଚୟ ।

'ଇତିହାସର ପରିହାସ' ବିଷୟବସ୍ତୁ ଡକ୍ଟର ସୁପକାରଙ୍କର ଅନ୍ୟାନ୍ୟ ଗଳ୍ପ ପରି ରାଜନୈତିକ ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହୋଇଥିବାରୁ ତତ୍କାଳୀନ ରାଜନୈତିକ ନେତା ତଥା କାର୍ଯ୍ୟରତ ଉଚ୍ଚପଦାଧିକାରୀ ପ୍ରତ୍ୟେକ ଦୃଷ୍ଟିକୁ ଆସି ଯାଆନ୍ତି । ବିଧାନସଭାର ବିରୋଧୀ ଦଳର ନେତା ଭାବେ

Source: Author, Digitized by PPRACHIN, SOA

ଡକ୍ଟର ସୂପକାର ସରକାରଙ୍କୁ ହୀରାକୁଦ ବନ୍ଧ ନିର୍ମାଣ ଜନିତ କ୍ଷତିପୂରଣ ସମ୍ପର୍କୀୟ ବିଭିନ୍ନ ପ୍ରଶ୍ନ ପଚାରି ଚେତନାମୂଳକ ମତାମତ ଦେଇଛନ୍ତି । ସେ ଗୁଡ଼ିକ ପାଦଟୀକାରେ ସ୍ଥାନ ପାଇବା ସଙ୍ଗେ ସଙ୍ଗେ ବିଭିନ୍ନ ସମୟରେ ମନ୍ତ୍ରୀ ଓ ଉଚ୍ଚପଦାଧିକାରୀ ମାନଙ୍କର ପ୍ରତିଶ୍ରୁତି ଓ ରିପୋର୍ଟ ମଧ୍ୟ ସ୍ଥାନ ପାଇଛି । ଯାହାକି ପ୍ରାମାଣିକ ତଥ୍ୟ ଯୋଗାଇ ଦେବାରେ ସମର୍ଥ ହୋଇ-ପାରିଛି ।

ତଥ୍ୟଭିତ୍ତିକ ପୁସ୍ତକଟିକୁ ଲେଖକ ଛଅଟି ପରିଚ୍ଛେଦରେ ବିଭକ୍ତ କରି ପାଠକଙ୍କୁ ଭାରାକ୍ରାନ୍ତ କରିବା ଭଳି ଦୋଷ ତ୍ରୁଟିରୁ ରକ୍ଷା କରିଛନ୍ତି । ଜଣେ ମୁଗ୍ଧ ପାଠକ ଭାବେ ପରିଚିତ ଲେଖକ ଡକ୍ଟର ସୂପକାର ପାଠକ ହୃଦୟକୁ ଆକୃଷ୍ଟ କଲଭଳି ପରିଚ୍ଛେଦର ନାମକରଣ କରିଛନ୍ତି । ଯଥା— ପ୍ରଥମ ପରିଚ୍ଛେଦ ଗୀତଗୋବିନ୍ଦକୁ ଚାରିଅଣା, ଦ୍ୱିତୀୟ ପରିଚ୍ଛେଦ- ଆଶ୍ଚର୍ଯ୍ୟ ପ୍ରଦୀପ ଓ ଯାଦୁଘର, ତୃତୀୟ ପରିଚ୍ଛେଦ- ଅମାବାସ୍ୟାରେ ଅର୍ଦ୍ଧଚନ୍ଦ୍ର ଏବଂ ଚତୁର୍ଥ ପରିଚ୍ଛେଦ- ଯାତ୍ରା ନା ମହାଯାତ୍ରା । ଶେଷରେ ଉପସଂହାର, ପଞ୍ଚମ ପରି-ଚ୍ଛେଦରେ ସ୍ଥାପିତ ।

ପ୍ରଥମ ପରିଚ୍ଛେଦର ପ୍ରାରମ୍ଭରେ ଲେଖକ ଶୁଣିଥିବା ଗପଟିକୁ କହିଛନ୍ତି—"ପଣ୍ଡିତ ଜଣେ ଗୀତଗୋବିନ୍ଦକୁ ଓଡ଼ିଆ ଟୀକାକାବ୍ୟରେ ଅନୁବାଦ କରି କିଛି ଅର୍ଥ ଆଶାରେ ଗୁଜୁରାଟୀ ରାଜାଙ୍କୁ ଭେଟି ଦେବାକୁ ଯାଇଛନ୍ତି । ଅନେକ ଥର ସେ ରାଜଦ୍ୱାରକୁ ଯାଇ ହତାଶ ହୋଇ ଫେରି-ନାହାନ୍ତି । ଏତିକି ବେଳେ କାବୁଲି ପଠାଣଠାରୁ ରାଜା ଦୁଇଟି ବିଲାତି କୁକୁର ପାଇ ତାର ପ୍ରତିଦାନରେ ଦୁଇଟି ଦୁଧିଆଳି ମଇଁଷି ଉପହାର ଦେଇଛନ୍ତି । ସେତିକିବେଳକୁ ପଣ୍ଡିତେ ଉଚ୍ଚସ୍ୱରରେ ରଚିତ ସଂସ୍କୃତ କବିତାରେ ରାଜାଙ୍କର ପ୍ରଶସ୍ତି ଗାନ କରୁଥିଲେ । ସେ ରାଜାଙ୍କର ବଦାନ୍ୟତାରେ ମୁଗ୍ଧ ହେଲେ । ସତେ ଯେପରି ବାଞ୍ଛା କଳ୍ପତରୁ । ଅଯାଚିତ ଦାନରେ ମୁକ୍ତହସ୍ତ । ପଣ୍ଡିତଙ୍କର ଅଗାଧ ପାଣ୍ଡିତ୍ୟ ତଥା ସରଳ ତରଳ କାବ୍ୟ ପ୍ରତିଭା ବିଷୟ ଜାଣିବାକୁ ରାଜାଙ୍କର ଆଉ ଧୈର୍ଯ୍ୟ ନ ଥିଲା । ସେ ନିଜ ଅଙ୍ଗାବରଣରୁ ଚାରିଅଣା ପଇସା କାଢ଼ି ପଣ୍ଡିତ ମହାଶୟଙ୍କୁ ସହାସ୍ୟ ବଦନରେ ଉପଢୌକନ ଦେଲେ । ପଣ୍ଡିତେ ସ୍ତବ୍ଧ ହୋଇ ଯାଇଥିଲେ । ତାଙ୍କର ତଣ୍ଟି ଶୁଖି ଯାଇଥିଲା । ସେ ଏ ଅପମାନ ସହ୍ୟକରି-ନ ପାରି ରାଜ୍ୟ ଛାଡ଼ି ଚାଲିଗଲେ ।"

Source: Author, Digitized by PPRACHIN, SOA

ଏହି ଗଳ୍ପଟିକୁ ଲେଖକଙ୍କର ଡକ୍ଟର ସୂପକାର ହୀରାକୁଦ ବନ୍ଧ ନିର୍ମାଣ କାଳୀନ ରାଜାଙ୍କ ଦ୍ୟାୟକଥାକୁ ସ୍ମରଣ କରାଇ ଦେଇଛନ୍ତି । କ୍ଷତିପୂରଣ ବାବଦକୁ ସରକାରଙ୍କ ତରଫରୁ ଯେଉଁ ଉଦାର ମନ୍ତ କାର୍ଯ୍ୟକାରୀ ହୋଇ-ଥିଲା, ତାହା ଅତି ନଗଣ୍ୟ ଥିଲା ବୋଲି ଲେଖକ ଏକ ସମ୍ବଲପୁରୀ ଢଙ୍ଗରେ ଅବଗତ କରାଇଛନ୍ତି—"ଅଦଆ ଦଅଇ ଦାନ, ମୁଣ୍ଡାଲେଣ୍ଡି ପରମାଣ" । (ପୃଷ୍ଠା-୧୩) ଯେଉଁମାନେ ଜମିବାଡ଼ି, ଘରଦ୍ୱାର ଧରେଇ ଅନୁଦାନ, ପାଇ-ଥିଲେ, ସେମାନଙ୍କ ତୁଳନାରେ ପଞ୍ଜାବରୁ ଅଣା ଯାଇଥିବା ବଳଦ ଭଡ଼ା ଥିଲା ଯଥେଷ୍ଟ ଅଧିକ । ଏଭଳି ଅନ୍ୟାୟର କିଭଳି ପ୍ରତିବାଦ କରାଯାଇଥିଲା, ସେ କଥାକୁ ସ୍ପଷ୍ଟଭାବେ ଲେଖକ ଉଲ୍ଲେଖ କରିଛନ୍ତି । ଶେଷରେ ନିରାହ, ମୂଢ଼, ମୂକ ଲୋକଙ୍କର ଅନିଚ୍ଛାକୃତ ଓ ବାଧ୍ୟତାମୂଳକ ତ୍ୟାଗ ଉପରେ ନିର୍ମିତ ହୋଇଛି, ଏଇ ବିଂଶ ଶତାବ୍ଦୀର ଆଧୁନିକ କୋଣାର୍କ ।

ଦ୍ୱିତୀୟ ପରିଚ୍ଛେଦରେ 'ଯାଦୁଗର ଓ ଆଲାଉଦ୍ଦୀନଙ୍କର ଆଶ୍ଚର୍ଯ୍ୟ ପ୍ରଦୀପ' ଗଳ୍ପକୁ ଅବଲମ୍ବନ କରି ଡକ୍ଟର ସୂପକାର ସରକାରଙ୍କର ପ୍ରତିଶ୍ରୁତି ଏବଂ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ବିଷୟରେ ଆଲୋକପାତ କରିଛନ୍ତି । ୧୯୪୭ ମସିହାରେ ହୀରାକୁଦ ବନ୍ଧ ଯୋଜନାର ଶୁଭ ଦିଆ-ଯାଇଥିବା ସତ୍ତ୍ୱେ, ତିନିବର୍ଷ ପରେ ଯାଇ ଲୋକଙ୍କ ପାଇଁ ସରକାର ଜମି ପ୍ରସ୍ତୁତ କରିବାର ବ୍ୟବସ୍ଥା କଲେ । ଏହାଦ୍ୱାରା ଲୋକଙ୍କର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ବିଷୟକୁ ସେ 'ଘରେ ନ ପଶୁଣୁ ଗୃହ ବାଜିଲା ଓ ଘର ବଦଳରେ ଘର' ନାମକ ଉପଶୀର୍ଷକରେ ବର୍ଣ୍ଣନା କରିଛନ୍ତି ।

'ଅମାବାସ୍ୟାର ଅର୍ଦ୍ଧଚନ୍ଦ୍ର' ଶୀର୍ଷକ ତୃତୀୟ ପରିଚ୍ଛେଦରେ ସମୁଦ୍ର-ମନ୍ଥନରୁ ହଳାହଳ ଓ ଅର୍ଦ୍ଧଚନ୍ଦ୍ର ବାହାରି ଯେଭଳି ଭୋଳା ମହେଶ୍ୱରଙ୍କ ଭାଗରେ ପଡ଼ିଥିଲା, ଠିକ୍ ସେଇଭଳି ହୀରାକୁଦ ବନ୍ଧ ଖନନ କାଳରେ ପଞ୍ଜାବୀ ଠିକାଦାରମାନଙ୍କ ହାତକୁ ସବୁ ଐରାବତ । ଉଚ୍ଚୈଶ୍ରବା ଚାଲିଗଲା । 'ହଳାହଳ ଓ ଅର୍ଦ୍ଧଚନ୍ଦ୍ର' ହୀରାକୁଦ ବୁଡ଼ି ଅଞ୍ଚଳର ଲୋକଙ୍କ ଭାଗରେ ପଡ଼ିଲା । ସେ ବିଷୟଟିକୁ ବିଭିନ୍ନ ତଥ୍ୟ ତଥା ବୈଧାନିକ ପ୍ରଶ୍ନ-ଉତ୍ତର ମାଧ୍ୟମରେ ଲୋକଲୋଚନକୁ ଆଣିବାର ପ୍ରୟାସ କରିଛନ୍ତି ।

ଚତୁର୍ଥ ପରିଚ୍ଛେଦରେ ୧୯୫୫ ମସିହା ପରବର୍ତ୍ତୀ ଘଟଣା, ବୁଡ଼ି ଅଞ୍ଚଳରେ ସଶସ୍ତ୍ର ପୋଲିସର ମାର୍ଚ୍ଚ, ଉପକୂଳ ଅଞ୍ଚଳର ଦଳେଇ ଘାଇ ଏବଂ ପୁନର୍ବସତି ପରାମର୍ଶଦାତା କମିଟି ଗଠନ ସମ୍ପର୍କରେ, ଲେଖକ

Source: Author, Digitized by PPRACHIN, SOA

ଆଲୋଚନା କରି ହୀରାକୁଦ ଅଞ୍ଚଳର ବାସଚ୍ୟୁତ ହୋଇଥିବା ଲୋକଙ୍କ ପୁନର୍ବସତି କାର୍ଯ୍ୟର ଅବହେଳାକୁ ସମାଲୋଚନା କରିଛନ୍ତି । ଶେଷରେ ଉପସଂହାରରେ ୧୯୫୭ ମସିହାରୁ ୧୯୮୮ ମଧ୍ୟରେ ଘଟି ଯାଇଥିବା କେତେକ ଘଟଣା, ଯାହା ହୀରାକୁଦ ବନ୍ଧ ଓ ରେଙ୍ଗାଲି ବନ୍ଧ ଯୋଜନା ବାସଚ୍ୟୁତ ଲୋକମାନଙ୍କ ସହିତ ସମ୍ପୃକ୍ତ, ଭବିଷ୍ୟତ ପାଇଁ ତାକୁ ସବୁ ସ୍ମରଣ କରାଇ ଦେଇଛନ୍ତି । ୧୯୬୩ ମସିହାରେ ସନ୍ଥ ବିନୋବା ଭାବେ ତାଙ୍କର ସମ୍ବଲପୁର ଗସ୍ତ କାଳରେ ବୁଡ଼ି ଅଞ୍ଚଳରେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା କଥା ଶୁଣିଥିଲେ ।

ଗାଁ ମଜଲିସ୍‌ରେ କିଭଳି ତାର ପ୍ରତିଧ୍ୱନି ହେଉଥିଲା, ସେ କଥାକୁ ଲେଖକ ନିଜ ପୁସ୍ତକରେ ସ୍ଥାନ ଦେଇଛନ୍ତି । ଲେଖକ ବିଶ୍ୱାସ କରନ୍ତି— ଆମର ଭାବୀ ବଂଶଧରମାନଙ୍କୁ ଅବଗତ କରାଇବା ନିହାତି ଦରକାର ଉଚିତ । ତେଣୁ ସେ ଲେଖିଛନ୍ତି—ଏ' ପୁସ୍ତିକାଟି ଭାବୀ ବଂଶଧର-ମାନଙ୍କ ପାଇଁ ଲିଖିତ । (ପୃ-୫୯) କିନ୍ତୁ ହେଲେ ବି ଯାହା ସତ୍ୟ, ତା' ଦିନେ ନା ଦିନେ ପ୍ରକାଶ ପାଇବ । ମିଥ୍ୟାର ଆବରଣ ତଳେ ସତ୍ୟକୁ ଲୁଚାଇ ରଖାଯାଇ ପାରେନା । ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣ ହେବାର ୩୨ ବର୍ଷ ପରେ ଜଣାପଡ଼ୁଛି— ଅଦ୍ୟାବଧି ପ୍ରାୟ ସାଢ଼େ ପନ୍ଦର ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ରାଜସ୍ୱ ଜମା ଆକାରରେ ପଡ଼ି ରହିଛି ।

ସୂଚନାଧର୍ମୀ ଏହି ପୁସ୍ତକରେ ଉକ୍ତ ସୂପକାର କ୍ଷୋଭ ପ୍ରକାଶ କରି ହୀରାକୁଦ ବନ୍ଧ ଯୋଜନାର ଇତିହାସକୁ 'ଇତିହାସର ଉପହାସ' ବା ବୁଡ଼ି ଅଞ୍ଚଳର ଲୋକଙ୍କ ପ୍ରତି ଉପହାସ ଭାବରେ ଗ୍ରହଣ କରି ନେଇଛନ୍ତି । ଆଶା-ବାଦୀ ଲେଖକ ତଥାପି ଆଶା ରଖିଛନ୍ତି — ଦିନେ ସମୟ ଆସିବ । ଇତିହାସର ପୃଷ୍ଠା ଓଲଟାଇ ଭାବୀ ବଂଶଧରମାନେ ପୂର୍ବଜମାନଙ୍କର କୃତ ତ୍ରୁଟିକୁ ସଂଶୋଧନ କରିବେ । ଯେଉଁମାନେ ତାଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟରୁ ବଞ୍ଚିତ ସେମାନଙ୍କୁ ତାଙ୍କର ପ୍ରାପ୍ୟ ଉପଯୁକ୍ତ ମର୍ଯ୍ୟାଦା ସହିତ ପ୍ରଦାନ କରିବେ ।

୧ମ ସଂସ୍କରଣ-୧।୯।୧୯୮୮
ପୃଷ୍ଠା-୬୨ । ମୂଲ୍ୟ- ୫ ଟଙ୍କା । ମୁଦ୍ରଣ : ତ୍ରିମୂର୍ତ୍ତି କମ୍ପୋଜର୍ସ, ସମ୍ବଲପୁର ।

କାର୍ଯ୍ୟକ୍ରମ ନିଷ୍ପାଦକ
ଆକାଶବାଣୀ, ସମ୍ବଲପୁର

Source: Author, Digitized by PPRACHIN, SOA

ଏକ ଅସାଧାରଣ ବ୍ୟକ୍ତିତ୍ୱ

❁ ଶ୍ରୀ ବାଳକୃଷ୍ଣ କର

ଅତି ଶାନ୍ତ, ସରଳ ମଣିଷଟିଏ । ବେଶଭୂଷଣରେ ସେପରି କିଛି ଆଡ଼ମ୍ବର ନ ଥିଲା । ସ୍ୱାଧୀନତା ଆନ୍ଦୋଳନର ଛାପ ପଡ଼ିଥିବାରୁ ଖଦଡ଼ ପିନ୍ଧିବାପାଇଁ ବହୁତ ସଉକ । ମାପିଚୁପି କଥା କହନ୍ତି । ଏବେକାର ନେତାଙ୍କ ପରି ଅଯଥା ଗୁଡ଼ାଏ କଥା କହିବା ଅଭ୍ୟାସ ନଥିଲା । କାମ ହାସଲ ପାଇଁ ତୋଷାମୋଦ କରିବା ତ ଶିଖି ନ ଥିଲେ । ସ୍ପଷ୍ଟ କଥା କହି ଜାଣି ପିଲାଙ୍କ ଠାରୁ ନାନାପ୍ରକାର ଭର୍ତ୍ସନା ଶୁଣନ୍ତି, ତଥାପି ସେ ଅଟଳ ମହାମେରୁ । ନଇଁ ଯାଆନ୍ତି ପଛେ, କେବେ ଭାଙ୍ଗ ଯିବାର ଦେଖାଯାଇନାହିଁ । ସାରାଜୀବନ ତାଙ୍କର ଦୁଃଖରେ କଟିଛି । ଦୁଃଖ ତାଙ୍କ ମନକୁ ମଜଭୁତ କରିଛି, କେବେ ଦୁର୍ବଳ କରିନାହିଁ । ମଣିଷକୁ ଦୁଃଖରେ ହିଁ ବିଭୁଙ୍କ ଆଶୀର୍ବାଦ ମିଳେ, ସୁଖରେ ନୁହେଁ । ସେଇ କଥା ବିଶ୍ୱକବି ରବୀନ୍ଦ୍ରନାଥ କହିଛନ୍ତି, ଯଦି ଦେଖାଦିଏ ମୋରେ ଭଲେ ବେସେ, ଏସୋ ଗହନ ତିମିର ଘନ ଦୁଃଖେର ବେଶେ । ଦୁଃଖୀ ମଣିଷ ହିଁ ଭଗବାନଙ୍କ ନିକଟତର ହୁଏ । ତାହାହିଁ—ଘଟିଥିଲା, ଉତ୍କଳର ଶ୍ରଦ୍ଧାକର ସୂପକାରଙ୍କ ଜୀବନରେ ।

ଗୋଟିଏ ପରେ ଗୋଟିଏ ଦୁଃଖ ଆସିଛି, ଶ୍ରଦ୍ଧାକରଙ୍କ ଜୀବନରେ । ଦଶବର୍ଷ ବୟସରେ ମାତୃ ବିୟୋଗ । ସେଥିରୁ ଟିକିଏ ଆଶ୍ୱସ୍ତି ଲଭି କଲାବେଳକୁ ବତିଶ ବର୍ଷ ବୟସରେ ପତ୍ନୀ ବିୟୋଗ । ନିଜେ ତ ମା ଛେଉଣ୍ଡ । ପୁଣି ମା' ଛେଉଣ୍ଡ ପିଲାଙ୍କ ଲାଳନ ପାଳନ ତାଙ୍କରି ଉପରେ । ସମୟ ହିଁ ବଳବାନ । ସମୟ ଆଖିରୁ ଲୁହ ପୋଛିଦିଏ । ପାରିବାରିକ ବନ୍ଧନ ଆଗରେ ସମାଜର ବୃହତ୍ତର ସ୍ୱାର୍ଥକୁ ସେ ଅଧିକ ପ୍ରାଧାନ୍ୟ ଦେଉଥିଲେ । ସ୍ତ୍ରୀଙ୍କ ମୃତ୍ୟୁ ପରେ ପରେ ହୀରାକୁଦ ବନ୍ଧ ବନ୍ଦ ଆନ୍ଦୋଳନରେ ନେତୃତ୍ୱ ନେଇ ଗିରଫ ହୋଇ ଜେଲରେ ରହିଲେ ବିଚାରାଧୀନ ବନ୍ଦୀଭାବେ । ଭାରତର ମୁକ୍ତି ଦିବସ ଦିନ ମୁକ୍ତ ହେଲେ ଶ୍ରଦ୍ଧାକର । ତା ପରେ ଆରମ୍ଭ ହେଲା ସାଧାରଣ ଜୀବନ ।

ଆଜି 'ପ୍ରଦୂଷଣ' ନେଇ କେତେ ସଭାସମିତି, ଆଲୋଚନା ଚାଲିଛି । ଏ କଥା ୧୯୫୦ ବେଳକୁ କହିଲେ, କେହି ଗୁରୁତ୍ୱ ଦେଉ ନ ଥିଲେ ।

Source: Author, Digitized by PPRACHIN, SOA

ମହାନଦୀ ଜଳ ପ୍ରଦୂଷଣ ନେଇ କୋଟିପତି ବିରଳା ବିରୁଦ୍ଧରେ ମୋକଦ୍ଦମା ଦାଏର କରିଥିଲେ, ଶ୍ରଦ୍ଧାକର ୧୯୫୦ ସାଲରେ । ତିନି ବର୍ଷର ପରିଶ୍ରମ ବ୍ୟର୍ଥ ହେଲେବି ମନରେ ଶାନ୍ତିପାଇଲେ ।

ମୁଁ ଶ୍ରଦ୍ଧାକର ବାବୁଙ୍କ ପ୍ରଥମ ପରିଚୟ ପାଏ, ୧୯୫୨ ସାଲରେ । ସେତେବେଳେ ମୁଁ ଗଙ୍ଗାଧର ମେହେର କଲେଜର ଛାତ୍ର ଏବଂ ସେ ସମ୍ବଲପୁର ବିଧାନମଣ୍ଡଳରୁ ଗଣତନ୍ତ୍ର ପରିଷଦ ରାଜନୈତିକ ଦଳରୁ ଓଡିଶା ବିଧାନ ସଭାକୁ ନିର୍ବାଚିତ ପ୍ରତିନିଧି । ଭାରତରେ ଗଣତନ୍ତ୍ରର ଶୈଶବାବସ୍ଥା । ଶ୍ରଦ୍ଧାକର ବାବୁ ପ୍ରଥମ ବିଧାନସଭାରେ ଜଣେ ସକ୍ରିୟ ସଭ୍ୟଭାବେ ଭଲନାମ କରିଥିଲେ । କଲେଜର ଅଧ୍ୟକ୍ଷ ଡକ୍ଟର ମାୟାଧର ମାନସିଂହ । ଏକ ଶୀତ ସନ୍ଧ୍ୟାରେ କଲେଜର Mock Parliamentର ବାଚସ୍ପତି ପଦ ଅଳଙ୍କୃତ କରିବାପାଇଁ ନିମନ୍ତ୍ରିତ ହୋଇଥିଲେ ଶ୍ରଦ୍ଧାକରବାବୁ । Mock Parliamentର ଆଲୋଚନା ବେଶ୍ ଉପଭୋଗ୍ୟ ହୋଇଥିଲା । ସେଇଦିନଠାରୁ ତାଙ୍କୁ ଦେଖିଆସିଛି । ପରେ ବ୍ୟକ୍ତିଗତ ଜୀବନର ବ୍ୟକ୍ତିଗତ ପରିଚୟ ବି ଥିଲା । ଯେକୌଣସି ସଭାସମିତିରେ ଶ୍ରଦ୍ଧାକରବାବୁ ନିଶ୍ଚୟ ଉପସ୍ଥିତ ଥିବେ । କେତେବେଳେ ମୁଖ୍ୟ ଅତିଥି ତ କେତେବେଳେ ସଭାପତି ଆଉ କେତେବେଳେ ଶ୍ରୋତାଙ୍କ ଆସନରେ । ମୁଖ୍ୟ ଅତିଥି ବା ସଭାପତିଙ୍କ ଅନୁପସ୍ଥିତି ହେଲେ, ଖୋଜା ପଡେ଼ ଶ୍ରଦ୍ଧାକରବାବୁଙ୍କୁ । ସେ କେବେହେଲେ ନାସ୍ତି ବାଣୀ ଶୁଣାନ୍ତି ନାହିଁ । ପୂର୍ବରୁ ନିମନ୍ତ୍ରଣ କରାଯାଇନାହିଁ ବୋଲି କେବେହେଲେ ଅନିଚ୍ଛା ବା ଅପମାନ ଭାବ ପ୍ରକାଶ କରନ୍ତିନାହିଁ । ଏ ଥିଲା ସବୁଠାରୁ ତାଙ୍କର ମହତ୍ ଗୁଣ । ତେଣୁ ସମ୍ବଲପୁରବାସୀ ତାଙ୍କୁ ମୁରବି ପରି ମନେ କରୁଥିଲେ ।

ସେ ବା କ'ଣ ନ ଥିଲେ ! ବିଧାନସଭା ତଥା ଲୋକସଭା ସଦସ୍ୟ । ଭାଷା କମିସନର ସଦସ୍ୟ , ପୁଣି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି । ଯେତେବେଳେ ଭେଟ ହେଲେ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା ହୁଏ । ୧୯୯୧ ସାଲ ନଭେମ୍ବର ମାସରେ ଅହମଦାବାଦର ସାବରମତୀ ଆଶ୍ରମ ନିକଟରେ ଥାଏ । ହଠାତ୍ ଶ୍ରଦ୍ଧାକରବାବୁଙ୍କ ହସ୍ତଲିଖିତ ଖଣ୍ଡିଏ କାର୍ଡ଼ ପାଇଲି । ଲେଖା ଥିଲା, "ଆମେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ୧୨୫ ତମ ବାର୍ଷିକୀ ପାଳନ କରୁଛୁ, ଆପଣ ଏଥିରେ ନିଶ୍ଚୟ ଯୋଗଦେବେ ।" ସେ ଚିଠିଟି ପାଇ ସ୍ତମ୍ଭୀଭୂତ ହେଲି । ସତେ ଯେପରି ସେ ସେଇ ସ୍କୁଲର

Source: Author, Digitized by PPRACHIN, SOA

ବର୍ତ୍ତମାନ ବି ଛାତ୍ର ଆଉ ମୁଁ ଶିକ୍ଷକ । ସେ ଯେ ସାମାଜିକ ସେବାରେ କେତେ ଉଚ୍ଚରେ ସେ ଅହମିକା ମନରେ କେବେ ନ ଥିଲା । ଜିଲ୍ଲା ସ୍କୁଲର ୧୨୫ତମ ଉତ୍ସବର ସମସ୍ତ ଯୋଗାଡ଼ କରି ନିଜେ ଯୋଗଦେଇ ପାରିଲେ ନାହିଁ । ଆମେ ତାଙ୍କଦ୍ୱାରା ସମ୍ମାନିତ ହୋଇଥିଲେ କେତେ ଯେ ଗୌରବାନ୍ୱିତ ହୋଇଥାନ୍ତୁ ତାହା ଭାଷାରେ ପ୍ରକାଶ କରାଯାଇ ନ ପାରେ ।

'ନମନ୍ତି ଫଳିନୋ ବୃକ୍ଷାଃ, ନମନ୍ତି ଗୁଣିନୋ ଜନାଃ ।' ତାଙ୍କ ପରି ଗୁଣଗ୍ରାହୀ ବ୍ୟକ୍ତି ଏ ଯୁଗରେ ବିରଳ । ଆଗାମୀ ପିଢ଼ି ତାଙ୍କର 'ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା'ର ଆଦର୍ଶ ଅନୁସରଣ କଲେ, ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ ।

ଆସିଆନା,
ପଣ୍ଡିତ ଲକ୍ଷ୍ମୀନାରାୟଣ ଲେନ୍,
ସମ୍ବଲପୁର-୧ ।

"ମୁଁ ଓକିଲ ହେବାକୁ ନିଜର ଜୀବିକାର ଆଦର୍ଶ ବାଛି ନେଇଥିଲି । ତାହାଁର ପ୍ରସ୍ତୁତି ସ୍ୱରୂପ ମୁଁ କଲେଜର ସବୁ ତର୍କ ସଭାରେ ଯୋଗ ଦେଉଥିଲି ।"

×   ×   ×   ×

"ଉତ୍ତମ ପୁରୁଷ ଓ ପୁରୁଷୋତ୍ତମଙ୍କ ମଧ୍ୟରେ ଯେଉଁମାନେ ରହିଲେ, ସେମାନେ ହେଲେ ମଧ୍ୟମ ପୁରୁଷ । ଇତିହାସ ପୃଷ୍ଠାରେ ସେହି ମଧ୍ୟମ ପୁରୁଷ ମାନଙ୍କର ସ୍ଥାନ ନାହିଁ । ସେମାନେ କାଳସାଗରର ବେଳାଭୂମିରେ ଚିର-ସ୍ଥାୟୀ ପଦଚିହ୍ନ ରଖିବାକୁ ଆଗ୍ରହ ପ୍ରକାଶ କରି ନାହାନ୍ତି । ସେହି ମଧ୍ୟମ ପୁରୁଷମାନଙ୍କ ମଧ୍ୟରୁ ମୁଁ ଜଣେ ।"

— ଉକ୍ରର ସୂପକାର

Source: Author, Digitized by PPRACHIN, SOA

ଡକ୍ଟର ସୂପକାରଙ୍କ ଜାତକ ବିଚାର

❁ ଜ୍ୟୋତିଷ ପ୍ରବୀଣ **ଶ୍ରୀ ଦଣ୍ଡପାଣି ପଣ୍ଡା**

ଡକ୍ଟର ଶ୍ରଦ୍ଧାକର ସୂପକାର ସମ୍ବଲପୁରର ଝାଡ଼ୁଆପଡ଼ାରେ ଏକ ସମ୍ଭ୍ରାନ୍ତ ପରିବାରରେ ୧୯୧୫ ମସିହା ଏପ୍ରିଲ ମାସ ଆଠ ତାରିଖ, ଚୈତ୍ର ମାସ ଶୁକ୍ଳ ଦ୍ୱାଦଶୀ ତିଥି ଗୁରୁବାର ଦିନ ଜନ୍ମଗ୍ରହଣ କରିଥିଲେ ।

ସେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସଂସ୍କୃତଜ୍ଞ, ଆଇନଜ୍ଞ, ସୁସାହିତ୍ୟିକ, ଗବେଷକ, ଦକ୍ଷ ବ୍ୟବସ୍ଥାପକ ଏବଂ ସର୍ବୋପରି ବହୁମୁଖୀ ପ୍ରତିଭାର ଅଧିକାରୀ ସମାଜ-ସେବୀ ଭାବରେ ସୁନାମ ଅର୍ଜନ କରି ପାରିଥିଲେ । ଏହି ପରିପ୍ରେକ୍ଷୀରେ ଡକ୍ଟର ସୂପକାରଙ୍କର ଜାତକ ବିଚାର କରାଯାଉ ।

ଡକ୍ଟର ସୂପକାର ତାଙ୍କର ଆତ୍ମଜୀବନୀ 'ମଧ୍ୟମ ପୁରୁଷ'ରେ ଲେଖି-ଛନ୍ତି – "ମୁଁ ଜ୍ୟୋତିଷଶାସ୍ତ୍ରରେ ବିଶ୍ୱାସ କରେ ନାହିଁ । ମୋର କୋଷ୍ଠୀ ସାଧନ ହୋଇ ନାହିଁ । ଅବଶ୍ୟ ଆଇନ ବ୍ୟବସାୟରେ ଦରକାର ପଡ଼ିବାରୁ ସାକ୍ଷୀମାନଙ୍କୁ ଜେରା କରିବା ଲକ୍ଷ୍ୟରେ ମୁଁ ଥରେ ଅଧେ ଫଳିତ ଜ୍ୟୋତିଷ'ରୁ କିଛି କିଛି ଅଧ୍ୟୟନ କରିବାକୁ ଚେଷ୍ଟା କରିଛି । ମୁଁ ଭାବେ ମୁଁ ଯେଉଁ ସମୟରେ ଜନ୍ମ ଗ୍ରହଣ କଲି, ସେ ସମୟରେ ବୋଧହୁଏ ପରସ୍ପର ବିରୋଧୀ ଗ୍ରହମାନେ ମୋର ଜୀବନକୁ ଏକ ବୈଶିଷ୍ଟ୍ୟମୟ ପ୍ରଭାବରେ ପ୍ରଭାବିତ କରିବାକୁ ନିଷ୍ପତ୍ତି କରିଥିଲେ । ମୋର ମନେହୁଏ, ମୋର ଜୀବନର ପତନ ଓ ଅଭ୍ୟୁଦୟର ଯେପରି ସଂଘର୍ଷ ଘଟିଛି, ତାହା ଭାବି ମୁଁ ସମୟ ସମୟରେ ବିସ୍ମିତ ହୁଏ । ମନୁଷ୍ୟ ଯେତେବେଳେ ସମସ୍ତ ପ୍ରକାର ପୁରୁଷାର୍ଥ ସତ୍ତ୍ୱେ ଆଶାନୁରୂପ ଫଳ ନପାଏ ବା ଅତି ମାତ୍ରାରେ ବିଫଳ ହୁଏ, ସେତେବେଳେ ସେ ଭାଗ୍ୟରେ ବିଶ୍ୱାସ କରିବାକୁ ବାଧ୍ୟହୁଏ ଓ ଏହି ପରିସ୍ଥିତିରେ ଗ୍ରହ ମାନଙ୍କର ପ୍ରଭାବ ପ୍ରତି ବିଶ୍ୱାସ କରିବାକୁ ମନ ବଳାଏ"।

ପ୍ରକୃତରେ ତାଙ୍କର ଜନ୍ମକୋଷ୍ଠୀରେ ଗ୍ରହାବସ୍ଥାନ ଯେପରି ହୋଇଛି, ତାଙ୍କର ଉପର ଲିଖିତ ମନ୍ତବ୍ୟ ସହିତ ତାହା ମେଳ ଖାଉଛି । ତେଣୁ ତାଙ୍କ ଜାତକ ଆଲୋଚନା କରିବାଦ୍ୱାରା ଫଳିତ ଜ୍ୟୋତିଷ ପ୍ରତି ନିରପେକ୍ଷ ମତପୋଷଣ କରିବାରେ ସହାୟକ ହେବ ବୋଲି ମନେହୁଏ ।

Source: Author, Digitized by PPRACHIN, SOA

ସେ ନିଜେ ଲେଖିଛନ୍ତି, ତାଙ୍କର ଜାତକ ସାଧନ ହୋଇନାହିଁ । ତେଣୁ ଜନ୍ମ ସମୟ ବା ଲଗ୍ନର ଅଭାବରେ ଚନ୍ଦ୍ର ଲଗ୍ନରୁ ତାଙ୍କର ଜାତକ ଆଲୋଚନା କରାଯାଉଛି । ଚନ୍ଦ୍ର ଲଗ୍ନରୁ ଜାତକ ଆଲୋଚନା ମଧ୍ୟ ଶାସ୍ତ୍ର ସମ୍ମତ ।

ତାଙ୍କର ଜନ୍ମ କୋଷ୍ଠୀ ହେଲା— ଚନ୍ଦ୍ର ମକର ରାଶିରେ । କୁମ୍ଭରେ ବୃହସ୍ପତି, ଶୁକ୍ର, ରାହୁ । ମୀନରେ ରବି, ମଙ୍ଗଳ (ବକ୍ରି), ବୁଧ, ମିଥୁନରେ ଶନି, ସିଂହରେ କେତୁ ।

ମକର ରାଶି ବ୍ୟକ୍ତିମାନେ ବିଦ୍ୱାନ ବାସ୍ତବବାଦୀ ଓ ପ୍ରଭାବଶାଳୀ ହୁଅନ୍ତି । ଚନ୍ଦ୍ର ଲଗ୍ନରୁ ପଞ୍ଚମ ଓ ଦଶମାଧିପତି ଶୁକ୍ର ଏକାକ ରାଜଯୋଗ କାରକ ହୋଇ ଦ୍ୱିତୀୟରେ ଧନ ସ୍ଥାନରେ ବୃହସ୍ପତି ସହିତ ଯୁକ୍ତ । ଦ୍ୱିତୀୟ ସ୍ଥାନରୁ ଧନ, ଶିକ୍ଷା, ବାକ୍ ଶକ୍ତି ବିଚାର କରାଯାଏ । ଶୁକ୍ର ଆଇନ ବିଦ୍ୟାର କାରକ ଏବଂ ବୃହସ୍ପତି ପଣ୍ଡିତ ଓ ଧନର କାରକ । ଏହି ଯୋଗବଳରେ ସେ ଉଚ୍ଚ ଶିକ୍ଷିତ, ବୁଦ୍ଧିମାନ୍, ବାକ୍ ପଟୁତା ଓ ଖ୍ୟାତିବାନ ଥିଲେ ଏବଂ ଆଇନ ଜୀବୀକାରୁ ଧନ ଉପାର୍ଜନ କରିପାରିଥିଲେ ।

ତୃତୀୟ ସ୍ଥାନରେ ରବି, ମଙ୍ଗଳ ଓ ବୁଧ ତାଙ୍କୁ ସାହସୀ ଓ ପ୍ରତାପ-ଶାଳୀ କରିଛି, ଷଷ୍ଠସ୍ଥ ଶନି ତାଙ୍କୁ ସାହସୀ କରିବା ସଙ୍ଗେ ସଙ୍ଗେ ଶତ୍ରୁଜୟୀ ଓ ପ୍ରତାପଶାଳୀ କରିଛି ।

ଚତୁର୍ଥ ସ୍ଥାନରୁ ମଧ୍ୟ ଶିକ୍ଷା ଆଲୋଚନା କରାଯାଏ । ଏଠାରେ ଚତୁର୍ଥା-ଧିପତି ମଙ୍ଗଳ ମିତ୍ରଗୃହରେ ଭାଗ୍ୟାଧିପତି ବୁଧଙ୍କ ସହ ଏକାଠି ଅବସ୍ଥିତ । ତେଣୁ ସେ ଉଚ୍ଚ ଶିକ୍ଷା ଲାଭକରିଥିଲେ ଏବଂ ବ୍ୟଙ୍ଗ ଶୈଳୀରେ ଲେଖିବାରେ ସିଦ୍ଧହସ୍ତ ଥିଲେ ।

ରାଜନୈତିକ ଗ୍ରହ ରବି ଓ ଜନତା କାରକ ଗ୍ରହ ଶନି ଜାତକରେ ବଳବାନ ନୁହେଁ । ରବି ଅଷ୍ଟମାଧିପତି ହୋଇ ତୃତୀୟରେ ଏବଂ ଲଗ୍ନାଧିପତି ଶନି ଷଷ୍ଠ ସ୍ଥାନରେ । ରବିଙ୍କୁ ଶନିଙ୍କର ଦୃଷ୍ଟି ଅଛି । ଷଷ୍ଠସ୍ଥ ଶନି ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ପ୍ରେରଣା ଦେଇଥିଲେ ମଧ୍ୟ, ରବି, ଚନ୍ଦ୍ର ଓ ଶନିଙ୍କର ନ୍ୟୁନବଳ ହେତୁ ରାଜନୀତିରେ ସେ ବିଶେଷ ସଫଳତା ହାସଲ କରିପାରିନଥିଲେ । ସେ କ୍ଷମତା ରାଜନୀତିରୁ ଦୂରେଇ ରହିଥିଲେ ।

Source: Author, Digitized by PPRACHIN, SOA

ସପ୍ତମସ୍ଥାନରୁ ଦାମ୍ପତ୍ୟ ଜୀବନ ଆଲୋଚନା କରାଯାଏ । ସପ୍ତମାଧିପତି ଚନ୍ଦ୍ର ଶତ୍ରୁଗୃହରେ । ସପ୍ତମ ଭାବର ଦୁଇ ଦିଗରେ ପାପଗ୍ରହ ଅବସ୍ଥିତ । ତେଣୁ ପାପ କର୍ତ୍ତରୀ ଯୋଗ ହେଉଛି । ତାଙ୍କର ଦାମ୍ପତ୍ୟ ଜୀବନ ଝଡ଼ଝଞ୍ଜା ପୂର୍ଣ୍ଣଥିଲା ।

ପଞ୍ଚମ ଭାବରୁ ସନ୍ତାନ ସୁଖ ବିଚାର କରାଯାଏ, ଜାତକରେ ପଞ୍ଚମାଧିପତି ବଳବାନ ଓ ବୃହସ୍ପତି ଯୁକ୍ତ ହୋଇ କୁଟୁମ୍ବ ସ୍ଥାନରେ ଅବସ୍ଥିତ । ତେଣୁ ସେ ଉତ୍ତମ ସନ୍ତାନ ଓ ସନ୍ତତି ସୁଖ ଲାଭକରିଥିଲେ ।

୧୯୯୩ ମସିହା ଜାନୁୟାରୀ ୫ ତାରିଖ ଦିନ ତାଙ୍କର ପରଲୋକ ପ୍ରାପ୍ତି ହୋଇଥିଲା । ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆମେ ତାଙ୍କର ଆତ୍ମାର ସଦ୍‌ଗତି କାମନା କରୁଛୁ ।

ଽ୫, ମଧୁସୂଦନ ନଗର
ଭୁବନେଶ୍ୱର ୭୫୧୦୦୧

"ସେ ଯୁଗରେ ମୁଁ କଳ୍ପନା ସୁଦ୍ଧା କରିନଥିଲି ଯେ ମୁଁ ଭବିଷ୍ୟତରେ କେବେ ଲୋକପ୍ରତିନିଧି ହୋଇ ପାରିବି । ସେ ସମୟରେ ରାଜନୀତିର ଅର୍ଥ ଥିଲା, ଆନ୍ଦୋଳନ, ଜେଲଦଣ୍ଡ, ପ୍ରାଣଦାନ, ମାଡ଼, ଆର୍ଥିକ ଦୁର୍ଗତି । ତ୍ୟାଗର ପୁରସ୍କାର ଯେ କେବେ ପ୍ରତିନିଧି ପଦ ବା ମନ୍ତ୍ରୀପଦ ହୋଇପାରେ, ତାହା କଳ୍ପନା କରିବାର ଅବକାଶ ନଥିଲା ।"

—ଡକ୍ଟର ସୂପକାର

Source: Author, Digitized by PPRACHIN, SOA

ସ୍ୱଭାବ ଶିକ୍ଷକ ଶ୍ରଦ୍ଧାକରଙ୍କ ଜୀବନ ସନ୍ଦେଶ

● ଡକ୍ଟର ଜଗନ୍ନାଥ ମହାନ୍ତି

ଆମ ରାଜ୍ୟର ଅନ୍ୟତମ ବରପୁତ୍ର ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ବ୍ୟକ୍ତିତ୍ୱ ବହୁମୁଖୀ, ତାଙ୍କୁ ଆମେ ଜଣେ ସୁଦକ୍ଷ ଜନନାୟକ, ସୁସାହିତ୍ୟିକ, ବିଶିଷ୍ଟ ଆଇନଜ୍ଞ ଓ ନିପୁଣ ବିଧାୟକ ଭାବରେ ଯେତେ ଜାଣୁ, ଜଣେ ଶିକ୍ଷକ ତଥା ଶିକ୍ଷା ପ୍ରଶାସକ ଭାବରେ ସେତେ ଜାଣିପାରିନାହୁଁ । ମାତ୍ର ତାଙ୍କର ବ୍ୟକ୍ତିତ୍ୱର କେତୋଟି ସ୍ୱଭାବ ଓ କେତୋଟି ସଦ୍‌ଗୁଣ ତାଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ଆମ ସମ୍ମୁଖରେ ପ୍ରତିଭାତ କରିଥାଏ । ତାଙ୍କର ଜ୍ଞାନନିଷ୍ଠା, ସଦାଗ୍ରହ, ସାଧୁତା, ସାରଲ୍ୟ, ସଦ୍‌ଭାବନା, ଚରିତ୍ରବଳ ସର୍ବୋପରି ହାସ୍ୟ ରସିକତା ତାଙ୍କୁ ଜଣେ ସଫଳ ଓ ସାର୍ଥକ ଶିକ୍ଷକର ଆସନ ପ୍ରଦାନ କରିଥାଏ । ସମ୍ବଲପୁର ଅଞ୍ଚଳର ହାଇସ୍କୁଲଠାରୁ ଷ୍ଟେଟ୍ ନଂ କଲେଜ ପର୍ଯ୍ୟନ୍ତ ବହୁ ଶିକ୍ଷାନୁଷ୍ଠାନର ଉପଦେଷ୍ଟା ତଥା କାର୍ଯ୍ୟନିର୍ବାହୀ ସମିତିର ସଭ୍ୟ, ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିନେଟ୍ ଓ ସିଣ୍ଡିକେଟ ସଭ୍ୟ, ଲଜପତରାୟ ଲ' କଲେଜ, ସମ୍ବଲପୁରର ଅଧ୍ୟାପକ ଓ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ସେ ଓଡ଼ିଶାର ଶିକ୍ଷା-ବିଦ୍ୟାଳୟ ଶିକ୍ଷାଠାରୁ ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ଘନିଷ୍ଠ ଭାବରେ ସଂପୃକ୍ତ ହୋଇଥିଲେ । ଶିକ୍ଷାପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନ ଥିଲା ଏବଂ ଶିକ୍ଷାର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଥିଲା ଅତୁଳନୀୟ ଓ ଅବିସ୍ମରଣୀୟ ! .

ଶ୍ରଦ୍ଧାକର ଥିଲେ ଜଣେ ମେଧାବୀ ଛାତ୍ର । ସମ୍ବଲପୁର ଜିଲା ସ୍କୁଲ (ଆଜିର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ) ରୁ ସମଗ୍ର ବିହାର ଓ ଓଡ଼ିଶା-ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ-ଥିଲେ । ରେଭେନ୍‌ସା କଲେଜରୁ ପ୍ରଥମ ଶ୍ରେଣୀରେ ଆଇ ଏସସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଗଣିତ ଶାସ୍ତ୍ରରେ ସମ୍ମାନ (Hons.) ସହିତ ପ୍ରଥମ ଶ୍ରେଣୀରେ ବି.ଏ ପାସ କରିଥିଲେ । ସଂସ୍କୃତ ଭାଷା ଓ ସାହିତ୍ୟରେ ବ୍ୟୁତ୍ପତ୍ତି-ଲାଭକରି ସାହିତ୍ୟାଚାର୍ଯ୍ୟ ଉପାଧି ପ୍ରାପ୍ତ ହୋଇଥିଲେ । ତାଙ୍କର ଜ୍ଞାନପିପାସା

Source: Author, Digitized by PPRACHIN, SOA

ଥିଲା ଚିରଅତୃପ୍ତ । ବିହାରର ପାଟଣା ବିଶ୍ୱବିଦ୍ୟାଳୟରୁ ଇଂରେଜୀ ଭାଷା ଓ ସାହିତ୍ୟରେ ଏମ.ଏ. ଓ ପୁଣି ଆଇନରେ ବି.ଏଲ ଡ଼ିଗ୍ରୀ ପ୍ରାପ୍ତ ହୋଇ-ଥିଲେ । ପରେ ସେ ଆଇନରେ ସ୍ନାତକୋତ୍ତର ଡ଼ିଗ୍ରୀ ଲାଭକରି ଶେଷରେ ହିନ୍ଦୁ ଆଇନରେ ଏକ ତୁଳନାତ୍ମକ ପ୍ରବନ୍ଧ ରଚନାକରି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚଡ଼ିଗ୍ରୀ ପି ଏଇଚଡି ଉପାଧି ଲାଭ କରିଥିଲେ । ଏପରି ଅତୃପ୍ତ ଜ୍ଞାନ ପିପାସା କେବଳ ଜଣେ ସ୍ୱଭାବ ଶିକ୍ଷକ ବ୍ୟକ୍ତିଠାରୁହିଁ ଆଶା କରାଯାଏ । ଯେ ଆଦର୍ଶ ଶିକ୍ଷକ, ସେ ନିରନ୍ତର ଛାତ୍ର ଭାବରେ ଜ୍ଞାନଲିପ୍ସୁ ଏହି ଉକ୍ତିର ସତ୍ୟତା ଶ୍ରଦ୍ଧାକର ନିଜ ଜୀବନରେ ପ୍ରତିପାଦନ କରିଥିଲେ ।

ନିଜର ଯୋଗ୍ୟତା ବଳରେ ଶ୍ରଦ୍ଧାକର ଅନାୟାସରେ ଉଚ୍ଚ ସରକାରୀ ପଦବୀ ଲାଭକରି ପାରିଥାନ୍ତେ । ମାତ୍ର ସେ ସ୍ୱାଧୀନଚେତା ହୋଇଥିବାରୁ ଆଇନଜୀବୀ ଭାବରେ କାର୍ଯ୍ୟ କରିଥିଲେ । ସମାଜସେବା ଥିଲା ତାଙ୍କ ଜୀବନର ବ୍ରତ । ସେଥିପାଇଁ ସେ ମଧ୍ୟ ଲୋକ ପ୍ରତିନିଧି ଭାବରେ ସମ୍ବଲପୁର ଅଞ୍ଚଳରୁ ବିଧାନସଭା ଓ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଦେଶବାସୀ ତଥା ଜନସାଧାରଣଙ୍କ ଦାବିକୁ ସେ ଦୃଢ଼ଭାବରେ ସେସବୁ ସ୍ଥାନରେ ଉପସ୍ଥାପନ କରି ପ୍ରବୀଣ ବିଧାୟକ ଭାବରେ ସୁପରିଚିତ ହୋଇଥିଲେ । ଓଡ଼ିଶା ବିଧାନସଭାରେ ବିରୋଧୀଦଳର ନେତା ଭାବରେ ସେ ଅପୂର୍ବ ଦକ୍ଷତା ଓ ସାଧୁତାର ପ୍ରମାଣ ଦେଇ ଖୁବ୍ ପ୍ରତିଷ୍ଠା ଲାଭ କରିଥିଲେ । ଆଇନ ବ୍ୟବସାୟରେ ମଧ୍ୟ ସେ କେବେ ମିଥ୍ୟାକୁ ପ୍ରଶ୍ରୟ ଦେଇନାହାନ୍ତି । ସତ୍ୟ ଓ ନ୍ୟାୟ ପାଇଁ ସେ ସଂଗ୍ରାମ କରୁଥିବାରୁ ଓକିଲ ଓ ବିଚାରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଜ୍ଞାନ-ନିଷ୍ଠା ପରିସତ୍ୟନିଷ୍ଠା ମଧ୍ୟ ଶିକ୍ଷକଙ୍କର ଏକ ମହାନ୍ ସଦ୍‌ଗୁଣ ।

ଧନର ଅଭାବ ନଥିଲେ ସୁଦ୍ଧା ସରଳତା ଓ ମିତବ୍ୟୟିତା ତାଙ୍କ ଜୀବନର ଥିଲା ବିଶେଷତ୍ୱ । ସେ ଥିଲେ ଅଜସ୍ର ସମ୍ପତ୍ତିର ସ୍ୱତ୍ତ୍ୱାଧିକାରୀ । ମାତ୍ର ସେ ମୋଟା ଖଦଡ଼ ପୋଷାକ ପରିଧାନ କରୁଥିଲେ । ଏପରିକି ଆଇନଜୀବୀ ଭାବରେ କୋର୍ଟ କଚେରୀରେ ଯେଉଁ କଳା କୋର୍ଟ ପିନ୍ଧୁଥିଲେ ତାହା ମଧ୍ୟ ଥିଲା ଖଦଡ଼ପ୍ରସ୍ତୁତ । ବୁଲି ବୁଲି ସେ ବିଭିନ୍ନ ସ୍ଥାନକୁ ଯାଉଥିଲେ ଏବଂ ଦରକାର ପଡ଼ିଲେ ସାଇକେଲ ଚଲାଉଥିଲେ । ତାଙ୍କର ଭଦ୍ର ଓ ଅମାୟିକ ବ୍ୟବହାରରେ ସମସ୍ତେ ମୁଗ୍‌ଧ ହେଉଥିଲେ । ହୀରାକୁଦ ବୁଡ଼ି ଅଞ୍ଚଳରେ ଗାଁକୁ ଗାଁ ବୁଲି ସେ ବାସଚ୍ୟୁତ ଓ ଦୁର୍ଗତ ଜନସାଧାରଣଙ୍କୁ

Source: Author, Digitized by PPRACHIN, SOA

ସାନ୍ତ୍ୱନା ଓ ସାହାଯ୍ୟ ପ୍ରଦାନ କରୁଥିଲେ । ତାଙ୍କ ଦୃଷ୍ଟିରେ ସାନବଡ଼, ଉଚ୍ଚନୀଚର ଭେଦଭାବ ନ ଥିଲା । ଜଣେ ଆଦର୍ଶ ଶିକ୍ଷକସୁଲଭ ଏସବୁ ସଦ୍‌ଗୁଣର ଅଧିକାରୀ ହୋଇଥିଲେ ଶ୍ରଦ୍ଧାକର ।

୧୯୮୧ ମସିହାରେ ସେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବା ସମୟରୁ ଏହାର ବିକାଶ ସହିତ ଏକନିଷ୍ଠ ଭାବରେ ସଂପୃକ୍ତ ଥିଲେ । ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ ସିନେଟରେ ସେ ଥିଲେ ଜଣେ ବରିଷ୍ଠ ସଦସ୍ୟ । ପୁରୀ ରାଜଭବନ ପରିସର ମଧ୍ୟସ୍ଥ ବାଲୁକାଶଯ୍ୟାରେ ଅନୁଷ୍ଠିତ ପ୍ରଥମ ବୈଠକରେ ଜଣେ ସଭ୍ୟଙ୍କର ଅବାଞ୍ଛିତ ମତକୁ ଅତି ଦୃଢ଼ତାର ସହିତ ଖଣ୍ଡନ କରି କହିଥିଲେ— ନିଜର ମାତା ବୃଦ୍ଧା ହୋଇଗଲେ ତାଙ୍କର ଆବଶ୍ୟକତା ନାହିଁ ବୋଲି କହିବା ଯାହା, ସଂପ୍ରତି ସଂସ୍କୃତ ବିଶ୍ୱବିଦ୍ୟାଳୟ ଅନାବଶ୍ୟକ ବୋଲି କହିବା ତାହା । ଅଧ୍ୟାପକ ନିର୍ବାଚନରେ ଉପଯୁକ୍ତ ଯୋଗ୍ୟତା ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ ଏବଂ ବିଶ୍ୱବିଦ୍ୟାଳୟର ପ୍ରଶାସନରେ ସାଧୁତା ପ୍ରତି ତୀବ୍ର ଦୃଷ୍ଟି ଦେଇଥିଲେ । ଏହାର କୁଳପତି ଭାବରେ ସେ କାର୍ଯ୍ୟ କରି ନିଜର ଦକ୍ଷତା ଓ ଜ୍ଞାନନିଷ୍ଠା ପ୍ରଦର୍ଶନ କରିଥିଲେ । ଛାତ୍ର ଓ ଶିକ୍ଷକ ତଥା କର୍ମଚାରୀମାନଙ୍କର ଅହେତୁକ ଓ ଅନ୍ୟାଯ୍ୟ ଦାବିକୁ ସେ ଗ୍ରହଣ କରୁ ନଥିଲେ ଏବଂ ବିଭିନ୍ନ ଗ୍ରୁପ ନିକଟରେ ସେ ମୁଣ୍ଡ ନୁଆଁଉ ନଥିଲେ । କୌଣସି ଅଧ୍ୟାପକ, ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କ ପ୍ରତି କେହି ଅସୌଜନ୍ୟ ପ୍ରଦର୍ଶନ କଲେ, ସେ କଠିନ ପଦକ୍ଷେପ ନେଉଥିଲେ । ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ସୃଷ୍ଟି ଓ ବିକାଶରେ ତାଙ୍କର ଅବଦାନ କମ୍ ନଥିଲା । ଶିକ୍ଷା ପ୍ରଶାସନରେ ସେ ଦକ୍ଷତା ଓ ନିର୍ମଳତା ରକ୍ଷା କରିଥିଲେ ।

୧୯୬୧ ମସିହାରେ ଶ୍ରଦ୍ଧାକର ଲଜପତରାୟ ଆଇନ ମହାବିଦ୍ୟାଳୟରେ ଜଣେ ଅସ୍ଥାୟୀ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ । ସେତେବେଳେ ତାହା ସମ୍ବଲପୁର ଟାଉନ ହାଇସ୍କୁଲରେ ସ୍ଥାପିତ ହୋଇଥିଲା । ସନ୍ଧ୍ୟାରେ ଶିକ୍ଷାଦାନ କାର୍ଯ୍ୟ ସମ୍ପାଦିତ ହେଉଥିଲା । ମାତ୍ର ସେ ସାମୟିକ ଭାବରେ ଏହି କାର୍ଯ୍ୟରେ ଯୋଗଦାନ କଲାମାତ୍ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବଙ୍କଠାରୁ ପତ୍ର ପାଇଥିଲେ ଯେ ସେ ସିନେଟ ଓ ସିଣ୍ଡିକେଟର ସଭ୍ୟପଦରୁ ବଂଚିତ ହେଲେ । କାରଣ ସେ

Source: Author, Digitized by PPRACHIN, SOA

ରେଜିଷ୍ଟର୍ଡ ଗ୍ରାଜୁଏଟ୍ ଭାବରେ ନିର୍ବାଚିତ ହୋଇ ଏସବୁର ସଭ୍ୟ ହୋଇଥିଲେ । ତେଣୁ ଏବେ ଶିକ୍ଷକ ହେବା ପରେ ସେ ସେହି ପଦରୁ ବାସନ୍ଦ ହୋଇଥିଲେ । ଶ୍ରଦ୍ଧାକର ଲେଖିଛନ୍ତି, ଏହା ମୋର ଏକ ପଦୋନ୍ନତି ନା ପଦଚ୍ୟୁତି ; ସମ୍ଭବତଃ କୌଣସିଟି ନୁହେଁ । ମୁଁ ଏଥିରେ ଚିନ୍ତିତ ହୋଇ-ନଥିଲି (Was it a promotion or degradation of my status ? Probabaly neither. I did not mind.) ଶିକ୍ଷକତା ପ୍ରତି ତାଙ୍କର ଅତୁଟ ଶ୍ରଦ୍ଧା ଯୋଗୁଁ ସେ ଏହି ପରିସ୍ଥିତି ପ୍ରତି ଭ୍ରୂକ୍ଷେପ କରି ନଥିଲେ ।

୧୯୩୯ ମସିହାରୁ ଆଇନଜୀବୀ ଭାବରେ କାର୍ଯ୍ୟ କରିବାଠାରୁ ଆଇନରେ ଉଚ୍ଚତର ଶିକ୍ଷାପ୍ରତି ସ୍ୱପକାରଙ୍କର ଖୁବ୍ ଆଗ୍ରହ ଥିଲା ଏବଂ ଏହି ଶିକ୍ଷକତାକୁ ସେ ଏକ ସୁଯୋଗ ବୋଲି ଗ୍ରହଣ କରିଥିଲେ । ପୂର୍ବରୁ ସେ ପ୍ରାଚୀନ ଭାରତର ଆଇନ, ମନୁସ୍ମୃତି, ଯାଜ୍ଞବଲ୍କ୍ୟ ସ୍ମୃତି ଆଦି ଅଧ୍ୟୟନ କରିଥିଲେ । ବିଧାୟକ ଭାବରେ ସେ ଭାରତୀୟ ସମ୍ବିଧାନ ଓ ଆଇନ ପ୍ରୟୋଗ ପ୍ରଣାଳୀ ସହିତ ଦୀର୍ଘକାଳ ଧରି ଓତଃପ୍ରୋତ ଭାବରେ ଜଡ଼ିତ ହୋଇଥିଲେ ତେଣୁ ତାଙ୍କୁ ଯେତେବେଳେ ଆଇନ କଲେଜରେ ସାମ୍ବିଧାନିକ ଆଇନ ସଂପର୍କରେ ଅଧ୍ୟାପନା କରିବାକୁ ଦିଆଗଲା, ସେ ଖୁବ୍ ସ୍ୱଚ୍ଛନ୍ଦ ଓ ଆତ୍ମବିଶ୍ୱାସର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରି-ଥିଲେ । ସେ ୫୯ ବର୍ଷ ବୟସରେ ସ୍ନାତକୋତ୍ତର ଆଇନ ପରୀକ୍ଷା ଘରୋଇ ଭାବରେ ଦେଇ ଗୋଟିଏ ଥରରେ ଉତ୍ତୀର୍ଣ୍ଣ ହେବା ତାଙ୍କ ପାଇଁ ଆନନ୍ଦର ବିଷୟ ହୋଇଥିଲା ଏବଂ ତାଙ୍କର ଅଧ୍ୟବସାୟ ଓ ବିଜ୍ଞତାର ପରିଚୟ ଦେଇଥିଲା । ସେ ହିନ୍ଦୁ ଓ ମୁସଲମାନ ଆଇନରେ ମଧ୍ୟ ସଫଳତାର ସହିତ ଶିକ୍ଷାଦାନ କରିଥିଲେ ।

ଶ୍ରଦ୍ଧାକର ଏଲ ଏଲ ଏମ୍ ପାସ୍ କଲାପରେ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟରେ ପି ଏଇଚଡ଼ି ଡ଼ିଗ୍ରୀ ପାଇଁ ଡକ୍ଟର ନବୀନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଉଚ୍ଚଗବେଷଣା ଆରମ୍ଭ କରିଥିଲେ । ତାଙ୍କର ଗବେଷଣା ପ୍ରକଳ୍ପର ନାମଥିଲା "ପ୍ରାଚୀନ ଭାରତର ଆଇନ ପ୍ରଣାଳୀ" । ଏଥିପାଇଁ ସେ ଆନୁସଙ୍ଗିକ ବହିପତ୍ର କ୍ରୟ କରିଥିଲେ । ୧୯୬୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ସରକାରୀ ଭାଷା ଆୟୋଗରେ ଓଡ଼ିଆ ପ୍ରତିନିଧି ଭାବରେ ମନୋନୀତ ହୋଇଥିଲେ । ଦିଲ୍ଲୀରେ ଅବସ୍ଥାପିତ ହୋଇ ଭାରତୀୟ ଆଇନ ପ୍ରତିଷ୍ଠାନରେ ତାଙ୍କ ଅଫିସ କାର୍ଯ୍ୟରେ ଯୋଗଦାନ

Source: Author, Digitized by PPRACHIN, SOA

କରିଥିଲେ ଏବଂ ସେଠାରେ ସେ ଏଠାର ଏକ ସମୃଦ୍ଧ ଗ୍ରନ୍ଥାଗାରକୁ ଆଗ୍ରହ ଓ ନିଷ୍ଠାର ସହିତ ନିଜର ଗବେଷଣା କାର୍ଯ୍ୟ ପାଇଁ ଉପଯୋଗ କରି ପାରିଥିଲେ । ସେ ଲେଖିଛନ୍ତି, "ଭାରତୀୟ ଆଇନ ପ୍ରତିଷ୍ଠାନର ଗ୍ରନ୍ଥାଗାର ମୋ ପାଇଁ ଏକ ସ୍ୱର୍ଣ୍ଣଭଣ୍ଡାର ପରି ହୋଇଥିଲା । ମୁଁ ଆଲିବାବା ପରି ସେଠାରେ ସ୍ୱଚ୍ଛନ୍ଦରେ ଜ୍ଞାନାର୍ଜନ କରିବାରେ ଲାଗିଥିଲି । ସରକାରୀ କାର୍ଯ୍ୟ ମଧ୍ୟ ବେଶୀ ନଥିଲା ଏବଂ ମୋର ସମସ୍ତ ଅବସରକୁ ଆଇନ ପ୍ରତିଷ୍ଠାନରୁ ପୁସ୍ତକ ଧାର ନେଇ ମୋର ନିବନ୍ଧ ରଚନାରେ ଉତ୍ସର୍ଗ କଲି । (The library of the Indian Law Institute was like a gold mine to me. I felt like Ali Baba in the robber's cavern with the knowledge of Open Sesame. The official duty was not heavy and all my spare time was devoted to the preparation of my thesis with the help of books borrowed from the Indian Law Institute) ପଚାଶ ୬୦ ବର୍ଷ ବୟସରେ ତାଙ୍କର ଜ୍ଞାନପିପାସା କେତେ ଗଭୀର ଥିଲା, ଏଥିରୁ ସ୍ପଷ୍ଟ ହୋଇଥାଏ !

୧୯୬୭ ମସିହାରେ ତାଙ୍କୁ ଯେତେବେଳେ ୬୨ ବର୍ଷ ସେ ସେତେ-ବେଳେ ଲଜପତ ରାୟ ଆଇନ କଲେଜରେ ଅଧ୍ୟକ୍ଷ ଭାବରେ ଯୋଗଦାନ କରିଥିଲେ । ସନ୍ଧ୍ୟାରେ ବହୁଥର ବିଜୁଳି ଲାଇନ କଟୁଥିବାରୁ ଓ ଅନ୍ୟାନ୍ୟ ଗଣ୍ଡଗୋଳ ଯୋଗୁଁ ସେ ବିଶ୍ୱବିଦ୍ୟାଳୟକୁ ପ୍ରସ୍ତାବ ଦେଇଥିଲେ ଯେ ପ୍ରାତଃ କାଳରେ ଅଧ୍ୟାପନା କାର୍ଯ୍ୟ ପରିଚାଳିତ ହେଉ ଏବଂ ଏପ୍ରିଲ ମଇ ମାସରେ ପ୍ରାତଃ କାଳରେ କଚେରୀ କାର୍ଯ୍ୟ ଖୋଲିଲାବେଳେ କେତେ ସପ୍ତାହ ପାଇଁ ସନ୍ଧ୍ୟାରେ ଶିକ୍ଷାଦାନ କରାଯାଉ । ତତ୍କାଳୀନ କୁଳପତି ପ୍ରଫେସର ଭୁବନେଶ୍ୱର ବେହେରା ଏହାକୁ ମଞ୍ଜୁର କରିଥିଲେ ହେଁ କେତେକ ଛାତ୍ର ସରକାରୀ ଅଫିସରେ ଚାକିରୀ କରୁଥିବାରୁ ତାର ବିରୋଧ କରିଥିଲେ । ଜିଲା କଲେକ୍ଟର ମଧ୍ୟ ଏଥିରେ ହସ୍ତକ୍ଷେପ କରି ସନ୍ଧ୍ୟାରେ ଶ୍ରେଣୀକାର୍ଯ୍ୟ ପରିଚାଳନା କରିବାକୁ ତାଙ୍କୁ ଉପଦେଶ ଦେଇଥିଲେ । ମାତ୍ର ଶ୍ରଦ୍ଧାକର କୁଳପତିଙ୍କ ଆଦେଶ କ୍ରମେ ଏହା କରିଛନ୍ତି ଏବଂ ତାଙ୍କ ସହିତ ଆଲୋଚନା କରି ଯାହା କରିବେ ବୋଲି କହିଥିଲେ । ସେ ବିଶ୍ୱବିଦ୍ୟାଳୟକୁ ଏହା ଜଣାଇବାରୁ ସମ୍ଭବତଃ କୁଳପତି ସନ୍ଧ୍ୟାକାଳୀନ ଶିକ୍ଷାଦାନ ବିରୁଦ୍ଧରେ ମତଦେଇ କଲେକ୍ଟରଙ୍କୁ ଲେଖିଥିଲେ ଏବଂ ଏତିକରେ ଏହି ଘଟଣାର ପରିସମାପ୍ତି ଘଟିଥିଲା ।

Source: Author, Digitized by PPRACHIN, SOA

ଶିକ୍ଷା-ପ୍ରଶାସକ ଭାବରେ ସେ ଏହିପରି ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ନିଜର ସଦୁଦ୍ଦେଶ୍ୟ ଓ ଦୃଢ଼ ମନୋବଳ ଯୋଗୁଁ ସେସବୁକୁ ସାଫଲ୍ୟର ସହିତ ସମ୍ମୁଖୀନ ହୋଇଥିଲେ । ଶେଷରେ ସେ ଥରେ କେତେକ ଉତ୍ତର ଖାତାରେ କପି ହୋଇଥିବାର ପ୍ରମାଣ ପାଇ ବିଶ୍ୱବିଦ୍ୟାଳୟକୁ ଜଣାଇ ଦେଇଥିଲେ । ମାତ୍ର ସେଇ ଖାତା ମଧ୍ୟରୁ ଗୋଟିଏ ଜଣେ ସିଣ୍ଡିକେଟ୍ ସଭ୍ୟଙ୍କର ପୁତ୍ରମଣିଙ୍କର ହୋଇଥିବାରୁ ତାଙ୍କର ଶିକ୍ଷକତା ତଥା ଅଧ୍ୟକ୍ଷତାରେ ଅକାଳ ସମାପ୍ତି ଘଟିଥିଲା । ତତ୍କାଳୀନ କୁଳପତି ଡଃ ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କୁ ସେ ଇସ୍ତଫାପତ୍ର ପ୍ରଦାନ କରିଥିଲେ ଏବଂ ଏହାକୁ ଗ୍ରହଣ କରିନେବାକୁ ସିଣ୍ଡିକେଟ ବୈଠକରେ ତାଙ୍କୁ ବାଧ କରାଯାଇଥିଲା । ଯେଉଁ ସିଣ୍ଡିକେଟ ବୈଠକରେ ତାଙ୍କ ପି ଏଇଚ ଡିଗ୍ରୀ ପାଇଁ ଥେସିସ୍ଟି ଅନୁମୋଦିତ ହୋଇଥିଲା, ସେହି ବୈଠକ ତାଙ୍କ ଇସ୍ତଫା ଗ୍ରହଣ କରିଥିଲେ । ଏହା ହେଉଛି ଜଣେ ଶିକ୍ଷକ ବିଶେଷ ଭାବରେ ଜଣେ ଶିକ୍ଷା-ପ୍ରଶାସକଙ୍କ ଭାଗ୍ୟର ବିଡ଼ମ୍ବନା !

ଡକ୍ଟର ସୂତ୍ରକାରଙ୍କ ଜ୍ଞାନପିପାସାର ଅନ୍ତ ନଥିଲା । ସେ ପୁଣି ୧୯୮୩ ମସିହାରେ 'ପ୍ରାଚୀନ ଭାରତରେ ଆଇନ ବିଧି' ଶୀର୍ଷକ ଏକ ଗବେଷଣା ନିବନ୍ଧ ଏଲଏଲ ଡି. ଡିଗ୍ରୀ ପାଇଁ ଦାଖଲ କରିଥିଲେ । ପାଞ୍ଚ ବର୍ଷ ପରେ ତାହା ଗୃହୀତ ହେଲନାହିଁ ବୋଲି ତାଙ୍କୁ ଜଣାଇ ଦିଆଗଲା । ମାତ୍ର ତାଙ୍କର ଉଭୟ ଗବେଷଣା-ନିବନ୍ଧ ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା ଯଥାକ୍ରମେ ୧୯୮୬ ଓ ୧୯୯୦ ମସିହାରେ । ଏହିସବୁ ପ୍ରତିକୂଳ ପରିସ୍ଥିତିରେ ସେ ହତାଶ ହୋଇ ନଥିଲେ । ବରଂ ସେ ଲେଖିଛନ୍ତି, ବୌଦ୍ଧିକ ଗୋଷ୍ଠୀ କିମ୍ବା ଆଇନଜୀବୀ ଗୋଷ୍ଠୀ ଅନ୍ୟୂନ ଆଗାମୀ ତିନି ଦଶକ ମଧ୍ୟରେ ମୋର ଏହି ଗବେଷଣା କାର୍ଯ୍ୟର ଗୁରୁତ୍ୱ ଉପଲବ୍ଧି କରିବେ, ଏହା ମୁଁ ଆଶା କରୁନାହିଁ । (I do not expect either the academic community or the legal huminaries to appreciate the merits of my work for at least three deeades to come.) ଶ୍ରଦ୍ଧାକରଙ୍କର ଶିକ୍ଷକସୁଲଭ ଜ୍ଞାନନିଷ୍ଠା, ସାଧୁତା, ସମୟାନୁବର୍ତ୍ତିତା, ସଚ୍ଚରିତ୍ରତା ଓ ଦୃଢ଼ ମନୋବଳ ଉପରୋକ୍ତ ଆଲୋଚନାରୁ ପ୍ରତିପାଦିତ ହୋଇଛି । ତାଙ୍କର ଏହି ଜୀବନ ସଂଗ୍ରାମ ଶିକ୍ଷକ ଓ ଶିକ୍ଷାପ୍ରଶାସକମାନଙ୍କୁ ମହାର୍ଘ ସନ୍ଦେଶ ପ୍ରଦାନ କରିଥାଏ ।

ଅଧ୍ୟକ୍ଷ, ଡକ୍ଟର ପଶୁରାମ ମିଶ୍ର
ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର

Source: Author, Digitized by PPRACHIN, SOA

ଅମ୍ଳାନ ପ୍ରତିଭା ଅଳିଭା ସ୍ମୃତି

ଶ୍ରୀ ଯଦୁମଣି ପଟେଲ

ଅତୀତର ଏକ ଘଟଣା । ଯେତେଦୂର ମୋର ମନେପଡ଼େ ଏହା ବୋଧହୁଏ ଦ୍ୱିତୀୟଥର ବିଧାନସଭା ନିର୍ବାଚନର ଘଟଣା । ଆଜକୁ ପଇଁତିରିଶ ବର୍ଷରୁ ଅଧିକ ହେଲାଣି ତଥାପି ସେ ଦୃଶ୍ୟ ମୋର ସ୍ମୃତିରେ ଭାସିଯାଏ । ବିଧାନସଭା ନିର୍ବାଚନର ପ୍ରଚାର ଯୋର-ସୋରରେ ଚାଲିଥାଏ । ବିଶେଷତଃ ଆମ ଓଡ଼ିଶାରେ ହଳଲଙ୍ଗଳ ସହ ଧନୁଶରର ମୁକାବିଲା ଚାଲିଥାଏ । ଦେଶଟି ସ୍ୱାଧୀନ ହୋଇ ରାଜତନ୍ତ୍ରର ବିଲୋପ ଘଟିଥିଲେହେଁ ରାଜାରାଜୁଡ଼ାଙ୍କ ପ୍ରଭାବ ତଥା ସେମାନଙ୍କ ଉପରେ ପ୍ରଜାଙ୍କ ଭକ୍ତି, ସ୍ନେହ, ଅନୁରକ୍ତି କମି ନଥାଏ ।

ଯଦିଓ ଆମ ଅଞ୍ଚଳଟି କୌଣସି ରାଜାଙ୍କ ଅଧୀନରେ ନଥିଲା ତଥାପି ତାର ପ୍ରଭାବ ପଡ଼ିଥିଲା । ଏହି ନିର୍ବାଚନ ପ୍ରଚାରରେ ଆମ ଗାଁକୁ ରାତିଦିନ ମଟରଗାଡ଼ି ଆସୁଥାଏ ଓ ବରାବର ସଭା ହେଉଥାଏ । ଆମ ଗାଁଟି ନେତାମାନଙ୍କ ଦୃଷ୍ଟିରେ ଏକ ମୁଖ୍ୟଗାଁ ଭାବରେ ସ୍ଥାନ ପାଇଥାଏ ଯେହେତୁ ଏହି ଗାଁକୁ ଲାଗି ଚାରିପଟେ ଅନ୍ତିକମ୍‌ରେ ଛୋଟବଡ଼ ବାରଟି ପଲ୍ଲୀଗାଁ ଅଛି । ଯାହାକିଛି ହେଲେ ଏହି ବାରଟି ପଲ୍ଲୀଗାଁରୁ ଲୋକେ ଏହି ବଡ଼ ଗାଁକୁ ଆସନ୍ତି । ହାମାଲଭି ବୁଝନ୍ତି । ବିଶେଷତଃ ଯେତେଦୂର ମୁଁ ଜାଣେ ଆମଗାଁର ନିଷ୍ପତ୍ତିକୁ ସେମାନେ ମାନନ୍ତି ଓ ଚଳନ୍ତି ।

ଏହି ନିର୍ବାଚନ ପାଇଁ ଧନୁଶର ଅର୍ଥାତ୍ ଗଣତନ୍ତ୍ର ପରିଷଦ ତରଫରୁ ଆମ ଗାଁରେ କେତେ ଗୁଡ଼ିଏ କର୍ମୀ ଥାଆନ୍ତି । ସେମାନେ ଦୁଇଚାରିଦିନ ପୂର୍ବରୁ ଗାଁ ଗାଁ ଯାଇ ପ୍ରଚାର କରିଥାନ୍ତି-କଳାହାଣ୍ଡି ମହାରାଜା ଆସିବେ ଏକ ବଡ଼ ଧରଣର ସଭାହେବ, ଗଣତନ୍ତ୍ର ତରଫରୁ । ମାଇକ୍‌ରେ ଦିନରାତି ପ୍ରଚାର ଚାଲିଲା । ଆମ ଅଞ୍ଚଳଟି ଗଡ଼ଜାତର ଅଧୀନ ନଥିଲା । ଏହା ସମ୍ବଲପୁରର ଅଧୀନରେ ଥିବାରୁ ସ୍ୱାଧୀନ ପୂର୍ବରୁ ଇଂରେଜ ସରକାର ଚଳାଉଥିଲେ । ଆଉ ଗୋଟିଏ କଥା—ଲୋକମାନେ ସେ ସମୟରେ ଏତେ ଶିକ୍ଷିତ ନଥିଲେ କିମ୍ବା ଏତେ ଦୁର୍ନୀତି, ଅନ୍ୟାୟ, ଅସତ୍ୟ ଲୋକଙ୍କୁ ଛୁଇଁ ନଥାଏ । ଲୋକେ ରାଜା କିପରି ଥାନ୍ତି, କିପରି ଦିଶନ୍ତି ଜାଣି ନଥାନ୍ତି ।

Source: Author, Digitized by PPRACHIN, SOA

କେବଳ ରାଜା ବୋଲି ଶବ୍ଦ ଶୁଣିଥାନ୍ତି । ତେଣୁ ଯେପରି ରାଜା ଆସିବା କଥା ପ୍ରଚାର ହୋଇଗଲା ଲୋକଙ୍କ ଆନନ୍ଦର ସୀମା ରହିଲା ନାହିଁ । ଘରେ ଘରେ ଆଲୋଚନା ହେଲା, ରାଜାଙ୍କ ବିଷୟରେ । ଗାଁ ଗାଁରେ ପଡ଼ା ପଡ଼ାରେ ଲୋକେ କଥାବାର୍ତ୍ତା ହେଉଥାନ୍ତି । ନିର୍ଦ୍ଦିଷ୍ଟ ଦିନର ଅପେକ୍ଷାରେ ଥାନ୍ତି । ମୋର ମନେ ଅଛି, ଶ୍ରେଣୀରେ ପଢ଼ୁଥିବା ବେଳେ ଶିକ୍ଷକ ନ ଆସିଲେ ରାଜାଙ୍କ ବିଷୟରେ ଆଲୋଚନା କରୁଛୁ ଓ ନାଟକରେ ଯେପରି ରାଜା ମୁକୁଟ ଓ ଜରିଲଗା ସୁନ୍ଦର କୋଟ ପରିଧାନକରି ବାହାରନ୍ତି ସେପରି ବେଶଭୂଷା ହୋଇ ଆସିବେ ବୋଲି ଭାବୁଥାଉ । ଦେଖିବା ପାଇଁ ଅପେକ୍ଷା କରୁଥାଉଁ ।

ରାଜାଙ୍କ ଆସିବା ଦିନ ଆସିଗଲା । ଦିନ ୩ଟାରେ ସଭାକାର୍ଯ୍ୟ । ଗଣତନ୍ତ୍ର ଦଳର କର୍ମୀମାନେ ସଭାସ୍ଥାନଟିକୁ ସାଧାରଣ ଭାବରେ ସଜ୍ଜିତ କରିଥିଲେ । ମୁଁ ଯାହା ଅନୁଭବ କରୁଛି ଲୋକେ ଭାଷଣ ଶୁଣନ୍ତୁ ବା ନ ଶୁଣନ୍ତୁ, ରାଜାଙ୍କୁ ଦେଖିବା ପାଇଁ ଦିନ ୧୨ ଟାରୁ ଛୁଟିଥାନ୍ତି । ସେତେବେଳେ କୌଣସି ପ୍ରକାର ଦଳର ବିଭେଦ ଦେଖାଯାଇନାହିଁ କିମ୍ବା ଏହା ଗଣତନ୍ତ୍ର ଦଳଙ୍କ ସଭା ବୋଲି କେହି ଧାରଣା କରିନାହିଁ; କି ଗଣତନ୍ତ୍ର କି କଂଗ୍ରେସ ସମସ୍ତ ଲୋକ ଆସିଥାନ୍ତି । ସଭାସ୍ଥାନଟି ଭରପୁର । କି ପୁରୁଷ କି ସ୍ତ୍ରୀ କି ପିଲା ଯେଉଁଆଡ଼େ ଦେଖିବ ଜନସମୁଦ୍ର । ଯଥା ସମୟରେ କେତୋଟି ଜିପ୍ ଗାଡ଼ି ପହଞ୍ଚିଲା । ଯେପରି ସେହିଗାଡ଼ିରୁ ରାଜା ତଥା ଅନ୍ୟମାନେ ଓହ୍ଲାଇଛନ୍ତି ଚାରିଆଡ଼େ ହରିବୋଲ, ହୁଳହୁଳି, କରତାଳିରେ ସ୍ଥାନଟି କମ୍ପି ଉଠିଲା । ପରିଚୟ ଦେବାକୁ ପଡ଼ିଲାନାହିଁ । ରାଜାଙ୍କୁ ଲୋକେ କୁହାକୁହିରେ ଜାଣିପାରିଲେ । ଦେଖିଲେ, ଆଖି ପବିତ୍ର କଲେ; କିନ୍ତୁ ଆମଭଳି କେତେଜଣ ପିଲା ତଥା କେତେକ ଅଶିକ୍ଷିତଙ୍କ ଅପଶୋଷ ରହିଗଲା ଯେ ରାଜାଙ୍କ ମୁଣ୍ଡରେ ମୁକୁଟ ନଥିଲା କି ରତ୍ନଖଚିତ କୋଟ୍ ମଧ୍ୟ ନଥିଲା । ଧଳା ଫରଫର ଧୋତି ଓ ଢିଲା ପିନ୍ଧିଥିବା ଦେଖିଲୁ ।

ସଭା ଆରମ୍ଭ ହେଲା । ଯେପରି ଆରମ୍ଭ ପୂର୍ବରୁ ସଭାପତି ଓ ଅନ୍ୟମାନଙ୍କ ପରିଚୟ ପ୍ରଦାନ କରାଯାଉଛି, ସେତେବେଳେ ତାହା କରାଯାଇନଥିଲା । ବୋଧହୁଏ ପ୍ରଥମେ ରାଜା ଉଠିବେଶୀ ସମୟ ନକହି ବସିଗଲେ । ରାଜାଙ୍କ କହିବାପରେ ଲୋକମାନେ ପାଟିଗୁଣ୍ଡ କଲେ । ପଳାଇଯିବା ପାଇଁ ପ୍ରସ୍ତୁତ ହେଲେ । ଗାଁ ଗଣ୍ଡା ଲୋକତ, ପୁଣି ଶିକ୍ଷାର ଆଲୋକ ଆଦୌ

Source: Author, Digitized by PPRACHIN, SOA

ପଡ଼ୁନଥାଏ । ଗାଁ ମୁଖିଆ ବା ଶ୍ରେଷ୍ଠ କାଠିଆ ନେତା କମ୍ବା ଆପଣାର ବିଶ୍ୱସ୍ତ ବନ୍ଧୁ ଯେଉଁଠି କହିବେ, ସେଠାରେ ଭୋଟଦେବେ । ଭାଷଣ ଶୁଣି ତାଙ୍କର ବା ଲାଭ କ'ଣ ? ଏପରି ଭାବୁଥାନ୍ତି । କର୍ମୀମାନେ ଅନେକ ବୁଝାଇ ଶୁଝାଇ ଲୋକଙ୍କୁ ଦୁଇପଦ ଶୁଣିବାପାଇଁ ଅନୁରୋଧ କଲେ । ରାଜାଙ୍କ ପରେ ଯିଏ କହିଲେ, ତାଙ୍କୁ ଭାଷଣ ଦେବାପାଇଁ ଅନୁରୋଧ କଲେ ।

ଜଣେ ଠିଆହେଲେ ମାଇକ୍ ନିକଟରେ । ଦର୍ଶକ ଦେଖିଲେ ମାଇକ ପାଖରେ କେହି ଜଣେ ଠିଆ ହେଲାଣି । କିନ୍ତୁ ଲୋକଟି କହିବ ନା ଅନ୍ୟ କେହି ଭାଷଣ ଦେବ ବୁଝିପାରିଲେ ନାହିଁ । କାରଣ ଲୋକଟି ସିଧାସାଦା ଦେଖାଯାଉଛି । ଖଦଡ଼ ଧୋତିଟିଏ ଓ ଖଦଡ଼ କାମିଜଟିଏ ପିନ୍ଧିଛି । ଗାମୁଛା-ଟିଏ କାନ୍ଧରେ ପକାଇଛି । ଦେଖାଯାଉଛି ଖାଣ୍ଟି ଗାନ୍ଧୀବାଦୀ ।

ତାଙ୍କୁ ଦେଖି ସଭାରେ ରୁଣ୍ଡ ହୋଇଥିବା ଦର୍ଶକ ଓ ଶ୍ରୋତା ଆଶ୍ଚର୍ଯ୍ୟ ହେଲେ । ପରସ୍ପର ମୁହଁ ଚାହାଁଚାହିଁ ହେଲେ – "ଏ ଲୋକ ପୁଣି କିଏ ? ଏତେ ବଡ଼ ନିର୍ବାଚନ ସଭାରେ ଏପରି ଲୋକଟିକୁ କହିବାକୁ ଦିଆଯାଉଛି କାହିଁକି ? ସେ କ'ଣ ବା କହିବ ? ଆମେ କ'ଣ ଏ ଲୋକଟିର କଥାଶୁଣି-ବାକୁ ଦୂରରୁ ଆସିଛୁ" ଏହି ଭାବ କ୍ଷଣକେ ମଧ୍ୟରେ ସବୁଙ୍କ ମୁହଁରେ ଖେଳିଗଲା ।

ସେହି ସଭାର କର୍ମୀଙ୍କ ମଧ୍ୟରୁ ଜଣେ ଠିଆହୋଇ ଘୋଷଣା କଲେ "ବର୍ତ୍ତମାନ ଆମମାନଙ୍କ ବରିଷ୍ଠ ନେତା ପୂଜନୀୟ ଶ୍ରଦ୍ଧାକର ସୂପକାର ବକ୍ତୃତା ଦେବେ । ସଭାସ୍ଥ ଦର୍ଶକ ସ୍ତମ୍ଭୀଭୂତ ହୋଇଗଲେ । ଲୋକେ ଭାବିନଥିଲେ ଯେ ଏତେବଡ଼ ପ୍ରତିଭାଶାଳୀ, ଓକିଲ, ବିଶିଷ୍ଟ ନେତା, ପୁଣି ଉଚ୍ଚକୁଳ ସମ୍ଭୂତ ଧନୀ ବ୍ୟକ୍ତି ଏପରି ସିଧାସାଧା ସାଧାରଣ ପୋଷାକ ପରିଧାନ କରି ରାଜାଙ୍କ ଠାରୁ ଅଧିକ ପୂଜ୍ୟ । ଶ୍ରଦ୍ଧାକର ବାବୁ ଯେଉଁ ବକ୍ତୃତା ଦେଲେ, ସେଥିରେ ସମସ୍ତ ଶ୍ରୋତା ଏକାବେଳକେ ତନ୍ମୟ ହୋଇଗଲେ । ତାଙ୍କର ଗୁରୁବାଣୀ, ଅକାଟ୍ୟ ଯୁକ୍ତି, ଗଭୀର ଶାସ୍ତ୍ରଜ୍ଞାନ ତଥା ରାଜନୀତିରେ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତା ଶୁଣି ଲୋକେ ତାଳି ଉପରେ ତାଳି ଦେବାକୁ ଲାଗିଲେ । ସମସ୍ତେ ଯେପରି ସେଦିନ ଅନୁଭବ କଲେ—ଶ୍ରଦ୍ଧାକରଙ୍କ ଯୋଗୁଁ ଏ ଅଞ୍ଚଳ ନିଶ୍ଚୟ "ଗଣତନ୍ତ୍ର"କୁ ଭୋଟଦେବ । ଭାଷଣ ଶେଷରେ ଅନେକ ଲୋକ ତାଙ୍କ ପାଖକୁ ମାଡ଼ି ଆସିଲେ ପଦସ୍ପର୍ଶ କରିବା ପାଇଁ ।

Source: Author, Digitized by PPRACHIN, SOA

ପ୍ରକୃତରେ କି ଆକର୍ଷଣ ଥିଲା ତାଙ୍କ ଭାଷଣରେ ! ପରେ ଲୋକଙ୍କର ଏହି ଅନୁମାନହିଁ ସତ୍ୟରେ ପରିଣତ ହେଲା । ଭୋଟ ଗଣତି ପରେ ଜଣାଗଲା, ଧନୁଶର ଅଥାତ୍ ଗଣତନ୍ତ୍ର ଜୟଯୁକ୍ତ ହେଲା ।

ପ୍ରକୃତରେ ତାଙ୍କର ପ୍ରତିଭା ଥିଲା ବହୁମୁଖୀ । ସେ ହେଉଁ ସମୟର ଲୋକ ଚାହିଁଥିଲେ ମାସକୁ ହଜାର ହଜାର ଦରମା, ମୋଟର ଗାଡ଼ି, ବଡ ବଙ୍ଗଳା, ସୌଭାଗ୍ୟର ସବୁ ଉପାଦାନ ଏକାଠି ଠୁଳ ହୋଇଥାନ୍ତା ଚାକିରିରେ; କିନ୍ତୁ ସେ ଚାହିଁଲେ ନାହିଁ । ଯେଉଁ ପଦପାଇଁ ଲାଳାୟିତ ହୋଇ ଅନେକ ଲୋକ ଯେ କୌଣସି ହୀନକାର୍ଯ୍ୟ କରିବା ପାଇଁ ମଧ୍ୟ କୁଣ୍ଠାବୋଧ କରନ୍ତିନାହିଁ, ସ୍ୱାଧୀନଚେତା ଶ୍ରଦ୍ଧାକର ବାବୁ ସେପରି ପଦକୁ ହସି ହସି ଏଡ଼େଇ ଦେଇଛନ୍ତି । କାହା ପାଖରେ 'ହାଁଜୀ' କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ।

ଧର୍ମ-ମତ-ସମ୍ପ୍ରଦାୟ ନିର୍ବିଶେଷରେ ଉଚ୍ଚ-ନୀଚ, ଧନୀ-ଦରିଦ୍ର ସମସ୍ତଙ୍କର ଯିଏ ଆଦରଣୀୟ ନେତା ପରାଧୀନ ଭାବରେ ନିଜକୁ ବା ସୀମାବଦ୍ଧ ରଖନ୍ତେ କିପରି !

କୁହାଯାଇଛି—'ଶୈଳେ ଶୈଳେ ନ ମାଣିକ୍ୟଂ ମୌକ୍ତିକଂ ନ ଗଜେ ଗଜେ
ସାଧବୋ ନହି ସର୍ବତ୍ର ଚନ୍ଦନଂ ନ ବନେ ବନେ' ।

ସବୁ ପର୍ବତରେ ମଣିଷ ନ ଥାଏ, ସବୁ ଗଜଠାରେ ମୁକ୍ତା ନ ଥାଏ । ସବୁ ବଣରେ ସୁଗନ୍ଧ ଚନ୍ଦନ ମିଳେ ନାହିଁ । ସେହିପରି ସବୁଠାରେ ସାଧୁମାନେ ନ ଥାନ୍ତି । ବାସ୍ତବିକ ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ପରି ପ୍ରତିଭାବାନ ବ୍ୟକ୍ତି ସବୁ ଯୁଗରେ ଆସିବେ ନାହିଁ । କେବେ କେବେ ଏହିପରି ବରପୁତ୍ର ମାତୃଭୂମି କୋଳରେ ଜନ୍ମଲାଭ କରି ଦେଶ ଓ ଜାତିକୁ ଧନ୍ୟ କରି ଯାଆନ୍ତି ।

ଗଣତନ୍ତ୍ରର ସମସ୍ତ ସଦ୍‌ଗୁଣ ସତ୍ୟ, ସାମ୍ୟ, ମୈତ୍ରୀ, ସହନଶୀଳତା ସହାବସ୍ଥାନ, ସେବା, ବିଶ୍ୱାସ, ନିର୍ଭୀକତା ଆଦି ଏକାଧାରରେ ତାଙ୍କଠାରେ ନିହିତ ଥିଲା । ଆମର ଉତ୍ତରାଧିକାରୀମାନେ ତାଙ୍କ ଆଦର୍ଶ ଓ ନୀତିରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଦେଶ ଓ ଜାତିର ଅଶେଷ କଲ୍ୟାଣ ସାଧନ ହୋଇପାରିବ ।

ଶିକ୍ଷକ,
ଧନକଉଡ଼ା, ସମ୍ବଲପୁର

Source: Author, Digitized by PPRACHIN, SOA

ଓଡ଼ିଆ ସାହିତ୍ୟରେ ଡକ୍ଟର ସୂପକାର

❁ ଶ୍ରୀ ବଳରାମ ମହାନ୍ତି

ଡକ୍ଟର ଶ୍ରଦ୍ଧାକର ସୂପକାର ଓଡ଼ିଶାର ଜଣେ ସ୍ୱାଧୀନତା ସଂଗ୍ରାମୀ, ବଶିଷ୍ଟ ଓ ଦକ୍ଷ ବ୍ୟବସ୍ଥାପକ ଓ ସୁସାହିତ୍ୟିକ ଥିଲେ । ଓଡ଼ିଶା ସ୍ୱାଧୀନତା ସଂଗ୍ରାମରେ ସେ ସକ୍ରିୟ ଅଂଶ ଗ୍ରହଣ କରି ସମ୍ବଲପୁର ଜିଲା ଅଧିବାସୀଙ୍କୁ ଜାତୀୟ ସ୍ରୋତରେ ସାମିଲ କରିବା ଗୌରବ ଅର୍ଜନ କରିଥିଲେ । ସେ ଜଣେ ଉଚ୍ଚ କୋଟିର ବ୍ୟବସ୍ଥାପକ ଭାବରେ ଓଡ଼ିଶାର ବିଭିନ୍ନ ସମସ୍ୟା ଉପରେ ଯେଉଁସବୁ ମତାମତ ପ୍ରକାଶ କରିଥିଲେ ତାହା ଥିଲା ଗଠନମୂଳକ ଓ ସୁଚିନ୍ତିତ । ରାଜ୍ୟ ବିଧାନସଭାରେ ତାଙ୍କର ଭାଷଣଗୁଡ଼ିକୁ ଏକାଠି ସଂଗ୍ରହ କରି ପ୍ରକାଶ କରାଯିବା ଆବଶ୍ୟକ । ତାଙ୍କ ମତାମତରେ ଏବେ ମଧ୍ୟ ପ୍ରାସଙ୍ଗିକତା ରହିଛି । ସେଗୁଡ଼ିକ ସୁଚିନ୍ତିତ ଓ ଭବିଷ୍ୟତ ଓଡ଼ିଶା ଗଠନରେ ସାହାଯ୍ୟ କରିବ ।

ଡଃ ସୂପକାର ସାହିତ୍ୟ ସାଧନା ଓଡ଼ିଶାର ସାହିତ୍ୟିକ ଓ ଜନସାଧାରଣଙ୍କ ପାଇଁ ଅଧିକ ମୂଲ୍ୟବାନ । କଟକଠାରେ ଗୋଟିଏ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରେ ତାଙ୍କ ସହିତ ମୋର ଶେଷ ଦେଖା ହୋଇଥିଲା । ସେହି ସାରସ୍ୱତ ଉତ୍ସବରେ ସେ ଉଦ୍‌ବୋଧନ ଦେଇ ଅନ୍ୟାନ୍ୟ ସୂଚନା ଭିତରେ ମତ ପ୍ରକାଶ କରିଥିଲେ ଯେ ଓଡ଼ିଆ ଭାଷାରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ବ୍ୟାପକ ଉଦ୍ୟମ ହେବା ଆବଶ୍ୟକ । ବିଜ୍ଞାନର ନୂଆ ନୂଆ ଉଦ୍‌ଭାବନ ଗୁଡ଼ିକୁ ଓଡ଼ିଆ ଭାଷାରେ ସରଳ ଓ ସୁଖପାଠ୍ୟ ପୁସ୍ତିକା ଆକାରରେ ପ୍ରକାଶ କରିବା ପାଇଁ ସେ ସୂଚନା ଦେଇଥିଲେ । ଏହା ଏକ ସମୟୋପଯୋଗୀ ଓ ସୁଚିନ୍ତିତ ମତ, କଳା ଓ ବିଜ୍ଞାନର ସମସ୍ତ ବିଭାବ ଓଡ଼ିଆ ସାହିତ୍ୟରେ ସ୍ଥାନ ନପାଇଲେ ଓଡ଼ିଆ ସାହିତ୍ୟକୁ ଆଧୁନିକ ଉନ୍ନତ ସାହିତ୍ୟ ବୋଲି କୁହାଯାଇ ପାରିବ ନାହିଁ । କଳା ଓ ବିଜ୍ଞାନର ସମସ୍ତ ବିଭାବ ଅର୍ଥାତ୍ ରାଜନୀତି, ଭାଷା, ଦର୍ଶନ ତଥା ପଦାର୍ଥ ବିଜ୍ଞାନ, ରସାୟନ-ବିଦ୍ୟା, ମହାକାଶ ବିଜ୍ଞାନ ଓ ଜୀବବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଗୁଡ଼ିକ ସମ୍ବନ୍ଧରେ ସାଧାରଣ ଲୋକ ବୁଝିବା ଭଳି ଭାଷାରେ ପୁସ୍ତକମାନ ପ୍ରକାଶିତ ହେବା ବାଞ୍ଛନୀୟ । ଏହା ହେଲେ ଓଡ଼ିଆଭାଷା ସମୃଦ୍ଧ ହେବ ଏବଂ ଓଡ଼ିଆଭାଷା ମଧ୍ୟ ସମର୍ଥ ହେବ । ଓଡ଼ିଆ ଭାଷାକୁ ସମର୍ଥ ନକଲେ ଏହା ଜ୍ଞାନର ବୋଝ

Source: Author, Digitized by PPRACHIN, SOA

ସମ୍ଭାଳି ପାରିବ ନାହିଁ । ଓଡ଼ିଆ ଭାଷାକୁ ଏପରି ସମର୍ଥ କରିବାକୁ ହେବ ଯାହା ଜ୍ଞାନ ଓ ବିଜ୍ଞାନର ଯେକୌଣସି ବିଷୟ ପ୍ରକାଶ କରିବାକୁ ସମର୍ଥ ହେବ । ଡଃ ସୂପକାର ଓଡ଼ିଆ ଭାଷାର ଏହି ଉନ୍ନତ ଓ ସମର୍ଥ ରୂପ ଦେଖିବାକୁ ଚାହିଁଥିଲେ । ଏ କାମ ଜଣକ ଦ୍ଵାରା ହେବ ନାହିଁ । ବହୁ ଲେଖକ ଏକାବେଳକେ କଠିନ ପରିଶ୍ରମ କରି ଲାଗିଲେ ଯାଇ ହେବ ।

ଜ୍ଞାନ ଓ ବିଜ୍ଞାନର ସମସ୍ତ ବିଷୟରେ ମୌଳିକ ତଥ୍ୟ ସମ୍ପର୍କରେ ସାଧାରଣ ଜ୍ଞାନ ନଥିଲେ ଜଣେ ଲୋକକୁ ଆଧୁନିକ ଯୁଗର ଜଣେ ଶିକ୍ଷିତ ବ୍ୟକ୍ତି ବୋଲି କୁହାଯାଇ ପାରିବ ନାହିଁ । ଯେଉଁମାନେ କଳା ବିଭାଗ ଅର୍ଥାତ ରାଜନୀତି, ଅର୍ଥନୀତି ଓ ଦର୍ଶନ ଆଦି ବିଦ୍ୟାରେ ବିଶେଷଜ୍ଞ ହୋଇଛନ୍ତି ସେମାନଙ୍କୁ ବିଜ୍ଞାନର ବିଭିନ୍ନ ବିଭାଗ ବିଷୟରେ ମୌଳିକ ଜ୍ଞାନ ହାସଲ କରିବାକୁ ହେବ ଓ ସେହିପରି ଜଣେ ବିଜ୍ଞାନର ଛାତ୍ରକୁ ମଧ୍ଯ ବିଜ୍ଞାନର ଅନ୍ୟାନ୍ୟ ବିଭାଗ ତଥା କଳାର ବିଭିନ୍ନ ବିଭାଗରେ କିଛି କିଛି ଜ୍ଞାନ ହାସଲ କରିବାକୁ ହେବ । ତାହା କଲେଯାଇ ଜଣେ ବ୍ୟକ୍ତିକୁ ପ୍ରକୃତରେ ଶିକ୍ଷିତ ବ୍ୟକ୍ତି ବୋଲି କୁହାଯିବ । ଏହିଭଳି ଶିକ୍ଷାକୁ Liberalised ବା Integrated Education ବୋଲି କୁହାଯାଉଛି । ଓଡ଼ିଆରେ ଏହାକୁ ସମନ୍ଵିତ ଶିକ୍ଷା ବୋଲି କୁହା ଯାଉଛି । ପୃଥିବୀର ଜ୍ଞାନୀ ଲୋକମାନେ ଏହିଭଳି ସମନ୍ଵିତ ଶିକ୍ଷା ଉପରେ ଜୋର ଦେଉଛନ୍ତି । ସେଥିପାଇଁ ଡଃ ସୂପକାର ଚାହୁଁଥିଲେ ଯେ ଓଡ଼ିଆ ଭାଷାରେ କଳା ଓ ବିଜ୍ଞାନର ବିଭିନ୍ନ ବିଷୟର ପୁସ୍ତକମାନ ପ୍ରଣୀତ ହେଉ । ତାଙ୍କର ଏହି ଅନ୍ତିମ ଇଚ୍ଛା ପୂରଣ ଦିଗରେ ଆମେ ସମସ୍ତେ ଉଦ୍ୟମ କଲେ ଆମେ ତାଙ୍କର ସ୍ମୃତିକୁ ସ୍ଥାୟୀ କରି ପାରିବା ।

ଏହି ମହାନ ଆତ୍ମାଙ୍କ ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

୧୧୩, ବାପୁଜୀ ନଗର
ଭୁବନେଶ୍ଵର

Source: Author, Digitized by PPRACHIN, SOA

ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଡଃ ସୂପକାର

● ଡକ୍ଟର ବ୍ରଜକିଶୋର ସ୍ୱାଇଁ

୧୯୮୧ ମସିହା ଜୁଲାଇ ମାସ ୭ ତାରିଖରେ ପୁରୀରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାଦିନୁ ଡକ୍ଟର ଶ୍ରଦ୍ଧାକର ସୂପକାର ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଉକ୍ତ ବିଶ୍ୱବିଦ୍ୟାଳୟ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ । ତତ୍କାଳୀନ କୁଳାଧିପତି ତଥା ରାଜ୍ୟପାଳ ଶ୍ରୀଯୁକ୍ତ ସି. ଏମ୍. ପୁନାଚ୍ଚ ଏବଂ କୁଳପତି ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କର ସେ ଅନ୍ତରଙ୍ଗ ବନ୍ଧୁ ଥିଲେ । ବିଶ୍ୱବିଦ୍ୟାଳୟର ପ୍ରଥମ ଅଧିଷଦରେ ସେ ବରିଷ୍ଠ ସଦସ୍ୟ ଥିଲେ । ତତ୍କାଳୀନ କୁଳସଚିବ ତଥା ପରବର୍ତ୍ତୀ କୁଳପତି ପ୍ରଫେସର ତ୍ରିଲୋଚନ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ପରିଚାଳନା କ୍ଷେତ୍ରରେ ସେ ଜଣେ ସବୁଜ ପତାକାଧିକାରୀ ଥିଲେ । ବିଶ୍ୱବିଦ୍ୟାଳୟର ପ୍ରଥମ ସିନେଟର ପ୍ରଥମ ଅଧିବେଶନ ପୁରୀ ରାଜଭବନ ପରିସରର ବାଲୁକା ପ୍ରାନ୍ତରରେ ଯେତେବେଳେ ଅନୁଷ୍ଠିତ ହୁଏ, ସେତେବେଳେ ଜଣେକ ସିନେଟ ସଦସ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଅନାବଶ୍ୟକତା ସମ୍ପର୍କରେ କେତେକ ଯୁକ୍ତି ଉପସ୍ଥାପିତ କଲାବେଳେ ବୟୋଜ୍ୟେଷ୍ଠ ସଦସ୍ୟ ତଥା ପ୍ରାକ୍ତନ ଅଧ୍ୟକ୍ଷ କଶୋରୀ ମୋହନ ଦ୍ୱିବେଦୀ ଏବଂ ଡକ୍ଟର ଶ୍ରଦ୍ଧାକର ସୂପକାର ତାଙ୍କ ଯୁକ୍ତିର ଦୃଢ଼ ମୁକାବିଲା କରିଥିଲେ । ଡକ୍ଟର ସୂପକାର କହିଲେ ନିଜର ମା' ବୃଦ୍ଧା ହୋଇଗଲେ ତାଙ୍କର ଆବଶ୍ୟକତା ନାହିଁ ବୋଲି ଯଦି ପୁତ୍ର ଯୁକ୍ତି ଉପସ୍ଥାପନ କରେ, ତେବେ ସେହି କ୍ଷେତ୍ରରେ ଉକ୍ତ ପୁତ୍ରର ପରିସ୍ଥିତି ଯାହା, ଏଠାରେ ମାନ୍ୟବର ସଦସ୍ୟଙ୍କର ଅବସ୍ଥା ସେଇଆ । ଏହି ଯୁକ୍ତିକୁ କୁଳପତି ପ୍ରଧାନ ତର୍ଜମା କରି ବୁଝାଇବା ପରେ ଉକ୍ତ ସିନେଟ ସଦସ୍ୟଙ୍କ ବକ୍ତବ୍ୟକୁ ସିନେଟ ଅଧିବେଶନ ବିବରଣୀରୁ ବାଦ ଦେବାପାଇଁ ପ୍ରସ୍ତାବ ଗୃହୀତ ହେଲା ।

ଡଃ ସୂପକାର ପ୍ରାୟ ଅଧିଷଦର ସମସ୍ତ ଅଧିବେଶନରେ ନିୟମିତ ଭାବରେ ଯୋଗଦାନ କରୁଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗରେ ଅଧ୍ୟାପକ ନିଯୁକ୍ତି ନିମନ୍ତେ ଗଠିତ ହୋଇଥିବା ଅଭିଜ୍ଞ ମଣ୍ଡଳୀର ଯୋଗ୍ୟତା ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ । ସ୍ନାତକୋତ୍ତର

Source: Author, Digitized by PPRACHIN, SOA

ଧର୍ମଶାସ୍ତ୍ର ବିଭାଗର ଅଧ୍ୟାପକ ନିଯୁକ୍ତି ନିମନ୍ତେ ସାକ୍ଷାତକାରବେଳେ ସେ ଅଧିଷଦ ଚୟନର ପର୍ଯ୍ୟବେକ୍ଷକ ଭାବରେ ଦୁଇଥର ଯୋଗଦେଇ କେତେକ କଠିନ ଓ ତାତ୍ତ୍ୱିକ ପ୍ରଶ୍ନମାନ ପଚାରି ଅଭିଜ୍ଞ ପ୍ରଫେସରମାନଙ୍କୁ ଅବାକ କରିଦେଉଥିଲେ ମଧ୍ୟ ତାଙ୍କର ମର୍ଯ୍ୟାଦାବୋଧ ଯୋଗୁ ସମସ୍ତେ ତାଙ୍କ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡଃ ସୂପକାର ଧର୍ମଶାସ୍ତ୍ର ଓ ହିନ୍ଦୁ ଆଇନର — ଜଣେ ପ୍ରଖ୍ୟାତ ବିଦ୍ୱାନ ହୋଇଥିବାରୁ ଅଧିଷଦ ହିଁ ତାଙ୍କୁ ଧର୍ମଶାସ୍ତ୍ର ବିଭାଗର ସାକ୍ଷାତକାରରେ ପର୍ଯ୍ୟବେକ୍ଷକ ଭାବରେ ଯୋଗଦେବାପାଇଁ ଅନୁରୋଧ କରିଥିଲେ । କିନ୍ତୁ ପ୍ରାର୍ଥୀ ଚୟନ ସମ୍ବନ୍ଧରେ ତାଙ୍କର ମତାମତ ଲୋଡ଼ାଯିବାରେ ସେ ନିଜର ମତ ଦେବାକୁ ସ୍ପଷ୍ଟ ମନା କରିଦେଇ କହିଲେ ମୁଁ ପର୍ଯ୍ୟବେକ୍ଷକ, ଅଭିଜ୍ଞ ନୁହେଁ — ଅଭିଜ୍ଞଙ୍କର ମତାମତ ଏଠାରେ ଗ୍ରହଣୀୟ । ଏହା ତାଙ୍କର ବୈଧାନିକ କାର୍ଯ୍ୟକଳାପର ଏକ ନିଖୁଣ ପ୍ରତିଛବି ।

ଡଃ ସୂପକାରଙ୍କୁ ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗର ପ୍ରଥମ ପାଠ୍ୟ ସମିତିର ଅଧ୍ୟକ୍ଷ ଭାବେ ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ରଙ୍କ ଭଳି ଧର୍ମଶାସ୍ତ୍ର ବିଦ୍ୱାନମାନେ ବାଛିଥିଲେ । ବହୁଦିନ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ସମ୍ଭାଳି ଥିଲେ । ତାଙ୍କ ଯୋଗୁ ଧର୍ମଶାସ୍ତ୍ର ପାଠ୍ୟକ୍ରମର ତୁଳନାତ୍ମକ ଧର୍ମବିଜ୍ଞାନ ଏବଂ ଆଧୁନିକ ହିନ୍ଦୁବିଧି ସ୍ନାତକୋତ୍ତର ଶିକ୍ଷାରେ ବାଧ୍ୟତାମୂଳକ ପାଠ୍ୟ ଭାବରେ ସ୍ଥାନ ପାଇଲା । ଉଲ୍ଲେଖଯୋଗ୍ୟ ଯେ ୧୯୮୧ ମସିହା ନଭେମ୍ବର ମାସ ୧୬ ତାରିଖରେ ଯେତେବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗରେ ଆନୁଷ୍ଠାନିକ ଅଧ୍ୟାପନା ଆରମ୍ଭ ହେଲା, ସେତେବେଳେ ଡଃ ସୂପକାର ସର୍ବପ୍ରଥମେ ଧର୍ମଶାସ୍ତ୍ର ବିଭାଗରେ ଅଧ୍ୟାପନା ଉଦ୍‌ଘାଟନ କରିଥିଲେ । ସେହିଦିନୁ ସେ ସ୍ନାତକୋତ୍ତର ବିଭାଗର ସମସ୍ତ ସଦସ୍ୟଙ୍କ ସହିତ ଖୁବ୍ ଘନିଷ୍ଠତାର ସହ ମିଶି ଯାଇଥିଲେ ।

୧୯୮୩ ମସିହାର ତତ୍କାଳୀନ କୁଳପତି ଡଃ ସତ୍ୟବ୍ରତ ଶାସ୍ତ୍ରୀ କିଛିଦିନ ପାଇଁ ଜର୍ମାନୀ ଗସ୍ତରେ ଚାଲିଯିବାରୁ ଡଃ ସୂପକାର ସଂସ୍କୃତ ବିଶ୍ୱ-ବିଦ୍ୟାଳୟର ଚତୁର୍ଥ କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କର ପ୍ରଥମ ମାସର କାର୍ଯ୍ୟ କାଳ ମଧ୍ୟରେ ସ୍ୱର୍ଗତ କୁଳପତି ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପଡ଼ିଥିବାରୁ ସେ ପ୍ରଥମ ମାସର ଦରମାଟି ପ୍ରଫେସର ପ୍ରଧାନଙ୍କର ଶ୍ରାଦ୍ଧବାସରୀୟ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟୟ

Source: Author, Digitized by PPRACHIN, SOA

କରିଥିଲେ । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଅନେକ ଉଲ୍ଲେଖଯୋଗ୍ୟ ପୁସ୍ତକ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପାଠାଗାରକୁ ବଛାଯାଇ କିଣାଯାଇଥିଲା । ସେ ସେତେବେଳେ ପୁରୀ ରାଜଭବନ ମଧ୍ୟରେ ଥିବା କୁଳପତିଙ୍କ ଆବାସରେ ରହୁଥିଲେ । ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ଜଗନ୍ନାଥ ଦର୍ଶନ କରି ମରିଚ-କୋଟ ଲେନରେ ଥିବା ସ୍ନାତକୋତ୍ତର ବିଭାଗ ବାଟ ଦେଇ ତାଙ୍କର ବିଜନବେଳ, ପୁରୀ କାର୍ଯ୍ୟାଳୟକୁ ଆସୁଥିଲେ । ଆସିବାବେଳେ ୧୦ ରୁ ୨୦ ଖଣ୍ଡ ବହି ଦୈନିକ ପଢ଼ିବାପାଇଁ ସେ ଲାଇବ୍ରେରୀରୁ ଆଣି ୪ଟା ବେଳେ ଫେରସ୍ତ ଦେଉଥିଲେ । ଇତିମଧ୍ୟରେ ପୁରୀର କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ପରିସରରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଅଧ୍ୟାପନା କାର୍ଯ୍ୟ ହେବା ପାଇଁ ନିଷ୍ପତ୍ତି ନିଆଯାଇ କାର୍ଯ୍ୟାରମ୍ଭ ହୋଇଥିଲେ ମଧ୍ୟ ସେ ତାହାକୁ ନାପସନ୍ଦ କରୁଥିଲେ । ଏଥିରେ କେତେକ ଅସୁବିଧା ହୋଇ ବିଶ୍ୱବିଦ୍ୟା-ଳୟର ଛାତ୍ର ଓ ଅଧ୍ୟାପକମାନଙ୍କର ସମ୍ମାନରେ ଆଞ୍ଚ ଆସିବା ଭଳି କାର୍ଯ୍ୟ ସୃଷ୍ଟି ହେବାରୁ ଡ଼: ସୂପକାର କୁଳପତି ଦୃଷ୍ଟିରୁ କୁଳାଧିପତି ତଥା ରାଜ୍ୟପାଳଙ୍କ ଦୃଷ୍ଟିକୁ ସେ କଥା ଆଣି ନିଜେ ସେଥିପାଇଁ ଦୁଃଖ ପ୍ରକାଶ କରିଥିଲେ । ଏହା ତାଙ୍କର ଶିକ୍ଷାନୁଷ୍ଠାନର ସ୍ୱାତନ୍ତ୍ର୍ୟ ପ୍ରତି ସମ୍ମାନବୋଧ ସୂଚକ ପଦକ୍ଷେପ । ସେ ନିୟମିତ ଭାବେ ସପ୍ତାହରେ ଥରେ ଛାତ୍ରାବାସ ପରିଦର୍ଶନ କରୁଥିଲେ । ତାଙ୍କ ସମୟରେ ପରୀକ୍ଷା ଦେବା ନିମନ୍ତେ ଶ୍ରେଣୀ-ରେ ଅତ୍ୟାବଶ୍ୟକ ଉପସ୍ଥାନ ନ ଥିବାରୁ କେତେକ ଛାତ୍ର ଧର୍ମଘଟ କରି ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଦାବୀ କଲେ ଯେ କୁଳପତି ଅଧ୍ୟାପକମାନଙ୍କ ଉପରେ ଚାପ ପକାଇ ଅଧିକ ଉପସ୍ଥାନ କରିବା ଦିଅନ୍ତୁ । ଛାତ୍ରମାନଙ୍କର ଏତାଦୃଶ ଦାବୀକୁ ସମର୍ଥନ କରି କେତେକ ଓକିଲ ତାଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରିବାରୁ ସେ ନିଜ ସିଦ୍ଧାନ୍ତରେ ଅଟଳ ରହି ଅଧ୍ୟାପକମାନଙ୍କର ମର୍ଯ୍ୟାଦା ଏବଂ ସ୍ୱାତନ୍ତ୍ର୍ୟକୁ କ୍ଷୁର୍ଣ୍ଣ କରିବାକୁ ଦେବେ-ନାହିଁ ବୋଲି କହିବାରୁ ଛାତ୍ରମାନେ ବାଧ୍ୟ ହୋଇ ଧାରଣା ପ୍ରତ୍ୟାହାର କଲେ ।

ତାଙ୍କ ସମୟରେ ବିଶ୍ୱବିଦ୍ୟାଳୟର ଏକ ପରୀକ୍ଷା କେନ୍ଦ୍ରରେ ଅସ୍ୱାଭାବିକ ଅବସ୍ଥା ସୃଷ୍ଟି ହେବାରୁ ଏବଂ ପରୀକ୍ଷା ପର୍ଯ୍ୟବେକ୍ଷକଙ୍କ ପ୍ରତି ଅଯୌକ୍ତିକ ବ୍ୟବହାର ପ୍ରଦର୍ଶନ କରାଯାଉଥିବାରୁ ସେ ଉକ୍ତ କେନ୍ଦ୍ରର ପରୀକ୍ଷା ବାତିଲ କରି ଅଧିବେଶନରେ ପରୀକ୍ଷା ପର୍ଯ୍ୟବେକ୍ଷକଙ୍କ ପ୍ରତି ସମବେଦନା ଜ୍ଞାପନ କରି ପ୍ରସ୍ତାବ ଗ୍ରହଣ କରାଇଥିଲେ । ଉକ୍ତକେନ୍ଦ୍ରରେ ପରେ ଆଉ ପରୀକ୍ଷା ହେବ-

Source: Author, Digitized by PPRACHIN, SOA

ନାହିଁ ବୋଲି ନିଷ୍ପତ୍ତି ନିଆଯିବାରୁ ଏବଂ ଉକ୍ତ ନିଷ୍ପତ୍ତିକୁ ବଦଳାଇବା ପାଇଁ ନାନା ଚାପ ପଡ଼ିଥିଲେ ମଧ୍ୟ ସେ ନିଷ୍ପତ୍ତି ବଦଳାଇ ନଥିଲେ । ସବୁଠାରୁ ମର୍ଯ୍ୟାଦାର କଥା ହେଉଛି ଯେ, ଯେଉଁଦିନ କୁଳପତି ଭାବରେ ତାଙ୍କର କାର୍ଯ୍ୟକାଳ ସମାପ୍ତ ହେଲା, ସେହିଦିନ ସନ୍ଧ୍ୟା ୪ଟା ବେଳେ ସେ ତାଙ୍କ ଅଫିସରୁ ବିଦାୟ ନେଇ ସିଧା ସମ୍ବଲପୁର ନିଜ ବାସସ୍ଥାନ ପ୍ରତ୍ୟାବର୍ତ୍ତନ କଲେ । ଏହା ତାଙ୍କର କ୍ଷମତା ଓ ପଦବୀ ପ୍ରତି ନିର୍ଲୋଭତାର ଅନ୍ୟ ଏକ ପରିଚୟ ।

ସେ ବିଧାୟକ ଥିବାବେଳେ ଓଡ଼ିଶା ବିଧାନସଭା ପକ୍ଷରୁ ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଥିଲେ । ବିଧାନସଭାରେ ଯେତେବେଳେ ସଂସ୍କୃତ ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟ କଥା ପଡ଼େ, ସେତେବେଳେ ତାଙ୍କ ମନ୍ତବ୍ୟକୁ ଗୁରୁତ୍ୱ ଦିଆଯାଇଥାଏ । ବିଶ୍ୱବିଦ୍ୟାଳୟ ଗବେଷଣା ପରିଷଦରେ ସେ ୪ ଥର ସଦସ୍ୟ ଥିଲେ । ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ସଦସ୍ୟ ତାଙ୍କୁ କେବଳ ଜଣେ ଅଧିକାରୀ ଭାବରେ ମଣୁନଥିଲେ । ନିଜର ଖୋଦ୍ ଅତି ଆପଣାର ଭାବି ତାଙ୍କ ପ୍ରତି ନିଷ୍କପଟ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ନିବେଦନ କରୁଥିଲେ । ସଂସ୍କୃତ ବିଶ୍ୱବିଦ୍ୟାଳୟ ସହିତ ତାଙ୍କର ଏତାଦୃଶ ଅତୁଟ ସମ୍ପୃକ୍ତି ଯାବଚ୍ଚନ୍ଦ୍ର ଏବଂ ସମସ୍ତଙ୍କ ମାନସପଟରେ ଅଲିଭା ସ୍ମୃତି ଭାବରେ ରହିବ ହିଁ ରହିବ ।

ଉପାଚାର୍ଯ୍ୟ, ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗ
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଶ୍ରୀବିହାର, ପୁରୀ

Source: Author, Digitized by PPRACHIN, SOA

ଡକ୍ଟର ସୂପକାରଙ୍କ ସ୍ମରଣେ

ଶ୍ରୀ ହରିହର ବାହିନୀପତି

ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ବିୟୋଗ ଗୋଟିଏ ବର୍ଷ ହୋଇଥିଲେ ହେଁ, ତାଙ୍କର ନିଷ୍ଠା, ସାଧନା ଓ ଦେଶ-ପ୍ରୀତି ଗୋଟିଏ ଯୁଗ ପରି ମନେ ହେଉଛି । ତାଙ୍କ ଭଳି ଏକାଧାରରେ ସଂଗ୍ରାମୀ, ସଙ୍ଗଠକ, ଲେଖକ, ଭାବୁକ, ଆଇନ୍‌ଜୀବୀ, ସର୍ବୋପରି ଜଣେ ଶ୍ରେଷ୍ଠ ବ୍ୟବସ୍ଥାପକ, ତଥା ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ସଫଳ ବିରୋଧୀ ଦଳର ନେତାର ସମନ୍ୱିତ ବ୍ୟକ୍ତିତ୍ୱ, ଆମ ରାଜ୍ୟରେ କେବଳ କାହିଁକି ସାରା ଦେଶରେ ମଧ୍ୟ ବିରଳ ।

ଓଡ଼ିଶାର ଆର୍ଥିକ ବିଶେଷତଃ କୃଷି ଓ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ବିକାଶ ପାଇଁ ମହାନଦୀର ହୀରାକୁଦ ବନ୍ଧ ଯୋଜନାର ଜରୁରୀ ଆବଶ୍ୟକତା ପଡ଼ିବା ସ୍ୱାଭାବିକ; କିନ୍ତୁ ସେଥିପାଇଁ ଯେଉଁ ଅସଂଖ୍ୟ ଲୋକ ସେମାନଙ୍କର ଭିଟା-ମାଟି, ଜୀବନର ଅବଲମ୍ବନ ପାଇଁ ଅଳ୍ପ-କେତେକ ଚାଷ ଜମିରୁ ବି ବୁଡ଼ି ଅଞ୍ଚଳ ନାମରେ ବଞ୍ଚିତ ହେଲେ, ସେମାନଙ୍କର ଉପଯୁକ୍ତ ଥଇଥାନ ଏପରିକି ସର୍ବନିମ୍ନ ମାନବିକ ନ୍ୟାୟ ସେମାନଙ୍କ ପ୍ରତି କରିବାକୁ ସଂପୃକ୍ତ ଶାସନକୁ କର୍ତ୍ତବ୍ୟନିଷ୍ଠ କରିବାର ଆବଶ୍ୟକତା ଥିଲା କି ନାହିଁ, ତାହା ଆଜି ପ୍ରତ୍ୟେକ ଉପଲବ୍ଧି କରୁଥିବେ । ଏହି ଆନ୍ଦୋଳନର ଅନ୍ୟତମ ପ୍ରାଣ-ପ୍ରତିଷ୍ଠାତା ଭାବରେ ଡକ୍ଟର ସୂପକାର ଚିର ସ୍ମରଣୀୟ । ଖାଲି ସେତିକି ନୁହେଁ, ସ୍ୱାଧୀନତାର ଅବ୍ୟବହିତ ପରେ, ଦେଶରେ ଗଣତାନ୍ତ୍ରିକ ସାମ୍ବିଧାନିକ ପ୍ରକ୍ରିୟାରେ ଯେତେବେଳେ ଶାସନର ପ୍ରଥମ ସୂତ୍ରପାତ ହୋଇଛି, ସେତେବେଳେ ଓଡ଼ିଶା ଭଳି ଅପେକ୍ଷାକୃତ ଅଧିକତର ଏକ ଅର୍ଥନୈତିକ ଅନଗ୍ରସର ରାଜ୍ୟର ବ୍ୟବସ୍ଥା ସଭାରେ ବିରୋଧୀ ଦଳର ନେତା ଭାବରେ ତାଙ୍କର ଭୂମିକା ପାଇଁ, ସେ ଏ ଜାତିର ଚିର ନମସ୍ୟ ହୋଇ ରହିବେ, ତାଙ୍କର ଗଠନମୂଳକ ସମାଲୋଚନା ଭିତରେ ଭରି ରହିଥିବା ବଳିଷ୍ଠ, ନିର୍ଭୀକ ତଥା ସାରଗର୍ଭକ ଯୁକ୍ତି ଶାସନ କ୍ଷେତ୍ରକୁ ଯେପରି ସଂଯତ, ଉନ୍ନତ ଓ ଗତିଶୀଳ କରୁଥିଲା, ସେ ସବୁ ଅନୁଭୂତିର କଥା । ଜଣେ ସଚ୍ଚୋଟ ରାଜନୀତିଜ୍ଞ ଓ ବିଶିଷ୍ଟ ନେତା ଭାବରେ, ବିଶେଷତଃ ଓଡ଼ିଶାର ତତ୍‌କାଳୀନ "ଗଣତନ୍ତ୍ର ପରିଷଦ" ଯାହାକି ରଜା ରାଜୁଡ଼ାଙ୍କ ଦଳ ବୋଲି କହି, କେତେକ ତଥା କଥିତ ପ୍ରଗତିବାଦୀ ବା ସମାଜବାଦୀ

Source: Author, Digitized by PPRACHIN, SOA

ବ୍ୟକ୍ତ ନାକ ଟେକୁଥିଲେ, ସେହି ଗଣତନ୍ତ୍ର ଚେତନାର, ମୂଲ୍ୟବୋଧ ପ୍ରଭାବରେ ସେ ଯେଉଁ ଧୀର, ଗମ୍ଭୀର, ଶାଣିତ୍ ଏବଂ ବିଚକ୍ଷଣ ଭାଷଣ ଦିଅନ୍ତି, ତାହା ଶୁଣିଥିବା ଲୋକେ ଜାଣନ୍ତି ।

ଅଥଚ ଶ୍ରଦ୍ଧାକର ବାବୁ କେବଳ ବାକ୍ୟବୀର ନଥିଲେ, ସେ ଥିଲେ କର୍ମବୀର । ପରିଣତ ବୟସରେ ମଧ୍ୟ, ଜଣେ ଆଇନଜୀବୀ ଭାବରେ ତାଙ୍କର ନିଷ୍ଠା ଓ ଦକ୍ଷତା, ବାସ୍ତବିକ୍ ପ୍ରଣିଧାନ ଯୋଗ୍ୟ ।

କାଲିପରି ମନେ ପଡୁଛି । ସମ୍ବଲପୁରରେ ତାଙ୍କ ବାସଭବନରେ, ସେ ଦିନର, ମୋ ପ୍ରତି ତାଙ୍କର ଅଭୁଲା ଆତିଥେୟତା । ତାଙ୍କର ସରଳ, ବିମଳ ବ୍ୟବହାର ।

ଆଜି ଶ୍ରଦ୍ଧାକର ବାବୁଙ୍କ ସ୍ମୃତିଚାରଣ କଲାବେଳେ ଘଟଣାଚକ୍ରରେ ବନ୍ଧୁ ସମରେନ୍ଦ୍ର କୁଣ୍ଡୁଙ୍କ ଅକାଳ ବିୟୋଗ ଏବଂ ଶ୍ରଦ୍ଧାକର ବାବୁଙ୍କ ସହିତ ସେହି ଜଡ଼ିତ ସ୍ମୃତି ମୋ ମନ ଗହନକୁ ଆବୋରି ବସୁଛି । ସମ୍ଭବତଃ ୧୯୭୮ ମସିହା । ସ୍ୱର୍ଗତଃ କୁଣ୍ଡୁ ଥାଆନ୍ତି, ଭାରତର ସରକାରଙ୍କର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ, କେନ୍ଦ୍ରରେ ପ୍ରଥମ ଅଣକଂଗ୍ରେସ, ଜନତା ସରକାରରେ, ଓଡ଼ିଶାରେ ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସଭାପତିତ୍ୱ ଓ ମୋ ସମ୍ପାଦକତ୍ୱରେ ଓଡ଼ିଶା ମିଳିତ ଜାତିସଂଘ ଆସୋସିଏସନ, ରାଜ୍ୟ ସ୍ତରରେ ସଙ୍ଗଠିତ ହୋଇଥାଏ । ସ୍ୱର୍ଗତଃ କୁଣ୍ଡୁ ମଧ୍ୟ ଏହି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା, ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥାଆନ୍ତି । ଦକ୍ଷିଣ ଆଫ୍ରିକାରେ ସେତେବେଳେ ସୃଷ୍ଟି ହୋଇଥିବା ଦାରୁଣ ବର୍ଣ୍ଣ ବୈଷମ୍ୟ ସମସ୍ୟା ଉପରେ ଏହି ଆଲୋଚନା ଚକ୍ର, ଭୁବନେଶ୍ୱରଠାରେ ଆହୂତ ହୋଇଥାଏ । ଡକ୍ଟର ସ୍ତମ୍ଭକାର ଆସି ଥାଆନ୍ତି, ଏହି ପାଠଚକ୍ରର ଆଲୋଚନାରେ ଭାଗ ନେବାକୁ । ସେଦିନ ସେହି ଆଲୋଚନାରେ, ଡକ୍ଟର ସ୍ତମ୍ଭକାରଙ୍କର ନିଷ୍ଠା, ଆନ୍ତରିକତା ଓ ଐକାନ୍ତିକତା ମର୍ମେ ମର୍ମେ ଅନୁଭବ କଲି । ସତେ ଯେପରି ସେହି ପରିପକ୍ୱ ବୟସରେ ସେ ଜଣେ ତରୁଣ ମେଧାବୀ କର୍ତ୍ତବ୍ୟରତ ଛାତ୍ର ଭାବରେ କୌଣସି ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ପରୀକ୍ଷା ଦେଉଥିଲେ··· ତାଙ୍କ କଥା କେତେବେଳେ ଭାବିଲେ କି ମନେ ପକାଇଲେ, ତାଙ୍କର ଏହି ଅସାଧାରଣ ଗୁଣ ମୋର ମାନସ ଚକ୍ଷୁରୁ କେବେ ଯାଉ ନାହିଁ କି ଯିବ ନାହିଁ ।

●

କଟେଶ୍ୱ ରୋଡ୍, ପୁରୀ

Source: Author, Digitized by PPRACHIN, SOA

ଅଠସ୍ତରୀ ବର୍ଷର ଶିଶୁ

ଶ୍ରୀ ବାମାପଦ ତ୍ରିପାଠୀ

ଶୈଶବ ସମୟର ହୃଦୟକୁ ପରବର୍ତ୍ତୀ ଅବସ୍ଥାରେ ଯିଏ ହଜାଇ ଦେଇ ନଥାଏ; ବାସ୍ତବରେ ସେ ହିଁ ବଡ଼ମଣିଷ—ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ହିଁ ମେନ୍‌ସିଅସ୍ ନାମକ ମନୀଷୀ ଏହା କହିଛନ୍ତି । ଜଣଙ୍କୁ ବଡ଼ମଣିଷର ଆଖ୍ୟା ଦେବାକୁ ହେଲେ ଜ୍ଞାନର ପରିପକ୍ୱତା ସଙ୍ଗେ ସଙ୍ଗେ ହୃଦୟର ଶୁଦ୍ଧତାକୁ ଦେଖାଯାଏ । ସ୍ୱର୍ଗତ ଶ୍ରଦ୍ଧାକର ସୂପକାରଙ୍କ କ୍ଷେତ୍ରରେ ଉଭୟର ସମୁଚିତ ସମନ୍ୱୟ ଘଟିଥିଲା । ସେ ନିଜର ଜ୍ଞାନ ଓ ଗରିମା ଦ୍ୱାରା ଜନ ମାନସକୁ ଆଲୋକିତ କରୁଥିଲେ । ନିଷ୍କପଟ ହୃଦୟରେ ଶ୍ରଦ୍ଧାର ସାଗର ବାଢ଼ିଦେଇ ତହିଁରେ ସମସ୍ତଙ୍କୁ ପ୍ଲାବିତ କରୁଥିଲେ । ଅକୃତ୍ରିମ ସ୍ନେହ ବଳରେ ଆପଣାର କରି ନିଜର ନାମକୁ ସାର୍ଥକ କରିଦେଇଥିଲେ । ତାଙ୍କର ଆଭିଜାତ୍ୟ ମୁଖମଣ୍ଡଳର ସ୍ମିତ ହାସ୍ୟ ତାଙ୍କର ସଂସ୍ପର୍ଶରେ ଆସିଥିବା ଯେକୌଣସି ବ୍ୟକ୍ତି ବିଶେଷଙ୍କ ନିମନ୍ତେ ସ୍ମରଣୀୟ । ସେ ଶ୍ରେଷ୍ଠ ଅଝଟ ଶିଶୁଟିଏ ଭଳି ବେଳେ ବେଳେ ଅଭିମାନ ମଧ୍ୟ କରୁଥିଲେ । ତନ୍ମଧ୍ୟରେ ଲୁଚି ରହିଥିଲା ତାଙ୍କର ମହାନତା, ତାଙ୍କି ହୋଇ ରହିଥିଲା ଏକ ଶିଶୁ ସୁଲଭ ହୃଦୟ ।

ଜଣେ ସାହିତ୍ୟିକ, ଆଇନଜ୍ଞ, ଶିକ୍ଷାବିତ୍, ସାମ୍ବାଦିକ ତଥା ରାଜନୈତିକ ନେତା ଭାବରେ ତାଙ୍କର ଜୀବନୀ ପର୍ଯ୍ୟାଲୋଚନା କରିବା କିମ୍ବା ତାଙ୍କର ସଫଳତା ବା ବିଫଳତାର ତର୍ଜମା କରିବା ଏହି ଲେଖାର ଉଦ୍ଦେଶ୍ୟ ନୁହେଁ । ଡକ୍ଟର ସୂପକାରଙ୍କ ସଂସ୍ପର୍ଶରେ ବହୁବାର ଆସିବାର ସୌଭାଗ୍ୟ ଅର୍ଜନ କରିଥିବା ଏହି ଲେଖକ କେବଳ ପ୍ରଥମ ଓ ଅନ୍ତିମ ସାକ୍ଷାତ୍ ସମ୍ପର୍କରେ ସଂକ୍ଷିପ୍ତ ବର୍ଣ୍ଣନା କରିବା ସମୀଚୀନ ହେବ । ତହିଁରୁ ତାଙ୍କର ହୃଦୟର ବିଶାଳତା ଉପଲବ୍ଧି ଘଟିବ ।

ଯେକୌଣସି ବ୍ୟକ୍ତି ସହିତ ପ୍ରଥମ ଓ ଶେଷ ସାକ୍ଷାତ ସ୍ମରଣୀୟ ହୋଇ ରହେ । ସ୍ୱର୍ଗତ ସୂପକାର ମୋର ପିତାମହ ସ୍ୱର୍ଗତ ଏଡ଼ଭୋକେଟ ଧ୍ରୁବରାଜ ତ୍ରିପାଠୀଙ୍କର କେବଳ ବାଲ୍ୟବନ୍ଧୁ ନଥିଲେ, ଜୀବନର ପରବର୍ତ୍ତୀ ସୋପାନରେ ବହୁ କ୍ଷେତ୍ରରେ ସହକର୍ମୀ ମଧ୍ୟ ଥିଲେ । ବନ୍ଧୁତା ପାଶରେ ଆବଦ୍ଧ ଉଭୟ ସଙ୍ଗୀ ସୁଯୋଗ ପାଇବା ମାତ୍ରେ ପରସ୍ପର ଘରକୁ ଯିବା

Source: Author, Digitized by PPRACHIN, SOA

ଆସିବା କରୁଥିଲେ । ତେଣୁ ପିଲାଦିନରୁ ଯଦିଓ ତାଙ୍କୁ ମୁଁ ଜାଣିଥିଲି, ପ୍ରଥମ ଥର ପାଇଁ ୧୯୬୭ରେ ତାଙ୍କ ସହିତ ଅନ୍ତରଙ୍ଗ ମୁହୂର୍ତ୍ତ କଟାଇବାର ସୁଯୋଗ ଲାଭ କରିଥିଲି । ଆମ ଗାଁ ବରପାଲି ନିକଟସ୍ଥ ଭୁଲଣ୍ଡି ଗ୍ରାମରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଶ୍ରୀଗୋବର୍ଦ୍ଧନ ପୂଜା ଅବସରରେ ଏକ ବନ୍ଧୁମିଳନ ତଥା ସମାବେଶର ଆୟୋଜନ ହେଉଥାଏ । ଉକ୍ତ ସୂପକାର ତହିଁରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାର ଥାଏ । ବରପାଲି ପର୍ଯ୍ୟନ୍ତ ବସ୍‌ରେ ଆସିବା ପରେ ତାଙ୍କୁ ରିକ୍‌ସା ଯୋଗେ ଗ୍ରାମକୁ ଅଣାଯିବା କଥା । ଉକ୍ତ ସୂପକାର କୌଣସି କାରଣ ବଶତଃ ନିର୍ଦ୍ଧାରିତ ସମୟଠୁ ବିଳମ୍ବରେ ପହଞ୍ଚିଥିଲେ । ତାଙ୍କୁ ପାଛୋଟି ଆଣିବା ପାଇଁ ଅପେକ୍ଷାରତ ଗ୍ରାମବାସୀମାନେ ଫେରି ଆସିଥିଲେ । କିଛି ସମୟ ପରେ ଦେଖାଗଲା ଜଣେ ନିରାଡ଼ମ୍ବର ସମ୍ଭ୍ରାନ୍ତ ବ୍ୟକ୍ତି ଗାଁ ଦାଣ୍ଡରେ ଚାଲି ଚାଲି ଆସୁଛନ୍ତି । ଜଣେ ଶିକ୍ଷକ, ଯିଏକି ପୂର୍ବରୁ ତାଙ୍କୁ ଦେଖିଥିଲେ, ହଠାତ୍ ପାଟିକରି ଉଠିଲେ, "ଆଜି ଆମ ଗାଁର ସୌଭାଗ୍ୟ ଦେଖ, ଦେଖ, ବହୁତ ବଡ଼ ଲୋକଟିଏ—ଶ୍ରଦ୍ଧାକର ସୂପକାର ଆସିଲେଣି ।" ଆମେ ଖବର ପାଇ ପଛେ ପଛେ ଆମ ବାସଭବନକୁ ଗଲୁ । ଶ୍ରଦ୍ଧାକର ବାବୁଙ୍କ ପଛରେ ସେତେବେଳେ ବସ୍ତୁତଃ ଏକ କ୍ଷୁଦ୍ର ପଟୁଆର । ପରେ ବୁଝିଲୁ, ବସ୍ ଖରାପ ହେବାରୁ ତାଙ୍କର ବିଳମ୍ବ ହେଲା । ବରପାଲିରେ ପହଞ୍ଚି ଆମ ଗାଁକୁ ଆସିବା ପାଇଁ ସେ ପ୍ରଥମେ ବରପାଲିର ଉତ୍ସାହୀ ରାଜନୈତିକ କର୍ମୀ ଶ୍ରୀ ସିଂହନାଦ ପ୍ରଧାନଙ୍କୁ ଭେଟି କହିଥିଲେ, "ମୋ ପାଇଁ ରିକ୍‌ସାଟିଏ ହେଲେ ଭଲ ହୁଅନ୍ତା । ଦୟାକରି ଠିକ୍ କରିଦିଅ । ମୋ ପାଖରେ କିନ୍ତୁ ରିକ୍‌ସାଭଡ଼ା ନାହିଁ ।" ଠିକ୍ ଶିଶୁସୁଲଭ ସ୍ପଷ୍ଟତା ଓ ନିଷ୍କପଟତା ତହିଁରେ ପରିସ୍ଫୁଟ । ସିଂହନାଦ ବାବୁ ଏହାପରେ ବରପାଲିରେ ମୋର ପିତା ଶ୍ରୀ ଯଶୋଦା ମୋହନ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିଥିଲେ । ଗାଁ ମୁଣ୍ଡ ନଈ ପର୍ଯ୍ୟନ୍ତ ରିକ୍‌ସାରେ ଆସି ସେଠାରୁ ଚାଲି ଚାଲି ସେ ଆସି-ଥିଲେ । ସେ ଦିନର ବିଶାଳ ସମାବେଶରେ ଦୁର୍ଭାଗ୍ୟକୁ ମାଇକ ଖରାପ ହୋଇଗଲା । ତେଣୁ ସେହି ଅସୁବିଧା ମଧ୍ୟରେ କାର୍ଯ୍ୟକ୍ରମ ଚଳାଇ ଦେବାକୁ ହେଲା । ସେତେବେଳେ ମୁଁ ମାତ୍ର ସତର ବର୍ଷର ତରୁଣ । ମୋତେ ଧନ୍ୟବାଦ ଅର୍ପଣର ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବିଭିନ୍ନ ବକ୍ତୃତା ପ୍ରତିଯୋଗିତାରେ ବାରମ୍ବାର ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଥିବା ଏହି ଲେଖକ ସେଦିନ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଭାଷା

Source: Author, Digitized by PPRACHIN, SOA

ଖୋଜିବାକୁ ହେଉଥିଲା । ଏ ଆୟୋଜନରେ ଅନିଚ୍ଛାକୃତ ବିଘ୍ନ ସତ୍ତ୍ୱେ ସେ ଅଧୈର୍ଯ୍ୟ ବିରକ୍ତି ପ୍ରକାଶ କରି ନଥିଲେ ।

ସଭା ସରିବା ବେଳକୁ ପ୍ରାୟ ରାତି । ପରବର୍ତ୍ତୀ ଦିନ ସକାଳୁ ଉତ୍କଳର ସୁଧାକରଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥାଏ । ତେଣୁ ଫେରିଯିବା ଅତ୍ୟନ୍ତ ଜରୁରୀ ବୋଲି କହିଲେ । ସେତେବେଳେ ମୋଟର ବା ସ୍କୁଟର ନଥାଏ । ସମସ୍ତଙ୍କର ଅନୁରୋଧ ସେ ରଖିପାରିଲେ ନାହିଁ । ରାତିଟା ଆମ ଘରେ ସେ ନ କଟାଇ ମାଦ୍ରାଜ--ବୋକାରୋ ଏକ୍ସପ୍ରେସ ଟ୍ରେନ୍ ଯୋଗେ ଫେରିବା କଥା କହିଲେ । ତେଣୁ ମୋର ବାଲ୍ୟବନ୍ଧୁ ସଦାନନ୍ଦ ଓ ମୁଁ ଦୁଇଟି ସାଇକେଲ ଧରି ପାଞ୍ଚ କିଲୋମିଟର ଦୁର୍ଗମ କଚ୍ଚାରାସ୍ତା ଆସିଲୁ । ଉତ୍କଳର ସୁଧାକର ସାଇକେଲ ପଛପଟ କ୍ୟାରିଅର୍‌ରେ ବସି ଆସିଥିଲେ । ବରପାଲି ରେଳ ଷ୍ଟେସନରେ ପହଞ୍ଚିବା ବେଳକୁ ଜଣାପଡ଼ିଲା ଟ୍ରେନ ବିଳମ୍ବ ଅଛି । ତେଣୁ ସେଠାରେ ପୁଣି କେଇଘଣ୍ଟା ତାଙ୍କ ସହିତ ଅତିବାହିତ କରିବାର ସୁଯୋଗ ମିଳିଲା । ପରସ୍ପର ଅନ୍ତରଙ୍ଗ ସେ ବାର୍ତ୍ତା-ଳାପ ଆଜି ମଧ୍ୟ ପ୍ରେରଣାଦାୟକ । ପୂର୍ବରୁ ତାଙ୍କର ଲିଖିତ ଦୁଇ ତିନିଖଣ୍ଡ ପୁସ୍ତକ ପଢ଼ିଥିଲି । ସେଥର ତାଙ୍କୁ ଅନ୍ତରଙ୍ଗ ଭାବେ ଜାଣିଲି ।

ପରବର୍ତ୍ତୀ ଅବସ୍ଥାରେ ମୁଁ ପ୍ରଜାତନ୍ତ୍ର ପ୍ରଚାର ସମିତିରେ ଯୋଗ ଦେବା ପରେ ତାଙ୍କ ସମ୍ପର୍କରେ ଆସିବାକୁ ଅଧିକ ସୁଯୋଗ ପାଇଲି । ତାଙ୍କୁ ଅତି ନିକଟରୁ ଦେଖି ପାରିଲି । ୧୯୮୪ ରେ ହଠାତ୍ ଦିନେ ସ୍ୱର୍ଗତ ହରେକୃଷ୍ଣ ମହତାବ କହିଲେ, ସୁଧାକର ବାବୁ ପୀଡ଼ିତ ବୋଲି ତୁମେ ସବୁ କହୁଛ । ତାଙ୍କ ମଧ୍ୟରେ ଏବେ ବି ଯୌବନର ଉଦ୍ଦାମତା ଭରି ରହିଛି । ସେ ସକ୍ରିୟ ରାଜନୀତିକୁ ଶୀଘ୍ର ଫେରୁଛନ୍ତି । ସେତେବେଳେ ଉତ୍କଳର ସୁଧାକର କର୍କଟ ରୋଗର ଚିକିତ୍ସା କରି ବହୁ ବଡ଼ ବଡ଼ ସହରରୁ ଫେରିଥାନ୍ତି । ସକ୍ରିୟ ଭାବେ ସେ କିଛି କାର୍ଯ୍ୟ କରିବେ ବୋଲି ଜଣା ପଡ଼ୁନଥାଏ । ତେଣୁ ମହତାବଜୀଙ୍କର ମନ୍ତବ୍ୟ ଶୁଣି ବିସ୍ମିତ ହୋଇଥିଲି । ୧୯୮୫ ବିଧାନସଭା ନିର୍ବାଚନରେ ସୁଧାକର ବାବୁ ଲଢ଼ୁଥିବା ବିଷୟ କଂଗ୍ରେସ ଦଳର ପ୍ରାର୍ଥୀ ତାଲିକାରୁ ଜଣା ପଡ଼ିବା ପରେ ସେ କୌତୁହଳ ଦୂର ହେଲା ।

ବାସ୍ତବରେ ଶେଷ ଜୀବନରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଯାଏ ସେ ସକ୍ରିୟ ଥିଲେ । ୧୯୯୨ ଡିସେମ୍ବର ମାସରେ ମୃତ୍ୟୁର କିଛି ଦିନ

Source: Author, Digitized by PPRACHIN, SOA

ପୂର୍ବରୁ ତାଙ୍କ ସହିତ ଶେଷ ଦେଖା । ବୁର୍ଲା ଡାକ୍ତରଖାନାରେ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଶ୍ରୀ ନବକିଶୋର ମହାପାତ୍ର ମୋତେ କହିଲେ ଯେ ଶ୍ରଦ୍ଧାକର ବାବୁ ଏକ କ୍ୟାବିନ୍‌ରେ ଅଛନ୍ତି । କେଥେଡ୍ରାଲ ଦିଆଯିବା ପରେ ଘରକୁ ଫେରିଯିବେ । ଖୁବ୍ କଷ୍ଟ ପାଉଛନ୍ତି । ସମ୍ଭବତଃ ସେ ଆମ ଗହଣରେ ଆଉ ବେଶି ଦିନ ରହିବେ ନାହିଁ । ଶ୍ରଦ୍ଧାକର ବାବୁଙ୍କ ଦର୍ଶନ ନିମନ୍ତେ ମୁଁ ଡାକ୍ତର ମହାପାତ୍ରଙ୍କ ସହ ଗଲି । ତାଙ୍କର ଧୋତି ଇତ୍ୟାଦି ରକ୍ତରେ ଭିଜି ଯାଇଥାଏ । ଏହା ସତ୍ତ୍ୱେ ତାଙ୍କର ହସ ହସ ମୁହଁ । କିଛିପଦ ବାର୍ତ୍ତାଳାପ । ଆମେ ଜାଣିଲୁ ଯେ ସେହି କ୍ୟାବିନରେ ଦୀର୍ଘ ଦିନ ହେଲା ପଙ୍ଖାଟିଏ ମଧ୍ୟ ନାହିଁ । ସମ୍ପ୍ରତି ବୁର୍ଲାର ଉପ-ନଗରପାଳ ବନ୍ଧୁ ଶ୍ରୀ ନାରାୟଣ ପତି ଓ ମୁଁ ଡାକ୍ତର ମହାପାତ୍ରଙ୍କ ସହ ଯତ୍ ସାମାନ୍ୟ ଉଦ୍ୟମ କରି ସମ୍ପୃକ୍ତ ବିଭାଗ ପକ୍ଷରୁ ସେହିଦିନ କ୍ୟାବିନରେ ପଙ୍ଖାଟିଏ ଲଗାଇବାର ବନ୍ଦୋବସ୍ତ କଲୁ । ଏହା ହିଁ ଥିଲା ଡକ୍ଟର ସୂତ୍ରକାରଙ୍କ ନାମର ମହିମା । ଯେଉଁ କାର୍ଯ୍ୟ ବର୍ଷ ବର୍ଷ ଧରି ହୋଇ ପାରୁନଥିଲା ଡକ୍ଟର ସୂତ୍ରକାରଙ୍କ ନାମ ଶୁଣିବା ମାତ୍ରେ ବିଭାଗୀୟ କର୍ମକର୍ତ୍ତାମାନେ ତାହା ପୂରଣ କରି-ଦେଲେ । ସୂତ୍ରକାରବାବୁ ସେହି ଦିନ ନିଜ ଘରକୁ ଫେରି ଆସିଲେ, କିନ୍ତୁ ରୋଗୀଙ୍କ ବ୍ୟବହାରରେ ପଙ୍ଖାଟି ଆସିପାରିଲା । ସେଦିନ ଥିଲା ତାଙ୍କ ସହିତ ମୋର ଶେଷ ସାକ୍ଷାତ । ତାଙ୍କ ସମ୍ମୁଖରେ ଡାକ୍ତର ମହାପାତ୍ର ମୋତେ ଥଟ୍ଟାରେ କହିଲେ, ଆପଣମାନଙ୍କ ଲେଖନୀ 'ବୃଥା' (ଥୁଣ୍ଟା) ହୋଇ ଯାଉଛି କାହିଁକି ? ଏତିକିରେ ସେ ନିଜେ କଥାର ଖିଅ ଧରି କହିଲେ, "ଆମ ସମସ୍ତ ସରି ସରି ଆସୁଛି । ଏବେବି ମୁଁ ପ୍ରତ୍ୟହ ପ୍ରତ୍ୟୁଷରୁ ଲେଖାପଢ଼ା କରୁଛି । ଜ୍ଞାନାର୍ଜନ ନକଲେ ମଣିଷ ନିଜର ମର୍ଯ୍ୟାଦା ହରାଇ ବସେ । ଲେଖା ଲେଖି କଲେ ନିଜର ମର୍ଯ୍ୟାଦା ବୃଦ୍ଧି ପାଏ । ଏହା ପରେ କିଛି ସମୟ ଗପ ସପ ହୋଇଥିଲା । ତାଙ୍କ ସହ ଅନ୍ତିମ ଦେଖା ଯେପରି ସ୍ମରଣୀୟ; ସେପରି ପ୍ରେରଣା ଦାୟକ ।

୧୯୯୩, ଜାନୁୟାରୀ, ୫ ତାରିଖ ଶ୍ରଦ୍ଧାକର ବାବୁ ଟେଲିଫୋନରେ ମ୍ରିୟମାଣ ହୋଇ କେବଳ ଏତିକି କହିଲେ, ଆପଣ ଯେଉଁ ଅବସ୍ଥାରେ ଅଛନ୍ତି ଶୀଘ୍ର ଆସନ୍ତୁ । ସେତେବେଳେ ନାନା ଆଶଙ୍କା ମୋତେ ଛୁଇଁଲା । ଯାଇ ଦେଖିଲି, ଶ୍ରଦ୍ଧାକର ବାବୁ ଶୋଇଛନ୍ତି ମହାନିଦ୍ରାରେ । ଶ୍ରଦ୍ଧାର୍ଘ୍ୟ ପୁଷ୍ପମାଲ୍ୟ ଅର୍ପଣ କଲୁ ଅଶ୍ରୁଳ ନୟନରେ । ସେ ଅଠସ୍ତରୀ ବର୍ଷ

Source: Author, Digitized by PPRACHIN, SOA

ବସୁନ୍ଧରେ ବିଦାୟ ନେଲେ । ଦେଖୁ ଦେଖୁ ଆଜ ବର୍ଷଟିଏ ପୂରିଗଲା । ସମାଜର ପ୍ରତ୍ୟେକ କ୍ଷେତ୍ରରେ ଜଟିଳତା ଚରମ ପର୍ଯ୍ୟାୟରେ ଉପନୀତ । ତାଙ୍କ ଭଳି ସରଳ ମଣିଷଟିଏ ଆଜି ଦୁର୍ଲଭ । ଈଶ୍ୱରଙ୍କ ପାଖରେ ମୋର ଏତିକି ମାଗୁଣି- ପ୍ରଭୁ; ଆମ ସମସ୍ତଙ୍କୁ ଶ୍ରଦ୍ଧାକର ସୂପକାରଙ୍କ ଭଳି ଶିଶୁଟିଏ କରି ଦିଅ ।

ପ୍ରଜାତନ୍ତ୍ର ଭବନ, ସମ୍ବଲପୁର-୧

ସେ ଏକ ତୁଳନାହୀନ ପ୍ରତିଭା

ଶ୍ରୀ ଅନ୍ନଦା ପ୍ରସାଦ ରାୟ

ଶ୍ରଦ୍ଧାକର ସୂପକାର ଆଜୀବନ ଜନହିତାକାଂକ୍ଷୀ, ଅଧ୍ୟବସାୟଶୀଳ, ମାର୍ଗଦର୍ଶୀ, ମହାମନା ବ୍ୟକ୍ତି ଭାବରେ ଦଳ, ମତ ନିର୍ବିଶେଷରେ ସ୍ୱୀକୃତ ଏବଂ ସମ୍ମାନିତ । ସମ୍ବଲପୁରଠାରେ ଜନ୍ମଗ୍ରହଣ କରି ୧୯୯୩ ଜାନୁଆରୀ ୫ ତାରିଖରେ ସେଇ ସମ୍ବଲପୁର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ହସପିଟାଲରେ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ଯେଉଁ ଜୀବନ ଗ୍ରନ୍ଥଟି ଗଢ଼ିଗଲେ, ତାହା ଆମ ପାଇଁ ପ୍ରଣିଧାନଯୋଗ୍ୟ । ୧୯୩୧ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟର ବିଜ୍ଞାନ ଛାତ୍ର ଭାବେ ଆଇ.ଏସ.ସି ପାଶ୍ କରି ୧୯୩୫ ମସିହାରେ ସଂସ୍କୃତରେ ସେ 'ସାହିତ୍ୟାଚାର୍ଯ୍ୟ', ୧୯୩୭ ମସିହାରେ ଇଂରାଜୀରେ ସ୍ନାତକୋତ୍ତର ଉପାଧି ଲାଭ କରି ୧୯୩୮ ମସିହାରେ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୬୩ ମସିହାରେ ଆଇନର ସର୍ବୋଚ୍ଚ ଉପାଧି ଏଲ.ଏଲ.ଏମ୍ ଲାଭ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡ଼ି ପାଇଥିଲେ । ହାରାହାରି ପଚାଶବର୍ଷରୁ ଊର୍ଦ୍ଧ୍ୱକାଳ ସେ ଅଧ୍ୟୟନ ଓ ଅଧ୍ୟାପନା ସହିତ ସମକାଳରେ ସମାଜସେବା, ସାହିତ୍ୟ ସାଧନା ଏବଂ ବ୍ୟବସ୍ଥାପନା କାର୍ଯ୍ୟ ଅତି ଚମତ୍କାର ଭାବରେ ସମ୍ପାଦନା କରି ଏକ ଦୃଷ୍ଟାନ୍ତଯୋଗ୍ୟ ସ୍ଥାନ ମଣ୍ଡନ କରିଥିଲେ । ବିଜ୍ଞାନର ଛାତ୍ର ହୋଇ ସଂସ୍କୃତ, ଇଂରାଜୀ ଓ ଆଇନର ପରିସର ଭିତରକୁ ଜଣେ ସଫଳ ଛାତ୍ର ଭାବରେ ପ୍ରବେଶ କରି ସେ ଏକ ଅଦ୍ଭୁତ ପ୍ରତିଭା ତଥା ମେଧାସମ୍ପନ୍ନ ବ୍ୟକ୍ତି ଭାବରେ ନିଜକୁ ପ୍ରମାଣିତ କରିଛନ୍ତି । ଏକଦା ସେ ରେଭେନ୍ସା କଲେଜର ଇଷ୍ଟ ହଷ୍ଟେଲରେ ରହୁଥିଲେ ଏବଂ ଡ଼ିଗ୍ରୀ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ବହୁଳାଂଶରେ ସେ ନିଜକୁ ଜଣେ ଛାତ୍ର ଭାବରେ ବିଭିନ୍ନ

Source: Author, Digitized by PPRACHIN, SOA

ବିଦେଶରେ ଜ୍ଞାନାହରଣ କରିବା ସଙ୍ଗେ ସଙ୍ଗେ ସେ ସବୁକୁ ବ୍ୟବହାରିକ ଜୀବନରେ ପ୍ରୟୋଗ କରିବାର କୌଶଳ ମଧ୍ୟ ହାସଲ କରିଥିଲେ । ଜ୍ଞାନାର୍ଜନ ସହିତ ସେ ଜନଜୀବନକୁ ମଧ୍ୟ ସଂଯୋଗ କରିଥିଲେ । ୧୯୪୦ ମସିହାରେ ସମ୍ବଲପୁର ଜିଲ୍ଲାବୋର୍ଡ଼କୁ ନିର୍ବାଚିତ ହୋଇ ସେ ସ୍ୱାସ୍ଥ୍ୟ ସମସ୍ୟା ସମାଧାନରେ, ଉନ୍ନୟନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଏଥିପାଇଁ ତାଙ୍କର ଆଇନ ବ୍ୟବସାୟ ଗୌଣ ହୋଇଯାଇଥିଲା ସତ୍ୟ, କିନ୍ତୁ ଆଇନର ସର୍ବୋଚ୍ଚ ଲକ୍ଷ୍ୟ ପ୍ରତି ତାଙ୍କର ପ୍ରଗାଢ଼ ନିଷ୍ଠା ଓ ଆନ୍ତରିକତା ପ୍ରକାଶ କରିଥିଲେ ।

ଉତ୍କଳର ସୁପ୍ରକାଶ ଜଣେ ଗମ୍ଭୀର, ନିର୍ଭୀକ ଓ ନୀତିନିଷ୍ଠ ପଣ୍ଡିତ ବ୍ୟକ୍ତି ଭାବରେ ଓଡ଼ିଶାର ସାଧାରଣ କ୍ଷେତ୍ରରେ ପ୍ରବେଶ କରି ନିଜର ମନୀଷାର ପ୍ରକୃଷ୍ଟ ପ୍ରୟୋଗାତ୍ମକ କ୍ଷେତ୍ର ଭାବରେ ସେ ଶିକ୍ଷା ବିଭାଗକୁ ମଧ୍ୟ ପ୍ରବେଶ କରିଥିଲେ । ୧୯୬୪ ମସିହାରୁ ୧୯୬୬ ମସିହା ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ ଓ ସିଣ୍ଡିକେଟ୍ ସଭ୍ୟ ଭାବରେ ସେ ବହୁ ଉଲ୍ଲେଖଯୋଗ୍ୟ ଶିକ୍ଷା ସଂକଳ୍ପ କାର୍ଯ୍ୟକାରୀ କରିଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଏବଂ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଅବଦାନ ସ୍ମରଣଯୋଗ୍ୟ । ଏବଂ ସେହି ଦୁଇଟି ବିଶ୍ୱବିଦ୍ୟାଳୟର କୁଳପତି ଭାବେ ସେ ମଧ୍ୟ ଦାୟିତ୍ୱ ନେଇ ଉଲ୍ଲେଖଯୋଗ୍ୟ ଉନ୍ନତି କରିଯାଇଛନ୍ତି । ରାଜନୈତିକ କାର୍ଯ୍ୟକ୍ରମ ଭିତରେ ବି ସାହିତ୍ୟ ଓ ସଂସ୍କୃତିକ କାର୍ଯ୍ୟରେ ବେଶି ସମୟ ବିନିଯୋଗ କରିପାରୁଥିଲେ । ଓଡ଼ିଶାରେ ଗଣତନ୍ତ୍ର ପରିଷଦ ସୃଷ୍ଟି ହେବା କାଳରେ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୮୦ ମସିହାରେ ସେ କଂଗ୍ରେସ ପ୍ରାର୍ଥୀ ଭାବେ ସମ୍ବଲପୁରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ୧୯୮୫ ମସିହା ପର୍ଯ୍ୟନ୍ତ ସଭ୍ୟ ଭାବରେ ରହିଥିଲେ । ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଗଣତନ୍ତ୍ର ପରିଷଦର ନେତା ଓ ବିରୋଧୀଦଳ ନେତା ଭାବେ ନିଜର ରାଜନୈତିକ ବିଚକ୍ଷଣତାର ପରିଚୟ ଦେଇଥିଲେ । ସେ ଜ୍ଞାନାହରଣ କ୍ଷେତ୍ରରେ ଯେପରି ବୈଶିଷ୍ଟ୍ୟ ଓ ବୈଦୁଷ୍ୟ ପ୍ରଦର୍ଶନ କରିଥିଲେ, ସେହିପରି ରାଜନୈତିକ କ୍ଷେତ୍ରରେ ମଧ୍ୟ ଆକର୍ଷଣୀୟ ବ୍ୟକ୍ତି ଭାବରେ ସମ୍ମାନ ଲାଭ କରିଥିଲେ । ବିଭିନ୍ନ ସମୟରେ ବିଧାନସଭା, ଲୋକସଭା ଓ ରାଜ୍ୟସଭା ସଦସ୍ୟ ଭାବରେ ରହିଥିଲେ ଏବଂ ବହୁ ତଥ୍ୟମୂଳକ ତାତ୍ତ୍ୱିକ ଆଲୋଚନାରେ ଅଂଶ ଗ୍ରହଣ

Source: Author, Digitized by PPRACHIN, SOA

କରିଥିଲେ । ୧୯୪୬ ରୁ ୧୯୫୨ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭା, ୧୯୫୨ ରୁ ୧୯୫୭ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ବିରୋଧୀ ଦଳର ନେତା, ୧୯୫୭ ରୁ ୧୯୬୨ ପର୍ଯ୍ୟନ୍ତ ଲୋକସଭା ସଭ୍ୟ, ୧୯୬୪ ରୁ ୧୯୬୭ ପର୍ଯ୍ୟନ୍ତ ରାଜ୍ୟସଭା ସଭ୍ୟ, ୧୯୬୭ ରୁ ୧୯୭୦ ପର୍ଯ୍ୟନ୍ତ ଲୋକସଭା ସଭ୍ୟ, ୧୯୭୪ ରୁ ୧୯୭୭ ପର୍ଯ୍ୟନ୍ତ ସରକାରୀ ଭାଷା କମିଶନର ସଭ୍ୟ ଭାବରେ ସେ କାର୍ଯ୍ୟ କରି ରାଜନୈତିକ କ୍ଷେତ୍ରରେ ଜଣେ ଅପରିହାର୍ଯ୍ୟ ବ୍ୟକ୍ତି ହିସାବରେ ପରିଗଣିତ ହେଉଥିଲେ । ଶିକ୍ଷା କ୍ଷେତ୍ରରେ ଲାଲ୍ ଲଜପତ୍ ରାୟ ଆଇନ କଲେଜରେ ୧୯୭୧ ରୁ ୧୯୭୪ ପର୍ଯ୍ୟନ୍ତ ଅଧ୍ୟାପକ ଏବଂ ୧୯୭୬ ରୁ ୧୯୭୮ ପର୍ଯ୍ୟନ୍ତ ଅଧ୍ୟକ୍ଷତା କରିଥିଲେ । ୧୯୭୮ ରୁ ୧୯୭୯ ପର୍ଯ୍ୟନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭିଜିଟିଙ୍ଗ୍ ପ୍ରଫେସର ହେଲେ । ଏହାଛଡ଼ା ସାହିତ୍ୟ କ୍ଷେତ୍ରରେ ସେ ତାଙ୍କର କୃତିତ୍ୱପୂର୍ଣ୍ଣ ସ୍ୱାକ୍ଷର ରଖିଯାଇଛନ୍ତି । ଅନ୍ୟୁନ ୨୦ ଖଣ୍ଡ ବହି ସେ ଲେଖିଛନ୍ତି । ସେ ସମସ୍ତ ପ୍ରକାଶିତ । ଓଡ଼ିଶା ସାହିତ୍ୟ ଏକାଡ଼େମୀର ଜଣେ ସକ୍ରିୟ ସଭ୍ୟ ଭାବରେ ସେ ୬ ବର୍ଷ କାଳ ରହିଥିଲେ । ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭ୍ୟ ଭାବରେ ୧ ବର୍ଷ ରହିଥିଲେ । ଓଡ଼ିଶା ସାଂସ୍କୃତିକ ସମାଜ, କୋଶଳ ସମାଜ, 'ଫାଲ୍‌ଗୁନୀ' ଅନୁଷ୍ଠାନ ମାନଙ୍କରେ ସେ ସଭାପତି ଭାବରେ କାର୍ଯ୍ୟ କରିଥିଲେ । ତା'ଛଡ଼ା ସାମ୍ବାଦିକ କ୍ଷେତ୍ରରେ ସେ ଜଣେ ମୁକ୍ତ ସାମ୍ବାଦିକ ଭାବରେ ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ଓ ସମ୍ବାଦପତ୍ରରେ ତତ୍କାଳୀନ ସମସ୍ୟା ଓ ବିଶେଷ ପ୍ରସଙ୍ଗ ଲେଖି ଲୋକପ୍ରିୟ ହୋଇଥିଲେ । 'ସୁରୁଖ' ସହକାର ପତ୍ରିକାରେ ସେ ଲେଖିଥିଲେ । ୧୯୮୧ ଏପ୍ରିଲ୍ ରୁ ୧୯୮୨ ମଇ ମାସ ପର୍ଯ୍ୟନ୍ତ ସମ୍ବଲ-ପୁରରୁ ପ୍ରକାଶ ପାଉଥିବା ଦୈନିକ 'ସ୍ୱରାଷ୍ଟ୍ର'ର ସମ୍ପାଦନା କରୁଥିଲେ । ଡଃ ସୂପକାର ଲୋକସଭାର ସଭ୍ୟ ଥିବା ଅବସ୍ଥାରେ ତତ୍କାଳୀନ କମ୍ୟୁନିଷ୍ଟ ରାଷ୍ଟ୍ର ସୋଭିଏତ୍ ରୁଷିଆ, ହଙ୍ଗେରୀ, ଲଣ୍ଡନ ଓ ପ୍ୟାରିସ୍ ପ୍ରଭୃତି ପରିଦର୍ଶନ କରିଥିଲେ । ଏହିଭଳି ଜଣେ ବିରଳ ବ୍ୟକ୍ତିତ୍ୱଙ୍କ ଜୀବନ ଅଧ୍ୟୟନ ଅନୁଶୀଳନ କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଗଲା । ତାଙ୍କର ଜୀବଦ୍ଦଶାରେ ସେ ନିଜେ ଯେଉଁ ମତ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜକୁ ସେ ଦିଗରେ ପ୍ରଭାବିତ କରୁଥିଲେ, ତାହା ତାଙ୍କ ମୃତ୍ୟୁ ପରେ ଯେ ପୂରାପୂରି ଲୋପ ପାଇଯିବ, ଏ ଆଶଙ୍କାକୁ ଦୂର କରିବା ପାଇଁ ଆମେ ଯଦି କିଛି କିଛି ସେଥିରୁ ନିଜ ଜୀବନରେ କାର୍ଯ୍ୟକାରୀ କରୁ, ତେବେ ତାହା ତାଙ୍କ ପ୍ରତି ଆମର ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ । ଶ୍ରଦ୍ଧାକର ସୂପକାର ଜଣେ ଶ୍ରଦ୍ଧାସ୍ପଦ

Source: Author, Digitized by PPRACHIN, SOA

ବ୍ୟକ୍ତି ଥିଲେ ଏବଂ ଶ୍ରଦ୍ଧା ସମ୍ବର୍ଦ୍ଧନା, ସ୍ନେହ, ସହାନୁଭୂତି ଓ ସଦ୍‌ଭାବନାର ଏକ ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ସେ ଆମ ଭିତରେ ବଞ୍ଚି ରହିବେ । ତାଙ୍କର ବ୍ୟକ୍ତିତ୍ୱ ସର୍ବଗ୍ରାସୀ ଓ ବହୁମୁଖୀ ଥିଲା । ଆଞ୍ଚଳିକତାର ଗନ୍ଧ ନଥିଲା ! ଆଜି ଯେପରି ପଶ୍ଚିମାଞ୍ଚଳ, କେନ୍ଦ୍ରାଞ୍ଚଳ ଇତ୍ୟାଦି ସ୍ୱର ଉଠାଯାଇ ବିଦ୍ୱେଷର ବାତାବରଣ ସୃଷ୍ଟି କରାଯାଉଛି, ସେପରି ସଙ୍କୀର୍ଣ୍ଣତା, ମତାନ୍ଧତା ତାଙ୍କର ରାଜନୈତିକ ଓ ସାଂସ୍କୃତିକ ଆଭିମୁଖ୍ୟରେ ପ୍ରତିଫଳିତ ହୋଇ ନଥିଲା । ସେ ସମ୍ବଲପୁରଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯେତିକି ଆଗ୍ରହୀ ଥିଲେ ସ୍ଥାନୀୟ ଭିତ୍ତିରେ ଜନସେବାର ସନ୍ଦେଶକୁ ସୀମିତ ନ ରଖି ମାନବିକତାର ପ୍ରଶସ୍ତ କ୍ଷେତ୍ର ପାଇଁ ସେ ତାଙ୍କର ଦୃଷ୍ଟିକୋଣକୁ ସମ୍ପ୍ରସାରିତ କରିପାରିଥିଲେ ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ଆମେ ନିଶ୍ଚିତ ଭାବରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ ଡକ୍ଟର ଶ୍ରଦ୍ଧାକର ସୂପକାର ଜଣେ ତୁଳନାହୀନ ପ୍ରତିଭାଧର ବ୍ୟକ୍ତି ଭାବରେ ଇତିହାସ ହୋଇ ରହିବା ପାଇଁ ଯଥେଷ୍ଟ ଯୋଗ୍ୟତା ଓ ଅବଦାନ ରଖିଯାଇଛନ୍ତି ଏବଂ ସେହି ଇତିହାସ ଆମପାଇଁ ପ୍ରେରଣାର ସାହିତ୍ୟ ଓ ସମ୍ପଦ ହୋଇ ରହିବ ।

ଡକ୍ଟର ସୂପକାରଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ଭିତରେ ଅନେକ ସଦ୍‌ଗୁଣ ସହିତ ଗଭୀର ଜାତୀୟତାବୋଧ ରହିଥିଲା । ସମ୍ବଲପୁରରୁ ସେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ମଧ୍ୟ ସାରା ଓଡ଼ିଶାର ରାଜନୈତିକ ଜୀବନରେ ଜଣେ ଦିଗ୍‌ଦର୍ଶକ, ବ୍ୟବସ୍ଥାପକ ହେବାର ସମ୍ମାନ ଲାଭ କରିଥିଲେ । ଗଣତନ୍ତ୍ର ପରିଷଦର ସଭ୍ୟ ଭାବରେ ସେ ଓଡ଼ିଶା ବିଧାନସଭା-ରେ ସଦସ୍ୟ ରହିବା ସମୟରେ ତତ୍‌କାଳୀନ ଜାତୀୟଦଳ ସ୍ୱତନ୍ତ୍ରଦଳ ସହିତ ଗଣତନ୍ତ୍ର ପରିଷଦର ମିଶ୍ରଣ ପାଇଁ ସେ ଉଦ୍ୟମ କରିଥିଲେ । ଏଥିରୁ ତାଙ୍କର ଜାତୀୟ ମୁଖ୍ୟସ୍ରୋତ ସହିତ ଓଡ଼ିଶାକୁ ସାମିଲ କରିବାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଥିଲା । ଏପରିକି ଢେଙ୍କାନାଳ ରାଜା ଜଣେ ଅନ୍ୟତମ ଗଣତନ୍ତ୍ର ପରିଷଦ ନେତା ଭାବରେ ଯେତେବେଳେ ଗଣତନ୍ତ୍ର ପରିଷଦର ସ୍ୱତନ୍ତ୍ରଦଳ ସହିତ ମିଶ୍ରଣକୁ ବିରୋଧ କରି, ସ୍ୱତନ୍ତ୍ର ଦଳ ଗଣତନ୍ତ୍ର ପରିଷଦରେ ମିଶିଯାଉ ବୋଲି କହୁଥିଲେ, ସେତେବେଳେ ଡଃ ସୂପକାର ଦୃଢ଼ ଭାବେ ପ୍ରତିଯୁକ୍ତି ଉପସ୍ଥାପନ କରିଥିଲେ । ଗଣତନ୍ତ୍ର ପରିଷଦ ଗୋଟିଏ ଆଞ୍ଚଳିକ ଦଳ, ସ୍ୱତନ୍ତ୍ର ଦଳ ଗୋଟିଏ ଜାତୀୟ ଦଳ, ଜାତୀୟ ଦଳ ଆଞ୍ଚଳିକ ଦଳରେ

Source: Author, Digitized by PPRACHIN, SOA

ମିଶିବା ଏକାବେଳକେ ଅପ୍ରାସଙ୍ଗିକ, ଅସଂଗତ ମଧ୍ୟ । ଢେଙ୍କାନାଳ ରାଜାଙ୍କୁ ସେ ପରିହାସ ଛଳରେ ଏକଥା କହିଥିଲେ । ତେବେ ଢେଙ୍କାନାଳ ସହିତ ଭାରତ ମିଶିବା ଉଚିତ ହେବ । ଭାରତ ସହିତ ଢେଙ୍କାନାଳ ମିଶିବାର ଯୌକ୍ତିକତା ଓ ସ୍ୱାଭାବିକତା ରହିଛି । ଏଥିରୁ ତାଙ୍କର ବୁଦ୍ଧିମତା ଏବଂ ଜାତୀୟତାବୋଧର ପ୍ରମାଣ ମିଳେ । ଯେତେବେଳେ ଗଣତନ୍ତ୍ର ପରିଷଦ ଭଳି ଗୋଟିଏ ପ୍ରାଦେଶିକ ଦଳସହ ସ୍ୱତନ୍ତ୍ର ଦଳ ଭଳି ଗୋଟିଏ ଜାତୀୟ ଦଳ ସହିତ ମିଶିବାର ପ୍ରବୃତ୍ତି ତାଙ୍କୁ କଂଗ୍ରେସ ଦଳ ଭଳି ଗୋଟିଏ ଜାତୀୟଦଳ ସହିତ ମିଶିବା ପାଇଁ ଅନୁପ୍ରେରିତ କରିଥିଲା । ଓଡ଼ିଶାରେ ସ୍ୱତନ୍ତ୍ର ଦଳର ମିଳିତ ମନ୍ତ୍ରିମଣ୍ଡଳ ସମୟରେ ସେ ଜଣେ ଅଗ୍ରଣୀ ପ୍ରଭାବଶାଳୀ ଜନନେତା ହୋଇ ପାରିଥିଲେ । ପାଟଣା ମହାରାଜା ସିଂହଦେଓଙ୍କୁ ସେ ରାଜନୈତିକ ପ୍ରଶ୍ନ ଉପରେ ତାଙ୍କ ସପକ୍ଷରେ ପ୍ରଭାବିତ କରିପାରୁଥିଲେ । ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଏହି ସମସ୍ତ ଉପକୂଳ ଅଞ୍ଚଳରୁ ଏକମାତ୍ର ସ୍ୱତନ୍ତ୍ର ପ୍ରାର୍ଥୀ ଭାବେ ହରପ୍ରସାଦ ମହାପାତ୍ର ବାଲେଶ୍ୱରରୁ ନିର୍ବାଚିତ ହୋଇଥିଲେ ଏବଂ ଅନ୍ୟ ସମସ୍ତ ପ୍ରାର୍ଥୀ ଗଡ଼ଜାତ ଅଞ୍ଚଳରୁ ନିର୍ବାଚିତ ହୋଇଥିଲେ ମଧ୍ୟ ଡକ୍ଟର ସୂପକାରଙ୍କ ପ୍ରଚେଷ୍ଟାରେ ହରପ୍ରସାଦ ମହାପାତ୍ର ଆଇନ ମନ୍ତ୍ରୀ ହୋଇ ପାରିଥିଲେ । ଏଥିରୁ ତାଙ୍କର ଉଦାରତାର ପରିଚୟ ମିଳେ । ଆଞ୍ଚଳିକତାର ବର୍ଗ ବନ୍ଧନୀ ଭିତରେ ସେ ନିଜକୁ କେବେ ହେଲେ ଆବଦ୍ଧ କରି ରଖି ନଥିଲେ । ସେ ଯାହା ଠିକ୍ ଓ ନ୍ୟାୟ୍ୟ ବୋଲି ଅନୁଭବ କରୁଥିଲେ ତାକୁ ଯେକୌଣସି ପରିସ୍ଥିତିରେ ଯେକୌଣସି ମୂଲ୍ୟ ଦେଇ ଉପସ୍ଥାପିତ କରିପାରୁଥିଲେ । ଏହି ଦୃଢ଼ତା, ନିର୍ଭୀକତା ଏବଂ ସାଧୁତା ଯୋଗୁଁ ସେ ବିରୋଧୀ ଦଳର ନେତା ଭାବରେ ସମସ୍ତଙ୍କର ବିଶ୍ୱାସଭାଜନ ହୋଇପାରିଥିଲେ । ତାଙ୍କର ସଫଳତାର ବିସ୍ତୃତ ବିବରଣୀକୁ ଆମେ ଦେଖି-ବାକୁ ସ୍ପୃହା ନେଇ ତାଙ୍କର ଗୁଣାବଳୀ ଆଲୋଚନା କରୁଛୁ ଏବଂ ଆଶା କରୁଛୁ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆମେ ସମସ୍ତେ ତାଙ୍କର ଧାରାବାହିକ ପ୍ରତିଭାର ଗ୍ରାହକ ହେବେ, ତାଙ୍କର ଆଦର୍ଶକୁ ପ୍ରତିଷ୍ଠା କରିବାର ଆଗ୍ରହୀ ହେବା ଉଚିତ ।

କଟକ

Source: Author, Digitized by PPRACHIN, SOA

ମୋର ଜାଣିବାରେ ଡଃ ସୂପକାର

ଶ୍ରୀ ଭାଗବତ ପ୍ରସାଦ ନନ୍ଦ

ପରିଧାନ ଭିତରେ ଆଣ୍ଠୁ ଲୁଗି ଧୋତିଟିଏ । ହାଫସାର୍ଟ କିମ୍ବା ହାଫ୍ ହବାଇନ । ଗୋଡରେ ଯୋତା କିମ୍ବା ଚପଲ । ସମ୍ବଲପୁର ରାଜ ରାସ୍ତାରେ ବୁଲୁଥିବେ । କେଉଁଠାରେ ନମସ୍କାରଟିଏ ତ ଆଉ କେଉଁଠାରେ ଟାହିଟାପରା "ବୁଢ଼ା ଲୋଭୀଟିଏ । ଏତେ ପଇସାର ମାଲିକ ହୋଇ ଭଲ ଦାମିକା ପୋଷାକଟିଏ ପିନ୍ଧୁ ନାହାନ୍ତି । ପଇସା ରଖି ଲାଭ କଣ ?" ଏସବୁ କଥା କାନରେ ବାଜିଲେ ମଧ୍ୟ ମନରେ ଚିନ୍ତା ନାହିଁ । କାରଣ ଜୀବନର ଦର୍ଶନ ହେଲା ସରଳ ଜୀବନ ଯାପନ କରିବା । ସବୁ ସମୟରେ । ବିରୋଧୀ ଦଳର ନେତା ଥିବା ସମୟରେ ଯେଉଁ ପୋଷାକ, ଦିଲ୍ଲୀରେ ଲୋକସଭା ଓ ରାଜ୍ୟସଭା ସଦସ୍ୟ ଥିବା ସମୟରେ ସେହି ପୋଷାକ, ଲଜପତରାୟ ଆଇନ ମହା-ବିଦ୍ୟାଳୟର ଅଧ୍ୟକ୍ଷ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ସେହି ପୋଷାକ ଏବଂ ଜଣେ ସାଧାରଣ ନାଗରିକ ଭାବରେ ମଧ୍ୟ ସେହି ପୋଷାକ । ଏହିଟା ଗୋଟାଏ ସାଧାରଣ ଗୁଣ ନୁହଁ । ଆମେ ଦେଖୁଛୁ ସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁ ବ୍ୟକ୍ତି କୌଣସି ପଦ ପଦବୀ ପାଇଗଲେ ଚାଲିଚଳନରେ, ବ୍ୟବହାରରେ ଏବଂ ପୋଷାକ ପତ୍ରରେ ବହୁ ପରିବର୍ତ୍ତିତ ହୋଇଯାଆନ୍ତି । ଚିହ୍ନିଲା ଲୋକକୁ ବି ନ ଚିହ୍ନିଲା ପରି ହୁଅନ୍ତି । ଏହି ଅସାଧାରଣ ଗୁଣରେ ଅଧିକାରୀ ହେଲେ ଡଃ ଶ୍ରଦ୍ଧାକର ସୂପକାର । ଯେ ଥରେ ତାଙ୍କୁ ଦେଖିଛି ତାଙ୍କର ସରଳ ଜୀବନକୁ ଆଦର୍ଶ ଭାବରେ ଗ୍ରହଣ କରି ନେବାକୁ ମନ ଭିତରେ ପ୍ରୟାସ କରିଛି । କିଏ ସଫଳ ହୋଇ ପାରିଛି ଆଉ କିଏ ସଫଳ ହୋଇ ପାରିନାହିଁ । ମୁଁ ଜାଣିଛି ଡକ୍ଟର ସୂପକାର ଯେତେବେଳେ ୧୯୮୪ ମସିହାରେ ବିଧାୟକ ଭାବରେ ନିର୍ବାଚିତ ହେଲେ ବହୁ ବନ୍ଧୁ ଏବଂ ସଂପର୍କୀୟ କାରଟିଏ କିଣିବାକୁ କହିଛନ୍ତି । କାର କିଣିବାକୁ ଆର୍ଥିକ ଶକ୍ତି ଅଛି । ତଥାପି କିଣିବାକୁ ନାରାଜ । କାରଣ ସରଳ ଜୀବନଯାପନରେ ବ୍ୟତିକ୍ରମ ହୋଇଯିବ । ଏହିପରି ଆଦର୍ଶ କ୍ୱଚିତ ଦେଖିବାକୁ ମିଳେ । କେହି କେହି କହି ପାରନ୍ତି ବର୍ତ୍ତମାନ ଯୁଗରେ ଜନ-ସାଧାରଣଙ୍କ ସହିତ ସଂପର୍କ ରଖିବାକୁ ହେଲେ ଲୋକ ପ୍ରତିନିଧି ମାନଙ୍କୁ କାର କିମ୍ବା ଜିପ୍ ଟିଏ ନିହାତି ଦରକାର । ଏଥିରେ ମୁଁ ମଧ୍ୟ ସହମତ । କିନ୍ତୁ ଗାଡ଼ି ରଖିବା ଅପେକ୍ଷା ମନୋବୃତ୍ତି ଉପରେ ଅନେକ କଥା ନିର୍ଭର

Source: Author, Digitized by PPRACHIN, SOA

କରେ । ବହୁ ଲୋକପ୍ରତିନିଧି ମାନଙ୍କ ପାଖରେ ଗାଡ଼ି ରହିଛି କିନ୍ତୁ ତାଙ୍କର ଲୋକସମ୍ପର୍କ ରଖିବାକୁ ଆଗ୍ରହ ନାହିଁ । ହାଓ୍ୱାରେ ଶ୍ୱେତ ଏବଂ ଦିଲ୍ଲୀରେ ଟିକଟ କାଟି ନିଜ ଦାୟିତ୍ୱରୁ ଖସି ଯାଆନ୍ତି । ଡଃ ସୂପକାର ବିନା ଗାଡ଼ିରେ ମଧ୍ୟ ଲୋକ ସମ୍ପର୍କ ଭଲଭାବରେ ରଖି ପାରିଥିଲେ । ଯାଇ ନପାରିଲେ କମ୍‌ସେ କମ୍ ଚିଠି ଜରିଆରେ ଲୋକଙ୍କ ସହିତ ସମ୍ପର୍କ ରଖୁଥିଲେ । ଏହା କେହି ଅସ୍ୱୀକାର କରି ପାରିବ କି ? ଆମେ ପାରିଲୁଁ । ଡଃ ସୂପକାରଙ୍କୁ ଭେଟି ପାରିଲୁ ନାହିଁ । ଏହିପରି ଅଭିଯୋଗ ମୁଁ କମ୍ ଶୁଣିବାକୁ ପାଉଛି । ମୁଁ ତ ଭଲଭାବରେ ଜାଣେ ଡଃ ସୂପକାର ବହୁ ଲୋକଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିଥିଲେ ।

ଡଃ ସୂପକାର ଆଉ ଗୋଟିଏ ଗୁଣର ଅଧିକାରୀ ଥିଲେ । ସେହିଟା ହେଲା ପ୍ରତିଦିନ କିଛି ନା କିଛି ଲେଖିବା । ଜୀବନର ଶେଷ ଦିନ ପର୍ଯ୍ୟନ୍ତ ସେ ଲେଖିଛନ୍ତି । ଓଡ଼ିଶାର ଜଣେ ବିଶିଷ୍ଟ ଲେଖକ । ବିଶିଷ୍ଟ ଲେଖକ ହେବାର ବଡ଼ ଗୁଣ ନୁହଁ, ପ୍ରତିଦିନ କିଛି ନା କିଛି ଲେଖିବା ହେଉଛି ସବୁଠାରୁ ବଡ଼ଗୁଣ । ଓଡ଼ିଶାର ପ୍ରାୟ ସମସ୍ତ ପତ୍ର ପତ୍ରିକା ଓ ସ୍ମରଣିକାରେ ତାଙ୍କର ଲେଖା ପ୍ରକାଶ ପାଇଛି । ମୋର ମତରେ ସ୍ୱର୍ଗତ ଶଙ୍କର ପ୍ରସାଦ ପାଢ଼ୀ ଓ ଡଃ ଶ୍ରଦ୍ଧାକର ସୂପକାର ଯଦି ସମ୍ବଲପୁରରେ ଜନ୍ମ ଗ୍ରହଣ କରି ନଥାନ୍ତେ ତେବେ ଏହି ଅଞ୍ଚଳର ଅନେକ କଥା ଅନ୍ୟ ଅଞ୍ଚଳର ଲୋକେ ଜାଣି ପାରି ନଥାନ୍ତେ । ଡଃ ସୂପକାର କଣ ଲେଖି ନାହାନ୍ତି । ପ୍ରବନ୍ଧ, ଗଳ୍ପ, ନାଟକ, ଇତିହାସ, ଜୀବନୀ ଏବଂ ଭ୍ରମଣ ବୃତ୍ତାନ୍ତ ସବୁକଥା ଲେଖି-ଛନ୍ତି । ଭାଷା ଅତି ସରଳ । ବୁଢ଼ାଠାରୁ ପିଲା ପର୍ଯ୍ୟନ୍ତ ସମସ୍ତେ ବୁଝି ପାରିବେ ।

ଡଃ ସୂପକାରଙ୍କର ପ୍ରତ୍ୟେକ କ୍ଷେତ୍ରରେ ଏକ ନିଜସ୍ୱ ମତ ରହିଥିଲା । କୌଣସି କଥା ତାଙ୍କ ମନକୁ ନ ପାଇଲେ ସେ ନିର୍ଭୀକ ଭାବରେ ତାର ସମାଲୋଚନା କରୁଥିଲେ । ଏହିପରି ହେଉଛି ଗୋଟିଏ ଗୋଟିଏ ଘଟଣାରେ ସେ ଏକାକୀ ହୋଇ ଯାଇଛନ୍ତି । ତଥାପି ତାଙ୍କ ମନରେ ଦୁଃଖ ନାହିଁ । ନିଜର ମତରେ ଅଟଳ ରହିଛନ୍ତି । ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନର କିପରି ଅଧଃପତନ ହେଉଛି, ତାକୁ ସମାଲୋଚନା କରି ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲେ । ସେଥିପାଇଁ ତାଙ୍କୁ କେତେକ ବନ୍ଧୁ ଭୁଲ ବୁଝିଥିଲେ । ସେହିପରି ୧୯୮୦ ମସିହା ଛାତ୍ର ଆନ୍ଦୋଳନ ସମୟରେ ନିଜର ମତ ଦେବାକୁ

Source: Author, Digitized by PPRACHIN, SOA

ସେ ଦୃଢ଼ତା ପ୍ରଦର୍ଶନ କରିଥିଲେ । ପ୍ରୟାଗଦତ୍ତ ଯୋଷୀ ଓ ନୀଳମାଧବ ପାଣିଗ୍ରାହୀଙ୍କ ସହିତ ବୌଦ୍ଧିକ ମତାନ୍ତର ହୋଇଥିଲା । ନିଜର ମତରେ ସେ ଦୃଢ଼ ରହିଥିଲେ ।

ଡଃ ସୂପକାର ସାଂସ୍କୃତିକ ଚେତନାର ପ୍ରତୀକ ଥିଲେ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ଯେତେ ସଭାସମିତି ହେଉଥିଲା ସବୁଥିରେ ସେ ଯୋଗ ଦେଉଥିଲେ । ସମ୍ବଲପୁର ଅଞ୍ଚଳର ପ୍ରାୟ ସବୁ ସଭାସମିତିକୁ ମୂଖ୍ୟ ଅତିଥି, ସମ୍ମାନୀତ ଅତିଥି କିମ୍ବା ମୁଖ୍ୟ ବକ୍ତା ଭାବରେ ନିମନ୍ତ୍ରିତ ହେଉଥିଲେ । ନିମନ୍ତ୍ରିତ ନହେଲେ ସୁଦ୍ଧା ସେ ସଭାସମିତି ଗୁଡ଼ିକରେ ଯୋଗ ଦେବାକୁ କୁଣ୍ଠିତ ହେଉ ନଥିଲେ । ଏହିପରି ବ୍ୟକ୍ତିତ୍ୱ ମଧ୍ୟ କ୍ୱଚିତ ଦେଖାଯାନ୍ତି ।

ଡଃ ସୂପକାରଙ୍କର ବଞ୍ଚି ରହିବାର ବହୁତ ଇଚ୍ଛା । ଯେତେ ବେମାର ପଡ଼ିଥିଲେ ସୁଦ୍ଧା ବେମାର ପଡ଼ିଛି ବୋଲି କେବେ ଦୁଃଖ ପ୍ରକାଶ କରି ନାହାନ୍ତି । ବରଂ କହିବେ ବର୍ତ୍ତମାନ ସାମାନ୍ୟ ଅସୁସ୍ଥବୋଧ କରୁଛି । ଅଳ୍ପ ଦିନ ପରେ ନିଶ୍ଚୟ ଆରୋଗ୍ୟ ହୋଇଯିବି ଏବଂ ତୁମର ସଭାରେ ଯୋଗଦେବି ବୋଲି ପ୍ରାୟ ସବୁବେଳେ କହୁଥିଲେ । ଅସୁସ୍ଥ ଥିବା ସତ୍ତ୍ୱେ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଜନ୍ମ ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇଥିଲେ । ସେହିଟା ବୋଧହୁଏ ତାଙ୍କ ଜୀବନର ଶେଷ ଉତ୍ସବ ।

ଦେଖୁ ଦେଖୁ ଡଃ ସୂପକାର ଇହଜଗତରୁ ବିଦାୟ ନେବାର ଏକ ବର୍ଷ ହୋଇଗଲା । ତାଙ୍କ ପରି ଏକ ବ୍ୟକ୍ତିତ୍ୱର ସ୍ଥାନ କେବେ ପୂରଣ ହେବ କହି ହେଉ ନାହିଁ । ସେହି ମହାନ ବ୍ୟକ୍ତିତ୍ୱକୁ ମୋର ଆନ୍ତରିକ ଶ୍ରଦ୍ଧାଞ୍ଜଳି ।

ବୃନ୍ଦାରିକା
ସମ୍ବଲପୁର-୭।୭।୦୪

Source: Author, Digitized by PPRACHIN, SOA

ସେଦିନର ସ୍ମୃତି

● ଶ୍ରୀ ଦୁର୍ଗାମାଧବ ମିଶ୍ର

୧୯୬୩ ମସିହାର ଏକ କ୍ଲାନ୍ତ ଅପରାହ୍ଣ । ସେହିଦିନ ଉପରବେଳା ସମ୍ବଲପୁରରେ ରେଞ୍ଜ ଡ଼ି.ଆଇ.ଜି ହିସାବରେ ଯୋଗ ଦେଇଥାଏ । ବାରେଣ୍ଡାରେ ବସିଛି । ଦେଖିଲି ଜଣେ ଭଦ୍ରଲୋକ ଖଦଡ଼ ଧୋତି, ଖଦଡ଼ କାମିଜ ପିନ୍ଧି ଆସୁଛନ୍ତି । ପ୍ରତି ପଦକ୍ଷେପରେ ତାଙ୍କର ଦୃଢ଼ତା । ଅଫିସ ସରିଲାପରେ ତ ସେଣ୍ଟ୍ରି ଅନୁମତି ନେଇ ଘରକୁ କେହି ଆଗନ୍ତୁକଙ୍କୁ ପଠା-ଇବା ନିୟମ । ଇଏ କିଏ ଓ କିପରି ଆସିଲେ ?

ସନ୍ଦେହ ମୋଚନ କରି ଆଗନ୍ତୁକ କହିଲେ, ମୋତେ ଆପଣ ଡକାଇ-ଥିଲେ ?

ମୁଁ ଚକିତ ହେଲି । ମାତ୍ର ଦୁଇଘଣ୍ଟା ତଳେ ଏଠାର ଭାର ଗ୍ରହଣ କରିଛି । କେତେବେଳେ କାହାକୁ ଡକାଇଲି ?

ମୋର ଢଙ୍ଗଢଙ୍ଗରୁ ମୋର ମନ କଥା ବୁଝିନେଲେ ଆଗନ୍ତୁକ । "ମୁଁ ଶ୍ରଦ୍ଧାକର ସୂପକାର ।" ମୁଁ ଚମକି ପଡ଼ି ଚୌକିରୁ ଉଠି ପଡ଼ିଲି ଓ ବାରଣ୍ଡା ତଳକୁ ଆସି ଗମ୍ଭୀର ସମ୍ମାନ ସହ ପାଛୋଟି ଆଣିଲି ଚୌକିକୁ ।

"ମୁଁ ଆପଣଙ୍କୁ ଡକେଇଲି ? ଏତେ ଆସ୍ପର୍ଦ୍ଧା ମୋର କେଉଁ ଦିନ ହେଲା ?" ହସି ହସି କହିଲି ମୁଁ ।

"ଆପଣ ସ୍ମରଣ କଲେ ତ ! ଆଗେ କଣ କେହି କାହାକୁ ଡ଼କାଉ-ଥିଲେ ? ନାରଦଙ୍କୁ ବିଷ୍ଣୁ ସ୍ମରଣ କଲାମାତ୍ରେ ନାରଦ ହାଜରହୋଇ ଯାଉ ନ ଥିଲେ କି ?"

ସତକଥା ଏତେବେଳେ ଜଣାପଡ଼ିଲା । ମନେପଡ଼ିଲା ଚାର୍ଜ ରିପୋର୍ଟରେ ଦସ୍ତଖତ କରି ସାରିଲାପରେ, ମୁଁ ସମ୍ବଲପୁର ଏସ୍.ପି.ଙ୍କୁ କହିଥିଲି, ଶ୍ରଦ୍ଧା-କର ସୂପକାର କେଉଁଠି ରହନ୍ତି, ଏବେ ସେ ଘରେ ଅଛନ୍ତି କି ନାହିଁ ବୁଝି କହିଲେ ମୁଁ ତାଙ୍କୁ ଦେଖା କରିବାକୁ ଯିବି । ସେ ହେବ ମୋର ସର୍ବପ୍ରଥମ କାମ । ପୂଜାଂପୂଜା କରିସାରିଲା ପରେ ଅନ୍ୟ ଯେଉଁ କଥା ।

ଏସ୍.ପି ଡ଼ି.ଏସ.ପିଙ୍କୁ, ଡ଼ି ଏସ.ପି ଇନ୍ସପେକ୍ଟରଙ୍କୁ, ଇନ୍ସପେକ୍-ଟର ସବ୍ଇନ୍ସପେକ୍ଟରଙ୍କୁ ଓ ସବ୍ଇନ୍ସପେକ୍ଟର ଜଣେ ନାଲି ପଗଡ଼ି

Source: Author, Digitized by PPRACHIN, SOA

(ସେତେବେଳେ ନାଲି ପଗଡ଼ି ଥିଲା) ହାବିଲଦାରଙ୍କୁ ପଠାଇଦେଲେ । ସେ ଯାଇ ଶ୍ରଦ୍ଧାକର ବାବୁଙ୍କୁ କହିଲା, ଡ଼ି.ଆଇ.ଜି ସାହେବ ଆପଣଙ୍କୁ "ୟାଦ୍ କିୟେ ହେଁ" (ଯାହାର ଓଡ଼ିଆ ଅର୍ଥ ଡ଼ାକେଇ ଛନ୍ତି) । ହାବିଲଦାର ବିଚାରା । ଡାକେଇ ପଠାଇବାର ଏହି କାଯ଼ଦା ସେ ଜାଣିଛି । ମୁଁ ୟାଦ୍ କରିଥିଲି ସତ, ଡାକାଇ ନ ଥିଲି । ମୁଁ ନିଜେ ଯିବି ବୋଲି କହିଥିଲି । କିନ୍ତୁ ଏତେ ସେଣ୍ଟାରେ ପାଣି ଉଠିବା ପରେ ପାଣି ଆଉ ପାଣି ହୋଇ ରହିଲା ନାହିଁ । ଦୂଷିତ ହୋଇଗଲା ।

ସେହିଦିନୁ ପୂଜ୍ୟ ଶ୍ରଦ୍ଧାକର ବାବୁଙ୍କ ସହିତ ନିଗଡ଼ି ସମ୍ପର୍କ । ହାତରେ ଧରିଥିବା ଥଳି ଭିତରୁ ସେ ବାହାରକଲେ, ମା'ଆ ସମଲେଶ୍ୱରୀଙ୍କର ସିନ୍ଦୂର ଓ ନିଜ ଲିଖିତ ଗୁଟିଏ ବହି । ତାପରେ କେତେ ବହି ସେ ମୋତେ ଦେଇଛନ୍ତି । କେତେ ସଭାରେ ଏକାସ ମଞ୍ଚ ଉପରେ ବସିବାର ସୌଭାଗ୍ୟ ମୋତେ ମିଳିଛି । ହୃଦୟ ନିର୍ମଳ । ବଚନ ସ୍ପଷ୍ଟ । ଧୂଳିମଳି ନାହିଁ । କଟକିଆ, ସମ୍ବଲପୁରିଆ ଭେଦଭାବ ଯେ ସମ୍ବଲପୁର ନାହିଁ ଓ ମୁଁ ସେଠାକୁ ଯିବା ଆଗରୁ ମୋତେ ଯେ କୋକୁଆ ଭୟ ଦେଖାଉଥିଲେ, ତାହା ମନେ-ପକାଇ ହସ ମାଡ଼ିଲା । ପ୍ରକୃତ ସ୍ନେହ ମୁଁ ପାଇଲି ଶ୍ରଦ୍ଧାକର ବାବୁଙ୍କ ପାଖରୁ । ନୂଆଖାଇରେ ତାଙ୍କ ଘରେ ନୂଆ ଖାଇଛି । କେବଳ ସେ ନୁହନ୍ତି, ସମ୍ବଲପୁରର ଅଜସ୍ର ପରିଚିତ ଗଣ୍ୟମାନ୍ୟ ବ୍ୟକ୍ତି ସ୍ନେହ ଦେଇଛନ୍ତି । କିନ୍ତୁ ଶ୍ରଦ୍ଧାକର ବାବୁ ସେମାନଙ୍କ ମଧ୍ୟରେ ଅଗ୍ରଣୀ ।

ବହୁମୁଖୀ ତାଙ୍କର ପ୍ରତିଭା । ଉଚ୍ଚଶିକ୍ଷିତ । ପରିଣତ ବୟସରେ ପାଠ ପଢ଼ି ଆଇନ ବିଦ୍ୟାରେ ଡକ୍ଟରେଟ୍ କଲେ । ଆଇନ୍ କଲେଜର ପ୍ରିନ୍ସ-ପାଲ ହେଲେ । ସଦାସର୍ବଦା ଅଧ୍ୟୟନ ଓ ଲିଖନରତ । ତାହା ଛଡ଼ା, ରାଜନୀତି ତ ଅଛି । ସେ ବିଷୟ ମୁଁ କହିବି ନାହିଁ । କିନ୍ତୁ ଏତିକି ନିଶ୍ଚୟ କହିବି, ସେ କଳୁଷିତ ରାଜନୀତି ସହିତ ସମ୍ପୃକ୍ତ ନ ଥିଲେ । ସାମାଜିକ ଚଳଣିରେ ଯେପରି ସଦାସିଧା ଓ ସ୍ପଷ୍ଟବାଦୀ ରାଜନୀତିରେ ମଧ୍ୟ ଠିକ୍ ସେଇୟା । ସମସ୍ତେ ତାଙ୍କୁ ସମ୍ମାନ କରନ୍ତି ।

୧୯୭୫ରେ ସମ୍ବଲପୁର ଛାଡ଼ି ଆସିଲାବେଳେ, ଖବର ପାଇ ଶ୍ରଦ୍ଧାକର ବାବୁ ନିଜେ ଘରେ ଆସି ହାଜର । ମୁଁ ମାତ୍ର କେତେ ଘଣ୍ଟା ଭିତରେ କଟକ ଯିବା କଥା । ଇମର୍ଜେନ୍ସି ସମୟ । ବେତାର ଯୋଗେ ଆଦେଶ ଆସିଛି ନୂଆ ଯୋଗଦେବା ନିମନ୍ତେ ଯେଉଁ ହାତଦିନ ପ୍ରସ୍ତୁତି ସମୟ

Source: Author, Digitized by PPRACHIN, SOA

ମିଳିବା ନିୟମ, ତାହା ମୋତେ ମିଳିବ ନାହିଁ । ଆଦେଶ ପାଇବା ମାତ୍ରେ ଆସି କଟକରେ ସି.ଆଇ.ଡ଼ି ବିଭାଗର ଡ଼ି.ଆଇ.ଜି ଭାବରେ ଯୋଗଦେବାକୁ ହେବ । ଶ୍ରଦ୍ଧାକରବାବୁ କଥା ଶୁଣିବାକୁ ନାରାଜ । ଯେଉଁ ଗାଡ଼ି କଟକ ଯିବାକୁ ପ୍ରସ୍ତୁତ ଥିଲା, ସେଥିରେ ବସି ତାଙ୍କ ଘରକୁ ଗଲି । ବାଟରେ କହିଲି, "ମୁଁ ଯୋଗଦେଇ ତ ଆସିଥାନ୍ତି । ଦେଖା କର-ଥା'ନ୍ତି । ନିଜର ଅନନୁକରଣୀୟ ହସ ହସି ଶ୍ରଦ୍ଧାକର ବାବୁ କହିଲେ, "କୋଇଲି ଲୋ ଗଲୁ ପୁରି ବାହୁଡ଼ି ନଇଲୁ ।" ସବୁ ତା' ଭିତରେ ରହିଗଲା । ତାଙ୍କ କଥା ସତ ହେଲା । ସମ୍ବଲପୁର ଫେରି ସ୍ତ୍ରୀ, ପିଲାମାନଙ୍କୁ ନେଇ ପାରିଲି ନାହିଁ । ମୋ ସ୍ତ୍ରୀ ଏକାକୀ ଜିନିଷପତ୍ର ବାନ୍ଧି ଟ୍ରକରେ ଭରି କଟକରେ ଆସିଲେ ।

ଅନେକ ଦିନ ଚାଲିଗଲା ଓଡ଼ିଶା ବାହାରକୁ । ଫେରିଲି ପରେ ଦିନେ ଦେଖାହେଲି ରାଜଭବନରେ । ମୋର ପହଞ୍ଚିବା ଟିକିଏ ବିଳମ୍ବ ହୋଇ ଯାଇଥାଏ । ଭାଗ୍ୟକୁ ଗଭର୍ଣ୍ଣର ସେ ସଭାକୁ ଆସି ନ ଥାନ୍ତି, ଶ୍ରଦ୍ଧାକର ବାବୁ ସବୁବେଳେ ଠିକ୍ ସମୟରେ ସବୁ ଆଡ଼େ ଯାଆନ୍ତି । ସେ ଆସି ପ୍ରଥମ ଧାଡ଼ିରେ ବସିଛନ୍ତି । ମୋତେ ଦେଖିଦେଲେ । ମୁଁ ପଛରେ ଗୋଟିଏ ଚଉକିରେ ବସିବାକୁ ଯାଉଛି, ଦେଖିଲି ଶ୍ରଦ୍ଧାକର ବାବୁ ନିଜର ପ୍ରଥମଧାଡ଼ି ଚୌକି ଛାଡ଼ି ମୋ ପାଖକୁ ଆସୁଛନ୍ତି ଓ ଆସି ମୋ ପାଖରେ ବସିଗଲେ । ସେ ସନ୍ଧ୍ୟାରେ ଅନେକ ପୁରାତନ ସ୍ମୃତିର ଆଦାନ ପ୍ରଦାନ ହେଲା ।

ତାଙ୍କ ସହିତ ଶେଷ ଦେଖା ଡ଼ିସେମ୍ବର ମାସରେ । ତାରିଖଟା ମନେ ନାହିଁ । ସନ୍ଧ୍ୟାବେଳେ ଘରେ ବସିଛି, ଶ୍ରଦ୍ଧାକର ବାବୁଙ୍କ ଭାଇ କରୁଣାକର ବାବୁ ଆସି ହାଜର । 'ଆଜ୍ଞା ଚାଲନ୍ତୁ, ଭାଇ ଆସିଛନ୍ତି । ମୋତେ ଗାଡ଼ି ଦେଇ ପଠାଇଛନ୍ତି ନେଇ ଯିବାକୁ । କହିଲେ ସେ ଅବସର ନେଲେଣି । ଡ଼୍ରାଇଭର ନଥିବ । ନିଜେ ତ ଗାଡ଼ି ଚଳାଇବା ମନା- ବାଇପାସ୍ ସର୍ଜରୀ ପରେ ତୁ ଯାଇ ତାଙ୍କୁ ନେଇ ଆ । ମୁଁ ତ ଚୌକିରୁ ଉଠି ପାରୁନାହିଁ । ନଚେତ ମୋତେ ନେଇଯାଇ ଥାଆନ୍ତୁ ତାଙ୍କ ପାଖକୁ ।" ସ୍ତବ୍ଧ ହୋଇ-ଗଲି । କେତେ କଥା ମନେ ରଖିଛନ୍ତି ସେ । କେତେ ବିଚାରବନ୍ତ ବ୍ୟକ୍ତି ! କିଏ ବା କାହା ପାଇଁ ଓ ୟୁ. ଏ. ଟି. କଲେଜରୁ ଗାଡ଼ି ପଠାଇବ ? ତରବର ହୋଇ ମୋର ସଦ୍ୟ ଲିଖିତ କେତୋଟି ବହି ଓ ମୋର ସମ୍ପାଦିତ 'ସମା-ବେଶ' ଓ ଦିବ୍ୟ ସନ୍ଦେଶ ପତ୍ରିକା ନେଇ ବାହାରି ପଡ଼ିଲି । ମୋର ସବୁ ପୁସ୍ତକ ତାଙ୍କୁ ଦେଇଛି । ସେ ତାଙ୍କର ସମସ୍ତ ପୁସ୍ତକ ମୋତେ ଦେଇଛନ୍ତି ।

Source: Author, Digitized by PPRACHIN, SOA

ଯାହା ସେ ଦେଖି ନାହାନ୍ତି, ତାକୁ ସବୁ ନେଇ ତାଙ୍କ ହାତରେ ଅର୍ପଣ କରିଦେଲି । ବାରଣ୍ଡାରେ ଗୋଟିଏ ଆରାମ ଚୌକିରେ ଆଉଜି ଯାଇଛନ୍ତି ଶ୍ରଦ୍ଧାକର ବାବୁ । ମୋତେ ଦେଖି ଉଠି ବସିବାକୁ ଚେଷ୍ଟା କଲେ । ମୁଁ ହାତ ଧରି ବସାଇଦେଲି । ବହି ଓ ପତ୍ରିକା ଦେଖି ଖୁସି ହୋଇଗଲେ- ଓଲଟେଇ ଦେଇଗଲେ । ଅଜସ୍ର ଆଶୀର୍ବାଦ ତାଙ୍କର, ବୋଳା ହୋଇଗଲା ବହି ଗୁଡ଼ିକରେ ।

"ଆପଣ ମୋତେ ଠକିଗଲେ ଦୁର୍ଗାମାଧବ ବାବୁ । ମୁଁ ମୋ ନୂଆ ବହି ଆଣିବାକୁ ଭୁଲି ଯାଇଛି ।"

ସେହି କଥାବାର୍ତ୍ତା । ସ୍ୱରରେ ଟିକିଏ କମ୍ପନ ନାହିଁ । ଦୁରାରୋଗ୍ୟ କ୍ୟାନସର ଯେ ତାଙ୍କ ଭିତରେ ଚରିଯାଇଛି କେହି ଏ କଥା ଭାବିପାରିବେ ନାହିଁ ।

"ଆପଣଙ୍କର ଏ ପତ୍ରିକା ଦୁଇଟି ଦେଖି ଭାବୁଛି, ମୁଁ ସେହିପରି ଗୋଟିଏ ସମ୍ଭ୍ରାନ୍ତ ପତ୍ରିକା ସମ୍ବଲପୁରରୁ ସମ୍ପାଦନା କରିବି ।" ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ଯୋଜନା !!!

ଦେଶର ହାଲଚାଲ, କେଉଁ ଆଡ଼କୁ ସମାଜ ଗତି କରୁଛି ସବୁ ଉପରେ ତାଙ୍କର ସ୍ପଷ୍ଟ ମତ ସେ ଅନର୍ଗଳ ଭାବେ କହି ଚାଲିଲେ । ଭାଇକୁ ଡାକି କହିଲେ, କଣ ଗାଡ଼ି ପ୍ରସ୍ତୁତ ? ବାହାରିବା ?

ସେତେବେଳକୁ ରାତି ଆଠଟା ହେଲାଣି । କୁଆଡ଼େ ଯିବେ । କରୁଣାକର ବାବୁ କାନରେ ଚୁପ୍ ଚୁପ୍ କହିଲେ, "ବର୍ତ୍ତମାନ ସମ୍ବଲପୁର ବାହାରିବେ ବୋଲି ବସିଛନ୍ତି । ଦିନବେଳେ ଗୁଣ୍ଡମାନଙ୍କର ଷ୍ଟ୍ରାଇକ୍ ଓ ପୋଡ଼ାଜଳା ଯୋଗେ ଯାଇପାରିଲେ ନାହିଁ ବୋଲି ବ୍ୟସ୍ତ ହେଉଥିଲେ ।

ମୁଁ କହିଲି, "ରାତିରେ କାହିଁକି ଯିବେ ? ବିଶ୍ରାମ କରନ୍ତୁ । ପାହାନ୍ତିଆ ଚାରିଟା ବେଳେ ଗଲେ, ଗୁଣ୍ଡମାନେ ହିଂସାକାଣ୍ଡ ଆରମ୍ଭ କରିବା ଆଗରୁ ପହଞ୍ଚିଯିବେ ।"

କିଛି ସମୟ ଭାବିଲେ ।

"ହଁ ସେଇଆ କଲେ ଭଲ ହେବ । ଆପଣ କହୁଛନ୍ତି । ମୁଁ ଅନ୍ୟଥା କରିପାରୁ ନାହିଁ ।"

Source: Author, Digitized by PPRACHIN, SOA

ନମସ୍କାର ଜଣାଇ ଫେରିଲି । କରୁଣାକର ବାବୁ ବାଟରେ କହିଲେ, "ଆମେ ସମସ୍ତେ ସେହି କଥା କହି କହି ଥକି ଯାଇଥିଲୁଁ । ଆପଣ କହିଲେ ବୋଲି ଯାହାହେଉ ହଁ କଲେ ।"

ଡିସେମ୍ବର ୨୦ରେ କରୁଣାକର ବାବୁ ପୁଣି ହାଜର । ମୁଁ ଭାବିଲି ଅଶୁଭ ଖବର ନିଶ୍ଚିତ । ସେ ମୋତେ ବଢ଼ାଇଦେଲେ ଗୋଟିଏ ପ୍ୟାକେଟ ଓ ଗୋଟିଏ ଚିଠି । "ଭାଇ ପଠାଇଛନ୍ତି । ପ୍ୟାକେଟରେ ବହି ଦେଇଛନ୍ତି ବୋଧହୁଏ । ନିଜେ ବାନ୍ଧିଛନ୍ତି ପ୍ୟାକେଟଟି । ଆମକୁ ଛୁଆଁଇ ଦେଲେ ନାହିଁ ।"

ଏକାନ୍ତ ସ୍ନେହପୂର୍ଣ୍ଣ ଚିଠିଟି ସହ ନିଜ ଲିଖିତ ପୁସ୍ତକ ସେ ପଠାଇଛନ୍ତି ।

ବହୁମୁଖୀ ପ୍ରତିଭାଧର ଏହି ଦୁର୍ଲଭ ବ୍ୟକ୍ତିଙ୍କର ଦେହାବସାନ ହେଲା ପାଞ୍ଚ ଜାନୁୟାରୀ ୧୯୯୩ ରାତିରେ । ଏକ ସ୍ୱୟଂ ସମ୍ପୂର୍ଣ୍ଣ, ନିର୍ଭୟ ଓ ସଫଳ ଜୀବନ ଯାପନ କରି ସେ ଚାଲିଗଲେ । ଏ ଅଭାଗା ତାଙ୍କର ଶେଷ ଚିଠିର ଉତ୍ତର ଦେଇପାରିଲି ନାହିଁ । ତାଙ୍କର ସ୍ନେହସିକ୍ତ ଅନୁଜ ହାତରେ ବହିତକ ପଠାଇଛନ୍ତି । ଶିବାନନ୍ଦ ସ୍କୁଲରେ ଜାତୀୟ ସଂହତି ଯୁବଶିବିର ପାଳନରେ ମୁଁ ଅହୋରାତ୍ର କାର୍ଯ୍ୟବ୍ୟସ୍ତ ରହି ତାଙ୍କୁ ଚିଠି ଦେଇ ପାରିଲି ନାହିଁ । ସେ ମୋତେ କ୍ଷମା କରନ୍ତୁ ଓ ତାଙ୍କର ଆଶୀର୍ବାଦଧାରା ମୋ ଉପରେ କେବଳ କାହିଁକି ସମଗ୍ର ଓଡ଼ିଆ ଜାତି ଉପରେ ଅନବରତ ବର୍ଷି ଯାଉ । ଆମେ ସମସ୍ତେ ତାଙ୍କର ପଦାଙ୍କ ଅନୁସରଣ କରିପାରିଲେ ସେ ଅମର ଆତ୍ମା ଶାନ୍ତି ପାଇବେ ।

●

"ଚନ୍ଦ୍ରାଲୋକ"
ପ୍ଲଟ ନଂ ଡି୯, ବିଜେବି ନଗର
ଭୁବନେଶ୍ୱର-୭୫୧୦୧୪

Source: Author, Digitized by PPRACHIN, SOA

ଡଃ ସୂପକାରଙ୍କ ମହାନୁଭବତା

ଶ୍ରୀ ଦାଶରଥି ସାହୁ

ଡଃ ହରେକୃଷ୍ଣ ମହତାବ ପ୍ରଜାତନ୍ତ୍ର ପ୍ରଚାର ସମିତି ଅନୁକ୍ରମରେ ଝାଡ଼ଖଣ୍ଡ ଟ୍ରଷ୍ଟ ଗଠନକରି ସମ୍ବଲପୁରରୁ ଦୈନିକ ସମ୍ବାଦପତ୍ର ଝାଡ଼ଖଣ୍ଡ ବାହାର କଲେ । ଡଃ ମହତାବ ଏହି ଟ୍ରଷ୍ଟବୋର୍ଡ଼ର ଚେୟାରମେନ୍ ଥିବାବେଳେ ଡଃ ଶ୍ରୀକର ସୂପକାର, ଏଡ଼ଭୋକେଟ୍ ରଜନୀକାନ୍ତ ଭୋଇ ଓ ଡଃ ଭୁବନେଶ୍ୱର ବେହେରା ଏହାର ସଭ୍ୟଥିଲେ ଏବଂ ଶ୍ରୀ ରମେଶ ଲଠ ଏହାର ମେନେଜିଂ ଟ୍ରଷ୍ଟୀ ଥିଲେ । ସର୍ବପ୍ରଥମେ ଡଃ ସୂପକାର ଏହାର ସମ୍ପାଦକ, ଶ୍ରୀ ବୈରାଗୀ ଚରଣ ହୋତା ଜେନେରାଲ ମେନେଜର ଓ ଶ୍ରୀ ଜନମଣି ବଲ୍ଲଭ ପାଣିଗ୍ରାହୀ ବାର୍ତ୍ତା ସମ୍ପାଦକ ଭାବରେ କାମ ଆରମ୍ଭ କଲେ । ଓଡ଼ିଶାର ମାନ୍ୟବର ରାଜ୍ୟପାଳ ସ୍ୱର୍ଗତଃ ସି ଏମ୍. ପୁନାଚ୍ଛ ଦୈନିକ ଝାଡ଼ଖଣ୍ଡ ମହାସମାରୋହରେ ଉଦ୍‌ଘାଟନ କଲେ । ଡଃ ମହତାବ ଏହି ଖବର କାଗଜ ଓଡ଼ିଶାର ପଶ୍ଚିମାଞ୍ଚଳର ସମସ୍ୟା ତଥା ସ୍ୱର ଉତ୍ତୋଳନ କରିବ ବୋଲି କହିଲେ । ତାଙ୍କମତରେ ମନ୍ଦିରଟିଏ ଓ ମନ୍ଦିରରେ ବିଗ୍ରହ-ଟିଏ ପ୍ରତିଷ୍ଠା କରିବା ସହଜ କିନ୍ତୁ ଠିକ୍ ଭାବରେ ପୂଜା ଉପାସନା ସମ୍ପାଦିତ କରିବା କଷ୍ଟ । ସେ କହିଲେ, ଏ ଅଞ୍ଚଳର ଲୋକେ ହିଁ ଏ ଦାୟିତ୍ୱ ନେବେ । ଏଣୁ ଡଃ ସୂପକାରଙ୍କ ଭଳି ଜଣେ ଯୋଗ୍ୟବ୍ୟକ୍ତିଙ୍କୁ ଏହି ମନ୍ଦିରର ପ୍ରଥମ ପୂଜାରୀ ଦାୟିତ୍ୱ ଦିଆଗଲା । ଡଃ ସୂପକାର ନିଜ ନାମକରଣର ସାର୍ଥକତା ପ୍ରତିପାଦନ କରି ସମସ୍ତଙ୍କର ଶ୍ରଦ୍ଧାର ସହିତ 'କର' ବିକରଣ କରି ଉପଯୁକ୍ତ ସ୍ୱାଦ ବିତରଣ କଲେ । ଏହା ହିଁ ହେଲା ଝାଡ଼ଖଣ୍ଡର ଜନ୍ମ ।

ପ୍ରଥମରୁ ଝାଡ଼ଖଣ୍ଡ ସମ୍ବାଦପତ୍ର ବହୁଲୋକଙ୍କୁ ଆକର୍ଷଣ କରିଥିଲା, ଏପରିକି ସନ୍ଧ୍ୟାରେ ଖବର କାଗଜ ବାହାରିଲା ବେଳକୁ ପ୍ରେସ୍‌ରେ ଭିଡ଼ ମଧ୍ୟ ହେଉଥିଲା, ଝାଡ଼ଖଣ୍ଡରେ କ'ଣ ବାହାରିବ ଓ ବାହାରୁଛି ତାହା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଥିଲା । ଡଃ ମହତାବ ମଧ୍ୟ ମଝିରେ ମଝିରେ ଆସି ମୋତିଝରସ୍ଥିତ ଝାଡ଼ଖଣ୍ଡ ପ୍ରେସରେ ରହୁଥିଲେ । ଆସ୍ତେ ଆସ୍ତେ ଏହା ଗୋଟିଏ ସମ୍ବଲପୁର ଅଞ୍ଚଳର ଜନଜୀବନର ଏକ କେନ୍ଦ୍ର ହେବାକୁ ବସିଲା ।

ସମ୍ପାଦକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ କୋଠରୀରେ ଡଃ ସୂପକାର ବସୁଥିଲେ । ସେ ଥିଲେ ଜନଜୀବନର ଏକ ବାସ୍ତବ ମଣିଷ । ଝାଡ଼ୁଆପଡ଼ାରୁ

Source: Author, Digitized by PPRACHIN, SOA

ମେନ୍‌ପାର୍କ, କଲ୍ଲା ସ୍କୁଲ୍ ଛକ ଦେଇ ମୋଡ଼ଙ୍ଗରେଣ୍ଟିତ ପ୍ରେସ୍‌ରେ ଗୃଳଗୃଳ ପହଞ୍ଚି ଯାଉଥିଲେ । କିନ୍ତୁ କେବେ ବିଳମ୍ବ ହେଉ ନ ଥିଲା । ବାଟରେ ଚିହ୍ନା ଅଚିହ୍ନା ଶହଶହ ନମସ୍କାର, ପ୍ରତିନମସ୍କାର ମଧ୍ୟରେ ସେ ମୁହୂର୍ତ୍ତଟିଏ ମଧ୍ୟ ନଷ୍ଟ କରୁ ନଥିଲେ । ଲକ୍ଷ୍ୟସ୍ଥଳରେ ଠିକ ସମୟରେ ପହଞ୍ଚି ଯାଉଥିଲେ । ଗୌରାଙ୍ଗ ବାବୁ କିମ୍ବା ଜାନକୀ ବାବୁ ସହ ୨।୩ ମିନିଟ୍ କଥାବାର୍ତ୍ତା ପରେ ନିଜ କୋଠରୀରେ ବସି ସମ୍ପାଦକୀୟ ଲେଖୁଥିଲେ । ମଝିରେ ମଝିରେ ସମ୍ପାଦନା ବିଭାଗରେ ଥିବା ବନ୍ଧୁମାନଙ୍କ ସହ ଥଟ୍ଟାତାମସା କରି ହସ ସୃଷ୍ଟି କରୁଥିଲେ । ସମସ୍ତେ କର୍ମତତ୍ପର ହୋଇ ଉଠୁଥିଲେ, ଚୁପ୍‌ଚାପ୍ କାମ ଚାଲୁଥିଲା । "ଡଃ ସୂପକାର ଅଛନ୍ତି, ପାଠି କରନା" — ଗୌରାଙ୍ଗବାବୁ କର୍ମଚାରୀମାନଙ୍କୁ ତାଗିଦ କରୁଥିଲେ ।

ହୀରାଖଣ୍ଡ ଖବର କାଗଜ ପ୍ରଥମରୁ ଆକର୍ଷଣୀୟ ସମ୍ପାଦକୀୟ ପାଇଁ ନାମ କରି ପାରିଥିଲା । ପରେ ପରେ ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇ ପାରିଥିଲା ।

ହଠାତ୍ କୌଣସି କାରଣରୁ ଡଃ ସୂପକାର ସମ୍ପାଦକ ପଦରୁ ଇସ୍ତଫା ଦେଲେ । ଏ ସମ୍ବନ୍ଧରେ ଜନରବ ହେଲା, କେହି କେହି କହିଲେ 'ଶାଳମଞ୍ଜି କାରବାର' ବା 'ମହତାବଙ୍କ ସହ ମନାନ୍ତର' ଇତ୍ୟାଦି ଇତ୍ୟାଦି । କିନ୍ତୁ ବାସ୍ତବରେ ଏ କୌଣସି କଥା ସତ ନୁହେଁ । ଡଃ ମହତାବଙ୍କ ପରି ବିଜ୍ଞ ଓ ଦୂରଦ୍ରଷ୍ଟା ବ୍ୟକ୍ତି ଡଃ ସୂପକାରଙ୍କୁ ଛାଡ଼ିବାକୁ ମୋଟେ ପ୍ରସ୍ତୁତ ନଥିଲେ । ସମ୍ପାଦକ ପଦରୁ ତାଙ୍କ ଇସ୍ତଫା ଗ୍ରହଣ କଲେ ମଧ୍ୟ ଟ୍ରଷ୍ଟବୋର୍ଡ଼ ପଦରୁ ତାଙ୍କୁ ଛାଡ଼ିଲେନାହିଁ । ଡଃ ସୂପକାର ହୀରାଖଣ୍ଡ ସହ ପୂର୍ବ ପରି ନିଜକୁ ସଂଯୁକ୍ତ କରି ରଖିଲେ କିନ୍ତୁ ପତ୍ରିକାର ଅବସ୍ଥାର ଏ ଅବସ୍ଥା ଦେଖି କିଛି ବର୍ଷ ପୂର୍ବରୁ ଶ୍ରୀ ଭର୍ତ୍ତୃହରି ମହତାବଙ୍କ ପାଖକୁ ଏକ ଚିଠି ଲେଖି ସମସ୍ତ ସଂପର୍କ ଛିନ୍ନ କରିଦେଲେ ।

ଡଃ ମହତାବ ଓ ଡଃ ସୂପକାରଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିବା ଓ ହୀରାଖଣ୍ଡ ସଂପାଦକ ପଦତ୍ୟାଗ ପରେ ମଧ୍ୟ ଏ ସଂପର୍କ ପୂର୍ବପରି ରହିଥିବା ହେତୁ ଏହାର କାରଣ ବହୁଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ହୋଇ ରହିଲା, କିନ୍ତୁ ସତକଥା ହେଲା ଗୋଟିଏ ସାଧାରଣ ଘଟଣା ପାଇଁ । ମିଛ କଥା କହିବାରୁ ଓ ପ୍ରତାରଣା କରିବାରୁ ଜଣେ ସାଧାରଣ କର୍ମଚାରୀଙ୍କ

Source: Author, Digitized by PPRACHIN, SOA

ବ୍ୟବହାରରେ ଡଃ ସୂପକାର କ୍ଷୁବ୍ଧ ହୋଇ ପଡ଼ିଥିଲେ । ସେ ଦେଖିଲେ ନିଜେ ରହିଲେ ଉକ୍ତ କର୍ମଚାରୀ ଯିବ ଓ ତାର ଦାନାପାଣି ଯିବ । ଏଣୁ ଉକ୍ତ କର୍ମଚାରୀର ଚାକିରୀ ବଞ୍ଚେଇବାକୁ ନିଜେ ଇସ୍ତଫା ଦେଲେ । ଅବଶ୍ୟ ପରେ ଉକ୍ତ କର୍ମଚାରୀ ମଧ୍ୟ ନିଜ କୃତକର୍ମର ଫଳ ସ୍ୱରୂପ ବିତାଡ଼ିତ ହୋଇଥିଲେ ଓ ପରେ ପରେ ଯେଉଁ ଯେଉଁ ସଂସ୍ଥାରେ କାମକଲେ, ସେଠାରୁ ମଧ୍ୟ ତଡ଼ା ଖାଇଲେ ।

ହୀରାଖଣ୍ଡ ସଂପାଦକ ପଦ ସେତେବେଳେ ଏକ ଆକର୍ଷଣୀୟ ପଦବୀ ଥିଲା ଓ ସେଥିପାଇଁ ସେ ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଲାଳାୟିତ ଥିଲେ । କିନ୍ତୁ ଡଃ ସୂପକାର ଜଣେ ସାଧାରଣ ତଳିଆ କର୍ମଚାରୀଙ୍କୁ ନ ତଡ଼ି ନିଜେ ସେଥିରୁ ଅପସରି ଯାଇଥିଲେ, ଏହା ତାଙ୍କର ମହାନୁଭବତାର ପରିଚୟ ଦିଏ ।

ଜିଲ୍ଲା ସ୍କୁଲ କଲୋନୀ
ସମ୍ବଲପୁର – ୧

ସେ ଓ ମୁଁ

ଶ୍ରୀ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

ଆମ ବେଳେ ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲରେ ଏପ୍ରିଲ ମାସ ଆରମ୍ଭରେ ହେଉଥିଲା ସକାଳପଢ଼ା; ୨୦।୨୨ ତାରିଖ ବେଳକୁ ଷାଣ୍ମାସିକ ପରୀକ୍ଷା ସରି ଯାଉଥିଲା । ତା' ପରେ ତା ୨୫ ବେଳକୁ ଆରମ୍ଭ ହେଉଥିଲା ସଂସ୍କୃତ ପରୀକ୍ଷା । ଉତ୍କଳ ସଂସ୍କୃତ ଆସୋସିଏସନ୍‌ର ପଶ୍ଚିମାଞ୍ଚଳୀୟ ମୁଖ୍ୟ ପରୀକ୍ଷା କେନ୍ଦ୍ର ଥିଲା ପୃଥ୍ୱୀରାଜ ହାଇସ୍କୁଲ । ଦିନ ଦଶଟା ବେଳେ ଆରମ୍ଭ ହୁଏ ବିବିଧ ସଂସ୍କୃତ ପରୀକ୍ଷା—ପ୍ରଥମା, ମଧ୍ୟମା, ଆଚାର୍ଯ୍ୟ । ମୋର ପିତା ଥିଲେ ସ୍ଥାନୀୟ ସଂସ୍କୃତ ବିଦ୍ୟାଳୟର ଶିକ୍ଷକ, ତେଣୁ ସଂସ୍କୃତ ଛାତ୍ରଙ୍କ ଗୁରୁପୁତ୍ର ମୁଁ କୌତୁହଳର ସହ ଦେଖୁଥାଏ ଏ ପରିଚିତ ପରୀକ୍ଷାର୍ଥୀଙ୍କୁ । ବର୍ଷକୁ ବର୍ଷ ଚାଲିଥାଏ ଏ ଧାରା । ମୁଁ ୧୯୩୪।୩୫ରେ ନବମ, ଦଶମ ଶ୍ରେଣୀର ଛାତ୍ର ଥିଲାବେଳେ ଆସିଥିଲେ ଜଣେ ଢେରେଇ ଆଚାର୍ଯ୍ୟ ପରୀକ୍ଷାର୍ଥୀ । ଝରକା ପାଖରେ ତାଙ୍କର ସିଟ୍ । ଗୋରା ତକ୍‌ତକ୍ ଚେହେରା । ସୁଗଠିତ ପ୍ରାଂଶୁ ମୂର୍ତ୍ତି, କାନ ପାଖରେ ଗାଲ ପର୍ଯ୍ୟନ୍ତ ଲମ୍ବିଥାଏ କଲି, ବାଉଁଆ କେଶ

Source: Author, Digitized by PPRACHIN, SOA

କଟା ମୁଣ୍ଡ ବାଳ । ଆକାର, ବୟସ ସବୁ ଦୃଷ୍ଟିରୁ ସେ ଅନ୍ୟ ପିଲାଙ୍କଠାରୁ ବାରି ହୋଇପଡ଼ୁଥିବା ଭଳି ଜଣେ ମୂର୍ତ୍ତି । ଧଳା ଚକ୍‌ଚକ୍ ଇସ୍ତିରି କରା ଖଦଡ଼ ଧୋତି, ଖଦଡ଼ କାମିଜ ଓ କାନ୍ଧରେ ଖଣ୍ଡିଏ ଧଳା ଖଦ ଚାଉଳିଆ । ଏ ପରିଚ୍ଛେଦ ବୈଶିଷ୍ଟ୍ୟ ମଧ୍ୟ ତାଙ୍କୁ ଚିହ୍ନାଇ ଦେଉଥିଲା ଅନ୍ୟଠାରୁ ପୃଥକ କରି ।

ତା'ପରଠୁ ପରୀର ବୁଝିଲି ଜାଣିଥିଲି ସେ ଆସିଥିଲେ ସମ୍ବଲପୁରରୁ ସାହିତ୍ୟାଚାର୍ଯ୍ୟ ପରୀକ୍ଷା ଦେବାକୁ । ବି. ଏ. ବା ଏମ. ଏ କିମ୍ବା ପାଶ୍ କରି ସାରିଥାନ୍ତି ସେତେବେଳକୁ । ଆମ ଘର ବିଦ୍ୟା ସଂସ୍କୃତ ପ୍ରତି ଶ୍ରଦ୍ଧାରେ ସେ ଏଇ ଅବହେଳିତ ପାଠରେ ପରୀକ୍ଷା ଦେବାକୁ ଆସିଛନ୍ତି—ଶ୍ରଦ୍ଧାକର ସୂପକାର । ସେହି ପ୍ରଥମ ଦର୍ଶନ ବେଳର ସେ ରୂପ ସ୍ମୃତି ମଧ୍ୟରେ ଉତ୍କୀର୍ଣ୍ଣ ହୋଇ ରହିଛି । ଆଜି ଷାଠିଏ ବର୍ଷ ପରେ, ପରୀକ୍ଷାର୍ଥୀର ନବିଷ୍ଟ କର୍ତ୍ତବ୍ୟରତ ମୀରବଗମ୍ଭୀର ମୂର୍ତ୍ତି ସେହି ଯୁବକ ଶ୍ରଦ୍ଧାକରଙ୍କ ସହିତ ସେହି ଅପରିଚୟର ପରିଚୟ ହେଲା ପରବର୍ତ୍ତୀ ଜୀବନରେ ତାଙ୍କ ସହିତ ମୋ ଘନିଷ୍ଠତାର ପୁଞ୍ଜି ।

ତାଙ୍କ ସାହିତ୍ୟର ପରିଚୟ ପାଇଥିଲି ୧୯୪୭ ରେ । ବଲାଙ୍ଗିର କୋଶଳ କଳାମଣ୍ଡଳ ପ୍ରେସରେ ଛପା ହେଉଥାଏ ହୀରାକୁଦ ବନ୍ଧ ବିରୋଧ ଆନ୍ଦୋଳନର ବାର୍ତ୍ତା ନେଇ । ସାପ୍ତାହିକ 'ହୀରାଖଣ୍ଡ ସମାଚାର' ଶ୍ରଦ୍ଧାକର ବାବୁଙ୍କ ସମ୍ପାଦନାରେ । ମୁଁ ଥିଲି ଏ ପତ୍ରିକାର ପ୍ରୁଫ୍ ରିଡର୍ । ଜଣେ ପ୍ରୌଢ଼ ବୟସର କମ୍ପୋଜିଟର ସମ୍ବଲପୁରରୁ ଯାଇ ବଲାଙ୍ଗିରରେ ରହି ପତ୍ରିକା ଛପାଛପିର ସଂପୂର୍ଣ୍ଣ ତଦାରଖ କରୁଥାନ୍ତି । ଶ୍ରଦ୍ଧାକର ବାବୁଙ୍କ ବିଷୟରେ କେତେ କଥା କହନ୍ତି ସେ କଂପୋଜିଟର । ତା ଛଡ଼ା ମୁଁ ନିୟମିତ ଭାବରେ ଦେଖୁଥାଏଁ ଶ୍ରଦ୍ଧାକର ବାବୁଙ୍କ ଯୁକ୍ତିସମ୍ବଳିତ ପ୍ରାବନ୍ଧିକ ଭାଷାର ଶୈଳୀ । ବାର ବର୍ଷ ପୂର୍ବେ ହାଇସ୍କୁଲରେ ଯେଉଁ ଗମ୍ଭୀର ବ୍ୟକ୍ତିତ୍ୱର କ୍ଷୀଣ ପରିଚୟ ମିଳିଥିଲା ଭାଷାର ଏହି ପରିଚ୍ଛନ୍ନ ଆଭିଜାତ୍ୟ ଦ୍ୱାରା ତାହା ଦୃଢ଼ୀଭୂତ ହେଉଥାଏ ସ୍ୱାଭାବିକ ଭାବେ । ତଥାପି ତାଙ୍କର ପ୍ରତ୍ୟକ୍ଷ ପରିଚୟ ଲାଭ ନିମିତ୍ତ ମୋତେ ଅପେକ୍ଷା କରିବାକୁ ହେଲା ଆହୁରି ଅନେକ ବର୍ଷ ।

୧୯୬୧ ରେ ଗଙ୍ଗାଧର ମେହେର କଲେଜରେ ଓଡ଼ିଆ ଅଧ୍ୟାପକ ଭାବରେ ଯୋଗଦେବାର ଦୁଇ ସପ୍ତାହ ମଧ୍ୟରେ ଗଙ୍ଗାଧର ଜୟନ୍ତୀର

Source: Author, Digitized by PPRACHIN, SOA

ବକ୍ତୃତାରୁ ସେ ମୋତେ ଚିହ୍ନିଥିବେ । ସେହି ବର୍ଷ ସେପ୍‌ଟେମ୍ବର ଅକ୍ଟୋବରରେ ସମ୍ବଲପୁର ଜିଲା ଲେଖକ ସମ୍ମିଳନୀର ପ୍ରସ୍ତୁତି ପାଇଁ ସମ୍ପାଦକ ଭାବେ କାର୍ଯ୍ୟାରମ୍ଭ କଲି ଫ୍ରେଜର କ୍ଲବରେ । ଶ୍ରଦ୍ଧାକର ବାବୁ ଥିଲେ କମିଟୀର ଅନ୍ୟତମ ସଭ୍ୟ । ଗଣତନ୍ତ୍ର ପରିଷଦର ପ୍ରମୁଖ ସଭ୍ୟ ତଥା ଆସେମ୍ବ୍ଲି ଓ ପାର୍ଲିମେଣ୍ଟର ସଭ୍ୟ ଭାବେ ନିର୍ବାଚିତ ହୋଇ ସାରିଥିବା ଶ୍ରଦ୍ଧାକର ବାବୁ ସେତେବେଳକୁ ଖୁବ୍ ଜଣାଶୁଣା ଯୁବକ ନେତା । ସାହିତ୍ୟ ଦୃଷ୍ଟିରୁ ତାଙ୍କର ଗଳ୍ପ ଓ ପ୍ରବନ୍ଧାଦି ମଧ୍ୟ ତାଙ୍କର ବୈଶିଷ୍ଟ୍ୟ ଥିଲା । ତା ୧୬-୧୨-୧୯୬୧ ରେ ଫ୍ରେଜର କ୍ଲବ୍ ହତାରେ ଅନୁଷ୍ଠିତ ହୋଇଥିଲା ସେ ସମ୍ମିଳନୀ । କମିଟିର ସଭ୍ୟ ଓ ସମ୍ପାଦକ ଭାବେ ଆମର ପରସ୍ପରର ସମ୍ବନ୍ଧରେ ପରିଚୟ ସିନା ସ୍ପଷ୍ଟ ହେଲା, ଘନିଷ୍ଠତା କିନ୍ତୁ ଆସି ନଥାଏ । ଆମେ ଆହୁରି ଟିକିଏ ପାଖେଇ ଆସିଲୁଁ ଓଡ଼ିଶା ଏଡୁକେଶନ ସୋସାଇଟୀର ସଭ୍ୟ ତଥା କର୍ମୀ ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ସମ୍ପର୍କିତ ଉଦ୍ୟମ ବେଳେ । ୧୯୬୭ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ସେ ହେଲେ ସିନେଟ ତଥା ସିଣ୍ଡିକେଟର ସଭ୍ୟ । ୧୯୬୯ ମଧ୍ୟ ଭାଗରେ ମୁଁ ଜଏନ୍ କଲି ସ୍ନାତକୋତ୍ତର ବିଭାଗର ପ୍ରାଧ୍ୟାପକ ଭାବେ ।

ଗଙ୍ଗାଧର ମେହେର କଲେଜରେ, ସମ୍ବଲପୁର ସହରରେ ଏବଂ ଆଖପାଖ କଲେଜ ମାନଙ୍କରେ ସଭାସମିତି, ଆଲୋଚନା, ବକ୍ତୃତା ପ୍ରଭୃତି ପ୍ରସଙ୍ଗରେ ମଧ୍ୟେ ମଧ୍ୟେ ଦେଖାହୁଏ, ପରସ୍ପର ଆଲୋଚନା ଶୁଣାଶୁଣିରେ ସାହିତ୍ୟିକ ବନ୍ଧୁତା ଗଢି ଉଠୁଥାଏ । କିନ୍ତୁ ୧୯୭୨ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ସପ୍ତର୍ଷି' ପତ୍ରିକାର ପ୍ରକାଶନ ଆରମ୍ଭ ପରେ ଶ୍ରଦ୍ଧାକର ବାବୁଙ୍କ ସହ ଘନିଷ୍ଠତା ଆସିଲା । ସମ୍ବଲପୁରର ଭାଷା ଆନ୍ଦୋଳନ ସମ୍ପର୍କିତ ତାଙ୍କ ପ୍ରବନ୍ଧଗୁଡ଼ିକ ଓଡ଼ିଶା ଓ ଓଡ଼ିଆ ଇତିହାସର କେତେକ ଅଜ୍ଞାତ ପୃଷ୍ଠା ଉନ୍ମୋଚନ କରିବାରେ ସହାୟତା କଲା । ତା ଛଡ଼ା ଡକ୍ଟର ଆଇଜାକ୍ ସାନ୍ତ୍ରା ଏବଂ ଅନ୍ୟାନ୍ୟ କୃତି ସନ୍ତାନଙ୍କ ଜୀବନୀର ପ୍ରକାଶନ ତାଙ୍କର ଅପର କୃତିତ୍ୱ । ମୋର ଏହି ସମୟର କେତୋଟି ଆଲଙ୍କାରିକ ପ୍ରବନ୍ଧ ପ୍ରଥମେ ସପ୍ତର୍ଷିରେ ପ୍ରକାଶିତ ହେଲାପରେ ୧୯୭୮ରେ 'ଅଲଙ୍କାର ପ୍ରସଙ୍ଗ' ନାମରେ ସଙ୍କଳିତ ହେଲା । ଡକ୍ଟର ସୂପକାରଙ୍କଦ୍ୱାରା ରଚିତ ଏ ପୁସ୍ତକର ସମୀକ୍ଷା ପ୍ରକାଶିତ ହୋଇଥିଲା 'ଝଙ୍କାର' ପୃଷ୍ଠାରେ । ପରେ ୧୯୮୧ରେ ପ୍ରକାଶିତ

Source: Author, Digitized by PPRACHIN, SOA

ମୋର ଅନ୍ୟତମ ସମାଲୋଚନା ସଙ୍କଳନ 'ସାହିତ୍ୟ ପ୍ରସଙ୍ଗ'ର ସମୀକ୍ଷା ମଧ୍ୟ ସେ ଲେଖିଥିଲେ । ସାହିତ୍ୟିକ ବନ୍ଧୁତାର ଏହି କ୍ରମବର୍ଦ୍ଧିଷ୍ଣୁ ଧାରାର ଅନ୍ୟ ଏକ ସଂଯୋଗ ସୂତ୍ର ଥିଲା କେତେକ ଅନୁଷ୍ଠାନରେ ଆମ ଉଭୟଙ୍କର ସଭ୍ୟତ୍ୱ । 'କୋଶଳ ସାହିତ୍ୟ ସମାଜ' ସମ୍ବଲପୁର, ଦ୍ୱିତୀୟ ସମ୍ବଲପୁର ଜିଲା ଲେଖକ ସମ୍ମିଳନୀ (୧୯୭୬), ଭାଷା ଓ ସାହିତ୍ୟ ସମ୍ପର୍କିତ ବହୁ ଆଲୋଚନା-ଚକ୍ର ଓ ବିଚାରବିମର୍ଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ସଭା ଇତ୍ୟାଦି କେତୋଟି କ୍ଷେତ୍ରରେ ଆମେ ପରସ୍ପର ପକ୍ଷଭୁକ୍ତ ହୋଇ ଉଠୁଥିଲୁଁ, ସାଂସ୍କୃତିକ ଦୃଷ୍ଟିରୁ । ଶେଷରେ ଓଡ଼ିଶା ସାହିତ୍ୟ ଏକାଡେମୀର ରଜତ ଜୟନ୍ତୀ ଉପଲକ୍ଷ୍ୟରେ ଭୁବନେଶ୍ୱରରେ ଡକ୍ଟର ସୂପକାର, କବିବନ୍ଧୁ ବିନୋଦଚନ୍ଦ୍ର ନାୟକ ଏବଂ ମୁଁ ତିନୋଟି ଦିନ ନିହାଠେଲେ ସ୍ୱପ୍ନପୁରୀରେ କଟାଇବା ବେଳେ ଆମର ପରସ୍ପର ଭାବସଂହତି ଏକ ନିବିଡ଼ ସ୍ତରରେ ପହଞ୍ଚିଥିଲା ।

ସେ ଥିଲେ ଜ୍ୟେଷ୍ଠ । ପଶ୍ଚିମାଞ୍ଚଳର ବାସିନ୍ଦା ଆମେ ଦୁହେଁ, ପଶ୍ଚିମା-ଞ୍ଚଳର ପ୍ରାଚୁର୍ଯ୍ୟ ସତ୍ତ୍ୱେ ତାହାର ଅଭାବ-ଅବହେଳା-ସଚେତନତା, ତାହାର ସାଂସ୍କୃତିକ ସ୍ୱାତନ୍ତ୍ର୍ୟର ଅବବୋଧ ଓଡ଼ିଆ ଓ ସଂସ୍କୃତ ଭାଷା ସାହିତ୍ୟ ସେବା ଆମ ମଧ୍ୟରେ ଥିଲା ସାଧାରଣ କଥା । ସେ ଥିଲେ ଆଇନଜୀବୀ ଓ ଆଇନ୍ ଶିକ୍ଷକ, ମୁଁ ବି ଶିକ୍ଷକ, ଦୁହେଁ ଆମେ ମସୀଜୀବୀ । ରାଜନୀତି ଥିଲା ତାଙ୍କର ଅଧିକ ବୈଶିଷ୍ଟ୍ୟ । ଲୋକ ପ୍ରତିନିଧି ଭାବେ ସେ ବହୁବାର ନିର୍ବାଚିତ ହୋଇଥିଲେ ବିଧାନସଭା ତଥା ଲୋକସଭାକୁ । ବିରୋଧୀ ଦଳର ନେତା ଓ ବହୁ ଗୁରୁତ୍ୱପୂର୍ଣ୍ଣ କମିଟୀରେ ରହି ସେ ଗଣତନ୍ତ୍ର ସେବା କରି ଯାଇଛନ୍ତି । ବିଧାୟକଙ୍କ ମଧ୍ୟରେ ବି ତାଙ୍କର ଜ୍ଞାନ ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ସେ ଥିଲେ ଜଣେ ନିପୁଣ ପଣ୍ଡିତ ବିଧାୟକ । ସ୍ଥୂଳତଃ ପାଣ୍ଡିତ୍ୟ ଓ ଗାମ୍ଭୀର୍ଯ୍ୟ ହିଁ ତାଙ୍କ ବ୍ୟକ୍ତିତ୍ୱର ସାରକଥା । ତାଙ୍କ ସାହିତ୍ୟ ସେବାରେ ଏହାର ଫଳଶ୍ରୁତି ହେଲା- ତାଙ୍କ ପ୍ରବନ୍ଧ ଗୁଡ଼ିକର ମୂଲ୍ୟ । ସାହିତ୍ୟର ଅନ୍ୟ ତରଳ ବିଭାଗରେ ସେ ହାତ ଦେଇଛନ୍ତି, କିନ୍ତୁ ତହିଁରେ ତାଙ୍କର ସିଦ୍ଧି ରହିଛି କେବଳ ସମ୍ବଲପୁରୀ ଜୀବନ ଓ ସଂସ୍କୃତି ବ୍ୟାଖ୍ୟା ଦୃଷ୍ଟିରୁ । ସାହିତ୍ୟ ସଭାରେ ସ୍ରୋତଲଭ ଭାଷଣ ତାଙ୍କର କୃତିତ୍ୱ ନଥିଲା, ବିଚାରବନ୍ତ ମୂଲ୍ୟବାନ୍ ଆଲୋ-ଚନା ଥିଲା ତାଙ୍କ ଧାରା । ବସ୍ତୁତଃ ତାଙ୍କ ଆପାତଗମ୍ଭୀର ବ୍ୟକ୍ତିତ୍ୱର ଏକ ବିଶୁଦ୍ଧ ପ୍ରକାଶ ଭୂମି ତାଙ୍କ ସାହିତ୍ୟ । ପୂର୍ବୋକ୍ତ ହୋଟେଲ ସ୍ୱପ୍ନପୁରୀରେ

Source: Author, Digitized by PPRACHIN, SOA

ଜାଣିଲି ସେ ଖୁବ୍ ସଙ୍ଗୀତପ୍ରିୟ ଥିଲେ । ସେ ହୃଦୟରେ ବି ଦରଦ ଓ ହର୍ଷର ସ୍ପର୍ଶ ଥିଲା । ତଥାପି ହାସ୍ୟପରିହାସର ଲଘୁ ପରିବେଶ ସୃଷ୍ଟି କରିବା ତାଙ୍କଠାରେ ସମ୍ଭବ ନଥିଲା । ବେଳେ ବେଳେ ଭାଷଣ ପ୍ରସଙ୍ଗରେ ସେ ଏହିଭଳି ଉଦ୍ୟମ କରି ନିଜେ ଆମୋଦିତ ହେଉଥିବେ, କିନ୍ତୁ ହାସ୍ୟରସ ସୃଷ୍ଟି କରିବାରେ ତାଙ୍କର ସିଦ୍ଧି ନଥିଲା ।

ଅଶୀଦଶକ ଆରମ୍ଭରେ ସମ୍ବଲପୁରରୁ ପ୍ରକାଶିତ 'ହୀରାଖଣ୍ଡ' ଦୈନିକର ସେ ହେଲେ ପ୍ରଥମ ସମ୍ପାଦକ । ସମ୍ବଲପୁର ତଥା ପଶ୍ଚିମାଞ୍ଚଳର ସମସ୍ୟା ଉପସ୍ଥାପନ କରିବାରେ ତାଙ୍କ ନିଷ୍ଠାର ପ୍ରମାଣ ପତ୍ର ହୋଇ ରହିଛି ତାଙ୍କ ସମ୍ପାଦକୀୟ ରଚନାବଳୀ । ପରେ ପରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସିନେଟ ସିଣ୍ଡିକେଟର ସଭ୍ୟ ତଥା ଅସ୍ଥାୟୀ କୁଳପତି ହେବାର ଗୌରବ ଲଭ କଲେ ସେ । ବିଧି ନିର୍ଦ୍ଦେଶରେ ମୋତେ ବି ମିଳିଲା 'ହୀରାଖଣ୍ଡ' ସମ୍ପାଦନାର ଦାୟିତ୍ୱ, ମୁଁ ବି ହୋଇଥିଲି ସଂସ୍କୃତ ବିଶ୍ୱବିଦ୍ୟାଳୟର ସିନେଟ ସଭ୍ୟ । ସେ ଥିଲେ ଅଗ୍ରଣୀ, ଏବଂ ଅନୁବର୍ତ୍ତନର ଧାରାରେ ମୁଁ ହେଲି ଉତ୍ତର ପୁରୁଷ । ପରସ୍ପର ସହଯୋଗୀତାର ଏହି ଧାରାର ଚରମ ସ୍ତର ହେଲା ଆମ ବ୍ୟକ୍ତିଗତ ଜୀବନରେ ଘନିଷ୍ଠତା । ତେଣୁ ମୋର ସମ୍ବଲପୁର ରହଣିର ଦୀର୍ଘ ୧୫/୧୭ ବର୍ଷ ପରେ ସେ ବେଳେ ବେଳେ ଆସୁଥିଲେ ଆମ ଘରକୁ, ମୁଁ ବି କେତେଥର ଯାଇଛି ତାଙ୍କ ଘରକୁ । ତାଛଡ଼ା ଅନେକ ସାହିତ୍ୟ ସଭାକୁ ଯିବା ଆସିବା ବେଳେ ଗାଡ଼ିରେ ଯେଉଁ କେତେ ଘଣ୍ଟା ସମୟ ମିଳେ ସେ ସମୟରେ ଆଲୋଚନା ମଧ୍ୟରେ ସାହିତ୍ୟ ଓ ସଂସ୍କୃତି ଉପରେ ଧାରଣା ଓ ଭାବନାର ଆଦାନ ପ୍ରଦାନ ହୁଏ । ସେ ସବୁ ସାଇତା ସ୍ମୃତି ମଧ୍ୟରେ ରହିଛି ସାଂସ୍କୃତିକ ପୁରୁଷ ଭାବେ ଶ୍ରଦ୍ଧାକର ବାବୁଙ୍କ ପଶ୍ଚିମାଞ୍ଚଳର ଭାଷା-ସାହିତ୍ୟ-ସଂସ୍କୃତିର ତଥା ପଶ୍ଚିମାଞ୍ଚଳୀୟ ପ୍ରତିଭାର ପ୍ରଚାର ଓ ପ୍ରତିଷ୍ଠା ନିମିତ୍ତ ବ୍ୟାକୁଳତା । ଏହି କଥା ହିଁ ପଡ଼େ । ଆଖିବୁଜା ଅନ୍ଧପ୍ରୀତି ନୁହେଁ, ଆମର ଦୁର୍ବଳତା ଓ ସୀମିତ ସିଦ୍ଧି ମଧ୍ୟ ଆଲୋଚିତ ହୁଏ; କିନ୍ତୁ ପ୍ରେରଣା ସୃଷ୍ଟି ଲାଗି ପ୍ରଭାବ ତଥା ଉତ୍ସାହର ଅଭାବ ନେଇ ସେ କ୍ଷୁବ୍ଧ ହେଉଥିଲେ ବେଶୀ ।

ତାଙ୍କ ଦେହାବସାନ ପରେ ଏ ମଧ୍ୟରେ ବର୍ଷଟିଏ କଟି ଯାଇଛି । ସମ୍ବଲପୁରରେ କେତେ ସାଧାରଣ ସାଂସ୍କୃତିକ ସଭା ଅନୁଷ୍ଠିତ ନ ହୋଇଛି, କିନ୍ତୁ ସାନ ବଡ଼ ପ୍ରତି ସଭାରେ ଅନୁଭବ କରିବାକୁ ହୋଇଛି ଜଣଙ୍କର ଅନୁପସ୍ଥିତି — ସେହି ଚିରସମୟାନୁବର୍ତ୍ତୀ, ଶୃଙ୍ଖଳିତ, ଗମ୍ଭୀର ସରଳ ସଂସ୍କୃତି-ପୁରୁଷ ଶ୍ରଦ୍ଧାକର ବାବୁଙ୍କର ।

ଗୋପାଳମାଳ, ସମ୍ବଲପୁର

Source: Author, Digitized by PPRACHIN, SOA

ଦଦା – ଏକ ଅମ୍ଲାନ ପ୍ରେମମୟ ସ୍ମୃତି

● କବିରାଜ ଶ୍ରୀ ପ୍ରୟାଗଦତ୍ତ ଜୋଷୀ

୧୯୩୮ ମସିହାରେ ଦଦାଙ୍କ ସହିତ ମୋର ପ୍ରଥମ ଭେଟ ହୁଏ ବାରଣସୀରେ । ସେ ସମୟରେ ମୁଁ ସେଠାରେ ଆୟୁର୍ବେଦ ଅଧ୍ୟୟନ କରୁଥିଲି । ଦଦା ପାଟନାରେ ଆଇନ ପଢ଼ୁଥିଲେ ଓ କଲେଜର ଛାତ୍ରମାନଙ୍କ ସହ ଭ୍ରମଣ ସୂତ୍ରରେ ବାରଣସୀ ଆସିଥିଲେ । ମୋ ସହିତ ଖଡ଼ିଆଳର ଆଉ ତିନିଜଣ ମଧ୍ୟ ରହୁଥିଲେ । ଗଙ୍ଗାକୂଳ ଦଶାଶ୍ୱମେଧ ଘାଟରେ ସାନ୍ଧ୍ୟ ଭ୍ରମଣ ବେଳେ ତାଙ୍କ କଥା ଶୁଣି ଅମ୍ଭେ ସେମାନଙ୍କ ସହ ପରିଚିତ ହେଲୁ । ତାଙ୍କ ଠିକଣା ଜାଣି ଆରଦିନ ତାଙ୍କ ବସାକୁ ଗଲୁ । ସେମାନେ ସହର ଦେଖିବାକୁ ଯାଇଥିବାରୁ ଠିକଣା ଦେଇ ଚାଲିଆସିଲୁ । ସନ୍ଧ୍ୟାରେ ସେମାନେ ଆମବସାରେ ପହଞ୍ଚିଲେ । ନାନା କଥାବାର୍ତ୍ତା ପରେ ଏକତ୍ର ସିନେମା ଦେଖା ଓ ଭୋଜନ ବି ହେଲା । ସେସମୟରେ ସଂପୂର୍ଣ୍ଣ ଅପରିଚିତ ହୋଇଥିଲେହେଁ, କେଜାଣେ କାହିଁକି ଦଦାଙ୍କ ପ୍ରତି ମୁଁ ବିଶେଷ ଭାବେ ଆକର୍ଷିତ ହୋଇଥିଲି, ତା ପରେ ବହୁବର୍ଷ ଧରି ଦଦାଙ୍କ ସହ ଆଉ ଦେଖା ହୋଇ ପାରି ନଥିଲା । ୧୯୩୬ ରୁ ଖଡ଼ିଆଳ ମଧ୍ୟ ପ୍ରଦେଶରୁ ଆସି ଓଡ଼ିଶାରେ ମିଶିଥିଲା । ଏହା ସମ୍ବଲପୁର ଜିଲ୍ଲାରେ ଅନ୍ତର୍ଗତ ଥିବାରୁ ଅନେକ କର୍ମଗୃହ ସମ୍ବଲପୁରରୁ ଆସୁଥିଲେ । ସେମାନଙ୍କ ଠାରୁ ଦଦାଙ୍କ ପାଣ୍ଡିତ୍ୟ, ଆଇନଦକ୍ଷତା, ରାଜନୈତିକ କାର୍ଯ୍ୟକଳାପ, ଜନସେବା, ସୌଜନ୍ୟର ସୁଯଶ ଶୁଣି ମୋର ହୃଦୟରେ ତାଙ୍କର ଗୋଟିଏ ଭାବମୂର୍ତ୍ତି ଉଜ୍ଜ୍ୱଳ ହୋଇ ରହିଥାଏ । କଂଗ୍ରେସକର୍ମୀ ଭାବେ କେତେଥର ଜିଲ୍ଲା କଂଗ୍ରେସ ବୈଠକକୁ ଯାଇଥିଲେ ମଧ୍ୟ ଦଦାଙ୍କ ସହ ସାକ୍ଷାତ୍ କାରର ସୁଯୋଗ ଘଟି ନଥିଲା ।

୧୯୮୦ ଆଡ଼କୁ ମୁଁ ଗୁରୁତର ସ୍ୱାସ୍ଥ୍ୟ କାରଣରୁ ଔଷଧାଳୟ ବ୍ୟବସାୟ ପୁଅମାନଙ୍କ ଜିମା ଦେଇ ନିବୃତ୍ତ ରହିଲି । ଓ ସମୟର ସଦୁପଯୋଗ ଲାଗି ମୋ ମନରେ ଜମାଟ ବାନ୍ଧିଥିବା କୋଶଲୀ ଭାଷାର ଆଲୋଚନା ଆରମ୍ଭ କରିଥିଲି । ମୋର ଲେଖାମାନ ଦୈନିକ ସ୍ୱାଗଖଣ୍ଡ ଓ ଦୈନିକ କୋଶଳରେ ପ୍ରକାଶିତ ହେଉଥାଏ । ଦଦାଙ୍କର ମଧ୍ୟ ଏ ସଂକ୍ରାନ୍ତ ଲେଖା ବାହାରୁଥିଲା । ଏହାଦ୍ୱାରା ପରସ୍ପରକୁ ଜାଣି ପାରୁଥିଲୁ ।

ସୌଭାଗ୍ୟ କ୍ରମେ ତାଙ୍କ ପରିବାର ସହିତ ମୋ ପରିବାରର ବୈବା-

Source: Author, Digitized by PPRACHIN, SOA

ହକ ସଂପର୍କ ମଧ୍ୟ ୧୯୮୪ରେ ହୋଇଗଲା । ଆମେ ନିକଟ ଆତ୍ମୀୟ ହୋଇଗଲୁ । ସେ ମୋଠାରୁ ମାତ୍ର ବର୍ଷେ ସାନ ଥିଲେ ଓ ମାନ୍ୟରେ ମୁଁ ଅଜା ହୋଇଗଲି । ଏ ସମୟରେ ଆମେ ଉଭୟେ ସପ୍ତତି ବର୍ଷୀୟ ହୋଇ ଥିବାରୁ ଅଜାନାତି ସଂପର୍କ ବଡ଼ କୌତୁକ ପ୍ରଦ ହୋଇଥିଲା ।

ଯେ କୌଣସି ନିମିତ୍ତରେ ସମ୍ବଲପୁର ଗଲେ ମୋର ପ୍ରଥମ କାର୍ଯ୍ୟକ୍ରମ ଦଦା ସହ ଭେଟ ଓ ଆଳାପ ଆଲୋଚନା ଥିଲା । ସବୁ କ୍ଷେତ୍ରରେ ଜଣେ ମୂର୍ଦ୍ଧନ୍ୟ ବ୍ୟକ୍ତି ହୋଇ ସୁଦ୍ଧା ତାଙ୍କ ନିରାଡ଼ମ୍ବର ଅଭିମାନ ଶୂନ୍ୟ, ହର୍ଷୋ-ଲ୍ଲାସ, ସ୍ମିତମୁଖ, ଶୀଳ ସୌଜନ୍ୟ, ନିର୍ମଳ ବ୍ୟବହାର ସ୍ନେହଶ୍ରଦ୍ଧା ଓ ସମ୍ମାନ ମୋତେ ବିସ୍ମିତ ଓ ଅଭିଭୂତ କରୁଥିଲା । କୋଶଳର ଭାଷା ଓ ସଂସ୍କୃତି ର ନାମ ନେଇ ଆମ ମଧ୍ୟରେ ମତ ଭିନ୍ନତା ଥିଲେ ମଧ୍ୟ ତାହା ଆମ୍ଭ ପରସ୍ପର ଭାବଭାବନାରେ କିଂଚିତ୍ ମାତ୍ର ବି ଆଞ୍ଚ ଆଣି ପାରି ନଥିଲା । ଶେଷରେ ମୁଁ କୋଶଳୀ ସାହିତ୍ୟ ସମ୍ମେଳନରେ ଯୋଗ ଦେବାକୁ ଗତ ଜାନୁଆରି (୧୯୯୩) ରେ ସମ୍ବଲପୁରରେ ୬ ତାରିଖ ସକାଳେ ତାଙ୍କୁ ଭେଟି ଥିଲି । ତାଙ୍କ ଗୁରୁତର ସ୍ୱାସ୍ଥ୍ୟ ବିପର୍ଯ୍ୟୟର ଖବର ମୁଁ ଖଡ଼ିଆଳରେ ଏକା ପାଇ ସାରିଥିଲି । ସେ ଖଟରେ ବସିଥିଲେ । ମୋତେ ଦେଖିବା କ୍ଷଣି ସେହି ହର୍ଷୋଲ୍ଲାସ ସ୍ମିତ ସ୍ୱାଗତ ଆନ୍ତରିକ ବ୍ୟଥାବାର୍ତ୍ତା । ସତେ ଯେପରି କିଛି ହୋଇନାହିଁ । ମୁଁ ଆନନ୍ଦ ବିଷାଦରେ ବସାକୁ ଫେରିଲି । ସ୍ୱାସ୍ଥ୍ୟ କାରଣରୁ ଓ ବନ୍ଧୁମାନଙ୍କ ଆଗମନ ଯୋଗୁ ମୁଁ ଆଉ ଦେଖାକରି ପାରିଲି ନାହିଁ । ୭ ତାରିଖରେ ଘରେ ପହଞ୍ଚି ଦଦାଙ୍କ ତିରୋଧାନ ଖବର ପାଇ ମର୍ମାହତ ହେଲି ।

ଦଦା ଗଲେ । ମୁଁ ଅପେକ୍ଷାରେ ଅଛି । ଡାକ ପଡ଼ିଲେ ହାଜର ହେବାକୁ । ଗହନା କମଣ୍ଡୋ ଗତିଃ । ପରଲୋକ ବା ପରଜନ୍ମରେ କିଏ କେଉଁଠାରେ କୋଉଁଠି ପଡ଼ିବୁ, ତାର ଠିକଣା ନାହିଁ । ପୁନର୍ମିଳନର ଆଶା ନଥିଲେ ମଧ୍ୟ ଦଦାଙ୍କ ସେହି ଅମ୍ଳାନ ପ୍ରେମମୟ ସ୍ମୃତି ମୋର ହୃଦୟରେ ଚିର ଚିରନ୍ତନମୟ ହୋଇ ରହିଥିବ । ଭଗବାନ ଦଦାଙ୍କ ଆତ୍ମାକୁ ଚିର ଶାନ୍ତି ଓ ସଦ୍‌ଗତି ଦିଅନ୍ତୁ । ମୃତ୍ୟୁରେ ଅମୃତତ୍ୱ ପ୍ରଦାନ କରନ୍ତୁ ଏହାହିଁ କାମନା ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ଖଡ଼ିଆଳ, କଳାହାଣ୍ଡି ।

Source: Author, Digitized by PPRACHIN, SOA

ଭାରତୀୟ ସଂସ୍କୃତିର ମୂଳାଧାର ଗଣତନ୍ତ୍ର ଓ ଜାତୀୟତା

● ଶ୍ରୀ ପ୍ରସନ୍ନ କୁମାର ଦାଶ

ବିଶ୍ୱର ସମସ୍ତ ସଭ୍ୟତା ଓ ସଂସ୍କୃତି ମଧ୍ୟରେ ଭାରତୀୟ ସଂସ୍କୃତି ଓ ସଭ୍ୟତା ଯେ ସବୁଠାରୁ ପୁରାତନ ଓ ସର୍ବଶ୍ରେଷ୍ଠ ଏଥିରେ କୌଣସି ସନ୍ଦେହ ନାହିଁ । ପୁରାଣ ଯୁଗରେ ଆଜକୁ କେତେ ହଜାର ବର୍ଷ ତଳେ ସମଗ୍ର ବିଶ୍ୱରେ ମାନବ ସଭ୍ୟତା ଓ ସଂସ୍କୃତିର ସ୍ଥିତି ପ୍ରାପ୍ତ ନଥିବାବେଳେ ଭାରତୀୟ ସଭ୍ୟତା ଓ ସଂସ୍କୃତି ଶୀର୍ଷ ସ୍ଥାନରେ ପହଞ୍ଚି ପାରିଥିଲା । ଏହାର ଜ୍ଞାନ ବିଜ୍ଞାନର ମଧ୍ୟ ଚରମ ଉନ୍ନତି ସାଧିତ ହୋଇ ପାରିଥିଲା । ଅଜ୍ଞାନର ଅନ୍ଧକାର ମଧ୍ୟରେ ସମଗ୍ର ବିଶ୍ୱ ଯେତେବେଳେ ଆଛନ୍ନ ଥିଲା ସେତେବେଳେ ଭାରତୀୟ ଜ୍ଞାନ ବିଜ୍ଞାନ ବିଶ୍ୱକୁ ଆଲୋକିତ କରିଥିଲା । ସେଥିପାଇଁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଜ୍ଞାନ ବିଜ୍ଞାନରେ ଆକୃଷ୍ଟ ହୋଇ ବିଭିନ୍ନ ଦେଶ ବିଦେଶରୁ ଗୁଣୀ ବ୍ୟକ୍ତିମାନେ ଜ୍ଞାନ ଆହରଣ ପାଇଁ ଏ ଦେଶକୁ ଆସି ଗୁରୁକୁଳ ଆଶ୍ରମ ଗୁଡ଼ିକରେ ମୁନି ଋଷିମାନଙ୍କ ପାଖରୁ ଜ୍ଞାନ ଲାଭକରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଜ୍ଞାନର ଭଣ୍ଡାର ସଦୃଶ ବିବେଚିତ ହୋଇଥିବା ବେଦ, ବେଦାନ୍ତ, ଉପନିଷଦ, ରାମାୟଣ ଓ ମହାଭାରତ ଆଦି ଗ୍ରନ୍ଥ ଗୁଡ଼ିକ ବିଭିନ୍ନ ବିଦେଶୀ ଭାଷାରେ ଅନୁବାଦିତ ହୋଇ ଆଦୃତ ହେବା ସଙ୍ଗେ ସଙ୍ଗେ ସେହିସବୁ ଦେଶର ପ୍ରଗତିରେ ସହାୟକ ହୋଇଥିଲା । ଆଜି ବିଶ୍ୱରେ ଜ୍ଞାନ ବିଜ୍ଞାନର ଯେଉଁ ପ୍ରଭୂତ ଉନ୍ନତି ସାଧିତ ହୋଇ ପାରିଛି ତା ମୂଳରେ ଭାରତର ମହାନ ଅବଦାନ ରହିଛି ଏହା କେହି ଅସ୍ୱୀକାର କରି ପାରିବ ନାହିଁ । ତାହାଁର ଉଦାହରଣ ୟୁରୋପ ମହାଦେଶର ଜର୍ମାନ ଦେଶ ଯେ କି ସବୁଠାରୁ ବିଜ୍ଞାନ କ୍ଷେତ୍ରରେ ବିଶେଷ ଉନ୍ନତି ଲାଭ କରିଛି ସେଠାରେ ଭାରତୀୟ ସମସ୍ତ ବେଦ ବେଦାନ୍ତ ଓ ଉପନି-ଷଦ ଭଳି ସଂସ୍କୃତ ଭାଷାରେ ଲିଖିତ ଖାଲି ଯେ ପ୍ରଚଳନ ହେଉଛି ତା ନୁହେଁ । ସଂସ୍କୃତ ବିଦ୍ୟାରେ ଅଗାଧ ଜ୍ଞାନ ମଧ୍ୟ ଅର୍ଜନ କରିଛି ।

ପ୍ରାଚୀନ ଭାରତର ପ୍ରଗତି ସବୁଠାରୁ ଚରମ ସ୍ଥାନରେ ସେତେ-ବେଳେ ପହଞ୍ଚି ଥିଲେହିଁ ଅନ୍ୟର ସଭ୍ୟତା, ସଂସ୍କୃତି, ଧର୍ମ ଓ ରାଜନୀତିକୁ ଭାରତ କେବେ ଘୃଣାକରେ ନାହିଁ । ବରଂ ସର୍ବଦା ସମ୍ମାନ ପ୍ରଦର୍ଶନ

Source: Author, Digitized by PPRACHIN, SOA

କରି ନିଜର ମହାନ ଉଦାରତା ତଥା ସହନଶୀଳତାର ପରିଚୟ ଦେଇ ଆସିଛି । କାରଣ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମ୍ମାନ ଦେବାହିଁ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ବା ବୈଶିଷ୍ଟ୍ୟ । ଭାରତୀୟ ମାନଙ୍କର ଏହି ମହାଭାବ ଯୋଗୁଁ ଭାରତବର୍ଷରେ ବହୁ ଜାତି, ବହୁ ରାଜ୍ୟ, ବହୁ ଭାଷା ଓ ବହୁ ଧର୍ମ ଥିଲେହେଁ ଏକ ସର୍ବଶ୍ରେଷ୍ଠ ଜାତୀୟ ଐକ୍ୟ ସ୍ଥାପିତ ହୋଇପାରିଥିଲା । ଭାରତୀୟ ଜାତୀୟତା କେବଳ ଭାରତ ଭିତରେ ସୀମାବଦ୍ଧ ନଥିଲା, ତାହା ବିଶ୍ୱକୁ ମଧ୍ୟ ବ୍ୟାପିଥିଲା । ଭାରତୀୟ ସଂସ୍କୃତିର ମାନବ ଜାତି ପ୍ରତି ଆହ୍ୱାନ ଥିଲା "ବସୁଧୈବ କୁଟୁମ୍ବକମ୍" ଅର୍ଥାତ ଭାରତୀୟ ସଂସ୍କୃତିର ମହାନ ଆଦର୍ଶ ବିଶ୍ୱର ସମସ୍ତ ମାନବ ଜାତିକୁ ଏକ ପରିବାର ମଧ୍ୟରେ ତଥା ଏକ ପାରିବାରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧନ ମଧ୍ୟରେ ବାନ୍ଧି ରଖିବା ଥିଲା ଏହାର ଲକ୍ଷ୍ୟ । ଏହାର କାରଣ ମାନବ ମାନବ ମଧ୍ୟରେ କୌଣସି ଯୁଦ୍ଧ ବିଗ୍ରହ ନୁହଁଟି ଏକ ଶାନ୍ତିପୂର୍ଣ୍ଣ ସହାବସ୍ଥାନ । ତେଣୁ ସେଥିରେ ଦେଶ ବିଦେଶ, ଭାଷା ଓ ଧର୍ମ ବିବାଦ ଆସିଲା କେଉଁଠୁ ? ଏହାର ପଟାନ୍ତର ବିଶ୍ୱର କେଉଁଠି ନାହିଁ । ଏହି ଚିନ୍ତାଧାରାରୁହିଁ ଧର୍ମ ନିରପେକ୍ଷ-ତାର ସୃଷ୍ଟି । ଭାରତ ବ୍ୟତିତ ଏହା କେଉଁଠି ନାହିଁ ।

ଆଧୁନିକ ଯୁଗରେ ଯେଉଁ ଗଣତନ୍ତ୍ରର କଥାକୁହା ଯାଉଛି ତାହା ବହୁ ହଜାର ବର୍ଷ ପୂର୍ବରୁ ଏ ଗଣତନ୍ତ୍ର ଚିନ୍ତାଧାରା ଭାରତୀୟ ସାମାଜିକ ତଥା ପ୍ରଶାସନିକ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଲାଭ କରିଥିଲା । ଗଣତନ୍ତ୍ରର ମୌଳିକ ଆଦର୍ଶ ସହନଶୀଳତା ଓ ଉଦାରତା ଭାରତୀୟ ଚଳଣି ଭିତରେ ପ୍ରତିବିମ୍ବିତ ହୋଇ ଏକାନ୍ନବର୍ତ୍ତୀ ପରିବାର ସୃଷ୍ଟି କରିବାରେ ସକ୍ଷମ ହୋଇ ପାରିଥିଲା । ଏକାଧିକ ପରିବାରରେ କି ବାପ-ମା, ବଡ଼ବାପା-ବଡ଼ ମା, କକା-ଖୁଡ଼ୀ, ଭାଇ-ଭଉଣୀ, ଛୁଆ-ପିଲା ସମସ୍ତେ ଏକାଠି ରହି ପରସ୍ପର ମଧ୍ୟରେ ସ୍ନେହ ଓ ସହାନୁଭୂତି ପ୍ରଦର୍ଶନ କରି ପାରିବାରିକ ଜୀବନକୁ ମଧୁମୟ କରି ପାରୁଥିଲେ । ଏହା ହିଁ ଗଣତନ୍ତ୍ରର ସର୍ବଶ୍ରେଷ୍ଠ ନମୁନା । ଏହି ପାରି-ବାରିକ ଜୀବନରୁ ଗଣତାନ୍ତ୍ରିକ ଚିନ୍ତାଧାରା ଜନ୍ମ ହୋଇ ଗ୍ରାମ୍ୟ ଜୀବନ ମଧ୍ୟ ଦେଇ ସମସ୍ତ ଜାତୀୟ ଜୀବନକୁ ପରିବ୍ୟାପ୍ତ ହେଉଥିଲା । ଏହା କେବଳ ଗୋଟିଏ ଘରର ଏକାନ୍ନବର୍ତ୍ତୀ ପରିବାରରେ ସୀମାବଦ୍ଧ ନରହି ସମଗ୍ର ଜାତି, ଦେଶ, ଏବଂ ସମଗ୍ର ବିଶ୍ୱକୁ ମଧ୍ୟ ଅନ୍ତର୍ଭୁକ୍ତ କରି 'ବସୁଧୈବ କୁଟୁମ୍ବକମ୍'ରେ ପରିଣତ କରି ପାରିଥିଲା ।

Source: Author, Digitized by PPRACHIN, SOA

ଏହି ଭାରତରେ ପୁରାଣ ଯୁଗରେ ଶ୍ରୀରାମଚନ୍ଦ୍ର ଯେଭଳି ଥିଲେ ସତ୍ୟନିଷ୍ଠ ସେହିଭଳି ଥିଲେ ଗଣତନ୍ତ୍ରର ମହାନ ଉପାସକ । ତାଙ୍କର ଗଣତାନ୍ତ୍ରିକ ପ୍ରେମର ପଟାନ୍ତର ନାହିଁ । ପିତୃସତ୍ୟ ପାଳନ ପାଇଁ ସିଂହାସନକୁ ପରିତ୍ୟାଗ କରି ଚଉଦ ବର୍ଷ ବନବାସ କରି ଗୃହକୁ ପ୍ରତ୍ୟାବର୍ତ୍ତନ କରି ସିଂହାସନର ଅଧିକାରୀ ହୋଇ ମଧ୍ୟ ଲୋକମତକୁ ସମ୍ମାନ ଦେଖାଇ ନିଜର ପ୍ରାଣପ୍ରିୟା ସତୀ ସୀତାଙ୍କୁ ମଧ୍ୟ ପରିତ୍ୟାଗ କରି ପାରିଥିଲେ । ଯଦିଓ ସେ ଜାଣିଥିଲେ ସୀତା ପବିତ୍ରା ଓ ଅସତୀ ନୁହନ୍ତି ତଥାପି ଲୋକ ମନରୁ ସନ୍ଦେହ ଦୂରକରିବା ପାଇଁ ସୀତାଙ୍କୁ ଅନ୍ତଃସତ୍ତ୍ୱା ଅବସ୍ଥାରେ ଘୋର ଜଙ୍ଗଲ ଭିତରେ ଛାଡି ଦେଇ ଆସିବାର ଯେଉଁ ମହାନ ଆଦର୍ଶ ଥିଲା ତହିଁର ତୁଳନା ନାହିଁ । ସେ କହିଥିବାର ପୁରାଣରେ ଲେଖାଅଛି – "ରାଜାର ଧର୍ମ ପ୍ରଥମେ ପ୍ରଜା ତଥା ଜନସାଧାରଣଙ୍କୁ ସୁଖ ସ୍ୱାଚ୍ଛନ୍ଦ୍ୟ ଯୋଗାଇବା ପରେ ନିଜ ପରିବାର ଓ ସର୍ବଶେଷରେ ନିଜ କଥା ବିଚାର କରିବା । ଏହାଠୁଁ ଆଉ ବଡ଼ ଗଣତନ୍ତ୍ର ବିଶ୍ୱରେ ଆଉ କ'ଣ ହୋଇପାରେ । ରାମଚନ୍ଦ୍ର ପ୍ରକୃତରେ ତ୍ରେତୟା ଯୁଗରେ ଅଯୋଧ୍ୟାରେ ଜନ୍ମ ହୋଇଥିବାର କୌଣସି ଐତିହାସିକ ପ୍ରମାଣ ନାହିଁ । ଏହା ଏକ ସତ୍ୟ ଘଟଣା ମଧ୍ୟ ହୋଇଥାଇ ନପାରେ । କିନ୍ତୁ ରାମଚନ୍ଦ୍ରଙ୍କର ଏହି ମହାନ ଆଦର୍ଶକୁ ରାମରାଜ୍ୟ ରୂପକ ଏକ ପ୍ରେରଣା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିଆସିଛି ଓ କରୁଛି ଏହାର ବହୁ ପ୍ରମାଣ ରହିଛି । ଏବେ ଯୁଗର, ଗତ ପ୍ରାୟ ଶହେ ବର୍ଷତଳେ ମୟୂରଭଞ୍ଜ ପର ବ୍ରିଟିଶ୍ ଅଧୀନରେ ଥିବା ଏକ କରଦ ରାଜ୍ୟରେ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ନାମକ ଏକ ପ୍ରାତଃ ସ୍ମରଣୀୟ ରାଜା ଜନ୍ମଲାଭ କରି ଗଣତନ୍ତ୍ରର ସେହି ମହୀୟାନ ଆଦର୍ଶକୁ ରୂପାୟିତ କରି ପାରିଥିଲେ ତାହା ତ ଇତିହାସରୁ ମିଳୁଛି । ଭାରତର ସ୍ୱାଧୀନତା ଆନ୍ଦୋଳନ ସେଭଳି କୌଣସି ରୂପରେଖ ନେଇ ସ୍ୱାଧୀନତା ପ୍ରାପ୍ତି ଲକ୍ଷ୍ୟ ହାସଲରୁ ବହୁତ ପଛରେ ଥିଲେହିଁ ମୟୂରଭଞ୍ଜ ମହାରାଜାଙ୍କର ଆଦର୍ଶ ଶାସନରେ ତାଙ୍କୁ ପରାମର୍ଶ ଦେବା ପାଇଁ ଏକ ମନୋନୀତ କାଉନ୍ସିଲ ଗଠନ କରିଥିଲେ । ଏହି କାଉନସିଲ୍‌ରେ ଯଦିଓ ତାଙ୍କର ଅନେକ ଅଧୀନସ୍ଥ କର୍ମଚାରୀ ସଭ୍ୟ ଥିଲେ ହେଁ ସେ ସମସ୍ତଙ୍କୁ ଆଲୋଚନାରେ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଥିଲେ । ଏପରିକି ରାଜାଙ୍କର ସମସ୍ତ ଏକଛତ୍ର କ୍ଷମତାକୁ ମଧ୍ୟ କାଉନସିଲକୁ ଅର୍ପଣ କରିଥିଲେ । ଏପରିକି ରାଜ୍ୟର ବଜେଟ ଓ ନିଜ ଖର୍ଚ୍ଚ ମଧ୍ୟ କାଉନ୍‌ସିଲରେ ଗୃହୀତ ହେଉଥିଲା । ଯେଉଁ ଆଇନ୍ ମଧ୍ୟ ପ୍ରବର୍ତ୍ତନ ହେଉଥିଲା

Source: Author, Digitized by PPRACHIN, SOA

ତାହା ମଧ୍ୟ ସେହି କାଉନସିଲରେ ଗୃହୀତ ନହେଲେ ତାହାକୁ କାର୍ଯ୍ୟକାରୀ କରାଯାଉ ନଥିଲା । ଏହି ମହାନ ଆଦର୍ଶର ଜନ୍ମଦାତା ଯେ ଭାରତୀୟ ସଂସ୍କୃତି ଓ ପରମ୍ପରା ଏଥିରେ କୌଣସି ସନ୍ଦେହ ନାହିଁ ।

ସ୍ୱାଧୀନତା ପ୍ରାପ୍ତି ପରେ ଭାରତୀୟ ସମ୍ବିଧାନ ଅନୁଯାୟୀ ଯେଉଁ ଗଣତାନ୍ତ୍ରିକ ସଂସଦୀୟ ଶାସନ ଭାରତରେ ପ୍ରଚଳନ ହେଉଛି ତାହା ବ୍ରିଟିଶ୍ ଶାସନର ସଂସଦୀୟ ଆଦର୍ଶର ଅନୁକରଣ କରାଯାଇଛି । ଏହା ଏକ ବିଦେଶୀ ବ୍ୟବସ୍ଥା । ଅବଶ୍ୟ ବିଶ୍ୱରେ ଯେଉଁ ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥା ସବୁ ଦେଶରେ ନହେଲେ ମଧ୍ୟ ବହୁ ଦେଶରେ ବ୍ରିଟିଶ ପ୍ରଭାବରେ ପ୍ରଚଳିତ ହେଉଛି ତାହା ମଧ୍ୟ ଏକ ଉତ୍କୃଷ୍ଟ ବ୍ୟବସ୍ଥା ଏହା ନିଃସନ୍ଦେହ । ବିଲାତ ଦେଶର ଗଣତାନ୍ତ୍ରିକ ପ୍ରଶାସନିକ ବ୍ୟବସ୍ଥା ବିଶ୍ୱରେ ସବୁଠାରୁ ପୁରାତନ ଓ ସର୍ବଶ୍ରେଷ୍ଠ ବୋଲି କୁହାଯାଏ । ଏହି ବ୍ୟବସ୍ଥା ବହୁ ରକ୍ତାକ୍ତ ବିପ୍ଲବ ତଥା ସାମାଜିକ ବିବର୍ତ୍ତନ ମଧ୍ୟରେ ଜନ୍ମ ଲାଭ କରିଛି । ଏହା ପଛରେ କୌଣସି ନୈତିକ ବା ସାଂସ୍କୃତିକ ପରମ୍ପରା ନାହିଁ । ତେବେ ତା ପଛରେ ଅନ୍ୟ ଏକ ଆଦର୍ଶ ରହିଛି – ମାନବିକ ମୂଲ୍ୟବୋଧ । ତେଣୁ ତାହା ବିଭିନ୍ନ ଢଙ୍ଗରେ ବିଶ୍ୱରେ ପ୍ରଚଳିତ ହେଉଛି । କିନ୍ତୁ ସହନଶୀଳତାର ମହାନ ଆଦର୍ଶ ତାହା ଏହି ପ୍ରଚଳିତ ବ୍ୟବସ୍ଥା ଭିତରେ ପ୍ରତିବିମ୍ବିତ ହୋଇ ପାରୁନାହିଁ । ସେଥିପାଇଁ ଦେଶ ଦେଶ ଭିତରେ ବିବାଦ, ବିଦ୍ରୋହ ଉପୁଜୁଛି ଏବଂ ତାକୁ ଅଧିକ ପ୍ରୋତ୍ସାହନ ଦେଉଛି ବିଜ୍ଞାନର ଉନ୍ନତି ସାଧନ ନାଁରେ ମାରଣାସ୍ତ୍ର ଉଦ୍ଭାବନ ଓ ପରୀକ୍ଷା । ମାରଣାସ୍ତ୍ର ସାହାଯ୍ୟରେ ଆତଙ୍କ ସୃଷ୍ଟି କରି ଆମେରିକା ଭଳି ଧନୀଦେଶମାନେ ଗରୀବ ଦେଶମାନଙ୍କୁ ଶୋଷଣ କରୁଛନ୍ତି ଏବଂ ବହୁ ଗରୀବ ଅନୁନ୍ନତ ଦେଶରେ ଖାଦ୍ୟାଭାବ ଓ ଦାରିଦ୍ର୍ୟ ମଣିଷକୁ ବିପଥଗାମୀ କରୁଛି । ଅଥଚ ଅନ୍ୟ ପକ୍ଷରେ କୋଟି କୋଟି ଡଲାର ଅର୍ଥ ଖର୍ଚ୍ଚ ହୋଇ ମାରଣାସ୍ତ୍ର ତିଆରି କରାଯାଇ ପରୀକ୍ଷା ପାଇଁ ଅନ୍ତରୀକ୍ଷକୁ ପଠାଇବା ଯୋଗୁଁ ସମସ୍ତ ବାୟୁମଣ୍ଡଳ ଦୂଷିତ ହୋଇ ବିଶ୍ୱକୁ ଏକ ପ୍ରଳୟଙ୍କରୀ ଧ୍ୱଂସଲୀଳା ଆଡକୁ ଅଗେଇ ନେଉଛି । ସମଗ୍ର ବିଶ୍ୱର ସଭ୍ୟତା ସଂସ୍କୃତି ଆଜି ବିପଦସଙ୍କୁଳ । ତେଣୁ ଭାରତୀୟ ସଂସ୍କୃତିର ମହାନ ଆଦର୍ଶ "ବସୁଧୈବ କୁଟୁମ୍ବକମ୍" ହିଁ ମାନବ ଜାତିର ଶାନ୍ତି ପ୍ରଗତି ତଥା ସ୍ଥିତି ପାଇଁ ଯେ ଏକମାତ୍ର ବାଟ ଏଥିରେ କୌଣସି ସନ୍ଦେହ ନାହିଁ ।

Source: Author, Digitized by PPRACHIN, SOA

ଦୁଃଖର ବିଷୟ ଯେଉଁ ଭାରତବର୍ଷ ଏହି ପୌରାଣିକ ତଥା ବୈଦିକ ଯୁଗର ମାନବିକ ମୂଲ୍ୟବୋଧର ସର୍ବଶ୍ରେଷ୍ଠ ଆଦର୍ଶର ଦାୟାଦ, ସେହି ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଆଜି ବିପଥଗାମୀ । ମହାତ୍ମାଗାନ୍ଧୀ ଭାରତ ବର୍ଷରେ ଜନ୍ମ ହୋଇ ଭାରତୀୟ ସଂସ୍କୃତିର ସର୍ବଶ୍ରେଷ୍ଠ ଆଦର୍ଶ ସତ୍ୟ ଓ ଅହିଂସା, ସହନଶୀଳତାର ଯେଉଁ ମହାନ ଆଦର୍ଶର ଦିଗ୍‌ଦର୍ଶନ ଦେଇଥିଲେ ତାହା ଆଜି କ୍ରମେ ଧୂଳିସାତ ହେବାକୁ ଯାଉଛି । ଜାତି ଧର୍ମ ଜାତିଆଣ, ସାମ୍ପ୍ରଦାୟିକ ଆତଙ୍କବାଦ ବିଷ୍ଟରେ ସମଗ୍ର ଭାରତ ବର୍ଷ ଆଜି ଜର୍ଜରିତ । ଯେଉଁ ଭାରତବର୍ଷ ଦିନେ ସବୁ ଧର୍ମକୁ ସମାନ ଆଖିରେ ଦେଖୁଥିଲା ଓ ସମସ୍ତ ମତ ଓ ବିଶ୍ୱାସକୁ ସମ୍ମାନ କରୁଥିଲା ସେହି ଦେଶରେ ଧର୍ମ ତଥା ଜାତିଆଣ ଆଞ୍ଚଳିକ ସ୍ୱାର୍ଥରେ ବିଶ୍ୱାସ କରୁଥିବା ନିଷ୍ଠୁର ମୌଳିକବାଦୀଙ୍କର ଆଜି ଆତ୍ମପ୍ରକାଶ ସ୍ଥଳୀ ହୋଇଛି । ମହାତ୍ମାଗାନ୍ଧୀଙ୍କର ଅହିଂସା ଓ ଧର୍ମ ନିରପେକ୍ଷତା ମହାନ ଆଦର୍ଶର କ୍ରମେ ବିଲୋପ ଘଟି ଦେଶର ଜାତୀୟତା ଓ ଅଖଣ୍ଡତାକୁ ଯେଉଁଭଳି କ୍ରମେ ଦୁର୍ବଳ କରୁଛି ତାର ଏକ ଭୟାବହ ପରିସ୍ଥିତିରୁ ଦେଶକୁ ରକ୍ଷା କରିବାକୁ ହେଲେ ଭାରତର ସେହି ପୁରାଣ ଯୁଗର ସଂସ୍କୃତି ଓ ପରମ୍ପରା ହିଁ କେବଳ ମୁକ୍ତିର ଆଧାର । ବସୁଧୈବ କୁଟୁମ୍ବକମ୍‌ର ମହାନ ଜାତୀୟତା ହିଁ କେବଳ ମଣିଷ ମଣିଷ ମଧ୍ୟରେ ବନ୍ଧୁତା ତଥା ମାନବିକ ମୂଲ୍ୟବୋଧ ସୃଷ୍ଟି କରି ମାନବିକ ସୁରକ୍ଷା ଓ ଶାନ୍ତି ପାଇଁ ଅଗ୍ରଦୂତ ରୂପେ କାର୍ଯ୍ୟ କରିବ । ସ୍ୱର୍ଗୀୟ ପଣ୍ଡିତ ଶ୍ରଦ୍ଧାକର ବାବୁ ଯେ ସେ ମହାନ ଭାରତୀୟ ସଂସ୍କୃତିର ଯେ ପ୍ରକୃତ ପ୍ରତୀକ ଏଥିରେ କୌଣସି ସନ୍ଦେହ ନାହିଁ ।

● ପୂର୍ବତନ ବାଚସ୍ପତି, ଓଡ଼ିଶା ବିଧାନସଭା,
ବେତନଟୀ, ମୟୂରଭଞ୍ଜ

Source: Author, Digitized by PPRACHIN, SOA

ଆଇନଜ୍ଞ ଶ୍ରଦ୍ଧାକର

● ଜଷ୍ଟିସ କୃଷ୍ଣ ପ୍ରସାଦ ମହାପାତ୍ର

ଶ୍ରଦ୍ଧାକର ସ୍ମୃତିକାରଙ୍କ କର୍ମମୟ ଜୀବନ ବିଷୟରେ ବହୁ ବ୍ୟକ୍ତି ଆଲୋକପାତ କରିଛନ୍ତି । ମୁଁ ମଧ୍ୟ ଅତୀତରେ ତାଙ୍କ ବହୁମୁଖୀ ପ୍ରତିଭା ଉପରେ ସବିଶେଷ ଆଲୋଚନା କରିଛି । କିନ୍ତୁ ତାଙ୍କ କଥା ଚିନ୍ତାକଲେ ମନକୁ ଆସେ, ସତେ ଯେପରି କୌଣସି ଏକ ବିଶେଷ ପ୍ରସଙ୍ଗ ଉପରେ ଚର୍ଚ୍ଚା କରି ହୋଇ ନାହିଁ । ତେଣୁ ଏଥର ଆଇନଜ୍ଞ ଭାବେ ଶ୍ରଦ୍ଧାକରଙ୍କୁ ଏକ ଝରକା ମାଧ୍ୟମରେ ଦେଖିବାକୁ ଏବଂ ଦେଖାଇବାକୁ ପ୍ରୟାସ କରୁଛି ।

ଶ୍ରଦ୍ଧାକର ପାଟଣା ବିଶ୍ୱବିଦ୍ୟାଳୟରୁ ଏମ ଏ ପରେ ବି.ଏଲ ଡ଼ିଗ୍ରୀ ହାସଲ କରିଥିଲେ । ତାଙ୍କ ଏକାଡ଼େମିକ କେରିଅର, ଜ୍ଞାନ ଏବଂ ବୁଦ୍ଧିଆଁଦ୍ଧ ଏପରି ଉଚ୍ଚ ଧରଣର ଥିଲା ଯେ, ସେ ଅନାୟାସରେ କୌଣସି ବଡ଼ ସରକାରୀ ଚାକିରୀ ପାଇ ପାରିଥାନ୍ତେ । କିନ୍ତୁ ସେ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନଚେତା ହୋଇଥିବାରୁ ସରକାରୀ ଚାକିରୀ କରିବା କଥା କେବେ ମାତ୍ର କଳ୍ପନା କରି ନଥିବେ । ତେଣୁ ତିରିଶ ଦଶକର ଶେଷ ଭାଗରେ ସମ୍ବଲପୁର ଜିଲ୍ଲା ବାର୍‌ର ସଦସ୍ୟ ଭାବେ ଆଇନ ବ୍ୟବସାୟ ଆରମ୍ଭ କଲେ । ତାଙ୍କର ସମସାମୟିକ ଥିଲେ ଶଶୀ ଭୂଷଣ ଶତପଥି, ମାନଭଞ୍ଜନ ବହିଦାର, ରାଜାରାମ ଦୁବେ, ଚିନ୍ତାମଣି ମହାପାତ୍ର, ଶଶୀ ଭୂଷଣ ପଣ୍ଡା ଓ ସଚ୍ଚି ଗୋପାଳ ନାୟକ । ସମ୍ବଲପୁରର ଦୁର୍ଭାଗ୍ୟ ଯେ ଏହି କରିତ୍‌କର୍ମା ବ୍ୟକ୍ତି ମାନେ ସମୟ ହେବା ପୂର୍ବରୁ ଆମ ପାଖରେ ନାହାନ୍ତି । କହିବା ବାହୁଲ୍ୟମାତ୍ର, ପ୍ରତ୍ୟେକ ଉଚ୍ଚ ଜ୍ଞାନ ସଂପନ୍ନ ଓକିଲ ଥାଇ ସମ୍ବଲପୁର ଜିଲ୍ଲାବାର୍ ପାଇଁ ସାରା ଓଡ଼ିଶାରେ ସୁନାମ ଆଣିବା ପାଇଁ ସମର୍ଥ ହୋଇ ଥିଲେ । ଓଡ଼ିଶା ହାଇକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଶ୍ରୀ ଗତିକୃଷ୍ଣ ମିଶ୍ର, ଯେ ଏକଦା ସମ୍ବଲପୁର ମୁନସିଫ ପଦରେ ଅଧିଷ୍ଠିତ ଥିଲେ ଏବଂ ତାଙ୍କ ଅଗ୍ରଜ ପୂର୍ବତନ ହାଇକୋର୍ଟ ବିଚାରପତି ଜଷ୍ଟିସ ଜୟକୃଷ୍ଣ ମିଶ୍ର ଯେ କି ଦୁଇଥର ସମ୍ବଲପୁର ଠାରେ ଜିଲ୍ଲା ଜଜ୍ ଥିଲେ, ମୁକ୍ତ କଣ୍ଠରେ ସମ୍ବଲପୁର ବାର୍‌ର ଉଚ୍ଚ ପ୍ରଶଂସା କରିବା ମୁଁ ନିଜେ ବହୁ-ବାର ଶୁଣିଛି ।

Source: Author, Digitized by PPRACHIN, SOA

ବ୍ରହ୍ମପୁରା ମନ୍ଦିର ନିକଟ ବଡ଼ସଡ଼କ କଡ଼ରେ ଗୋଟିଏ ପୁରାତନ କୋଠରୀ ଥିଲା ଶ୍ରଦ୍ଧାକରଙ୍କ ଚେମ୍ବର । ସେହି କୋଠରୀର ସାଜ ସଜ୍ଜା ଅତ୍ୟନ୍ତ ସରଳ । ତାଙ୍କ ମୋହରର୍ ଥିଲେ ଦାମୋଦର ପାଢ଼ୀ । ଉଲ୍ଲେଖ ଯୋଗ୍ୟ ଯେ ସେ ମଧ୍ୟ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ସ୍ୱାଧୀନତା ଆନ୍ଦୋଳନ-ରେ ଯୋଗଦାନ କରି ସେ କାରାବରଣ କରିଥିଲେ ଏବଂ ଆଜୀବନ ଖଦଡ଼ ବସ୍ତ୍ର ପରିଧାନ କରୁଥିଲେ । ଶ୍ରଦ୍ଧାକର ଓ ଦାମୋଦରଙ୍କ ସଂଯୋଗ ଅପୂର୍ବ ଧରଣର । ଓକିଲ ଏବଂ ମୋହରର୍ ଦୁହେଁ ସରଳ ପ୍ରାଣ, ଅକପଟ, ସ୍ନେହୀ, ମିଷ୍ଟଭାଷୀ ଏବଂ କର୍ତ୍ତବ୍ୟ ପରାୟଣ ଥିଲେ । ମକ୍କେଲ ମାନଙ୍କ ସ୍ୱାର୍ଥ ତାଙ୍କ ପାଖରେ ସୁରକ୍ଷିତ ଥିଲା । ମୁଁ ଏବଂ ମୋର ବିଶ୍ୱାସ ଅନ୍ୟମାନେ ମଧ୍ୟ କେବେହେଁ ଶୁଣି ନାହୁଁ ଯେ ସେମାନେ ନିଜ ମକ୍କେଲ ପ୍ରତି ଅନ୍ୟାୟ କରିଛନ୍ତି ବା ଶଠତା ଆଚରଣ କରିଛନ୍ତି । ଅନ୍ୟ ପକ୍ଷରେ ସାଧାରଣ ଅଥବା ବିନା ପାରିଶ୍ରମିକରେ ମକ୍କେଲମାନଙ୍କ ପାଇଁ ମୋକଦ୍ଦମା ଲଢ଼ିଛନ୍ତି । ତେଣୁ, ସେ ସମୟର ଜଣେ ବରିଷ୍ଠ ଆଇନଜୀବି ହିସାବରେ ଶ୍ରଦ୍ଧାକରଙ୍କ ଆୟ ଅନ୍ୟ ବରିଷ୍ଠ ଓକିଲଙ୍କ ଆୟ ତୁଳନାରେ ସ୍ୱଳ୍ପ ଥିଲା ।

ସ୍କୁଲ ଏବଂ କଲେଜରେ ପଢ଼ିବା ସମୟରେ ମୁଁ ଶ୍ରଦ୍ଧାକରଙ୍କୁ ଦୂରରୁ ଦେଖିଥିଲି, କିନ୍ତୁ ଉଭୟଙ୍କ ମଧ୍ୟ ପରିଚୟ ନଥିଲା । କିନ୍ତୁ ମୋର ପିତାଙ୍କ ସହ ତାଙ୍କର ବହୁ ପୂର୍ବରୁ ପରିଚୟ ଥିଲା । ତେଣୁ ଯେତେବେଳେ ୧୯୪୯ ମସିହାର ଶେଷ ଭାଗରେ ମୁଁ ସମ୍ବଲପୁର ଜିଲ୍ଲା ବାର୍‌ର ସଦସ୍ୟ ଭାବେ ଆଇନ ବ୍ୟବସାୟ ଆରମ୍ଭ କଲି, ଶ୍ରଦ୍ଧାକରଙ୍କ ସହ ପରିଚୟ ଅତି ସହଜ ହୋଇଥିଲା । ସେ ଖଦଡ଼ର ଧଳା ଫୁଲ ପେଣ୍ଟ, କାମିଜ ଓ କଳାକୋଟ ପିନ୍ଧି ସାଇକେଲରେ କଚେରୀ ଯିବା ଆସିବା କରୁଥିଲେ । ବାର ଏସୋସି-ଏସନ ହଲରେ ବସି ସେ ଅଯଥା ସମୟ ନଷ୍ଟ ନକରି ଆଇନ ପୁସ୍ତକ ପଢ଼ୁଥିଲେ, ଯଦିଓ ମଧ୍ୟେ ମଧ୍ୟେ ମାନଭଞ୍ଜନ ବାବୁ, ଶଶୀ ବାବୁ, ଛୁଟକୁ ବାବୁ ଇତ୍ୟାଦିଙ୍କ ସହ ରହସ୍ୟ ପୂର୍ଣ୍ଣ କଥାରେ ଭାଗ ନେଉ ଥିଲେ ।

ସମ୍ବଲପୁର ସହରର ଅନେକ ପୁରୁଖା ବାସିନ୍ଦା ଆଜି ସୁଦ୍ଧା ମନେ ରଖିଥିବେ, ମହାନଦୀର ସ୍ୱଚ୍ଛ ନୀଳ ଜଳ ଲାଲରଙ୍ଗ ଧାରଣ କରିଥିଲା ୧୯୫୨ ମସିହାରେ । ସେହି ଦୂଷିତ ଜଳରେ ସ୍ନାନ କରି ଓ ତାହା ପାନ କରି ଅଗଣିତ ବ୍ୟକ୍ତି, ବୃଦ୍ଧ, ଶିଶୁ ଓ ପଶୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ । ଇବନଦୀ ଜଳରେ ମିଶୁଥିଲା ବ୍ରଜରାଜନଗର କାଗଜ କଳରୁ ନିର୍ଗତ ଦୂଷିତ ଜଳ । ଇବନଦୀର ଲାଲ ରଙ୍ଗର ଜଳ ମିଶୁଥିଲା

ମହାନଦୀର ଜଳରେ । ତେଣୁ ଉଭୟ ନଦୀ ତଟରେ ଥିବା ଗ୍ରାମ ଓ ସହର ବାସୀ ଆତଙ୍କିତ ଅବସ୍ଥାରେ ଥିଲେ । ଜନସାଧାରଣଙ୍କ ଅସୁବିଧା ଓ ପ୍ରତିବାଦକୁ କାରଖାନା କର୍ତ୍ତୃପକ୍ଷ ଭ୍ରୂକ୍ଷେପ କଲେ ନାହିଁ । ତତ୍‌କାଳୀନ ସରକାର ମଧ୍ୟ ଏହି ଅସୁବିଧା ଦୂରୀକରଣ ନିମିତ୍ତ କୌଣସି ପଦକ୍ଷେପ ନେଲେ ନାହିଁ । ତେଣୁ ଯଥା ସମୟରେ ଶ୍ରଦ୍ଧାକର ଜନ ସାଧାରଣଙ୍କ ପ୍ରତିନିଧି ରୂପେ କାଗଜ କଳ କର୍ତ୍ତୃପକ୍ଷଙ୍କ ବିରୋଧରେ ସର୍ବସାଧାରଣ ସ୍ୱାର୍ଥ ଜନିତ ନିଷେଧାଜ୍ଞା ମୋକଦମା ସମ୍ବଲପୁର ମୁନସିଫ ଅଦାଲତରେ ଆଗତ କଲେ । ମୋକଦମା ଆଗତର ପୂର୍ବବର୍ତ୍ତୀ କାଳରେ ତତ୍‌କାଳୀନ ଏଡ୍‌ଭୋକେଟ ଜେନେରେଲ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ସମ୍ମତି ଆଣିବା ଆଇନତଃ ଆବଶ୍ୟକ ଥିଲା । ଏବଂ ସେଥିପାଇଁ ସମ୍ବଲପୁରର ସୁନାମଧନ୍ୟ ଜନନାୟକ ଏବଂ ପ୍ରବୀଣ ଆଇନଜ୍ଞ ବୋଧରାମ ଦୁବେଙ୍କ ଭୂମିକା ଉଲ୍ଲେଖ ଯୋଗ୍ୟ ।

ଶ୍ରୀ ଖଗେଶ୍ୱର ମହାନ୍ତି ସେତେବେଳେ ସମ୍ବଲପୁର ମୁନସିଫ ଥାନ୍ତି । ସେ ମହାନଦୀ ତଟବର୍ତ୍ତୀ ସହର ବୌଦ୍ଧ ନିବାସୀ । ସେ ସମ୍ବଲପୁର ପଟ୍ଟନାୟକ ପଡ଼ାରେ ବିବାହ କରିଥାନ୍ତି ଏବଂ ସେହି ପଡ଼ାରେ ବାସ କରୁଥାନ୍ତି । ପ୍ରତିଦିନ ବାଲିବନ୍ଧା ଘାଟରେ ସେ ମହାନଦୀର ଲାଲ ରଙ୍ଗର ଜଳରେ ସ୍ନାନ କରୁଥାନ୍ତି । ଯେତେବେଳେ ନିଷେଧାଜ୍ଞା ମୋକଦମାଟି ତାଙ୍କ ଅଦାଲତରେ ଆଗତ ହେଲା, ସେ ଆଇନତଃ, କାଗଜ କଳ କର୍ତ୍ତୃପକ୍ଷଙ୍କ ବିରୋଧରେ ଇବନଦୀରେ ଦୂଷିତ ନିର୍ଗତ ଜଳ ନ ପକାଇବାକୁ ଏକ ତରଫା ନିଷେଧାଜ୍ଞା ହୁକୁମ ଜାରି କରିବାରୁ ବସ୍ତୁତଃ କିଛିଦିନ ପାଇଁ କାଗଜ କଳ ବନ୍ଦ ହୋଇଗଲା । ଇବ ଓ ମହାନଦୀର ଜଳ ପୂର୍ବବତ୍ ନିର୍ମଳ ଧାରରେ ପ୍ରବାହିତ ହେଲା । ଏହି ମୋକଦମା ଚଳାଇବା ପାଇଁ ବୋଧରାମ ଦୁବେ, ମାନଭଞ୍ଜନ ବହିଦାର ଓ ଶଶୀଭୂଷଣ ଶତପଥି ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ । ଏହି ଜନସ୍ୱାର୍ଥ ସମ୍ବନ୍ଧିତ ମୋକଦ୍ଦମା ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ଶ୍ରୀ ଗତିକୃଷ୍ଣ ମିଶ୍ର ଯେତେବେଳେ ଓଡ଼ିଶାର ଜଣେ ବିଶିଷ୍ଟ ଆଇନଜ୍ଞ, ଜନସାଧାରଣଙ୍କ ତରଫରୁ ଲଢ଼ୁଥିଲେ । କିନ୍ତୁ ତତ୍‌କାଳୀନ କଂଗ୍ରେସ ସରକାର ବିର୍ଲା ଗୋଷ୍ଠୀ କୋଟିପତି ଶିଳ୍ପପତିଙ୍କ କର କବଳିତ ହୋଇ ଗୋଟିଏ କଳା ଜନସ୍ୱାର୍ଥ ବିରୋଧି ଆଇନ ପ୍ରଣୟନ କଲେ, ଯଦ୍ୱାରା ମୋକଦମାଟି ଅକାମୀ ହୋଇଗଲା । ସେ ସମୟରେ ଶିଳ୍ପ ଓ ଆଇନ ବିଭାଗ ମନ୍ତ୍ରୀ ଥିଲେ ଦୀନବନ୍ଧୁ ସାହୁ । ଏହି

Source: Author, Digitized by PPRACHIN, SOA

ବହିର୍ଭୂତ ସତ୍ତ୍ୱେ ଏହା ପ୍ରମାଣିତ ଯେ ଶ୍ରଦ୍ଧାକର ଜଣେ ବିଶିଷ୍ଟ ଆଇନଜ୍ଞ ଓ ଲୋକ ପ୍ରତିନିଧି ହିସାବରେ କେତେ ଓଜନର ଭାର ନିଜ ମୁଣ୍ଡ ଉପରେ ବହନ କରିଥିଲେ ।

ଓଡ଼ିଶା ବିଧାନ ସଭାର ସଭ୍ୟ ତଥା ଲୋକସଭା ଓ ରାଜ୍ୟ ସଭାର ସଦସ୍ୟ ଥାଇ ମଧ୍ଯ ଯେତେବେଳେ ଶ୍ରଦ୍ଧାକର ସମ୍ବଲପୁରରେ ଅବସ୍ଥାନ କରୁଥିଲେ, ସେ ନିୟମିତ ଆଇନ ବ୍ୟବସାୟ କରୁଥିବା ଦୃଷ୍ଟାନ୍ତ ବିରଳ, କାରଣ ଅନେକ କ୍ଷେତ୍ରରେ ଦେଖା ଯାଇଛି ଯେ ଅନେକ ବ୍ୟକ୍ତି ଓକିଲ ଥିବା ସମୟରେ ବିଧାନ ସଭା ସଦସ୍ୟ, ମନ୍ତ୍ରୀ, ଲୋକସଭା ବା ରାଜ୍ୟସଭା ସଦସ୍ୟ ରହିବା ପରେ ଆଇନ ବ୍ୟବସାୟକୁ ଗୌଣ ମନେ କରି ତାହା ପରିତ୍ୟାଗ କରି ରାଜନୈତିକ ଜୀବନ ଯାପନ କରନ୍ତି । କିନ୍ତୁ ଶ୍ରଦ୍ଧାକର କେବେହେଁ ଆଇନ ବ୍ୟବସାୟକୁ ଗୌଣ ମନେ କରି ନାହାନ୍ତି ।

ଶ୍ରଦ୍ଧାକର ଲାଲ ଲାଜପତ୍ ଆଇନ କଲେଜରେ ଅଧ୍ୟାପକ ଏବଂ ଅଧ୍ୟକ୍ଷ ଥିବା ସର୍ବଜନ ବିଦିତ । ମୁଁ ଦୃଢ଼ ଭାବେ କହି ପାରେ ଯେ ତାଙ୍କ ପରି ଅନ୍ୟ କୌଣସି ବ୍ୟକ୍ତି କଦାଚ ଉକ୍ତ ପଦ ପଦବୀ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଥାନ୍ତେ । କିନ୍ତୁ ଅଗାଧ ସମୁଦ୍ର ସଦୃଶ ଆଇନ ଶାସ୍ତ୍ରର ଅଧ୍ୟୟନ ପିପାସା ଏବଂ ଅଧ୍ୟାପକ ଜୀବନର ଅନୁଭୂତିର ସ୍ୱାଦ ପାଇଁ ଶ୍ରଦ୍ଧାକର ବୋଧହୁଏ ତିଳେମାତ୍ର କୁଣ୍ଠାବୋଧ ନକରି ଉକ୍ତ ପଦବୀମାନ ଅଳଙ୍କୃତ କରି ଆଇନ କଲେଜର ମର୍ଯ୍ୟାଦା ବୃଦ୍ଧି କରିବାରେ ସହାୟକ ହୋଇଥିଲେ । ସେଥିପାଇଁ ସେ ହୋଇଥିଲେ ଜଣେ ପୂର୍ଣ୍ଣାଙ୍ଗ ପୁରୁଷ ।

ଲୋକ ସଭାର ସଦସ୍ୟ ଓ ଭାରତୀୟ ଭାଷା କମିଶନର ସଭ୍ୟ ଭାବେ ଶ୍ରଦ୍ଧାକର ଦିଲ୍ଲୀରେ କିଛି ବର୍ଷ ଅବସ୍ଥାନ କରୁଥିବା ସମୟରେ ପରିଣତ ବୟସରେ ମହୋମଡ଼େନ ଆଇନରେ ପି. ଏଚ୍. ଡ଼ି. ଡ଼ିଗ୍ରୀ ହାସଲ କରିବା ଗୌରବ ଅର୍ଜନ କରିଥିଲେ । ବୋଧହୁଏ ୧୯୮୬ ମସିହା ଅଗଷ୍ଟ ପନ୍ଦର ତାରିଖ ସନ୍ଧ୍ୟା ସମୟ । ଶ୍ରଦ୍ଧାକର ଶେଷଥର ପାଇଁ ଓଡ଼ିଶା ବିଧାନ ସଭାର ସଦସ୍ୟ ଥାନ୍ତି ଓ ମୁଁ ହାଇକୋର୍ଟ ଜଜ୍ ଭାବେ କଟକରେ ଅବସ୍ଥାପିତ ହୋଇଥାଏଁ । ରାଜଭବନ ବନ୍ଧୁମିଳନ ଅବସରରେ ଶ୍ରଦ୍ଧାକରଙ୍କ ସହ ଦେଖା ହେଲା । ଶ୍ରଦ୍ଧାକର ମୋତେ ପଚାରିଲେ, କୃଷ୍ଣ କେତେବେଳେ କଟକ ଫେରିବ । ମୁଁ କହିଲି ବନ୍ଧୁମିଳନ ଶେଷ ହେଲେ ପ୍ରାୟ ଛଅଟା

Source: Author, Digitized by PPRACHIN, SOA

ସମୟରେ ଫେରିବ । ଗଲାବେଳେ ଚିନ୍ତାମଣି ମହାପାତ୍ରଙ୍କ (ପୂର୍ବତନ ଜିଲ୍ଲା-ଜଜ ଓ ପବ୍ଲିକ୍ ସର୍ଭିସ କମିଶନ ଅଧ୍ୟକ୍ଷ) ଘର ବାଟ ଦେଇ ଯିବ । ମୋ ସଙ୍ଗେ ପୂର୍ବତନ ଜଷ୍ଟିସ ଶ୍ରୀ ସଚ୍ଚିଦାନନ୍ଦ ଆଚାର୍ଯ୍ୟ ମଧ୍ୟ ଆସିଛନ୍ତି । ଶ୍ରଦ୍ଧାକର କହିଲେ, ତେବେ ମୁଁ ତମ ସଙ୍ଗେ କଟକ ଯିବ । ସେହି ସନ୍ଧ୍ୟାରେ ଥାଏ ସ୍ୱର୍ଗତ ଜଷ୍ଟିସ ଯଜ୍ଞେଶ୍ୱର ଦାଶଙ୍କ ପିତାଙ୍କ ଶ୍ରାଦ୍ଧ ଭୋଜି । ଆମେ ତିନି ଜଣ ରାଜ ଭବନରୁ କଟକ ଫେରିଲୁ । ବାଟରେ ଶ୍ରଦ୍ଧାକର ଶ୍ରୀ ଆଚାର୍ଯ୍ୟଙ୍କୁ କହୁଥିଲେ ସେ କପରି ଭାବେ ଓ କେଉଁ ପରିସ୍ଥିତିରେ ପି.ଏଚଡ଼ି କଲେ ଏବଂ ମୁସଲମାନ ଆଇନ ଉପରେ ଗବେଷଣା କଲେ । ଶ୍ରୀ ଆଚାର୍ଯ୍ୟଙ୍କ ପିତା ସମ୍ବଲ-ପୁରରେ ମାଜିଷ୍ଟ୍ରେଟ ଥିଲେ ଏବଂ ସେ ନିଜେ ସମ୍ବଲପୁର ଜିଲ୍ଲା ସ୍କୁଲର ଛାତ୍ର ଥିଲେ । ତେଣୁ ଦୁଇଜଣଙ୍କ ସମ୍ବଲପୁରୀ ଭାଷାରେ କଥୋପକଥନ ଶୁଣି ମନରେ ଆନନ୍ଦ ଆସୁଥାଏ ।

ପରିଶେଷରେ ଏହି ମହାନ ଦିବସରେ ଶ୍ରଦ୍ଧାକରଙ୍କ ପ୍ରତି ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ।

୭୧-ଫରେଷ୍ଟ ପାର୍କ
ଭୁବନେଶ୍ୱର-୯

ମୋ ଦୃଷ୍ଟିରେ ଡକ୍ଟର ସୂପକାର

ଶ୍ରୀ ଶରତ ନାରାୟଣ ବେହେରା

ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ଯେଉଁ ଖ୍ୟାତି ଓ ପ୍ରତିଷ୍ଠା ଓଡ଼ିଶା ଓ ଓଡ଼ିଶା ବାହାରେ ଥିଲା, ସେ ଚାହିଁଥିଲେ ଅତି ସହଜରେ ଉଚ୍ଚ ପଦ ପଦବୀ-ରେ ଅଧିଷ୍ଠିତ ହୋଇ ପାରିଥାନ୍ତେ । ସେ ଯେତେଦିନ ବିଧାୟକ ଓ ସାଂସଦ ଥିଲେ ଖୁସିରେ ରାଜ୍ୟରେ, କେନ୍ଦ୍ରରେ ମନ୍ତ୍ରୀପଦଟିଏ ହାସଲ କରି ପାରିଥାଆନ୍ତେ ; କିନ୍ତୁ ସେ ଗଢ଼ା ହୋଇଥିଲେ ଅନ୍ୟ ପ୍ରକାରେ, ମନ୍ତ୍ରୀର ପ୍ରତିଷ୍ଠା ଓ ପ୍ରତିପତ୍ତି ସହିତ ଯେଉଁ ବିଡ଼ମ୍ବନା ତାହା ବୋଧେ ତାଙ୍କୁ ସେହି ମୋହରୁ ଦୂରେଇ ରଖିଥିଲା ।

ମୋର ଜାଣିବାରେ ଡକ୍ଟର ସୂପକାର ହେଉଛନ୍ତି ଜଣେ ରାଜନୀତିଜ୍ଞ ଯେକି ପଦେ ହେଲେ ମିଛ ନକହି, ପଇସାଟିଏ ଉପୁରି ନକରି ଗୋଟିଏ ହେଲେ ଫମ୍ପା ପ୍ରତିଶ୍ରୁତି ନଦେଇ ରାଜନୀତି କରୁଥିଲେ, ନିର୍ବାଚନ ଜିତୁ-ଥିଲେ ।

Source: Author, Digitized by PPRACHIN, SOA

ମୁଁ ଡକ୍ଟର ସୂପକାରଙ୍କୁ ପ୍ରଥମେ ଯେତେବେଳେ ଜାଣିଲି ସେ ସେତେବେଳେ ହୀରାକୁଦ ବନ୍ଧ ବିରୋଧୀ ଆନ୍ଦୋଳନର ସ୍ରୋତେ । ଆମେ-ମାନେ ପିଲା ଥିଲୁଁ । କୌତୁହଳୀ ହୋଇ ସଭାସମିତି, ଶୋଭାଯାତ୍ରାମାନଙ୍କରେ ଯୋଗ ଦେଉଥିଲୁଁ । ଶ୍ରଦ୍ଧାକର ବାବୁଙ୍କର, ଡକ୍ଟର ଜନାର୍ଦ୍ଦନ ପୂଜାରୀଙ୍କ ଭାଷଣ ଶୁଣିବା ଲାଗି ହଜାର ହଜାର ଲୋକ ଭିଡ଼ କରୁଥିଲେ । ସେଥର ଯେତିକି ଲମ୍ବା ଶୋଭାଯାତ୍ରା ବାହାରିଥିଲା ତାର ପୁନରାବୃତ୍ତି ହୋଇ-ପାରି ନାହିଁ ଏଯାଏ ।

ଏତେ ବଡ଼ ସମ୍ଭ୍ରାନ୍ତ ପରିବାରର ଉଚ୍ଚ ଶିକ୍ଷିତ ବ୍ୟକ୍ତି ଯେ ଏତେ ସାଦାସିଧା ହୋଇ ପାରନ୍ତି ଜୀବନରେ ଅଉ ଦ୍ୱିତୀୟ ଜଣଙ୍କୁ ଦେଖି ନାହିଁ । ସବୁ ବେଳେ ମୋଟା ଖଦଡ଼ ଧୋତି ଏବଂ କୁର୍ତ୍ତା । କେବଳ କଚେରୀ ଗଲା ବେଳେ ଖଦଡ଼ ପେଣ୍ଟ କୋଟ । ପିନ୍ଧା ଓଢ଼ା ଢଙ୍ଗ ଦେଖିଲେ ମାନେ ହେବ ନିହାତି ଗାଉଁଲିଆ, ଅପାଠୁଆ । ଶୁଣିଛି ଶ୍ରଦ୍ଧାକର ବାବୁଙ୍କର ବାପା ଶ୍ରୀ ଜନାର୍ଦ୍ଦନ ସୂପକାର ପୁଅ ଏମ ପି ହେବା ପରେ ନିଜେ ଖାଦି ଭଣ୍ଡାର ଯାଇ ଲୁଗା କିଣି ଆଣି ଦେଉଥିଲେ ପୁଅ ପିନ୍ଧିବ ବୋଲି ।

ଓଡ଼ିଶାରେ ବଲାଙ୍ଗିରର ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଗଣତନ୍ତ୍ର ପରିଷଦ ପ୍ରତିଷ୍ଠା କଲାପରେ ଅନ୍ତରରେ ଖାଣ୍ଟି ଗାନ୍ଧିବାଦୀ ହୋଇ ମଧ୍ୟ ଶ୍ରଦ୍ଧାକର ବାବୁ କଂଗ୍ରେସ କୁଶାସନ ବିରୁଦ୍ଧରେ ଲଢ଼ିବା ଲାଗି ଗଣତନ୍ତ୍ର ପରିଷଦରେ ଯୋଗ ଦେଇଥିଲେ । ଏବଂ ଗଣତନ୍ତ୍ର ପରିଷଦ ଟିକଟରେ ଯେ କେହି ସମ୍ବଲପୁର ଜିଲ୍ଲାରୁ ଠିଆ ହେଲେ ସମସ୍ତେ ଜିତିଲେ ଶ୍ରଦ୍ଧାକର ବାବୁଙ୍କ ନାଁରେ । ଏବଂ ବିଧାନସଭାରେ ଡକ୍ଟର ଶ୍ରଦ୍ଧାକର ସୂପକାର ବିରୋଧୀ ଦଳ ନେତା ହେଲେ । ତା ପରଠୁ ସାରା ଓଡ଼ିଶାରେ ତାଙ୍କର ସୁନାମ ଛୁଟିଗଲା । ତାଙ୍କର ବ୍ୟକ୍ତିତ୍ୱରେ କଣ ଯାଦୁ ଥିଲା କେଜାଣି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କଣ୍ଠରେ ମଧ୍ୟ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଥିଲା ।

ମୋର ବ୍ୟକ୍ତିଗତ ସମ୍ପର୍କ ମୁଖ୍ୟତଃ ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ଲେଖା ପାଇଁ । ରାଜନୀତି କରି ମଧ୍ୟ ସେ ଥିଲେ ଜଣେ ସୁଲେଖକ । ପ୍ରଚୁର ପରିମାଣରେ ଲେଖୁଥିଲେ । ତାଙ୍କ ପରି ପାଠକ ମଧ୍ୟ ବହୁତ କମ ଥିଲେ । ସଂସ୍କୃତରୁ ଆରମ୍ଭ କରି ଗଣିତ ପର୍ଯ୍ୟନ୍ତ ସବୁ ପଢ଼ୁଥିଲେ ।

ଥରେ କଥା ପ୍ରସଙ୍ଗରେ ମୁଁ କହିଲି, ଆପଣ ରାଜନୀତି ଛାଡ଼ି ଖାଲି ସାହିତ୍ୟ କଲେ ଓଡ଼ିଆ ସାହିତ୍ୟ ଅଧିକ ଉପକୃତ ହୁଅନ୍ତା । ହସିଦେଇ

Source: Author, Digitized by PPRACHIN, SOA

ଡକ୍ଟର ସୂପକାର ଉତ୍ତର ଦେଇଥିଲେ, ରାଜନୀତି ନିଶା ଛାଡ଼ ପାରିଲେ ତ !

ହାସ୍ୟରସ ଉପରେ ଡକ୍ଟର ସୂପକାରଙ୍କ ଯଥେଷ୍ଟ ଦଖଲ ଥିଲା । ତାଙ୍କର ଲେଖା ଯେଉଁମାନେ ପଢ଼ିଛନ୍ତି ଅନୁଭବ କରିଥିବେ ଅନ୍ତଃସଲିଳା ଫଲଗୁ ପରି ତାଙ୍କର ପ୍ରତ୍ୟେକ ଲେଖାରେ ହାସ୍ୟରସ ଲୁଚି ରହିଛି । କୁତକୁତେଇ ଦେଉଛି । ଅନେକେ ହୁଏତ ଜାଣନ୍ତି ନାହିଁ ଯେ ଡକ୍ଟର ସୂପକାର ଶଙ୍କରସ ଉଇକ୍ଲିର ଜଣେ ନିୟମିତ ଲେଖକ ଥିଲେ ।

ଦୂରରୁ ଦେଖିଲେ ଯେ କେହି ଭାବିବ ଡକ୍ଟର ଶ୍ରଦ୍ଧାକର ସୂପକାର ଜଣେ ଅତି ଗମ୍ଭୀର ପ୍ରକୃତିର ଲୋକ କିନ୍ତୁ ଯେ ଥରେ ତାଙ୍କ ସହିତ ଅନ୍ତ-ରଙ୍ଗ ଆଲାପର ସୁଯୋଗ ପାଇଛି ଅନୁଭବ କରିଛି ସେ କେତେ ମଜାଳିଆ ପ୍ରକୃତିର ଲୋକ ଥିଲେ । ତେବେ ଅନେକ ସମୟରେ ତାଙ୍କର ହାସ୍ୟରସ ଟିକେ ଇଣ୍ଟେଲେକଚୁଏଲ ହୋଇ ଯାଉଥିବାରୁ ଅନେକେ ତାକୁ ଧରି ପାରୁ ନଥିଲେ । ଉପଭୋଗ କରି ପାରୁ ନଥିଲେ ।

୧୯୮୫ ମସିହାର ବିଧାନସଭା ନିର୍ବାଚନ ବେଳର କଥା । ଅନେକ କଳ୍ପନା ଭିତରେ ଏକଥା ଏକ ବିଶିଷ୍ଟ ଦୈନିକ କାଗଜରେ ପ୍ରକାଶିତ ହେଲା ଯେ କଂଗ୍ରେସ ହାଇକମାଣ୍ଡ ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କୁ ମୁଖ୍ୟମନ୍ତ୍ରୀ ପାଇଁ ଠିକ କରିଛନ୍ତି । ଏହି ସମ୍ବାଦ ପଢ଼ି ଓଡ଼ିଶାର ଲୋକେ ବିଶ୍ୱାସ କଲେ । କାରଣ ଡକ୍ଟର ସୂପକାରଙ୍କଠୁ ବଳି ଆଉ ଯୋଗ୍ୟ କିଏ ଅଛି କଂଗ୍ରେସ ଦଳରେ ମୁଖ୍ୟମନ୍ତ୍ରୀ ହେବା ପାଇଁ !!

ନିର୍ବାଚନ ସରିଲା । କଂଗ୍ରେସ ଦଳ ସଂଖ୍ୟା ଗରିଷ୍ଠ ହେଲା । ଡାକରା ପାଇ ଶ୍ରଦ୍ଧାକର ବାବୁ ଭୁବନେଶ୍ୱର ଧାଇଁଲେ । କିନ୍ତୁ ପ୍ରୋଟେମ ସ୍ପିକର ହୋଇ ବିଧାୟକମାନଙ୍କୁ ଶପଥ ପାଠ କରେଇ ସୁନାପୁଅ ପରି ସେ କିଛିଦିନ ପରେ ଘରକୁ ଫେରି ଆସିଲେ ।

ସେଦିନ ଅନ୍ୟମାନଙ୍କ ସହିତ ମୁଁ ମଧ୍ୟ ଶ୍ରଦ୍ଧାକର ବାବୁଙ୍କୁ ଭେଟିବାକୁ ଯାଇଥିଲି । ମୁଁ ପହଞ୍ଚିଲା ବେଳକୁ ମାଳ ପ୍ରଧାନ ବାଟଘରେ ବସିଥିଲେ । କଥା ପ୍ରସଙ୍ଗରେ ମାଳ ବାବୁ ପଚାରିଲେ, ଦାଦା ଖବର କାଗଜରେ ତ ବାହାରି ଥିଲା ତୁମେ ମୁଖ୍ୟମନ୍ତ୍ରୀ ହେବ । କାଇଁକି ହେଲ ? ମନ୍ତ୍ରୀଟାଏ ବି ହେଲ ନାହିଁ ।

Source: Author, Digitized by PPRACHIN, SOA

ଅନ୍ୟ ଯେ କେହି ହୋଇଥିଲେ ତାଙ୍କୁ ମନ୍ତ୍ରୀ ପଦ ଯଷ୍ଟ ଯାଇ ଶେଷକୁ ଫାଟର ପ୍ରୋଗ୍ରେମ ଷ୍ଟିକର କରି ଠକା ଦିଆଗଲା ସେଥିପାଇଁ କ୍ରୋଧ ନ ହେଲେବି ଅନ୍ତତଃ କ୍ଷୋଭ ପ୍ରକାଶ କରି ଥାଆନ୍ତେ ।

କିନ୍ତୁ ଶ୍ରଦ୍ଧାକର ବାବୁ ହସି ଦେଇ କହିଲେ, ଖବରକାଗଜ ବାଲେବି ଥରେ ଥରେ ମଜା କରି ଦିଅନ୍ତି । ଏହାର କିଛିଦିନ ପରର କଥା ।

ରେକର୍ଡିଂ ପାଇଁ ଶ୍ରଦ୍ଧାକର ବାବୁ ଆକାଶବାଣୀକୁ ଆସି ଥାଆନ୍ତି । ସେହି ସମୟରେ ଜଣେ ଅଧ୍ୟାପକ ମଧ୍ୟ ଜ୍ୟୋତିବିହାରରୁ ଆସି ଥାଆନ୍ତି ରେକର୍ଡିଂ ପାଇଁ । ରେକର୍ଡିଂ ପରେ ଡ୍ୟୁଟି ରୁମରେ ବସି ଗପ କଲାବେଳେ ଉତ୍କଳର ସୂତ୍ରକାର ଅଧ୍ୟାପକଙ୍କୁ କହିଲେ, ରାଜଭବନରେ ରାଜ୍ୟପାଳଙ୍କ ଉପସ୍ଥିତିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ କରିବା ପାଇଁ ପ୍ରସ୍ତାବ ଦେଲା ଯେ ମୁଖ୍ୟମନ୍ତ୍ରୀ ମନା କରିଦେଲେ ।

ଟିକେ କ୍ଷୁବ୍ଧ ହୋଇ ଅଧ୍ୟାପକ କହି ପକାଇଲେ, ସାର କହିଲେ ନାହିଁ ଏହି ଇସୁରେ ମୁଁ ବିଧାନସଭାରୁ ଇସ୍ତଫା ଦେବି ।

ଶ୍ରଦ୍ଧାକର ବାବୁ କିନ୍ତୁ ହସି ଦେଇ ଉତ୍ତର ଦେଲେ, ମୁଁ ରିଜାଇନ କଲେ ମୁଖ୍ୟମନ୍ତ୍ରୀ ତ ଖୁସି ହେବେ । ଉପନିର୍ବାଚନରେ ତାଙ୍କର ଜଣେ ଲୋକଙ୍କୁ ଟିକଟ ଦେଇ ପାରିବେ ।

ମୁଁ ମୁଖ୍ୟମନ୍ତ୍ରୀଙ୍କର ସ୍ତାବକ ଦଳରେ ନାହିଁ, ଏକଥା ନ କହି ମଜା କରି ସେହି କଥାକୁ ବୁଲେଇ କରି କହିଲେ ।

ଶ୍ରଦ୍ଧାକର ବାବୁଙ୍କ ପାଖରୁ ଏପରି ଅନେକ ମଜାକଥା ଶୁଣିବାର ସୌଭାଗ୍ୟ ମୋର ହୋଇଛି । ତାଙ୍କ ବିଷୟରେ ଲେଖି ବସିଲା ବେଳକୁ ଗୋଟି ଗୋଟି ମନେ ପଡ଼ି ଯାଉଛି । ସବୁ ଲେଖି ବସିଲେ ଗ୍ରନ୍ଥଟିଏ ହେବ ।

ପୂର୍ବତନ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ
ଆକାଶବାଣୀ — ସମ୍ବଲପୁର

Source: Author, Digitized by PPRACHIN, SOA

ଡକ୍ଟର ଶ୍ରଦ୍ଧାକର ସୂପକାର

ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ

ଶ୍ରଦ୍ଧାକର ବାବୁ ଜଣେ ଅଦ୍ଭୁତଗୁଣ ବ୍ୟକ୍ତି ଥିଲେ । ସେ ଏକାଧାରରେ ଜଣେ ରାଜନୀତି, ଅଧ୍ୟାପକ ଓ ଛାତ୍ର ଥିଲେ । ଓଡ଼ିଶାର ଦୁର୍ଭାଗ୍ୟ ଯେ ସେ ମନ୍ତ୍ରୀତ୍ୱ ପାଇ ନଥିଲେ । ଯେତିକି ମିଳିଥିଲେ ତାଙ୍କ ଜୀବନ କେବଳ ଚରିତାର୍ଥ ହୋଇ ନଥାନ୍ତା, ଗାନ୍ଧିଯୁଗ ପରେ ଜଣେ ସରଳ, ନିରାଡ଼ମ୍ବର ଓ ଦୁର୍ନୀତି ମୁକ୍ତ ମନ୍ତ୍ରୀ ଓଡ଼ିଶା ପାଇଥାନ୍ତା ।

ମୁଁ ପାଟନା କଲେଜର ମହେନ୍ଦ୍ରୁଘାଟରେ ଥିବା ସ୍ନାତକୋତ୍ତର ଛାତ୍ରାବାସରେ ନାମ ଲେଖାଇବା ପରେ ଶ୍ରଦ୍ଧାକର ବାବୁଙ୍କ ନାମ ପ୍ରଥମେ ଶୁଣିଲି । ମୁଁ ସେଠାରେ ସାଧାରଣ ପ୍ରକୋଷ୍ଠର ସମ୍ପାଦକ ରୂପେ ପତ୍ରିକା ଓ ସମ୍ବାଦପତ୍ର ଦାୟିତ୍ୱରେ ରହିଲି । ଏହି ଦାୟିତ୍ୱ ନେବାପରେ ପ୍ରକୋଷ୍ଠର ଚତୁର୍ଥ ଶ୍ରେଣୀ କର୍ମଚାରୀ ରାମଶରଣଠାରୁ ଜାଣିବାକୁ ପାଇଲି ଯେ ମୋ ଆଗରୁ ଆଉ ଜଣେ ଓଡ଼ିଆ ଛାତ୍ର ସେହି ଦାୟିତ୍ୱରେ ଥିଲେ । ତାଙ୍କ ନାମ ଥିଲା ଶ୍ରଦ୍ଧାକର ସୂପକାର । ତାଙ୍କ ନାମର ଅଗପଛ ସମାନ ଥିବାରୁ ମୁଁ ସେହି ନାମ ପ୍ରତି ଆକୃଷ୍ଟ ହୋଇଥିଲି । ବ୍ୟକ୍ତିଗତ ଭାବରେ ତାଙ୍କର ସହିତ ପରିଚିତ ହେବାକୁ ଆଗ୍ରହୀ ଥିଲି ।

ତାଙ୍କ ଯୋଗ୍ୟତା ଯୋଗୁ ସେ ଚାହିଁଥିଲେ ଅଧ୍ୟାପକ ହୋଇ ପାରିଥାନ୍ତେ । ସେତେବେଳେ ରେଭେନସା କଲେଜ ଓଡ଼ିଶାର ଏକମାତ୍ର କଲେଜ ଥିଲା ; ତେଣୁ ଅଧ୍ୟାପକ ପଦ ସୁଲଭ ନଥିଲା । ଡକ୍ଟର ସଦାଶିବ ମିଶ୍ରଙ୍କ ପରି ମେଧାବୀ ଛାତ୍ର ଏମ.ଏ. ପରୀକ୍ଷାରେ ୧୯୩୬ରେ ଉତ୍ତୀର୍ଣ୍ଣ ହୋଇ ଅଧ୍ୟାପକ ପଦ ପାଇବା ଲାଗି ଦୀର୍ଘ ପାଞ୍ଚବର୍ଷ ଅପେକ୍ଷା କରିଥିଲେ । ସେତେବେଳେ ଅଧ୍ୟାପକ ପଦ କାଳେ ମିଳିବ ନାହିଁ, ଏହି ଆଶଙ୍କାରେ ସେ ବି.ଏଲ୍ ଉପାଧି ପାଇଥିଲେ ଓ ଓକିଲ ହେବା ଉଦ୍ଦେଶ୍ୟରେ ଓକିଲାତିର ପ୍ରଥମ ଭାଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୩୮ରେ ଅଧ୍ୟାପକ ନିଯୁକ୍ତ ହୋଇ ନଥିଲେ, ସେ ହୁଏତ ଓକିଲାତି କରିଥାନ୍ତେ । ଶ୍ରଦ୍ଧାକର ବାବୁ ସ୍ନାତକୋତ୍ତର ଉପାଧି ପାଇବା ସାଙ୍ଗେ ସାଙ୍ଗେ ଓକିଲାତି ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ । ତେଣୁ ସେ ଅଧ୍ୟାପକ ପଦ ପାଇଁ ଅପେକ୍ଷା ନ କରି ସିଧା ସଳଖ ଓକିଲ ହୋଇଥିଲେ । ଅଳ୍ପଦିନ ମଧ୍ୟରେ ବ୍ୟବସାୟରେ ସୁଖ୍ୟାତି ଅର୍ଜନ କରିଥିଲେ । ଆଇନ ଶାସ୍ତ୍ର ପ୍ରତି ତାଙ୍କର ଦୁର୍ବଳତା ଥିଲା ।

Source: Author, Digitized by PPRACHIN, SOA

ସେ ରାଜନୀତି କରିବା ମଧ୍ୟରେ ଲାଜପତ ରାୟ ଆଇନ କଲେଜର ଅଧ୍ୟକ୍ଷ ହୋଇଥିଲେ । ସେତିକି ବେଳେ ଆଇନରେ ଡକ୍ଟରେଟ ଉପାଧି ପାଇଥିଲେ । ଏହି ଉପାଧି ସମ୍ମାନସୂଚକ ନଥିଲା । ସେ ନିବନ୍ଧ ଲେଖି ଡକ୍ଟରେଟ ଲାଭ କରିଥିଲେ । ରାଜନୀତି ମଧ୍ୟରେ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା ଅସାଧାରଣ କୃତିତ୍ୱ । ଏହା ଉତ୍କଳର ସୂପକାରଙ୍କ ପକ୍ଷରେ ସମ୍ଭବପର ହୋଇଥିଲା ।

ଭାରତ ଗୋଟିଏ ସାଧାରଣତନ୍ତ୍ରରେ ରୂପାନ୍ତରିତ ହେବା ଦୁଇ ବର୍ଷ ପୂର୍ବରୁ ଗଡ଼ଜାତ ମିଶ୍ରଣ ହୋଇସାରିଥିଲା । ପଶ୍ଚିମ ଓଡ଼ିଶାର ଗଡ଼ଜାତ ରାଜା ଓ ପ୍ରଜା ଏକତ୍ର ମିଶି ଗଣତନ୍ତ୍ର ପରିଷଦ ଗଢ଼ିଥିଲେ । ୧୯୫୨ ର ପ୍ରଥମ ସାଧାରଣ ନିର୍ବାଚନରେ ସେମାନେ ଅବତୀର୍ଣ୍ଣ ହୋଇଥିଲେ । ଡକ୍ଟର ସୂପକାର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଗଣତନ୍ତ୍ର ପରିଷଦର ନେତା ନିର୍ବାଚିତ ହୋଇ ବିରୋଧୀ ଦଳର ନେତୃତ୍ୱ ନେଇଥିଲେ । ବଲାଙ୍ଗିର ମହାରାଜା ୬ ରାଜେନ୍ଦ୍ର ନାରାୟଣ ସିଂହଦେଓ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୭ ର ଦ୍ୱିତୀୟ ନିର୍ବାଚନ ବେଳକୁ ମହାରାଜା ଓ ଡକ୍ଟର ସୂପକାର ନିଜ ସ୍ଥାନ ଅଦଳ ବଦଳ କରିଥିଲେ । ମହାରାଜା ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଗଣତନ୍ତ୍ର ପରିଷଦ ତଥା ବିରୋଧୀ ଦଳର ନେତା ହୋଇଥିଲେ ଏବଂ ଡକ୍ଟର ସୂପକାର ଲୋକସଭାକୁ ଯାଇଥିଲେ । ସେହି ନିର୍ବାଚନରେ ଇତିହାସ ଅଧ୍ୟାପକ ଘନଶ୍ୟାମ ଦାସ କଂଗ୍ରେସ ପ୍ରାର୍ଥୀ ଭାବରେ ଡକ୍ଟର ସୂପକାରଙ୍କ ସହିତ ଲଢ଼ିଥିଲେ । ସେତେବେଳେ ଘନଶ୍ୟାମ ବାବୁ କଟକ ଖୋଲାସାହିରେ ମୋ ପଡ଼ୋଶୀ ଥିଲେ । ରାଜନୀତି କ୍ଷେତ୍ରରେ ନୂତନ ହୋଇଥିବାରୁ ସେ ମୋତେ ପଚାରିଲେ "କିଏ ଜିଣିବ କହିଲ, ମୁଁ ନା ଶ୍ରଦ୍ଧାକର ?" ମୁଁ କହିଲି "ବିରୋଧୀ ଦଳ ନେତା ଭାବରେ ମୁଁ ତାଙ୍କ ଭୂମିକା ଦେଖିଛି, ତେଣୁ ମୋ ବିଶ୍ୱାସ ସୂପକାର ବାବୁ ଜିଣିବେ ।" ଘନଶ୍ୟାମ ବାବୁ କହିଲେ "ଶ୍ରଦ୍ଧାକର ମୋର ଜଣେ ପ୍ରିୟ ଛାତ୍ର । ତେଣୁ ସେ ମୋ ବିରୁଦ୍ଧରେ ପ୍ରଚାର ନ କରି ମୋତେ ଛାଡ଼ି ଦେବ ।" ଶେଷରେ ଶ୍ରଦ୍ଧାକର ବାବୁ ଜିତିଲେ ଓ ଅଧ୍ୟାପକ ଦାସ ପରାସ୍ତ ହୋଇ ଏଣେ ଗୃକଷା ହରାଇଲେ, ତେଣୁ ନୈରାଶ୍ୟ ଜର୍ଜରିତ ହୋଇ ହୃଦଯନ୍ତ୍ର କ୍ରିୟା ବନ୍ଦ ହୋଇ ପ୍ରାଣତ୍ୟାଗ କଲେ ।

୧୯୫୭ ନିର୍ବାଚନରେ ଓଡ଼ିଶା ବିଧାନସଭାରେ ଗଣତନ୍ତ୍ର ପରିଷଦ କଂଗ୍ରେସ ସଭ୍ୟ ସଂଖ୍ୟାର ପାଖାପାଖି ଥିଲା । କଂଗ୍ରେସର ସଂଖ୍ୟା ପରିସ୍ଥିତି

Source: Author, Digitized by PPRACHIN, SOA

ନଥିଲା । ତେଣୁ ଝାଡ଼ଖଣ୍ଡ ଦଳର ସାହାଯ୍ୟ ନେଇ ଡକ୍ଟର ମହତାବ ଶାସନ ଚଳାଇ ଥିଲେ । ଝାଡ଼ଖଣ୍ଡ ନେତା ବଜେଟ ଅଧିବେଶନ ବେଳେ କଂଗ୍ରେସକୁ ଭଣ୍ଡାଇ ପ୍ରଚୁର ଅର୍ଥ ନେଇଥିଲେ । ୧୯୫୮ ରେ ଡକ୍ଟର ମହତାବ ଟଙ୍କା ନ ଦେବାରୁ ଝାଡ଼ଖଣ୍ଡ ଦଳର ବିଶ୍ୱାସ ଘାତକତା ଯୋଗୁଁ ବିଧାନସଭାରେ ପରାସ୍ତ ହୋଇଗଲେ । ଫଳରେ ସେ ଗଣତନ୍ତ୍ର ଦଳ ଉପରେ ଆକ୍ରମଣ କରି କେତେ ଜଣ ରାଜାଙ୍କୁ ବନ୍ଦୀ କଲେ । ପ୍ରଧାନମନ୍ତ୍ରୀ ନେହେରୁ ବିରକ୍ତ ହେବାରୁ ଡକ୍ଟର ମହତାବ ଇସ୍ତଫା ଦେଇଦେଲେ । ରାଜ୍ୟପାଳ ସୁକ୍‌ଥଙ୍କରଙ୍କ ମଧ୍ୟସ୍ଥତା ଯୋଗୁ କଂଗ୍ରେସ ସରକାର ପ୍ରାୟ ଦଶମାସ ପର୍ଯ୍ୟନ୍ତ ଚାଲିଲା ଓ ସରକାରକୁ ସ୍ଥାୟିତ୍ୱ ଦେବା ଲାଗି ୧୯୫୯ ମଇ ୨୦ ତାରିଖ ଦିନ କଂଗ୍ରେସ-ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ଗଣତନ୍ତ୍ର ପରିଷଦ ତରଫରୁ ମହାରାଜା, ରାଜବଲ୍ଲଭ ମିଶ୍ର, ହରିହର ପଟେଲ ଓ ଅଇଣ୍ଠୁ ସାହୁ ମନ୍ତ୍ରୀ ହେଲେ । ଶ୍ରଦ୍ଧାକର ବାବୁ ବିଧାନସଭାରେ ଥିଲେ ନିଶ୍ଚିତ ଭାବରେ ମନ୍ତ୍ରୀ ହୋଇଥାନ୍ତେ । ତା ପରେ ଗଣତନ୍ତ୍ର ପରିଷଦ ନାମ ରଖିଥିବା ସ୍ୱତନ୍ତ୍ର ଦଳରେ ନ ରହି ସେ କଂଗ୍ରେସରେ ଯୋଗ ଦେଲେ । ସେ ଓ ପଣ୍ଡିତ ରଘୁନାଥ ମିଶ୍ର ଦୁହେଁ ଗଣତନ୍ତ୍ର ପରିଷଦରେ ଥିଲେ । ୧୯୫୯ ଓ ୧୯୬୭ରେ ସେହି ଦଳ ଶାସନ କ୍ଷମତା ହାସଲ କରିବା ବେଳକୁ ଉଭୟ କଂଗ୍ରେସରେ ଯୋଗ ଦେଇଥିଲେ ।

ତାପରେ ଶ୍ରଦ୍ଧାକର ବାବୁ ଶିକ୍ଷାବିତ ହିସାବରେ କାର୍ଯ୍ୟକଲେ । ୧୯୬୪ ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟର ସଭ୍ୟ ଥିଲେ । ତାଙ୍କ ଉଦ୍ୟମରେ ସମ୍ବଲପୁର ଆଇନ କଲେଜ ପ୍ରତିଷ୍ଠିତ ହେଲା ଏବଂ ମାନ୍ୟବର ଜଷ୍ଟିସ ଜୟକୃଷ୍ଣ ମିଶ୍ର, ଅଶୋକ ଦାସ ଓ ମୁଁ ପର୍ଯ୍ୟବେକ୍ଷଣ ଲାଗି ସମ୍ବଲପୁର ଯାଇ କଲେଜ ପ୍ରତିଷ୍ଠା କରିଥିଲୁ । ତାହା ହିଁ ଏବେ ବିଶ୍ୱବିଦ୍ୟାଳୟର ଲଜପତ ରାୟ ଆଇନ କଲେଜ । ଡକ୍ଟର ସୂପକାର ସେଠାରେ ଅଧ୍ୟାପନା କଲେ ଏବଂ ନିବନ୍ଧ ଲେଖି ଡକ୍ଟରେଟ ପାଇଲେ । ତାଙ୍କ ଶିକ୍ଷାନୁରାଗ ଯୋଗୁ ସେ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନଙ୍କ ପରେ ଚାରିମାସ କାଳ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କୁଳପତି ଦାୟିତ୍ୱ ବହନ କରିଥିଲେ ।

ଡକ୍ଟର ଶ୍ରଦ୍ଧାକର ସୂପକାର ତାଙ୍କ ଜୀବଦ୍ଦଶାରେ ନିଜ ବହୁମୁଖୀ ପ୍ରତିଭାର ପରିଚୟ ଦେଇଯାଇଛନ୍ତି । ସେ ବିଭିନ୍ନ କାର୍ଯ୍ୟରେ ନିଜ ଶକ୍ତି ବିନିଯୋଗ ନ କରି କେବଳ ଶିକ୍ଷାବିତ୍ ବା କେବଳ ରାଜନୀତିଜ୍ଞ ହୋଇଥିଲେ ଯେ ଶୀର୍ଷସ୍ଥାନରେ ଉପନୀତ ହୋଇଥାନ୍ତେ ।

କଟକ

Source: Author, Digitized by PPRACHIN, SOA

ଶ୍ରଦ୍ଧାର ସ୍ମୃତି

● ଶ୍ରୀ ଦୟାଲାଲ ଯୋଷୀ

ଦିନ ଗଡ଼ି ଚାଲିଛି । ଗୁହୁଁ ଗୁହୁଁ ବର୍ଷେ କଟିଗଲା । ସେହି ଦୁଃଖ ଖବର ପାଇଲା ଦିନ ଆଉଜଣେ ମୋର ଅନ୍ତରଙ୍ଗ ବନ୍ଧୁଙ୍କ ମଧ୍ୟ ମୃତ୍ୟୁ ଖବର ପାଇଲି । ମନଟା ବିଶେଷ ଖରାପ ହୋଇ ଯାଇଥାଏ । କଣ କରିବି ମୋର ଦୁଇ ଜଣ ଅନ୍ତରଙ୍ଗଙ୍କ ମୃତ୍ୟୁ ମୋ ମନରେ ଅନେକ ବିଷାଦ ଜନ୍ମେଇଲା । ଅନେକ ସ୍ମୃତିକୁ ଚହଲେଇ ଦେଲା । ନିୟତିର ସୁନିଶ୍ଚିତ ବାର୍ତ୍ତା ହେଉଛି, ମୃତ୍ୟୁ ଧ୍ରୁବ । ସମସ୍ତେ ତାହା ଜାଣୁ, ତଥାପି ତାହା ଯେ ମନରେ ବିଷାଦ ଆଣେ, ତାକୁ ଅସ୍ୱୀକାର କରି ହେବ ନାହିଁ ।

ଶ୍ରଦ୍ଧାକର ବାବୁଙ୍କ ସହିତ ମୋର ପ୍ରଥମ ପରିଚୟ ହୁଏ, ପଦ୍ମପୁର ବିଧାନସଭା ଉପନିର୍ବାଚନ ବେଳେ । ସେ ସେତେବେଳେ ଗଣତନ୍ତ୍ର ପାର୍ଟିର ନେତାଥିଲେ । ରଣଜିତ ସିଂ ବରିହା ଯେବେ ଓଡ଼ିଶାର ମନ୍ତ୍ରୀ ଥିଲେ, ତାଙ୍କ ତିରୋଧାନ ପରେ ; ପଦ୍ମପୁର ବିଧାନସଭା ସିଟ ଖାଲି ଥାଏ । ରଣଜିତ ସିଂ ମୋର ଜଣେ ବନ୍ଧୁ ଥିଲେ । ତାଙ୍କର ପୁତ୍ରୁରଙ୍କୁ ବୀର ବିକ୍ରମ ସିଂ ବରିହାଙ୍କୁ କଂଗ୍ରେସ ପ୍ରାର୍ଥୀରୂପେ ମନୋନୀତ କରା ହୋଇଥିଲା ।

୬ ନବକୃଷ୍ଣ ଚୌଧୁରୀ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାଆନ୍ତି । ସେତେବେଳେ ଓଡ଼ିଶା ବିଧାନ ସଭାରେ କଂଗ୍ରେସ ଦଳର ବିଶେଷ ସଂଖ୍ୟା ଗରିଷ୍ଠତା ନଥାଏ । ସେହି ସମୟରେ ଦେବଗଡ଼ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହେବାର ଥିଲା । ସେହି ସମୟରେ ଗଣତନ୍ତ୍ରର ପ୍ରଭାବ ଏହି ଅଞ୍ଚଳରେ ଅତ୍ୟଧିକ ଥାଏ, ପୁଣି କଂଗ୍ରେସ ବିରୁଦ୍ଧରେ ଗଣତନ୍ତ୍ର ପରିଷଦ ଯୁବରାଜ ବୀର ବିକ୍ରମସିଂ ବରିହାଙ୍କ ସାନଭାଇ ବୀର ମିତ୍ରୋଦୟ ସିଂଙ୍କୁ ପ୍ରାର୍ଥୀ କରିଥାଆନ୍ତି ।

ଦୁଇଭାଇଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ପୁଣି ଗୋଟିଏ ଘରୁ, ଦୁହେଁ ରାଜନୀତିରେ ସେତେବେଳେ ଅନଭିଜ୍ଞ । ମୁଁ କଂଗ୍ରେସର ସକ୍ରୀୟ ସଦସ୍ୟ ଥାଏ । ଜିଲ୍ଲା କମିଟିର ସଭ୍ୟ ମଧ୍ୟ ଥାଏ । ନବକୃଷ୍ଣ ଚୌଧୁରୀ ମୋତେ ଡାକି କହିଲେ, 'ଆପଣ ତ ବରିହା ପରିବାରର ବନ୍ଧୁ ଓ କଂଗ୍ରେସ ଲୋକ ।

Source: Author, Digitized by PPRACHIN, SOA

ବରିହା ନିର୍ବାଚନ ଲଢ଼େଇରେ ଅନଭିଜ୍ଞ, ସେହି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଭାର ଆପଣ ନିଅନ୍ତୁ । ଦେବଗଡ଼ ନିର୍ବାଚନ ମଣ୍ଡଳୀର ଭାର ଶ୍ରୀ ତୀର୍ଥବାସୀ ପ୍ରଧାନ ନିଅନ୍ତୁ ।" ନବ ବାବୁଙ୍କ କଥାଟି ମୋ ପ୍ରତି ଆଦେଶ ମନେ କରି ମୁଁ ତାଙ୍କୁ ମୋର ସ୍ୱୀକୃତି ଜଣେଇଲି । ସେ ଦିନଠୁ ମୁଁ ପ୍ରାୟ ସବୁଦିନ ନିର୍ବାଚନ ଶେଷ ପର୍ଯ୍ୟନ୍ତ ପଦ୍ମପୁରରେ ରହିଲି ଓ ଯିବା ଆସିବା କଲି ।

ଗଣତନ୍ତ୍ର ପାର୍ଟୀ ତରଫରୁ ପାଇକମାଲରେ ବଲାଙ୍ଗିର ରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ, କେମ୍ପ କଲେ ଓ ପାଇକମାଲ ଜଗଦଳପୁରରେ ନିର୍ବାଚନ ଦେଖା ଦେଖି ଓ ପ୍ରଚାର ଚଳେଇଲେ, ଶ୍ରଦ୍ଧାକର ବାବୁ ଗାଇସିଲେଟ ଓ ମେଲଚ୍ଛାମୁଣ୍ଡା ଥାନାରେ ରହିଲେ । ବିଶେଷ କରି ଗାଇସିଲେଟ୍ କାରଣ ତାହା ଆରଣ୍ୟକ ବ୍ରାହ୍ମଣଙ୍କ ବଡ଼ ପୀଠ ଥିଲା ଓ କଳାହାଣ୍ଡି ମହାରାଜା ପଦ୍ମପୁରରେ କେମ୍ପକରି ନିର୍ବାଚନ ଚଳାଇଲେ । ତାହା ବୋଧହୁଏ ୧୯୫୩-୫୪ କଥା ।

ଆମ ନିର୍ବାଚନ ପ୍ରଚାର ଚାଲିଥାଏ, ସେତେବେଳେ କଂଗ୍ରେସ ପାଇଁ ଓ ଗଣତନ୍ତ୍ର ପାଇଁ ସେହି ସିଟଟା ଜିଣିବା ଏକ ଜୀବନ ମରଣ ସମସ୍ୟା ଭଳି ଲାଗୁଥାଏ । ଆମେ ରାତିଦିନ ଦୌଡ଼ା ଦୌଡ଼ି କରୁଥାଉଁ । ଥରେ ମୁଁ ଯେତେବେଳେ ଗାଇସିଲେଟକୁ ଗଲି ଦେଖିଲି, ଶ୍ରଦ୍ଧାକର ବାବୁ ଗୋଟିଏ ସଭା ଶେଷକରି କୁଆଡ଼େ ବାହାରୁଥାନ୍ତି । ଦେଖାହେଲା, ମୁଁ ନମସ୍କାର କଲି । ସେ ହସି ହସି କହିଲେ-'ମୋ କାମ ସରିଲାଣି, ଆପଣ ଆପଣଙ୍କ କାମ ଆରମ୍ଭ କରନ୍ତୁ' । ଦିହେଁ ହସିଲୁଁ । ଶୁଣୁଥିବା ଆଖପାଖ ଲୋକେ ମଧ୍ୟ ହସିଲେ । ବୋଧହୁଏ ସେହି ମୋର ପ୍ରଥମ ଦେଖା । ଆବଶ୍ୟ ଆମେ ଦୁହେଁ ଦୁହିଁଙ୍କି ଜାଣିଥିଲୁ ; କିନ୍ତୁ ମୁହାଁ ମୁହିଁ କେବେ ତା ପୂର୍ବରୁ ଦେଖା ହୋଇ ନଥିଲି ।

ତାପରେ ସମୟର ସ୍ରୋତରେ ଆମେ ଭାସି ଚାଲିଥାଉ ; କିନ୍ତୁ କ୍ରମେ ଯଦିଚ ସେତେବେଳେ ରାଜନୀତି ସହିତ ମୋର ସମ୍ପର୍କ ଶିଥିଳ ହୋଇଥାଏ, ତଥାପି ଆମର ଅନ୍ତରଙ୍ଗ ସମ୍ପର୍କ ବଢ଼ି ଚାଲିଥାଏ ।

୧୯୭୦ ମସିହାରେ ମୋର ଗୋଟିଏ ପାଣ୍ଡୁଲିପି (ଗଳ୍ପ) ବହି ମୋର ଦାଦା ସୀତାରାମ ପୁରୋହିତ ଦେଖି ମୋତେ କହିଲେ ତୁ ନୂଆ ନୂଆ ଗଳ୍ପ ଲେଖୁଛୁ, ଟିକିଏ ଶ୍ରଦ୍ଧାକର ବାବୁଙ୍କୁ ଦେଖାଇଲେ ହୁଅନ୍ତା ନାହିଁ ? ସେ ମୋର ସେହି ଗଳ୍ପ ପାଣ୍ଡୁଲିପି ଶ୍ରଦ୍ଧାକର ବାବୁଙ୍କୁ ଦେଇ ତାର ମତ ଦେବା

Source: Author, Digitized by PPRACHIN, SOA

ପାଇଁ କହିଲେ । କିଛି ଦିନ ପରେ ସେହି ଗଳ୍ପ ପଢ଼ି ସାର ତାଙ୍କ ଲିଖିତ ମନ୍ତବ୍ୟ ଦେଲେ । ତହିଁରେ ସେ ବେଶ୍ ପ୍ରଶଂସା କରିଥାନ୍ତି, ତାହା ଆଜିସୁଦ୍ଧା ସେହି ପାଣ୍ଡୁଲିପିରେ ରଖାହୋଇଛି । ଦୁର୍ଭାଗ୍ୟ ବଶତଃ ତାହା ଆଜିସୁଦ୍ଧା ପ୍ରକାଶିତ ହୋଇପାରି ନାହିଁ ; କିନ୍ତୁ ତାପରେ ରାଜନୈତିକ ସମ୍ପର୍କ ସହିତ ମୋର ତାଙ୍କ ସାହିତ୍ୟିକ ସମ୍ପର୍କ ମଧ୍ୟ ହେଲା ।

ଏମିତି ଚାଲିଥାଏ, ସେ ଯେତେବେଳେ ହୀରାଖଣ୍ଡ ପତ୍ରିକାର ସମ୍ପାଦକ କାର୍ଯ୍ୟ ଗ୍ରହଣ କଲେ ମତେ କହିଲେ- ଯୋଷୀ ବାବୁ ! ଆପଣ ହୀରାଖଣ୍ଡ ପାଇଁ ନିୟମିତ ଫିଚର ଲେଖା ଦିଅନ୍ତୁ । ତାଙ୍କ କହିବା ଅନୁସାରେ ମୁଁ ହୀରାଖଣ୍ଡରେ ପଥେପ୍ରାନ୍ତେ ନାମରେ ଗୋଟିଏ ଫିଚର ଆରମ୍ଭ କଲି । ତାହା ଅତି ଜନପ୍ରିୟ ହୋଇଥିଲା ଓ ତାହା ଶ୍ରଦ୍ଧାକର ବାବୁ ସମ୍ପାଦକ ଥିବା ପର୍ଯ୍ୟନ୍ତ ଲେଖିଚାଲିଲି । ଅବଶ୍ୟ ସେ ଗଲାପରେ ତାକୁ ଲେଖିବା ବନ୍ଦ କଲି । ଅବଶ୍ୟ ତାଙ୍କ ପରବର୍ତ୍ତୀ ସମ୍ପାଦକ ମାନେ ମତେ ଅନେକ ଥର ତାକୁ କ୍ରମାଗତ ଚଳାଇବା ପାଇଁ ଅନୁରୋଧ କରିଥିଲେ, କିନ୍ତୁ ମୁଁ ନାନା କାରଣରୁ ଦେଇ ପାରିଲି ନାହିଁ । ଅବଶ୍ୟ ମୋର ସମ୍ପର୍କ ଶ୍ରଦ୍ଧାକର ବାବୁଙ୍କ ସହିତ ବରାବର ଥାଏ । ଅନେକ ସଭାସମିତିରେ, ସାହିତ୍ୟ ମାଧ୍ୟମରେ ଆମର ସମ୍ପର୍କ ଆହୁରି ଦୃଢ଼ିଭୂତ ହେଉଥାଏ ।

ଗତ ବିଧାନସଭା ନିର୍ବାଚନ ପୂର୍ବରୁ ମୋତେ ସେ ଗୋଟିଏ ପତ୍ର ଦେଇ ସମ୍ବଲପୁରକୁ ଡାକିଲେ ଏବଂ ମୁଁ ଗଲି । ମୋତେ ଡକାଇବା ଉଦ୍ଦେଶ୍ୟ ବିଷୟରେ ଜାଣିବା ପାଇଁ ଆଗ୍ରହୀ ହେଲି ।

ସେ କହିଲେ "ଯୋଷୀ ବାବୁ ବର୍ତ୍ତମାନ ମୁଁ ଜଣେ ବିଧାନସଭା ସଭ୍ୟ ଥାଇ ମଧ୍ୟ ମୋ ନିର୍ବାଚନ ମଣ୍ଡଳୀ ପାଇଁ କିଛି କରି ପାରିଲି ନାହିଁ । ବହୁତ ଦୁଃଖ ଲାଗୁଛି । ଯୁଗ ବହୁତ ବଦଳି ଗଲାଣି । ଯୋର ଯାର ମୂଲକ ତାର ରାଜନୀତି ଚାଲିଛି । ଦେଶ ଓ ଦଶ ପାଇଁ ଚିନ୍ତା କରିବା ପାଇଁ କାହାରି ତର ସହୁନାହିଁ । ସମସ୍ତେ ନିଜ ନିଜ ପାଇଁ ବ୍ୟସ୍ତ, ଏପରି ଅବସ୍ଥାରେ ମୋର ପୁଣି ନିର୍ବାଚନରେ ଛିଡ଼ା ହେବା କଣ ଉଚିତ ହେବ ?"

ମୁଁ କହିଲି ଆଜ୍ଞା ! ଆଉ ଆମ ପାଇଁ ରାଜନୀତି କରିବାର ସମୟ ନାହିଁ ତେଣୁ ମୁଁ ଅନେକ ଦିନରୁ ଦୂରେଇ ଯାଇଛି ଆଉ ଆପଣଙ୍କୁ ମଧ୍ୟ ଅନୁରୋଧ କରିବି ଏଥିରୁ ଦୂରେଇ ଯିବାପାଇଁ । ତାପରେ ଆପଣଙ୍କ ସ୍ୱାସ୍ଥ୍ୟ

Source: Author, Digitized by PPRACHIN, SOA

ମଧ୍ୟ ଭଲ ରହୁନାହିଁ । ଆଜି ରାଜନୈତିକ ପରିବେଶ ଦୂଷିତ ତେଣୁ ଆପଣ ରାଜନୀତିରୁ ଦୂରେଇ ସାହିତ୍ୟ ସେବା ଓ ଆଧ୍ୟାତ୍ମିକ ଚିନ୍ତା କଲେ ଭଲ ହେବ ବୋଲି ମୋର ଧାରଣା । ତଥାପି ଆପଣ ମୋଠୁ ବୟସରେ ବଡ଼ ଆପଣ ଯାହା ଉଚିତ ମନେ କରିବେ ତାହାହିଁ କରନ୍ତୁ ।"

ତାପରେ ଅନେକ ଇଆଡ଼ୁ ସେଆଡ଼ୁ ଗପ । ସାହିତ୍ୟଚର୍ଚ୍ଚା ଆଦି ପରେ ଚା' ଖାଇ ମୁଁ ବରଗଡ଼କୁ ଫେରିଆସିଲି । ସେ ନିଶ୍ଚୟ ମୋ କଥାକୁ ବିଚାରକୁ ନେଇଥିବେ କାରଣ ଦେଖାଗଲା ସେ ଆଉ ଏହି ନିର୍ବାଚନରେ ପ୍ରାର୍ଥୀ ହୋଇ ନଥିଲେ ।

ଶ୍ରଦ୍ଧାକର ବାବୁଙ୍କ ମଧୁର ବ୍ୟବହାର, ସାଧୁ ପ୍ରକୃତି, ନିରହଙ୍କାର ଭାବ, ପାଣ୍ଡିତ୍ୟ, ସରଳ ସ୍ୱଭାବ ଓ ନମ୍ରତା ଆଜିକାଲି ଯୁଗରେ ପାଇବା, ପୁଣି ଏପରି ଏକ ଉଚ୍ଚ ପଦବୀର ଅଧିକାରୀଙ୍କଠାରୁ ପାଇବା ବିରଳ । ସେ ପ୍ରକୃତରେ ଜଣେ ମଣିଷ ଭଳି ମଣିଷ ଥିଲେ । ସେ କେବଳ ମୋର ମନରେ ନୁହେଁ, ଶତ ଶତ ଜନତାର ହୃଦୟରେ ଯେଉଁ ସ୍ଥାନ ପାଇଛନ୍ତି, ତାହା ଚିରଦିନ ଅମଳିନ ହୋଇ ରହିବ ଏଥିରେ ମୋର ତିଳେମାତ୍ର ସନ୍ଦେହ ନାହିଁ ।

ବରଗଡ଼, ସମ୍ବଲପୁର

Source: Author, Digitized by PPRACHIN, SOA

ସଂଗ୍ରାମୀ ବେଶେ ଶ୍ରଦ୍ଧାକର ବାବୁ

● ଶ୍ରୀ ଗୌରଶ୍ୟାମ ସାମନ୍ତରାୟ

ହେ ଶାନ୍ତ ସୁଧୀରମନା ପ୍ରଶାନ୍ତ ହୃଦୟସିନା
ତବଠାରେ ବଶ୍ୟପତି କଲେ ସଚିତ
ଜନ୍ମିଲ ସଂଗ୍ରାମୀ ବେଶେ ସମଲଇଙ୍କ ଆଶିଷେ
କବି ଗଙ୍ଗାଧରଙ୍କର ଜନ୍ମଭୂଇଁରେ
ପଦଦଳି କଣ୍ଟକ ପଥେ
ମନ ବଳାଇଲ ବସି ସେବାର ରଥେ ॥

ନଥିଲାତ ଅହଂକାର ସକଳେ ସମ ଆଦର
ସେହିଗୁଣେ ବଳାୟୁାନ ହୋଇଲ ବନ୍ଧୁ
ଗାନ୍ଧୀଜୀଙ୍କ ବାଇ ବାରତା
ଖଦାପିନ୍ଧି ପ୍ରଚୁରିଲ ଅହିଂସା କଥା ॥

ଭଗିରଥ ରୂପଧରି କଠୋର ସାଧନା କରି
ଜନସେବା ଜାହ୍ନବୀକ ନେଲହେ ବାହି
ଉତ୍କଳବାସୀ ସେ ଜଳେ ପ୍ଲାବିତ ହେଲେ ସକଳେ
ଉଚ୍ଛମନା ବୋଲି ନାମ ବହିଲ ବୀର
ଉଡ଼ାଇଲ ବିଜୟକେତ
ସଂଗ୍ରାମୀ ହୁଅଇ ଆଜି ସେ ପଦେ ନତ ॥

● ସ୍ୱାଧୀନତା ସଂଗ୍ରାମୀ
କଲ୍ୟାଣୀନଗର, କଟକ-୧୨

Source: Author, Digitized by PPRACHIN, SOA

ସମ୍ମାନାସ୍ପଦ ଶ୍ରଦ୍ଧାକର ବାବୁ

● ଶ୍ରୀ ଯଦୁନାଥ ଦାଶ ମହାପାତ୍ର

ସେ ଅଜାତଶତ୍ରୁ ଥିଲେ କି ନାହିଁ ମୁଁ ଜାଣେ ନାହିଁ । କିନ୍ତୁ ତାଙ୍କର ବୃଦ୍ଧାବସ୍ଥାରେ ମୋ ସହିତ ପରିଚୟ ହେବାବେଳେ ସେଇ ସରଳ ନିଷ୍କପଟ ମଣିଷଟିକୁ ଦେଖି ମୁଁ ଅନୁଭବ କରିଥିଲି ଯେ ତାଙ୍କର ବୋଧହୁଏ କେହି ଶତ୍ରୁ ନ ଥିବେ ।

ପୂର୍ବରୁ ସେ ଆରମ୍ଭ କରିଥିବା ରାଜନୈତିକ ଜୀବନ ସହିତ ମୋର ପ୍ରତ୍ୟକ୍ଷ ପରିଚୟ ନ ଥିଲା । ଦୂରରୁ ମୁଁ ଜାଣିଥିଲି ତାଙ୍କୁ ପ୍ରଥମେ ଜଣେ ସାହିତ୍ୟିକ ଭାବରେ, ତା ପରେ ଜଣେ ବିଧାୟକ ଓ ସାଂସଦ ଭାବରେ । ପାଟଣା ମହାରାଜା ସ୍ୱର୍ଗତଃ ରାଜେନ୍ଦ୍ର ନାରାୟଣ ସିଂହଦେଓ ଗଣତନ୍ତ୍ର ପରିଷଦ ଆରମ୍ଭ କଲାବେଳେ ସେ ତାଙ୍କ ସହିତ ଥିଲେ । ତାଙ୍କର ପ୍ରଥମ ସକ୍ରିୟ ରାଜନୈତିକ ଜୀବନ ବୋଧହୁଏ ସେଇଠୁ ଆରମ୍ଭ ହୋଇଥିଲା । ତାଙ୍କ ସହିତ କାମ କରିବାର ପ୍ରଥମ ସୁଯୋଗ ମୋତେ ମିଳିଥିଲା ୧୯୮୫ ମସିହାରେ । ସେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ଟିକେଟ୍‌ରେ ନିର୍ବାଚିତ ହୋଇ ଆସିଥିଲେ ବିଧାନସଭାକୁ ଓ ମୁଁ ମଧ୍ୟ ବାଲେଶ୍ୱର ଜିଲ୍ଲାର ସୋର ନିର୍ବାଚନ ମଣ୍ଡଳୀରୁ ତୃତୀୟଥର ବିଜୟଲାଭ କରି ତୃତୀୟଥର ପାଇଁ ଓଡ଼ିଶା ମନ୍ତ୍ରିମଣ୍ଡଳରେ ଜଣେ ମନ୍ତ୍ରୀ ଭାବରେ ଯୋଗ ଦେଇଥିଲି । ମୋର ଶିକ୍ଷାମନ୍ତ୍ରିତ୍ୱ କାଳରେ ଶିକ୍ଷା ସମ୍ପର୍କୀୟ ଅନେକ ଭାଷଣ ସେ ବିଧାନସଭାରେ ପ୍ରଦାନ କରିଛନ୍ତି । ଶିକ୍ଷା ବଜେଟ୍ ଆଲୋଚନାବେଳେ ପ୍ରାୟ ପ୍ରତ୍ୟେକଥର ତାଙ୍କୁ ଜଣେ ବକ୍ତାଭାବରେ ମୁଁ ନାମିତ କରୁଥିଲି ଓ ସେ ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍ ଭାବରେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ।

ବିଧାୟକମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାମପାଇଁ ମନ୍ତ୍ରୀମାନଙ୍କ ପାଖକୁ ଆସନ୍ତି । ଆଲୋଚନା କରନ୍ତି । ମଝିରେ ମଝିରେ ରାଗରୁଷା, ବାକ୍‌ବିତଣ୍ଡା ମଧ୍ୟ ହୁଏ । କିନ୍ତୁ ଶ୍ରଦ୍ଧାକର ବାବୁଙ୍କର କାମ କରାଇବା ଢଙ୍ଗ ଥିଲା ଭିନ୍ନ ପ୍ରକାର । ବିଧାନସଭା ଚାଲୁ ନ ଥିବା ବେଳେ

Source: Author, Digitized by PPRACHIN, SOA

ବା କୌଣସି କମିଟି ମିଟିଂ ନ ଥିବା ବେଳେ ସେ ପ୍ରାୟ ନିର୍ବାଚନ ମଣ୍ଡଳୀ ଛାଡ଼ି ଭୁବନେଶ୍ୱର ଆସୁନଥିଲେ । ବିଧାନସଭା ଚାଲିଥିବାବେଳେ ବିଧାନସଭା ଭିତରେ ହିଁ ବସି ମୋ ସିଟ୍ ପାଖକୁ ଆସି ହସହସ ମୁହଁରେ ଖଣ୍ଡିଏ ଖଣ୍ଡିଏ ହାତଲେଖା ସ୍ଲିପ୍ ମୋ ହାତକୁ ବଢ଼େଇଦେଇ ତାଙ୍କ ସିଟ୍‌କୁ ଫେରି ଯାଆନ୍ତି । କିଛି କହନ୍ତି ନାହିଁ । କଥାବାର୍ତ୍ତା କଲେ ବାଚସ୍ପତି କୁଆଡ଼େ ଦେଖିଦେଇ କିଛି ଟିପ୍ପଣୀ ଦେଇଦେବେ ସେ ସଂପର୍କରେ ସେ ସଚେତନ ଥାଆନ୍ତି । ସେହି ସ୍ଲିପ୍ ଗୁଡ଼ିକରେ ତାଙ୍କ ନିର୍ବାଚନ ମଣ୍ଡଳୀ ବା ଜିଲ୍ଲାର ଶିକ୍ଷା ସମସ୍ୟାର ସମାଧାନର ଅନୁରୋଧ ଥାଏ । ସେଇ ସ୍ଲିପ୍ ପଢ଼ି ମୁଁ ତାଙ୍କ ସିଟ୍‌କୁ ଚାହିଁ ହସହସ ମୁଖରେ ସେ କାମ ହୋଇଯିବ ବୋଲି ଯଦି ସୂଚନା ଦିଏ ସେ ହସି ହସି ମୋ ଆଡ଼କୁ ଚାହିଁରହିଥା'ନ୍ତି । କାମ ହୋଇଯିବା ପରେ ସେଇମିତି ସ୍ଲିପ୍‌ରେ ଧନ୍ୟବାଦ ଜ୍ଞାପନ କରି ସେ ଆସି ମୋ ଟେବୁଲ୍‌ରେ ରଖିଦେଇ ଯାଆନ୍ତି ।

ଥରକର କଥା । ସେ ଘଟଣାଟି ମୋ ପାଖରେ ଅଭୁଲା । ଉଚ୍ଚପଦବୀରେ ଅଧିଷ୍ଠିତ ବହୁ ରାଜନୈତିକ ନେତା ସେମାନଙ୍କର ଜନ୍ମଦିନ ପାଳନ କରନ୍ତି । ମୁଁ କିନ୍ତୁ କେବେ ମୋ ଜନ୍ମଦିନ ପାଳନ କରେ ନାହିଁ । ମୋ ଲିଖିତ କେତେକ ପୁସ୍ତକରେ "ଲେଖକ ପରିଚିତି"ରେ ପ୍ରକାଶକମାନେ ମୋ ଜନ୍ମତାରିଖ, ଜନ୍ମସ୍ଥାନ, ଶିକ୍ଷାଗତ ଯୋଗ୍ୟତା ପ୍ରଭୃତି ଉଲ୍ଲେଖ କରିଥା'ନ୍ତି । ଏତଦ୍‌ବ୍ୟତୀତ ମୋ ଜନ୍ମତାରିଖ କୌଣସି ବର୍ଷ କୌଣସି ଖବରକାଗଜରେ ପ୍ରକାଶିତ ହୋଇନାହିଁ । ୧୯୮୫ ମସିହା ମେ ମାସରେ ମୁଁ ତୃତୀୟଥର ପାଇଁ ମନ୍ତ୍ରିତ୍ୱ ଗ୍ରହଣ କଲି । ୧୯୮୬ ମସିହାର ବଜେଟ ଅଧିବେଶନ ଚାଲିଥିବାବେଳେ ବିଧାନସଭା ଭିତରେ ମୁଁ ମନ୍ତ୍ରୀ ମୋ ସିଟ୍‌ରେ ବସୁ ନ ବସୁଣୁ ଶ୍ରଦ୍ଧାକର ବାବୁ ଖଣ୍ଡିଏ ସ୍ଲିପ୍ ଆଣି ମୋ ହାତକୁ ବଢ଼େଇ ଦେଲେ । ସେ ସ୍ଲିପ୍‌ରେ ଲେଖାଥିଲା— "ଆଜି ମାର୍ଚ୍ଚ ପହିଲା ଆପଣଙ୍କ ଜନ୍ମଦିନରେ ମୁଁ ଆପଣଙ୍କୁ ବଧେଇ ଜଣାଉଛି—ଶ୍ରଦ୍ଧାକର ସୂପକାର ।"

ସେ ଦିନ ଯେ ମୋର ଜନ୍ମଦିନ ସେ ଖିଆଲ୍ ମୋର ମଧ୍ୟ ନ ଥିଲା । ସେ ଦିନ ମୁଁ ବୁଝିଲି ତାଙ୍କର ମୋ ପ୍ରତି କେତେ ସ୍ନେହ ଥିଲା ।

Source: Author, Digitized by PPRACHIN, SOA

ଅନେକ ସମୟରେ ଶିକ୍ଷା ବିଭାଗର ସମସ୍ୟା ସଂପର୍କରେ ମୁଁ ତାଙ୍କ ସହିତ ପରାମର୍ଶ କରୁଥିଲି । ତାଙ୍କ ସହିତ କେତେଥର ବିଭିନ୍ନ କାର୍ଯ୍ୟକ୍ରମ-ରେ ମୁଁ ତାଙ୍କ ନିର୍ବାଚନ ମଣ୍ଡଳୀକୁ ଯାଇଛି । ତାଙ୍କୁ କିଏ ସମ୍ମାନ କରୁ ନ ଥିଲା ? ସେ ଥିଲେ ସମସ୍ତଙ୍କର ସମ୍ମାନାସ୍ପଦ । ଧୀର, ଅବିଚଳିତ, ସଦା ହସହସ, ପଣ୍ଡିତପ୍ରବର, ସମ୍ମାନାସ୍ପଦ ଶ୍ରଦ୍ଧାକର ବାବୁଙ୍କର ଅମ୍ଳାନ ସ୍ମୃତି ଜୀବନ ଥିବାଯାଏ ମୋତେ ଆଲୋକିତ କରୁଥିବ ।

ବିମାନଘାଟି ଅଂଚଳ
ଭୁବନେଶ୍ୱର-୭୫୧୦୦୯

ଏମାଟିର ଅଜାତଶତ୍ରୁ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ

ମଧ୍ୟମ ପୁରୁଷ ଅଗ୍ରଲେଖାର ଲେଖକଙ୍କର ସ୍ମୃତି କଳ୍ପନା ମନକୁ ଆଚ୍ଛନ୍ନ କରେ ବିଭିନ୍ନ ବାଟରେ । ହେଲେ ସେହି ବ୍ୟକ୍ତି ପ୍ରତିଭାର ମନ ଦର୍ପଣକୁ ଅନୁଧ୍ୟାନ କରି କିଛିଟା ଏଣେ ତେଣେ ଗାରେଇ ଦେବାର ଦୁଃସାହସ ହୁଏନା । ସାମୟିକ ପ୍ରେରଣାର ବଶବର୍ତ୍ତୀ ହୋଇ କିଛି କିଛି ଲେଖିବାର ପ୍ରୟାସ କରି କଲମ ଧରିବାକୁ ସାହସ ପାଏନା । ସାହିତ୍ୟ ବିଲରେ କିଛିବି ଗୁଣ ମୋର ଅଛି ବୋଲି ଦାବୀ କରିବାର ସତ୍‌ସାହସ ବା ଅବିବେକିତା ମୋର ନାହିଁ । ତଥାପି ସେହି ଅଦୃଶ୍ୟ ମାନବର ପ୍ରେରଣାକୁ ଆଧାର କରି ଚେଷ୍ଟା କରୁଛି ଯତ୍‌କିଞ୍ଚିତ ଆସ୍ଫାଳନ ପାଇଁ । ହେଲେ କେମିତି ଭାବରେ ମୁଁ ତାର ବର୍ଣ୍ଣନା କରିବି ଭାବିପାରୁ ନାହିଁ । ଦେଖୁ ଦେଖୁ ସ୍ମୃତିଚାରଣ କରିବାର ବର୍ଷେ ପୂରିଗଲା । ଜନ୍ମ ଓ ମୃତ୍ୟୁ ଦୁଇଟି ବିପରୀତ ଧର୍ମୀ ହେଲେ ମଧ୍ୟ ଦେଖିବାକୁ ହେବ କେମିତି ସେ ଦୁଇଟି ବିଚିତ୍ର ଅଶରୀର ପରସ୍ପର ଆଡ଼କୁ ଆକୃଷ୍ଟ ହୁଏ । ଆଜି ସାରାବିଶ୍ୱର ଜନପ୍ରାଣୀ ଏହି ରହସ୍ୟାବୃତ ପରିଧି ଉପରେ ଆଧାରିତ । ଏହି ଘୂର୍ଣ୍ଣି ଚାଲିଛି ଅବାରିତ ଭାବେ ଯାହାର ପୂର୍ଣ୍ଣଚ୍ଛେଦ କେହି ଦେଇ ପାରିବେ ନାହିଁ ।

Source: Author, Digitized by PPRACHIN, SOA

ଆଜି ସେହି ଏନସାଇକ୍ଲୋପିଡ଼ିଆ ଭିତରୁ ଜନ୍ମ ନେଇଥିବା ଶହ ଶହ ପ୍ରତିଭା ସମ୍ପନ୍ନ ଅଜାତ ଶତ୍ରୁଙ୍କ ମଧ୍ୟରୁ ଜଣକର ସିଦ୍ଧାନ୍ତରେ ଉପନୀତ ହେବା ଯାହାର ଜନ୍ମ ହୋଇଥିଲା ୧୯୧୫ ଏପ୍ରିଲ ଆଠ ତାରିଖ ଏହି ସମ୍ବଲପୁର ମାଟିର ଝାଡ଼ୁଆପଡ଼ାରେ । ନାଆଁଟି ଥିଲା ଶ୍ରଦ୍ଧାକର ।

କେହି ସ୍ୱୀକାର କରନ୍ତୁ ବା ନକରନ୍ତୁ ସେଥିରେ କିଛି ଯାଏଆସେ ନାହିଁ । ଏ ମାଟିର ବରପୁତ୍ର ମାନଙ୍କ ମଧ୍ୟରୁ ଶ୍ରଦ୍ଧାକର ବାବୁ ହେଉଛନ୍ତି ଅନ୍ୟ ଏକ ପ୍ରତିଭା ସମ୍ପନ୍ନ କୃତି ସନ୍ତାନ ଏବଂ ଅଭିନବ ମାନବ । ଇତିହାସ ପୃଷ୍ଠାରୁ ଜଣାଯାଏ ଯେ ଏହି ହୀରସୂ ଜନନୀ ସମ୍ବଲପୁର ମାଟି ବହୁ ବରପୁତ୍ରଙ୍କୁ ତା କୋଳରେ ଜନ୍ମ ଦେଇ ଲାଳନ ପାଳନ କରି ତାଙ୍କର ଖେଳ ସରିଲା ପରେ ପୁଣି ତାହାର କୋଳକୁ ଟାଣି ନେଇଛି ବହୁ ପ୍ରକାର ରାଜମୁକୁଟରେ ଅଭିଷିକ୍ତ କରି । ସେମାନଙ୍କ ଭିତରୁ ପ୍ରମାଣିକ ଭାବେ ଚିର ସ୍ମରଣୀୟ ହୋଇ ରହିଛନ୍ତି କବି ଗଙ୍ଗାଧର, ବୀର ସୁରେନ୍ଦ୍ର ସାଏ, ଡାକ୍ତର ଜନାର୍ଦ୍ଦନ ପୂଜାରୀ, ଡାକ୍ତର ଆଇଜାକ୍ ସାନ୍ତ୍ରା, ଚନ୍ଦ୍ରଶେଖର ବେହେରା, ବ୍ରଜମୋହନ ପଟ୍ଟନାୟକ, ବ୍ରଜମୋହନ ପଣ୍ଡା, ନୃସିଂହ ଗୁରୁ, ଶ୍ରୀପତି ମିଶ୍ର, ମଦନମୋହନ ମିଶ୍ର, ବିହାରୀ ଦାସ, ବୁଧୁରାମ ଦୁବେ, ଗୋକୁଳ ବାବୁ, ଶଙ୍କର ପ୍ରସାଦ ମିଶ୍ର, ରତ୍ନାକର ବେହେରା । ସେମାନଙ୍କ ମଧ୍ୟରୁ ଶ୍ରଦ୍ଧାକର ବାବୁ ହେଉଛନ୍ତି ପ୍ରକୃତରେ ଅଜାତ ଶତ୍ରୁ ।

ସେହିପରି ଜଣେ ଜନ ନାୟକଙ୍କୁ ଏ ମାଟିରେ ଆଉଥରେ ପାଇବାର ଅବକାଶ ନାହିଁ । ଚିନ୍ତା ମଧ୍ୟ କରାଯାଇ ପାରେନା । ତାଙ୍କର ଜୀବନ କାହାଣୀକୁ ଜନ୍ମରୁ ମରଣ ପର୍ଯ୍ୟନ୍ତ ବାରମ୍ବାର ବିଭିନ୍ନ ମାଧ୍ୟମରେ ଉପସ୍ଥାପନ କରିବା ବାହୁଲ୍ୟ ମାତ୍ର । କଥାରେ 'କହନ୍ତି ଚିହ୍ନା ବ୍ରାହ୍ମଣର ପଇତା (ଯଜ୍ଞୋପବୀତ) କଣ ଦରକାର ଭଳି ଏହି ମହାପୁରୁଷଙ୍କର ବାଲ୍ୟ-ଜୀବନ, ଛାତ୍ରାବସ୍ଥା, ଯୌବନ ଅବସ୍ଥା, ପାରିବାରିକ ଅବସ୍ଥା, ଶିକ୍ଷାଦୀକ୍ଷା, କର୍ମମୟ ଜୀବନ, ପ୍ରତିନିଧିତ୍ୱ, 'ଓକିଲାତି ଜୀବନ ଇତ୍ୟାଦି ଉଣାଅଧିକେ ସହରବାସୀ ତଥା ରାଜ୍ୟ ଓ ଦେଶ ବାସୀଙ୍କୁ ଜଣା । ଆଜିର ଦୁନିଆରେ ସେ ସମସ୍ତ ପାଠକମାନଙ୍କ ପାଇଁ ଅତି ପୁରୁଣା ଏବଂ ମାମୁଲି କଥା ଏଣୁ ସେସବୁ ପଛରେ ନ ଗୋଡ଼େଇ ତାଙ୍କର ଗୁଣାତ୍ମକ କାର୍ଯ୍ୟ, ମାନବିକତା, ବିଜ୍ଞତା, ନିଷ୍ଠାପର କର୍ମ, ଅମାୟିକ ବ୍ୟବହାର, ସାମାଜିକ ପ୍ରତିଷ୍ଠା, ସଂସ୍କାର,

Source: Author, Digitized by PPRACHIN, SOA

ଜନସେବା, ବ୍ୟକ୍ତି ପ୍ରତିଭା ଏବଂ ସମ୍ପୃକ୍ତ ବନ୍ଧୁଯୋଗ ଆଲୋଚନା ହିଁ ହେବ ସମସ୍ତ ଉପଯୋଗୀ ଏବଂ ତାଙ୍କର ପ୍ରକୃତ ସ୍ମୃତିଚାରଣ ।

କହିବା ବାହୁଲ୍ୟ ମାତ୍ର ଯେ' ସେ ଏହି ଜନ ଶତାବ୍ଦୀର ଥିଲେ ମଧ୍ୟମ ପୁରୁଷ । ସେ ଥିଲେ ଅତ୍ୟନ୍ତ ଚିନ୍ତାଶୀଳ, ଚେତନାଶୀଳ, ଏବଂ ସମସ୍ୟାନୁ-ବର୍ତ୍ତିକ । ସେ ଯାହା ଦେଖୁଥିଲେ, ଅନୁଭବ କରୁଥିଲେ ତାକୁ ନିର୍ଭୀକ ଭାବରେ ଲେଖା ମାଧ୍ୟମରେ କିମ୍ବା ବକ୍ତୃତା ଛଳରେ ପ୍ରକାଶ କରିବାକୁ ପଛାଉନଥିଲେ । ସେ ଥିଲେ ସତ୍ୟର ଉପାସକ, ମିଷ୍ଟାଳାପି, ବନ୍ଧୁବତ୍ସଳ । ତାଙ୍କର ଅଭିମାନ କିମ୍ବା ଆତ୍ମବଡ଼ିମା ବୋଲି କିଛି ନଥିଲା । ସେ କୌଣସି କଥାରେ ପରମୁଖାପେକ୍ଷୀ ନଥିଲେ । କାରଣ ସେ ବାଲ୍ୟଅବସ୍ଥାରୁ ଅଭାବ କଣ ଜାଣି ନଥିଲେ । ହେଲେ ଦୁଃଖ, ପାରିବାରିକ ଜଞ୍ଜାଳ କଣ ତାହା ନିଶ୍ଚିତ ଭାବେ ଜୀବନ ସଂଗ୍ରାମରେ ଅଙ୍ଗେ ନିଭେଇଥିଲେ । ତାଙ୍କର ବ୍ୟକ୍ତି ପ୍ରତିଭା ଏବଂ ନିଷ୍ଠାପର କାର୍ଯ୍ୟ ସରଣୀକୁ ଜାଣିବା କାଠିକର ପାଠ ଥିଲା । ସେ ଏକାଧାରରେ ସାହିତ୍ୟ ତଥା ଶିକ୍ଷା ଜଗତରେ ଥିଲେ ବିଶାରଦ । ସଂସ୍କୃତ ଏବଂ ସାଂସ୍କୃତିକ ପରିବେଶ ଥିଲା ତାଙ୍କର ଏକମାତ୍ର ପ୍ରାଣକେନ୍ଦ୍ର । ପ୍ରାୟ ଅ.ଠ ନ ବର୍ଷ ଠାରୁ ସେ ସଂସ୍କୃତ ଶିକ୍ଷାପ୍ରତି ମନନିବେଶ କରିଥିଲେ । ଏଣୁ ସେହି ମାଧ୍ୟମରେ ହିଁ ନିଜର ସାହିତ୍ୟ ଜ୍ଞାନକୁ ବହୁଳ ଭାବରେ ଭାଷାତତ୍ତ୍ୱ ସହିତ ପରିମାର୍ଜିତ କରି ପାରିଥିଲେ । ସେହି ମାଧ୍ୟମ ହିଁ ତାଙ୍କୁ ଜ୍ଞାନ ଆକାଶରେ ଆଗେଇ ଥିଲା ଆଲୋକ ବର୍ତ୍ତିକା ।

ତାଙ୍କର ଧୀଶକ୍ତି, ମାନବସୁଲଭ ବ୍ୟବହାର, ମିଷ୍ଟବାକ୍ୟାଳାପ, ଦରଦୀହୃଦୟ ଭାତୃ ଏବଂ ବନ୍ଧୁସ୍ନେହ, ନମ୍ରତା, ଗୁରୁସେବା, ପିତୃପିତା-ମହ ସ୍ନେହ, ତାଙ୍କୁ ସମାଜରେ ପ୍ରତିଷ୍ଠିତ କରି ପାରିଥିଲା । ସେ ପରପାଇଁ ଦେଶ ପାଇଁ, ଜାତିପାଇଁ, ସମାଜ ପାଇଁ ଯେତିକି ଦରଦୀ ଏବଂ କର୍ମତତ୍ପର ଥିଲେ, ନିଜ ପାଇଁ ନିଜ ପରିବାର ପାଇଁ କିମ୍ବା ଜ୍ଞାତି କୁଟୁମ୍ବ ପାଇଁ ସେତିକି ତତ୍ପର ନଥିଲେ । ତେଣୁ ସେ ନିଜ ପିତାଙ୍କର ମୃତ୍ୟୁ ବେଳେ କିମ୍ବା ନିଜ ସ୍ତ୍ରୀ ମନୋରମା ଦେବୀଙ୍କର ଅକାଳ ମୃତ୍ୟୁ ବେଳେ ସେବା କରିବାକୁ କିମ୍ବା ଲୁହ ଟପେଇବାକୁ ପାଖରେ ନଥିଲେ । ସେ ବାଲ୍ୟାବସ୍ଥାରୁ ମା ଛେଉଣ୍ଡ ଥିଲେ । ତାଙ୍କର ଜନ୍ମର ଠିକ୍ ଦଶବର୍ଷ ପରେ ମାତାଙ୍କୁ ହରାଇଥିଲେ । ୧୯୭୫ ରେ ସେହିପରି ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ବେଳେ ତାଙ୍କର ବିମାତା, ପିତା ଜନାର୍ଦ୍ଦନ ସୂପକାରଙ୍କର ଦ୍ୱିତୀୟ ସ୍ତ୍ରୀ କମଳା

Source: Author, Digitized by PPRACHIN, SOA

ଦେବୀଙ୍କର ମୃତ୍ୟୁ ହୋଇଥିଲା । ସେହିପରି ଭଉଣୀ ମଧ୍ୟ । ଏଣୁ ପରିବାର ପ୍ରତି କିପରି ଅବିଚ୍ଛେଦ୍ୟ ଦର୍ଶନ କରୁଥିଲେ ଜଣାଯାଏ । ସେ ନିଜକୁ ବିଭିନ୍ନ କର୍ମରେ ନିୟୋଜିତ କରି ଅପାର ଆନନ୍ଦ ପାଉଥିଲେ । ସମୟକୁ ଠିକ୍‌ଭାବରେ ବିନିଯୋଗ କରିବା ପାଇଁ ସର୍ବଦା ତତ୍ପର ଥିଲେ । ତାଙ୍କର ପ୍ରକୃତ ଗୁଣ ହେଲା ଭାଙ୍ଗିବେ ପଛେ ଲଇଁବେ ନାହିଁ । ଏହି ଗୁଣରେ ପର୍ଯ୍ୟବେଶିତ ହୋଇ ସେ ନିଜକୁ ସମାଜରେ ତଥା ଓଡ଼ିଶା ରାଜ୍ୟରେ ପ୍ରତିଷ୍ଠିତ କରି ପାରିଥିଲେ ।

କିନ୍ତୁ କହିବାକୁ ଦୁଃଖ ଲାଗେ ଯେ ସେପରି ଜଣେ ଶିକ୍ଷାବିତ୍, ବୁଦ୍ଧିଜୀବି, ଜ୍ଞାନୀ ରାଜନୀତିଜ୍ଞ, ଜନସେବକ ତଥା ଗୁଣଗ୍ରାହୀ ମଣିଷକୁ ଆମ ଦେଶ ତଥା ଦେଶବାସୀ ତାର ଯୁକ୍ତିଯୁକ୍ତ ଜୟମାଲ୍ୟ ପାଇବାର ସମସ୍ତ ପଥକୁ ରୁଦ୍ଧମନ୍ତ୍ର କରି ତାଙ୍କୁ ଜାଣିଶୁଣି ବଞ୍ଚିତ କରାଇଲେ । ସେପରି ଜଣେ ଯୋଗ୍ୟ ସନ୍ତାନ ସର୍ବଜନ ବିଦିତ ହୋଇମଧ୍ୟ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ତାଙ୍କର ଯୋଗ୍ୟ ଆସନରେ ଅଧିଷ୍ଠିତ ହୋଇପାରିନଥିଲେ କି ତାଙ୍କର ବ୍ୟକ୍ତି ପ୍ରତିଭାକୁ କେହି ଏ ଦେଶରେ ଚିହ୍ନିପାରିଲେ ନାହିଁ ।

ସେ ଯଦି ଆଜି ପଶ୍ଚିମ ଓଡ଼ିଶା ମାଟିରେ ତଥା ସମ୍ବଲପୁରରେ ଜନ୍ମ ନହୋଇ କଲିକତା, ମାନ୍ଦ୍ରାସ୍ କିମ୍ବା ଉତ୍ତରପ୍ରଦେଶରେ ଜନ୍ମ ହୋଇ ଥାନ୍ତେ ତାହାହେଲେ ସେ ସେହି ଜୟମାଲ୍ୟରୁ ବଞ୍ଚିତ ହୋଇ ନଥାନ୍ତେ । କିନ୍ତୁ ସବୁକ୍ଷେତ୍ରରେ ତାଙ୍କୁ ପ୍ରତାରିତ କରାଯାଇଥିଲା । ଏହାମଧ୍ୟ ଜାଣିବା ଦରକାର ଯେ ଶ୍ରଦ୍ଧାକରବାବୁ କେବେ କୌଣସି ପଦପଦବୀ ପାଇଁ ଲାଳାୟିତ ନଥିଲେ । ସେଥି ପାଇଁ କାହାକୁ ତୋଷାମଦ ମଧ୍ୟ କରିନଥିଲେ । ତେଣୁ ତାଙ୍କୁ ଜଣେ ଶାନ୍ତି ସାଧକ କୁହାଯାଇପାରେ । ଏହି ଅଂଚଳ ତଥା ଏ ମାଟିର ଗୁଣ ପାଣି ପବନକୁ ଆଖି ଆଗରେ ରଖି ତାଙ୍କର ପିତା ମାତା ବାଛି ବାଛି ସୁନ୍ଦର ନାମଟିଏ ଦେଇଥିଲେ ଶ୍ରଦ୍ଧାକର । ପ୍ରକୃତରେ ସେ ଥିଲେ ସମସ୍ତଙ୍କର ଶ୍ରଦ୍ଧାଭାଜନ । ତାଙ୍କର ଅନ୍ୟ ଏକ ଦିଗ ହେଉଛି ଯେ ସେ ଥିଲେ ଜଣେ ନିର୍ଦ୍ଦିଷ୍ଟ ବିଳାସୀ ବ୍ୟକ୍ତି ବିଶେଷ । ସେ ଥିଲେ ଏ ମାଟି ପାଇଁ ବଂଶଡାଙ୍ଗର ନିର୍ମଳ ପ୍ରତିଭା, ନିଷ୍କପଟଚିତ୍ତ, ଜନସେବକ । ସେ ଚାହିଁଥିଲେ ବହୁପଦ ପଦବୀର ଅଧିକାରୀ ତଥା ବହୁ ବଡ଼ ବାରିଷ୍ଟର ମଧ୍ୟ ହୋଇପାରିଥାନ୍ତେ । କିନ୍ତୁ ସେ ଥିଲେ ନିର୍ବିକାର ପୁରୁଷ । ଓକିଲାତିକୁ ତାଙ୍କ ଜୀବନର ପ୍ରଧାନ ଜୀବିକା ବୋଲି ଧରି ନଥିଲେ । ସେ ଥିଲେ ଜଣେ ଜାତୀୟବାଦୀ ଦେଶ ବତ୍ସଳ ଅମୃତ ସନ୍ତାନ ।

Source: Author, Digitized by PPRACHIN, SOA

ସେହିପରି ଜଣେ ଏ ଦେଶର ଯୋଗ୍ୟ ସନ୍ତାନ, ଅମ୍ଳାନ ପୁରୁଷ ତାଙ୍କର ଭାଗ୍ୟ ବିଡ଼ମ୍ବନାରୁ ଏତେ ଗୁଣର ଅଧିକାରୀ ହୋଇ ମଧ୍ୟ ଜୀବନ ସଂଗ୍ରାମରେ ଅନ୍ୟମାନଙ୍କର ତୁଳନାରେ ହାରି ଯାଇଛନ୍ତି । ଏ ମାଟିରେ ସେ ଜନ୍ମ ହୋଇ ଭୁଲ କରିଥିଲେ ବୋଲି କହିବାକୁ ହେବ, ଅନ୍ୟଥା ସେ ମଧ୍ୟ ଦେଶର ଅନ୍ୟାନ୍ୟ ମହାମନୀଷି ମାନଙ୍କର ସମକକ୍ଷ ହୋଇ ବିଶ୍ୱବିଖ୍ୟାତ ହୋଇପାରି ଥାନ୍ତେ । ସେଥିରେ କୌଣସି ପ୍ରକାର ସନ୍ଦେହ ନଥିଲା । ହେଲେ ଶ୍ରଦ୍ଧାକର ବାବୁଙ୍କର ଉଦାରତା ଏବଂ ମହାମାନବକତା ଦୃଷ୍ଟିକୋଣରୁ ସେପରି ଅନିଶ୍ଚିତ ଆଶା ପାଇଁ ପ୍ରୟାସୀ ନଥିଲେ । ତାହା ହେଉଛି ଉଚ୍ଚ-ମାନବିକତାର ପରିଚୟ । ସେ ଥିଲେ ଅତି ସରଳ ଆମାୟିକ ପୁରୁଷ ବୋଲି ତାଙ୍କୁ ସବୁ କ୍ଷେତ୍ରରେ ବଞ୍ଚିତ କରାଯାଉଥିଲା । କିନ୍ତୁ ପ୍ରକୃତରେ ସେ ଥିଲେ ଷଡ଼ରିପୁ ବିଜୟୀ । ତାଙ୍କର ଲୋଭ, ମୋହ, କିମ୍ବା କପଟତା କିଛି ନଥିଲା । ସେଥିପାଇଁ ତାଂକର ସାଙ୍ଗସାଥିମାନେ ତାଙ୍କୁ ଶ୍ରଦ୍ଧା ବେଡ଼ା ବୋଲି ଟାହି-ଟାପରା କରୁଥିବାର ଦୃଷ୍ଟାନ୍ତ ରହିଛି ।

ତଥାପି ସେ ତାଙ୍କର ଅସାଧାରଣ ଜ୍ଞାନ, ପାଣ୍ଡିତ୍ୟ, ଶିକ୍ଷାର ଗୁଣାତ୍ମକ ମାନରୁ ତଥା ବଳିଷ୍ଠ ବ୍ୟକ୍ତି ପ୍ରତିଭା ଦୃଷ୍ଟିକୋଣରୁ ରାଜ୍ୟର ଦୁଇଟି ବିଶ୍ୱବିଦ୍ୟାଳୟର ଉପକୁଳପତି, ଲୋକସଭା ସଭ୍ୟ, ରାଜ୍ୟସଭା ସଭ୍ୟ, ତଥା ବହୁବାର ବିଧାନସଭାର ସଭ୍ୟ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାହା କାହାରି ଦୟା କିମ୍ବା କରୁଣା ଉପରେ ନୁହେଁ । ନିଜର ବ୍ୟକ୍ତି ପ୍ରତିଭା ଏବଂ ମାନବିକ ପରାକାଷ୍ଠାରୁ ହିଁ ସମ୍ଭବ ହୋଇ ପାରିଥିଲା । ସେ ଥିଲେ ଶୁଭ୍ରବର୍ଣ୍ଣ, ଶାନ୍ତବପୁ, ପ୍ରଶାନ୍ତ ବଦନ ଉପାଧିଭୂଷିତ ଜ୍ଞାନର ଆଲୋକ । ପଶ୍ଚିମ ଆକାଶର ଏକ ଦୀପ୍ତିମନ୍ତ ଆଲୋକ ତାରକା । ସେ ପ୍ରକୃତରେ ଅସାଧାରଣ ଜ୍ଞାନ ଅର୍ଜନ କରିଥିଲେ ।

ସେ ଶିକ୍ଷା ଦୀକ୍ଷା ଦିଗରେ ତାଙ୍କର ପିତାମହ ବଳଭଦ୍ର ସୂପକାରଙ୍କ ଦ୍ୱାରା ଉତ୍ସାହିତ ଏବଂ ଅନୁପ୍ରାଣିତ ହୋଇଥିଲେ । କାରଣ ତାଙ୍କର ପିତା, ବଡ଼ବାପା ଆଦି ଉଚ୍ଚ ଶିକ୍ଷିତ ନଥିଲେ । ସେମାନେ କୃଷି କର୍ମ ଓ ଗୃହ-କର୍ମରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ମହାପୁରୁଷଙ୍କର ବାଲ୍ୟ ଜୀବନରୁ ଆରମ୍ଭ କରି ଓକିଲାତି ଆରମ୍ଭ କରିବା ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ତାଙ୍କର ଛାତ୍ରାବସ୍ଥାରେ କୌଣସି ପ୍ରକାର ଅଭାବ ଅନୁଭବ

Source: Author, Digitized by PPRACHIN, SOA

କରିନଥିଲେ । କାରଣ ଧନ ସମ୍ପତ୍ତିର ଅଭାବ ନଥିଲା । କେବଳ ଥିଲା ପାରିବାରିକ ଅଶାନ୍ତି । ସେ ପ୍ରକୃତରେ ମାତା ଓ ପିତାଙ୍କର ସ୍ନେହରୁ ବଞ୍ଚିତ ଥିଲେ । ଭଉଣୀମାନେ ଓ ସେ ନିଜେ ଜେଜେମା'ଙ୍କଦ୍ୱାରା ପାଳିତ ହୋଇଥିଲେ । ବୈବାହିକ ଜୀବନ ମଧ୍ୟ ଅତି ଦୁଃଖମୟ ଥିଲା । ସ୍ତ୍ରୀ ଯୌବନ ଅବସ୍ଥାରେ ଯକ୍ଷ୍ମାରୋଗରେ ପୀଡ଼ିତା ହୋଇ ଇହଧାମ ତ୍ୟାଗ କରିଥିଲେ । କହିବାକୁଗଲେ ତାଙ୍କର ପାରିବାରିକ ଜୀବନ ଦୁଃଖଦପୂର୍ଣ୍ଣ ତଥା ଅଶାନ୍ତିମୟ ଥିଲା । ସେହି ଗୋଟିଏମାନ ଅସୁବିଧା ତାଙ୍କର କାର୍ଯ୍ୟମୟ ଜୀବନରେ ତାଙ୍କୁ ବହୁକ୍ଷେତ୍ରରେ ବିବ୍ରତ କରିଥିଲା । ହେଲେ ସମସ୍ତ ପ୍ରକାର ଦୁଃଖକୁ ତାଙ୍କର ସହନଶୀଳତା ଗୁଣରେ ଉଦାରତା ସହିତ ସହ୍ୟକରି ଯାଉଥିଲେ ।

ଆଗକାଳରେ ବାଲ୍ୟ ବିବାହକୁ ଅତି ନିଷ୍ଠାର ସହିତ ପାଳନ କରାଯାଉଥିଲା । ତେଣୁ ଶ୍ରଦ୍ଧାକର ବାବୁ ସେଥିରୁ ରକ୍ଷାପାଇବାର ବାଟ ନଥିଲା । ସେ ତାଙ୍କର ଆଠ ନଅବର୍ଷକୁ ପଦାର୍ପଣ କରୁକରୁ ତାଙ୍କର ବିବାହ ବାକ୍ଦତ୍ତା କନ୍ୟା ମନୋରମାଙ୍କ ସହିତ ସମାହିତ ହୋଇଯାଇଥିଲା । ସେ ବାଲ୍ୟ କାଳରୁ ଶିକ୍ଷା ପ୍ରତି ଅନୁରାଗୀ ହୋଇଉଠିଥିଲେ । ପିତାଙ୍କର ଏକମାତ୍ର ପୁତ୍ର ହିସାବରେ ପିତା ତାଙ୍କୁ ପାଠପଢ଼ାରେ ସକ୍ରିୟଭାବେ ସହଯୋଗ କରୁଥିଲେ । ସେ ବାଲ୍ୟକାଳରୁ ସଂସ୍କୃତ ଶିକ୍ଷାପ୍ରତି ଆକୃଷ୍ଟ ହୋଇଥିଲେ । ସେହି ସଂସ୍କୃତ ଶିକ୍ଷାରୁ ନିଜର ସାହିତ୍ୟ ଓ ଶିକ୍ଷାକୁ ଅତି ଉନ୍ନତ ଧରଣରେ ପରିମାର୍ଜିତ କରି ତୃତୀୟ ଶ୍ରେଣୀରୁ ଉତ୍ତମ ଛାତ୍ରଭାବେ ବୃତ୍ତିଲାଭ କରିଥିଲେ । ଶ୍ରଦ୍ଧାକର ବାବୁ ଧର୍ମଶାଳପୁର ଜିଲ୍ଲାସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍‌ କରେ ରେଭେନ୍‌ସା କଲେଜ କଟକରୁ ବି.ଏ ଏବଂ ପାଟନା ବିଶ୍ୱବିଦ୍ୟାଳୟରୁ ଏମ.ଏ ଏବଂ ଓକିଲାତି ପାସ କରିଥିଲେ । ସେ ଜଣେ ମେଧାବୀ ଛାତ୍ର ହିସାବରେ ସ୍କୁଲ ଏବଂ କଲେଜରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ଏବଂ ପ୍ରତ୍ୟେକ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ମଧ୍ୟ ପାଇଥିଲେ ।

ଶ୍ରଦ୍ଧାକର ବାବୁ ଗୌତମ ବୁଦ୍ଧଙ୍କ ପରି ସନ୍ନ୍ୟାସ ନେଇ ନଥିଲେ କି ତପସ୍ୟା କିମ୍ବା ଯୋଗ ସାଧନ କରି ନଥିଲେ କିନ୍ତୁ ସେ ସେହି ଭାବଧାରାରେ ଅନୁପ୍ରାଣିତ ହୋଇ ନିଜକୁ ଗଢ଼ିଥିଲେ । ସେ ଜଣେ ନିଷ୍ଠାପର ଜନନାୟକ, ଜନ ସେବକ, ଶିକ୍ଷାବିତ୍, ରାଜନୀତିଜ୍ଞ, ଆଇନଜ୍ଞ, ସମାଜ ସଂସ୍କାରକ ତଥା ସୁଲେଖକ ଥିଲେ । ବହୁ ବିଦେଶ ଭ୍ରମଣ କରିଥିଲେ ଏବଂ ତୀର୍ଥ ଭ୍ରମଣରେ ମଧ୍ୟ ଯାଇଥିଲେ । ତାଙ୍କର ଜୀବନ କାଳରେ ବହୁ ବଡ଼ବଡ଼ ରାଜନୀତିଜ୍ଞ,

Source: Author, Digitized by PPRACHIN, SOA

ପଦାଧିକାରୀ, ବିଜ୍ଞଜନ, ସାଧୁସନ୍ଥ ଗୁଣଗ୍ରାହୀଙ୍କର ସଂସ୍ପର୍ଶରେ ଆସିଥିଲେ । ତା ସହିତ ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଇ ଲୋକ ଚରିତ୍ରକୁ ମଧ୍ୟ ଶିକ୍ଷାକରି ପାରିଥିଲେ । ସେ ଏହି ପଶ୍ଚିମ ଓଡ଼ିଶାର ଅର୍ଦ୍ଧଶତାବ୍ଦୀର ଇତିହାସ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସମ୍ବଲପୁର ତଥା ଓଡ଼ିଶା ରାଜ୍ୟର ବହୁ ସାଂସ୍କୃତିକ ତଥା ଶିକ୍ଷାନୁଷ୍ଠାନ, କମିଟି ଆଦିରେ ନିଜକୁ ସଭ୍ୟ, ବକ୍ତା, ଅତିଥି, ମୁଖ୍ୟବକ୍ତା ଭାବେ ଜଡ଼ିତ କରି ବହୁଦିଗଦର୍ଶନ ଦେଇ ଯାଇଛନ୍ତି । ଏ ମାଟିର ଉପଯୁକ୍ତ ସନ୍ତାନଭାବେ ସେ ସମ୍ବଲପୁରୀ ଭାଷା ସାହିତ୍ୟ ଉପରେ ଏବଂ ତାର ସମୃଦ୍ଧି ପାଇଁ ଶତଚେଷ୍ଟିତ ଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏହି ଭାଷାକୁ ଆଞ୍ଚଳିକଭାଷା ରୂପେ ଗ୍ରହଣକରି ସ୍କୁଲ କଲେଜରେ ପଢ଼େଇବା ପାଇଁ ମଧ୍ୟ ଗ୍ରୁପ ସୃଷ୍ଟିକରିବାରେ ସେ ହେଉଛନ୍ତି ଅନ୍ୟତମ ଆଗୁଆ ସୈନିକ । ସମ୍ବଲପୁରୀ କବିସମ୍ମିଳନୀରେ, ଭାଷା ଆଲୋଚନାରେ ସେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ନିଜେ କବିତା ଲେଖି ଆବୃତ୍ତି କରୁଥିଲେ ।

ସେ ପିଲାଟି ଦିନରୁ ସମାଜ ସଂସ୍କାର, ଦେଶସେବା ଏବଂ ଜନସେବା ପାଇଁ ନିଜକୁ ନିୟୋଜିତ କରି ଆସୁଥିଲେ । ଛାତ୍ର ଅବସ୍ଥାରେ ସମ୍ବଲପୁର ଆଖପାଖ ଗାଁରେ ହଇଜା ମହାମାରୀ ହେଉଥିବା ବେଳେ ନିଜେ ସାଙ୍ଗ ସାଥିଙ୍କୁ ଧରି ଔଷଧ, ଫିନାଏଲ, ପିଇବା ପାଣି, ଧୂପକାଠି, ଭଲଖାଦ୍ୟ ସହିତ ଲୋକଙ୍କର ସେବା କରିବାକୁ ଆଗେଇ ଯାଉଥାନ୍ତି । ତାଙ୍କର ବହୁ ସ୍ମରଣୀୟ କର୍ମ ଭିତରେ ସମାଜ ସଂସ୍କାର ହେଉଛି ମୁଖ୍ୟ । ୧୯୩୦ରେ ମାଟ୍ରିକ ପରୀକ୍ଷା ଦେଇସାରିଲା ପରେ ହାତରେ କିଛି କାମ ନଥାଏ ଏଣୁ ତାଙ୍କର ଜଣେ ବନ୍ଧୁ ରାମଚନ୍ଦ୍ର ପାଣ୍ଡେଙ୍କ ସହିତ କେତେକ କଂଗ୍ରେସ ନେତାଙ୍କର ପ୍ରରୋଚନାରେ ମଦ ଦୋକାନ ଆଗରେ ମଦବିକ୍ରି ବନ୍ଦ ପାଇଁ ପିକେଟିଂ ଆରମ୍ଭ କଲେ । ସେହି ସମୟରେ ଭାରତ ପରାଧୀନ ଥିଲା । ସମୟ ପ୍ରାୟ ୧୯୩୧ ମସିହା, ସେତେବେଳେ ମହାତ୍ମାଗାନ୍ଧୀଙ୍କର ସ୍ୱାଧୀନତା ଆନ୍ଦୋଳନ ତୀବ୍ର ହୋଇ ଉଠିଥିଲା । ସତ୍ୟାଗ୍ରହ, ଆଇନ୍ ଅମାନ୍ୟ ଆନ୍ଦୋଳନ ପ୍ରବଳ ଥିଲା । ଲବଣ ସତ୍ୟାଗ୍ରହ ଚାଲିଥାଏ । ଦୂର ଦୂରାନ୍ତରେ ଖଜଣାବନ୍ଦ ଆନ୍ଦୋଳନ, ନିଶା ନିବାରଣ ପିକେଟିଙ୍ଗ ମଧ୍ୟ ଆରମ୍ଭ ହୋଇଥାଏ । ଏଣୁ ଜାତୀୟ ଆନ୍ଦୋଳନକୁ ଆଖି ଆଗରେ ରଖି ସେ କ୍ଷେତ୍ରରାଜପୁର ଏବଂ କୁମ୍ଭାରପଡ଼ା ମଦ ଦୋକାନ ଆଗରେ ପିକେଟିଂ କରି ମିଛ ଫୌଜଦାରି କେଶରେ

Source: Author, Digitized by PPRACHIN, SOA

ପଡ଼ିଥିଲେ । ବହୁ କଷ୍ଟରେ ସେଠାରୁ ମୁକୁଳି ଥିଲେ । ବାପାଙ୍କ ପରି ସେ ମଧ୍ୟ ଆଖପାଖ ଗାଁରେ ହଇଜା ମହାମାରୀ ହେଲେ ଔଷଧପତ୍ର ଧରି ଲୋକ ମାନଙ୍କର ସେବାଶୁଶ୍ରୂଷାରେ ଲାଗି ପଡ଼ୁଥିଲେ । ପିଲାଦିନରୁ ଚରଖାରେ ସୂତା କାଟିବା, ଖଦଡ଼ କପଡ଼ା ବିକ୍ରି କରିବା ଏବଂ ସ୍ୱାଧୀନତା ଆନ୍ଦୋଳନରେ ପରୋକ୍ଷରେ କାର୍ଯ୍ୟ କରିବା ମଧ୍ୟ ତାଙ୍କର ଅଭ୍ୟାସ ଥିଲା । ପିଲାଟି ଦିନରୁ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ ।

ପରେ ପରେ ୧୯୪୩ ମସିହାରେ ହୀରାକୁଦ ବନ୍ଧ ଆନ୍ଦୋଳନରେ ବାସଚ୍ୟୁତ ମାନଙ୍କ ତରଫରୁ ବରେଣ୍ୟ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଏବଂ ତାଙ୍କ ସ୍ତ୍ରୀ ସହିତ କାରାବରଣ କରିଥିଲେ । ବ୍ରଜରାଜନଗରରେ ଥିବା କାଗଜକଳର ଦୂଷିତ ଜଳଦ୍ୱାରା ଇବ୍ ନଦୀ ଏବଂ ମହାନଦୀ ଜଳ ଦୂଷିତ ହେଉଥିବାରୁ ଶହ ଶହ ଲୋକଙ୍କର ଜନସ୍ୱାସ୍ଥ୍ୟ ଦୃଷ୍ଟିରେ କାଗଜ କଳ ମାଲିକ ବିର୍ଲା ବିରୁଦ୍ଧରେ ମକଦ୍ଦମା ଚଳେଇଥିଲେ । ପୁଣି ବିଧାନ ସଭାରେ ବିରୋଧୀ ଦଳର ନେତା ହିସାବରେ ସ୍ୱର ଉତ୍ତୋଳନ କରି ତାହାର ନିରାକରଣ ବ୍ୟବସ୍ଥା ପାଇଁ ବାରମ୍ବାର ଚେଷ୍ଟା କରିଥିଲେ । କିନ୍ତୁ ତାହା ରାଜନୈତିକ ଦୃଷ୍ଟିକୋଣରୁ ଆଜିସୁଦ୍ଧା ବିଚାର ହୋଇ ପାରିନାହିଁ । ସେହି ଦୂଷିତ ଜଳ ବର୍ତ୍ତମାନ ହୀରାକୁଦ ଜଳ ଭଣ୍ଡାରକୁ ଦୂଷିତ କରିବାକୁ ଲାଗିଛି ।

୧୯୫୨ ରୁ ୧୯୫୭ ପର୍ଯ୍ୟନ୍ତ ରାଜ୍ୟର ବିଧାନସଭାରେ ବିରୋଧୀଦଳର ନେତା ରୂପେ ଆସନ ଗ୍ରହଣ କରି ସଡ଼େଇକେଲା ଓ ଖରସୁଆଁକୁ ଓଡ଼ିଶାରେ ମିଶେଇବା ପାଇଁ ବାରମ୍ବାର ସ୍ୱର ଉତ୍ତୋଳନ କରି ସୀମା କମିଶନର କର୍ମକର୍ତ୍ତାଙ୍କୁ ଭର୍ତ୍ସନା କରିଥିଲେ । ଏହି ସୀମା ଆନ୍ଦୋଳନରେ ଓଡ଼ିଶା କଥା ବିଚାର ନହେବାରୁ ବିରୋଧୀଦଳ ଗଣତନ୍ତ୍ର ପରିଷଦ ତରଫରୁ ବ୍ୟାପକ ସୀମା ଆନ୍ଦୋଳନ ୧୯୫୬ ଜାନୁଆରୀ ମାସରେ ମୁଣ୍ଡ ଟେକି ବହୁ ଧନ ଜୀବନ କ୍ଷୟକ୍ଷତି ଘଟାଇ ଥିଲା । ଏହି ଆନ୍ଦୋଳନରେ ଭାଗନେଇ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ନିଜର ବଡ଼ପୁଅ ରାଜେନ୍ଦ୍ର ଏବଂ ବରିଷ୍ଠ ଆଇନଜୀବି ଲକ୍ଷ୍ମୀନାରାୟଣ ମିଶ୍ର ପୋଲିସ ଗୁଳିରେ ଆହତ ହୋଇ ରକ୍ଷାପାଇ ଯାଇଥିଲେ ।

ଡକ୍ଟର ଶ୍ରଦ୍ଧାକର ବାବୁଙ୍କ ପଶ୍ଚିମାଞ୍ଚଳରେ ଶିକ୍ଷା ପ୍ରସାରଣ ପାଇଁ ଉଲ୍ଲେଖନୀୟ ଭୂମିକା ରହିଛି । ତାଙ୍କର ସହଯୋଗ ଏବଂ ପ୍ରଚେଷ୍ଟାରେ

Source: Author, Digitized by PPRACHIN, SOA

ସମ୍ବଲପୁରରେ ସର୍ବପ୍ରଥମ ମହିଳା କଲେଜ ଗଢ଼ିଉଠିଥିଲା । ତାପରେ ଟ୍ରଷ୍ଟଫଣ୍ଡ କଲେଜ ଇତ୍ୟାଦି । ଏହା ସହିତ ଆଖପାଖ ଅଞ୍ଚଳରେ ମଧ୍ୟ ବହୁ ହାଇସ୍କୁଲ, କଲେଜମାନ ପ୍ରତିଷ୍ଠିତ ହୋଇପାରିଛି । ସେ ସମୟକୁ ବହୁତ କଡ଼ାକଡ଼ି ଭାବରେ ଜଗୁଥିଲେ । ସେ ଥିଲେ ଜଣେ ଅସାଧାରଣ ମାନବ । ତାଙ୍କର ଜୀବନ କାଳରେ ଏକମାତ୍ର ପାରିବାରିକ ଜଞ୍ଜାଳ ଏବଂ ଦୁଃଖ ତାଙ୍କୁ ବହୁ କ୍ଷେତ୍ରରେ ବିବ୍ରତ କରୁଥିଲା । ତଥାପି ସେ ନିଜର ସାଧନା ପଥରେ ଥିଲେ ଅଟଳ ଅଚଳ । ପରିବାର ପ୍ରତି ଅବହେଳା ଜନିତ ଅପରାଧ ଯୋଗୁଁ ସେ ନିଜର ସ୍ତ୍ରୀ ମନୋରମା ଦେବୀଙ୍କୁ ଉତ୍ତମ ଚିକିତ୍ସା ବିନା ପୂର୍ଣ୍ଣ ଯୌବନ ଅବସ୍ଥାରେ ହରାଇ ପିଲାଛୁଆଙ୍କ ଲାଳନ ପାଳନ ପାଇଁ ବହୁ କଷ୍ଟ ସ୍ୱୀକାର କରିଥିଲେ । ସେହିପରି ଜଣେ ମହାପୁରୁଷ ଏମାନଙ୍କରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆଜି ତାଙ୍କର ବହୁମୁଖୀ ପ୍ରତିଭା, ଗୁଣ, ବ୍ୟବହାର, ପରାମର୍ଶ, ବକ୍ତୃତା, ଆଳାପ ମନେ ପଡ଼ିଲା ବେଳେ ସେ ସତେ ଯେମିତି ଆମ ପାଖେ ପାଖେ ଥାଇ ଉତ୍ସାହିତ କରୁଛନ୍ତି ଭଳି ପ୍ରତିୟମାନ ହୁଏ । ପ୍ରତ୍ୟେକ ସାଂସ୍କୃତିକ ସମାବେଶ, ସଭାସମିତି ସମୟରେ ତାଙ୍କର ରୂପ ଏବଂ ଠିକ୍ ସମୟରେ ଯଥା ସ୍ଥାନରେ ଉପସ୍ଥିତ ହୋଇ ଆସନ ଅଳଂକୃତ ମନରୁ ଭୁଲି ହୁଏନା । ସେହି ମୌନାବ୍ରତ, ସାଧକ, ସାହିତ୍ୟବିତ୍ ପ୍ରକୃତରେ ମରି ନାହାଁନ୍ତି । ଅମର କହିଲେ ଚଳେ । ଯେତେବେଳେ ଏମାନଙ୍କ, ଏଦେଶ, ଜାତି, ସମାଜ, ଦେଶର ରାଜନୈତିକ ଦୁର୍ଦ୍ଦଶା ପିଷ୍ଟକ, ସେହି ଦୁର୍ଦ୍ଦିନରେ ତାଙ୍କ ଭଳି ଜଣେ ବଳିଷ୍ଠ ଦିଗ୍‌ଦର୍ଶକ ଏହି ସହରବାସୀ ତଥା ଦେଶବାସୀଙ୍କୁ ଶୋକ ସାଗରରେ ବୁଡ଼ାଇ ଦେଇ ପଶ୍ଚିମ ଆକାଶରୁ ଏକ ଘାସ୍ତିମନ୍ତ ଜ୍ୟୋତିଷ୍କ ଭାବେ ଚାଲିଗଲେ ଗତ ୧୯୯୩ ଜାନୁଆରୀ ତା ୬ ରିଖ ଦିନ ଏମାନଙ୍କରୁ ସବୁଦିନ ପାଇଁ । ତାହାଥିଲା ବୋଧେ ଏକ ଅତର୍କିତ ଅଶୁଭ ମୁହୂର୍ତ୍ତ । ଆଜି ତାଙ୍କର ମହାନ ପ୍ରତିଭା ସ୍ମୃତିଚାରଣ ପାଇଁ କୌଣସି ଉପା-ଦାନ ନାହିଁ । ସେହି ଗତ ଦିନେ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ । ହେଲେ ଅଜାତ ଶତ୍ରୁଙ୍କର ବ୍ୟକ୍ତି ପ୍ରତିଭାହିଁ ହେବ ଅମର ଆଉ ଅକ୍ଷୟ । ଧନ୍ୟ ଏମାନଙ୍କ ଉପାଧି ରହିତ ସେ ସନ୍ତାନ ପାଇଁ । ରିକ୍ତ ହସ୍ତ ଶ୍ରଦ୍ଧାଞ୍ଜଳୀ ମାତ୍ର ଦୁଇଟା ଲୁହରେ ବିଧିର ବନ୍ଦନ ।

Source: Author, Digitized by PPRACHIN, SOA

ଶେଷ କଥା ଭାବେ କହିବା ବାହୁଲ୍ୟ ମାତ୍ର ଯେ ସେହି ମହାନ ପ୍ରତିଭା ସଂପନ୍ନ ବ୍ୟକ୍ତି ବିଶେଷଙ୍କୁ ଯୁଗ ଯୁଗ ସ୍ମରଣ କରିବାକୁ ଯଦି ଏମାଟିର ନାଗରିକ ସଙ୍କଳ୍ପବଦ୍ଧ ତାହେଲେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ବାଞ୍ଛନୀୟ । ଏହା ସତ୍ୟ ଯେ କଳାକାର ତାର ଜୟମାଲ୍ୟ ମରଣ ପରେ ପାଇଥାଏ । ଏଣୁ ଜୀବିତ ଅବସ୍ଥାରେ ସେ ଯେଉଁ ଉତ୍ଥାନ ପତନ ଦେଇ ଗତି କରି ନିଜକୁ ପ୍ରତିଷ୍ଠିତ କରିବା ସହିତ ଯେଉଁ ଦିଗଦର୍ଶନ ଦେଇ ଯାଇଛନ୍ତି ମହାନ୍ ଶିକ୍ଷାବିତ୍ ତଥା ଜନସେବକ ଭାବରେ ତାଙ୍କୁ ମନେ ରଖିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ତାଙ୍କର ଗୋଟିଏ ମୂର୍ତ୍ତି ସହିତ ଚେୟାରଟିଏ ପ୍ରତିଷ୍ଠା କରିବା ସହିତ ଗୋଟିଏ ସ୍ୱର୍ଣ୍ଣ ମେଡ଼ାଲ ରହିବା ଦରକାର । ତାହା ମଧ୍ୟ ସଂସ୍କୃତ ବିଭାଗରେ । ପୁଣି ସମ୍ବଲପୁର ମହିଳା କଲେଜକୁ ତାଙ୍କର କିମ୍ବା ତାଙ୍କର ସ୍ତ୍ରୀ ମନୋରମା ଦେବୀଙ୍କ ନାମରେ ନାମିତ କରି ପାରିଲେ ତାହା ହେବ ତାଙ୍କପ୍ରତି ପ୍ରକୃତ ସ୍ମୃତିଚାରଣ ଏବଂ ଶ୍ରଦ୍ଧାଞ୍ଜଳି । ଏଥିପାଇଁ ସମ୍ବଲପୁର ନାଗରିକ, ଶିକ୍ଷାବିତ୍, ବୁଦ୍ଧିଜୀବି ଗଣ ଚିନ୍ତା କରିବେ ବୋଲି ଆଶା ।

ସମ୍ବଲପୁର

HOW WOULD YOU LIKE
TO
OWN AN EXCLUSIVE
HIG HOUSE
IN THE HEART OF
BHUBNESWAR ?
(Near Hotel Oberoi)

Contact :

Orissa State Housing Board
Griha Nirman Bhawan
Jawaharlal Nehru Marg
Bhubneswar-751001

Source: Author, Digitized by PPRACHIN, SOA

ଡକ୍ଟର ସୂପକାରଙ୍କ ରଚନାରୁ-

ସମ୍ବଲପୁର ହିଁ ମୋ ପକ୍ଷରେ ସ୍ୱର୍ଗ

ବାଲ୍ୟକାଳରୁ ହିଁ ମୋର ରାଜନୈତିକ ଚେତନା ଓ ସାହିତ୍ୟିକ ଚେତନା ଏକା ସମୟରେ ଜାଗ୍ରତ ହେଲା । ବାପା ମୋର ଶିକ୍ଷା ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ, କାରଣ ସେ ସମୟରେ ମୁଁ ବାପାଙ୍କର ଏକମାତ୍ର ପୁଅ ଥିଲି ଓ ଝିଅମାନଙ୍କର ଶିକ୍ଷା ସୁବିଧା ପ୍ରାଥମିକ ସ୍ତରରେ ସୀମିତ ଥିଲା । ମୋର ସାତ ଆଠବର୍ଷ ବୟସରେ ବଙ୍ଗଳା ଭାଷାର 'ଶିଶୁ ପାଠ୍ୟ ଗ୍ରନ୍ଥାବଳୀ' ନାମକ ରଙ୍ଗୀନ ଚିତ୍ରବହୁଳ ଓ ଗଳ୍ପସମ୍ବନ୍ଧି ପୁସ୍ତକରେ ମୋର ବଙ୍ଗଳା ଭାଷା ଶିକ୍ଷା ଆରମ୍ଭ ହେଲା । କଲିକତାରୁ ପ୍ରକାଶିତ ବଙ୍ଗଳା ସାହିତ୍ୟ ମାସିକ ପତ୍ର 'ଭାରତବର୍ଷ' ଓ ସଚିତ୍ର 'ଶିଶିର' ମୋତେ ପଢ଼ାପଢ଼ି ପ୍ରତି ଆକୃଷ୍ଟ କରିଥିଲା । ମୁଁ ନିମ୍ନ ପ୍ରାଥମିକ ଶ୍ରେଣୀରେ ହିନ୍ଦୀ ଅକ୍ଷର ମଧ୍ୟ ଶିଖିଗଲି ।

ମୋର ପ୍ରାୟ ନଅବର୍ଷ ବୟସରେ ସଂସ୍କୃତ ଶିକ୍ଷା ଆରମ୍ଭ ହେଲା ଓ ମୁଁ ସଂସ୍କୃତରେ ପ୍ରଥମା ପରୀକ୍ଷା ପାଇଁ ପ୍ରସ୍ତୁତ ହେଲି । ପଣ୍ଡିତ ଦୁର୍ଗାଦତ୍ତ ମିଶ୍ର ମୋର ଘରୋଇ ଶିକ୍ଷକ ରୂପେ ମୋତେ ସଂସ୍କୃତ ପଢ଼ାଉ ଥିଲେ । କାଳିଦାସଙ୍କ ପ୍ରଣୀତ 'ରଘୁବଂଶ'ର ଦ୍ୱିତୀୟ ଓ ତୃତୀୟ ସର୍ଗରୁ ମୋର ସଂସ୍କୃତ ସାହିତ୍ୟ ସହିତ ପ୍ରଥମ ପରିଚୟ । 'ପ୍ରଥମ ପରିଚୟରୁ ପ୍ରେମ ଜାତ ହୁଏ । ମୋର ମଧ୍ୟ ସେଇଆ ହେଲା । ସେହି ପିଲା ଦିନରୁ ମୋର ସଂସ୍କୃତ ସାହିତ୍ୟ ପ୍ରତି ପ୍ରଗାଢ଼ ଆସକ୍ତି ଜାତ ହେଲା । ମାଟ୍ରିକ୍ ପଢ଼ିଲାବେଳକୁ ମୁଁ ମେଘଦୂତମ୍ ପଢ଼ି ସାରିଥାଏଁ । ତାହା ମୋତେ ଏତେ ଭଲ ଲାଗୁଥିଲା ଯେ ମୁଁ ପ୍ରାୟ ସମଗ୍ର ମେଘଦୂତକୁ ଅନାୟାସରେ ମୁଖସ୍ଥ କରିଥିଲି ଓ ଅବସର ସମୟରେ ଗୀତ ଆକାରରେ ଆବୃତ୍ତି କରୁଥିଲି । ଆଷାଢ଼ ମାସରେ ମେଘର ଉଦୟରେ ମୋର ମନରେ ସେହି ବିରହୀ ଯକ୍ଷର କଥା

Source: Author, Digitized by PPRACHIN, SOA

ଜାଗ୍ରତ ହେଉଥିଲା । ସେତେବେଳେ 'ଗୀତଗୋବିନ୍ଦମ୍' ପଢ଼ା ମଧ୍ୟ ସାରିଥାଏ । କୋକିଳର କୂଜନରେ ଲବଙ୍ଗ ଲତାର କଳ୍ପନା ସ୍ୱତଃ ମନରେ ଜାଗ୍ରତ ହୁଏ ।

ସଂସ୍କୃତର ଅଧ୍ୟୟନ ଯୋଗୁ ମୋର ଭାଷା ମାର୍ଜିତ ହେଲା ଓ ମୁଁ ସାରଳା ଦାସ ମହାଭାରତ, ବୈଦେହୀଶ ବିଳାସ ଆଦି ମଧ୍ୟ ବୁଝି ପାରି ସେସବୁ ଗ୍ରନ୍ଥ ପଢ଼ିବାରେ ଆଗ୍ରହୀ ହେଲି ।

ସଂସ୍କୃତ ଭାଷାର ଛନ୍ଦୋବଦ୍ଧ ଲଳିତ କବିତାର ଆବୃତ୍ତି ହୁଏତ ମୋର ସ୍ମୃତି ଶକ୍ତିକୁ ମଧ୍ୟ ରସାଣିତ କରୁଥିଲା ।

ସ୍କୁଲରେ ପଢ଼ିବା ସମୟରେ ମୁଁ ଇଂରେଜି ପାଠ୍ୟ ପୁସ୍ତକର କେତେ କବିତାର ପଦ୍ୟାନୁବାଦ କରିଥିଲି । ସ୍କୁଲରେ ମୋର ଓଡ଼ିଆ ପ୍ରବନ୍ଧମାନ ଶିକ୍ଷକମାନଙ୍କ ଦ୍ୱାରା ପ୍ରଶଂସିତ ହେଉଥିଲା । ମେଟ୍ରିକ୍ କ୍ଲାସ୍‌ରେ ଗୋଟିଏ ଓଡ଼ିଆ ପ୍ରବନ୍ଧରେ ମେଘଦୂତମ୍‌ର ଗୋଟିଏ ପଦ୍ୟର ପ୍ରାସଙ୍ଗିକ ଉଦ୍ଧୃତି ପ୍ରଶଂସିତ ହୋଇଥିଲା । ସେତେବେଳେ ସ୍କୁଲର ନିଜସ୍ୱ ମେଗେଜିନ୍ ନ ଥିଲା । ଓଡ଼ିଶାରେ ଏତେ ପତ୍ର ପତ୍ରିକା ନ ଥିଲା । ସ୍କୁଲରେ ପଢ଼ୁଥିବା ବେଳେ ପଣ୍ଡିତ କୁଳମଣି ଦାଶଙ୍କର ନିର୍ଦ୍ଦେଶ କ୍ରମେ ମୁଁ 'ଉତ୍କଳ ସାହିତ୍ୟ' ପତ୍ରିକାର ନିୟମିତ ଗ୍ରାହକ ଥିଲି ।

ରେଭେନ୍ସା କଲେଜର ଛାତ୍ର ଥିବା ସମୟରେ ମୁଁ ପଶ୍ଚିମ ଓ ପୂର୍ବ ଛାତ୍ରାବାସରେ ଦୁଇବର୍ଷ ଲେଖାଏଁ ରହିଲି ଓ ସେହି ସମୟରେ ଛାତ୍ରାବାସର ହାତ ଲେଖା ପତ୍ରିକା 'ଉର୍ମି' ଓ 'ଜାଗରଣ'ର ସମ୍ପାଦକ ଥିଲି । ୧୯୩୩ ମସିହାରେ ପ୍ରବଳ ବନ୍ୟାର ଏକ ବିବରଣୀ ଫଟୋ ସହ ଛାତ୍ରାବାସର ହାତଲେଖା ପତ୍ରିକାରେ ପ୍ରକାଶିତ ହେଲା । ଏହା ଆଗରୁ ଓ ପରେ ଅନେକ ଛୋଟ ଛୋଟ କବିତା ଲେଖିଛି ମାତ୍ର ପ୍ରକାଶନ ପାଇଁ ଚେଷ୍ଟା କରିନାହିଁ ।

ବି.ଏ. ପାସ୍ କଲା ପରେ, ମୁଁ ସହକାରରେ ମୋର ଏକ ବ୍ୟଙ୍ଗ ଲେଖା 'ଚତୁର୍ଥ ଧାରା' ପ୍ରକାଶିତ କରାଇ ଓଡ଼ିଆ ପାଠକ ମହଲରେ ପରିଚିତ ହେବାର ପ୍ରଥମ ସୁଯୋଗ ପାଇଲି । ଏହା ଥିଲା ଏକ ଗଳ୍ପିକା । ଏହା ପୂର୍ବରୁ 'ଦୁଇଟି କଳା ଆଖି' ବିଷୟରେ ବୋଧହୁଏ ସର୍ବଶ୍ରୀ ରାଜ-କିଶୋର ରାୟ, ମନମୋହନ ମିଶ୍ର ଓ ବିଭୂତିଭୂଷଣ ତ୍ରିପାଠୀ ସାହିତ୍ୟିକ ବୈଜ୍ଞାନିକ ଆଦି ଦୃଷ୍ଟିକୋଣରୁ ଆଖି ଉପରେ ତିନୋଟି ପ୍ରବନ୍ଧ 'ତ୍ରିଧାରା' ନାମରେ ପ୍ରକାଶିତ କରାଇଲେ । ମୁଁ 'ଦୁଇଟି ନାଲି କାନ' ବିଷୟରେ

Source: Author, Digitized by PPRACHIN, SOA

ବୈଜ୍ଞାନିକ, ସାହିତ୍ତିକ ଓ ହାସ୍ୟରସାତ୍ମକ— ତିନୋଟି ଦୃଷ୍ଟିକୋଣରୁ ଲେଖି ପ୍ରବନ୍ଧଟି ପଠାଇଲି । ପରେ ମୋର ଏ ପ୍ରବନ୍ଧଟି ମୋର ବିନା ଅନୁମତିରେ ଅନେକ ବର୍ଣ୍ଣଶୁଦ୍ଧି ସମ୍ପନ୍ନ ଭାବେ ଏକ ପୁସ୍ତକରେ ଛପାଯାଇ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକର ଅଙ୍ଗୀଭୂତ ହେଲା ।

ସମସାମୟିକ ଅର୍ଥନୈତିକ ଆଲୋଚନା ଉପରେ ଆଧାରିତ 'ବିଗତ ମହାଯୁଦ୍ଧ ଓ ଭାରତ' ଏବଂ 'ଲୁଣ କର' ନବଭାରତରେ ପ୍ରକାଶିତ ହୋଇଥିଲା । ସେ ଯୁଗରେ ସାହିତ୍ୟ ପତ୍ରପତ୍ରିକା ସଂଖ୍ୟା ଖୁବ୍ କମ୍ ଥିଲା ।

ମୁଁ ଛାତ୍ର ଜୀବନରେ ସଂସ୍କୃତ ସାହିତ୍ୟ ଛଡ଼ା ଇଂରେଜୀ ସାହିତ୍ୟ ମଧ୍ୟ ଅଧ୍ୟୟନ କରିଥିଲି ଓ ଇଂରେଜିରେ ଏମ.ଏ ପାସ୍ କରିଥିଲି । ମାତ୍ର ଗଳ୍ପ ଉପନ୍ୟାସ ପ୍ରତି ମୋର ବିଶେଷ ଆଗ୍ରହ ନ ଥିଲା । ଉପନ୍ୟାସ ପଢ଼ାରେ ବିଶେଷ ସମୟ ବ୍ୟୟ ହୁଏ ବୋଲି ମୋର ସେଥିପ୍ରତି ବିତୃଷ୍ଣା ଥିଲା । ମାତ୍ର ମୁଁ ଓକିଲାତି ଆରମ୍ଭ କଲାପରେ ଅନେକ ସମୟ ଅବସର ପାଇଲି ଓ ହିନ୍ଦୀର ଉପନ୍ୟାସ ସମ୍ରାଟ୍ ପ୍ରେମଚନ୍ଦଙ୍କର 'ଗୋଦାନ' 'ପ୍ରେମ ପଚିଶୀ' ଆଦି ପ୍ରାୟ ସବୁ ଉପନ୍ୟାସ ଓ ଗଳ୍ପ ଗ୍ରନ୍ଥ ପଢ଼ିଲି । ତାଙ୍କର ଗଳ୍ପ ଉପନ୍ୟାସରେ ମୁଁ ଭାରତବର୍ଷର ପ୍ରକୃତ ଚିତ୍ର ଦେଖି ପାରିଲି ଓ ତାଙ୍କଠାରୁ ମୋର ସାହିତ୍ୟ ସାଧନାର ଏକ ନବୀନ ଓ ବଳିଷ୍ଠ ପ୍ରେରଣା ପାଇଲି । ସମସାମୟିକ ଜୀବନଧାରାକୁ ଚିରସ୍ଥାୟୀ କରିବାରେ କଥାସାହିତ୍ୟ କେତେ ଉପାଦେୟ ତାହା ମୁଁ ଏହି ସମୟରେ ହୃଦୟଙ୍ଗମ କଲି । ଓଡ଼ିଶାର ବିଶେଷତଃ ପଶ୍ଚିମ ଓଡ଼ିଶାର ସାଧାରଣ ଜୀବନକୁ ଗଳ୍ପ ମଧ୍ୟରେ ସାହିତ୍ୟରେ ରୂପାୟିତ କରିବାର ଏକ ସାହିତ୍ୟିକ କର୍ତ୍ତବ୍ୟ ରୂପେ ମୁଁ ଗଳ୍ପ ଲେଖିବାରେ ମନ ବଳାଇଲି । ମୋର ପ୍ରଥମ କଥାସାହିତ୍ୟ ସାଧନା ପ୍ରେମଚନ୍ଦଙ୍କର ପ୍ରେରଣାରେ ସୃଷ୍ଟି ବୋଲି କୁହାଯାଇପାରେ ।

ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ପତ୍ରମାନଙ୍କୁ ମୁଁ କେତେକ ଲେଖା ପଠାଇଲି ; କିନ୍ତୁ ସେ ଲେଖାମାନ ଗ୍ରହଣୀୟ ହେଲାନାହିଁ । ଦୈନିକ ସମ୍ବାଦପତ୍ରର ରବିବାସରୀୟ ସାହିତ୍ୟ ସ୍ତମ୍ଭରେ ସେ ଲେଖାମାନ ପ୍ରକାଶିତ କରିବାକୁ ମୋତେ ପରାମର୍ଶ ଦିଆଗଲା । ମାତ୍ର ମୁଁ ସେ ପରାମର୍ଶ ଗ୍ରହଣ କଲି ନାହିଁ ।

Source: Author, Digitized by PPRACHIN, SOA

ଉତ୍କଳର ମାୟାଧର ମାନସିଂହଙ୍କର ଉଦ୍ୟମ ଓ ସମ୍ପାଦନାରେ ଦେବଗଡ଼ରୁ 'ଶଙ୍ଖ' ନାମକ ମାସିକ ପତ୍ରର ପ୍ରକାଶନ ଆରମ୍ଭ ହେଲା । ମୁଁ ସେହି ସାହିତ୍ୟ ପତ୍ରରେ ମୋର କେତୋଟି ଗଳ୍ପ ପ୍ରକାଶ ପାଇଁ ଦେଲି ଓ ସେ ସବୁ ଲୋକପ୍ରିୟ ହୋଇଗଲା । ଗଳ୍ପମାନଙ୍କରେ ମୁଁ ପଶ୍ଚିମ ଓଡ଼ିଶାର ପରିବେଶ ଓ ସମ୍ବଲପୁରୀ ଭାଷାର ସୀମିତ ପ୍ରୟୋଗ କରି ସ୍ଥାନୀୟ ଜୀବନର ଏକ ଉପଯୁକ୍ତ ବାତାବରଣ ମୋର ଗଳ୍ପମାନଙ୍କରେ ସୃଷ୍ଟି କଲି । ଏଥିରେ ନୂତନତା ଥିଲା ସଫଳତା ମଧ୍ୟ ମିଳିଲା । କାଗଜ କଳର ମଜୁରିଆର ଜୀବନ ଚିତ୍ର, ଯୁଦ୍ଧକାଳରେ ଉଡ଼ାଜାହାଜ ପଡ଼ିଆ ତିଆରି ପାଇଁ ଭୂମି ହରାଉଥିବା ଚାଷୀର ଜୀବନ ଇତ୍ୟାଦି ବିଷୟରେ ମୋର ସମ୍ବେଦନଶୀଳ କଳ୍ପନା ନୂତନ ଧରଣର ସୃଷ୍ଟି ଥିଲା । ପରେ ଶ୍ରୀଯୁକ୍ତ ଜଳଧର ଦେବ 'ଶଙ୍ଖ'ର ସମ୍ପାଦକ ହେଲେ । ସେ ମୋତେ ଲେଖାଲେଖି ପାଇଁ ପରାମର୍ଶ ଓ ଉତ୍ସାହ ପ୍ରଦାନ କରୁଥିଲେ । କେତେବର୍ଷ ପରେ ବଲାଙ୍ଗୀରରୁ 'ଚତୁରଙ୍ଗ' ନାମକ ମାସିକପତ୍ର ପ୍ରକାଶିତ ହେଲା । ଏହି 'ଚତୁରଙ୍ଗ'ରେ ଓ କଲିକତାରୁ ପ୍ରକାଶିତ 'ଆସନ୍ତା କାଲି'ରେ ମୋର ଅନେକ କ୍ଷୁଦ୍ର ଗଳ୍ପ ପ୍ରକାଶିତ ହେଲା ଓ ମୁଁ ସାହିତ୍ୟ କ୍ଷେତ୍ରରେ ଜଣେ ଗାଳ୍ପିକ ରୂପେ ପରିଚିତ ହେଲି ।

ଏହା ପୂର୍ବରୁ ମୋର ଶୈଶବରେ ବୋଧହୁଏ ୧୯୧୮ ରୁ ୧୯୨୦ ମସିହା ବେଳକୁ ସମ୍ବଲପୁରରୁ ଶ୍ରୀ . ସ୍ୱପ୍ନେଶ୍ୱର ଦାଶ କବିଭୂଷଣଙ୍କ ସମ୍ପାଦନାରେ 'ହୀରାଖଣ୍ଡ' ନାମକ ଏକ ମାସିକ ସାହିତ୍ୟ ପତ୍ରିକା ପ୍ରକାଶିତ ହେଉଥିଲା । ତାହା ପ୍ରାୟ ଦୁଇବର୍ଷ ଚାଲି ବନ୍ଦ ହୋଇଗଲା । ପରେ ୧୯୨୯ ମସିହା ବେଳକୁ ସମ୍ବଲପୁରରୁ ପୁଣି ଶ୍ରୀ କପିଳେଶ୍ୱର ପ୍ରହ୍ଲାଦ ନନ୍ଦ ଓ ଶ୍ରୀ ଜଗନ୍ନାଥ ମିଶ୍ରଙ୍କ ସମ୍ପାଦନାରେ 'ନବଯୁଗ' ନାମକ ମାସିକ ସାହିତ୍ୟ ପତ୍ର ପ୍ରକାଶିତ ହେଉଥିଲା । ମାତ୍ର ତାହା ମଧ୍ୟ ବେଶୀ ଦିନ ଚାଲି ପାରିଲା ନାହିଁ ।

ପଶ୍ଚିମ ଓଡ଼ିଶାରୁ ପ୍ରକାଶିତ 'ଶଙ୍ଖ' ଓ 'ଚତୁରଙ୍ଗ' ମୋର କଥା ସାହିତ୍ୟ ସୃଷ୍ଟିର ବିକାଶରେ ବିଶେଷ ସହାୟକ ହେଲା । ମାତ୍ର ଏ ଦୁଇଟି ମାସିକ ପତ୍ର ମଧ୍ୟ ଅଧିକ ଦିନ ଚାଲିପାରିଲେ ନାହିଁ । ତାପରେ ମୁଁ ସାହିତ୍ୟ କ୍ଷେତ୍ରରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛି ।

Source: Author, Digitized by PPRACHIN, SOA

ଓଡ଼ିଶାରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିବାରେ ଯେତେ ପ୍ରକାର ବାଧାବନ୍ଧ ରହିଛି, ମୁଁ ଜଣେ ସାଧାରଣ ସାହିତ୍ୟିକ ହେଲେ ମଧ୍ୟ ସେ ସବୁ ପ୍ରକାର ବାଧାବନ୍ଧର ସମ୍ମୁଖୀନ ହୋଇଛି ଓ ନୈରାଶ୍ୟରେ ବ୍ୟାକୁଳ ହୋଇଛି । ମୋର କେତେକ ବ୍ୟକ୍ତିଗତ ଅଭିଜ୍ଞତା ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଓ ବୋଧହୁଏ ଅନ୍ୟ ତରୁଣ ସାହିତ୍ୟ ସ୍ରଷ୍ଟାମାନଙ୍କର ଦିଗ୍‌ଦର୍ଶକ ହେବ ।

ମାସିକ ସାହିତ୍ୟ ପତ୍ରମାନ ଲେଖକମାନଙ୍କ ପକ୍ଷରେ ଲୋକପ୍ରିୟ ହେବାର ଏକ ସୁଲଭ ମାଧ୍ୟମ । କିନ୍ତୁ ଓଡ଼ିଶାର ଅଧିକାଂଶ ପ୍ରତିଷ୍ଠିତ ମାସିକ ସାହିତ୍ୟ ପତ୍ରମାନଙ୍କରେ ଧରାବନ୍ଧା ଲେଖାମାନଙ୍କୁ ଛାଡ଼ିଦେଲେ ଅନ୍ୟ ଲେଖକମାନଙ୍କ ପାଇଁ ପ୍ରାୟ 'ପ୍ରବେଶ ନିଷେଧ' କହିଲେ ଚଳେ । ଲେଖକମାନଙ୍କ ପକ୍ଷରେ ସମ୍ପାଦକଙ୍କର 'ମୁଡ୍‌'କୁ ଜଗି ଚଳିବା ମଧ୍ୟ ଏକ ଝୁରୁକଳା ।

ମୁଁ ଲେଖକ ଜୀବନର ପ୍ରାୟ ଆରମ୍ଭରୁ ଯେତେ ଲେଖା ପଠାଏଁ, ତାହାଁ ସହିତ ଏକ ରିପ୍ଲାଇ କାର୍ଡ୍ ମଧ୍ୟ ପଠାଇ ସମ୍ପାଦକଙ୍କୁ ଅନୁରୋଧ କରିଥାଏଁ ଯେ ରିପ୍ଲାଇ କାର୍ଡ଼'ଟିରେ ଦୟାକରି ପ୍ରାପ୍ତି ସ୍ୱୀକାର କରିବେ ଓ ଲେଖାଟି ପସନ୍ଦ ହେଲା କି ନାହିଁ ଜଣାଇବେ । ଗୋଟିଏ ସାଧାରଣ କ୍ଷୁଦ୍ର ଗଳ୍ପ ଲେଖିବାକୁ ବହୁତ ସମୟ ଓ ଶ୍ରମ ଦରକାର ପଡ଼େ ଅଥଚ ମାସିକ ପତ୍ରମାନେ ଅମନୋନୀତ ଲେଖାମାନ ଫେରସ୍ତ ପଠାନ୍ତିନାହିଁ । ଲେଖକଙ୍କଠାରୁ ଅଧିକା ଡାକଟିକଟ୍ ମାଗିଲେ ସୁଦ୍ଧା । ତେଣୁ ମୁଁ ଉପରିଲିଖିତ ମତେ ରିପ୍ଲାଇକାର୍ଡ଼ ପଠାଇ ଥାଏଁ । ଲେଖା ପ୍ରକାଶିତ କରାଇବା ଗରଜ ଲେଖକଙ୍କର ମାସିକପତ୍ର ସମ୍ପାଦକଙ୍କର ନୁହେଁ — ଏ ବିଷୟରେ ମୁଁ ସର୍ବଦା ସଚେତନ, ଓଡ଼ିଆ ମାସିକ ପତ୍ରମାନ ଲେଖାମାନଙ୍କୁ ଲେଖାର ପାରିଶ୍ରମିକ ଦିଅନ୍ତି ନାହିଁ, ସାଧାରଣତଃ ଚିଠିର ଜବାବ ମଧ୍ୟ ଦିଅନ୍ତି ନାହିଁ ।

ଗୋଟିଏ ଲବ୍ଧ ପ୍ରତିଷ୍ଠ ମାସିକ ପତ୍ରକୁ ମୁଁ ଗୋଟିଏ କବିତା ପ୍ରକାଶ କରିବାକୁ କେତେ ବର୍ଷ ପୂର୍ବେ ଦେଲି । ଉପରି ଲିଖିତ ମତେ ତାହାଁ ସଙ୍ଗରେ ଗୋଟିଏ ରିପ୍ଲାଇ କାର୍ଡ଼ ପଠାଇଲି । କୌଣସି ଉତ୍ତର ମିଳିଲା ନାହିଁ ।

Source: Author, Digitized by PPRACHIN, SOA

ପନ୍ଦର ଦିନପରେ ଆଉଥରେ ସ୍ମାରକ (reminder) ରିପ୍ଲାଇ କାର୍ଡ଼ ଦେଇ ଅନୁରୋଧ କଲି ଯେ ଲେଖାଟି ପାଇଛନ୍ତି କି ଓ ପାଇଥିଲେ ପସନ୍ଦ ହେଲା କି ନାହିଁ । ଅନୁଗ୍ରହ ପୂର୍ବକ ଜଣାଇବେ । ତାହାର ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ । ତିନି ସପ୍ତାହ ପରେ ପୁଣି ଆଉ ଏକ ରିପ୍ଲାଇ କାର୍ଡ଼୍‌ରେ ସମ୍ପାଦକ ମହାଶୟଙ୍କୁ ଲେଖିଲି ଯେ ଏହାର ଉତ୍ତର ଆପଣ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନଦେଲେ ମୁଁ ଅନ୍ୟ ଏକ ସାହିତ୍ୟ ପତ୍ରକୁ ମୋର କବିତାଟି ପଠାଇବି । ମୁଁ ସେ ଚିଠିର ମଧ୍ୟ କୌଣସି ଉତ୍ତର ପାଇଲି ନାହିଁ । ତାହାର ଦେଢ଼ମାସ ପରେ ମୁଁ କବିତାର ଏକ ପ୍ରତିଲିପି ଅନ୍ୟ ଏକ ସାହିତ୍ୟ ପତ୍ରକୁ ପଠାଇଲି । ଶେଷରେ ଦେଖାଗଲା ଯେ ଏକ ମାସରେ ଦୁଇଟିଯାକ ମାସିକ ସାହିତ୍ୟ ପତ୍ରରେ ମୋର କବିତା ପ୍ରକାଶିତ ହୋଇଛି । ପ୍ରଥମ ମାସିକ ପତ୍ରର ସମ୍ପାଦକ ହୁଏତ ବିଶ୍ୱାସ କରୁଥିଲେ ଯେ କବିତା ପାକଲା ନ ହେଲେ ପ୍ରକାଶ ଯୋଗ୍ୟ ହୁଏ ନାହିଁ । କିନ୍ତୁ ଏ ବିଶ୍ୱାସ ବିଷୟରେ ସେ ମୋ ପାଖକୁ ଆଗରୁ କିଛି ଲେଖି ନ ଥିଲେ ।

ତାହାର କେତେମାସ ପରେ ମୁଁ ଏକ ନାତିଦୀର୍ଘ ଗଳ୍ପ ସେହି ଲବ୍ଧ ପ୍ରତିଷ୍ଠ ମାସିକ ପତ୍ରର ଲବ୍ଧ ପ୍ରତିଷ୍ଠ ସମ୍ପାଦକଙ୍କଠାକୁ ପଠାଇଲି । ରିପ୍ଲାଇ କାର୍ଡ଼ ମଧ୍ୟ ପଠାଇଲି । କୌଣସି ଉତ୍ତର ପାଇଲି ନାହିଁ । ତିନି ସପ୍ତାହ ପରେ ରିମାଇଣ୍ଡର ଗଲା ରିପ୍ଲାଇ କାର୍ଡ଼ ଆକାରରେ । ତାହାର ସୁଦ୍ଧା ଉତ୍ତର ମିଳିଲା ନାହିଁ । ତାହାର କେତେ ସପ୍ତାହ ପରେ ଶେଷ ରିପ୍ଲାଇ କାର୍ଡ଼ ପଠାଇ ସମ୍ପାଦକଙ୍କୁ ଅନୁରୋଧ କଲି, ଗପଟି ପ୍ରକାଶ ନ କରିବାକୁ । ତାହା ପରେ ସମ୍ପାଦକ ମହାଶୟ ଉତ୍ତର ଦେଲେ, "ଆମେ ଦୁଃଖର ସହିତ ଜଣାଉଛୁଁ ଯେ ଆମେ ସାଧାରଣତଃ ବର୍ଷକୁ କୌଣସି ଲେଖକଙ୍କର ଦୁଇଟିଠାରୁ ଅଧିକ ଲେଖା ପ୍ରକାଶ କରୁଁ ନା । ତେଣୁ ଆପଣଙ୍କର ଲେଖାଟି ପ୍ରକାଶିତ ହେବ ନାହିଁ ।"

ମଜାର କଥା ହେଉଛି—ତାହାଁ ପୂର୍ବର ବାରଟି ସଂଖ୍ୟା ମଧ୍ୟରୁ କେବଳ ଗୋଟିଏ ସଂଖ୍ୟାରେ ମୋର ଲେଖା ପ୍ରକାଶିତ ହୋଇଥିଲା । ସମ୍ପାଦକ ମହାଶୟ ବୋଧହୁଏ ଚିଠିଟି ଅନ୍ୟ କାହାପାଇଁ ଲେଖିଥିଲେ । ଚିଠିର ଠିକଣା ଜାଗାରେ ମୋର ନାଆଁଟି ଭୁଲରେ ବସି ଯାଇଥିଲା ।

ଉପରଲିଖିତ ଅନୁଚ୍ଛେଦମାନଙ୍କରୁ କୌଣସି ସାହିତ୍ୟପ୍ରେମୀ ଯେପରି ଭୁଲ୍ ନ ବୁଝନ୍ତି ଯେ ଓଡ଼ିଆ ସାହିତ୍ୟ ପତ୍ରମାନଙ୍କୁ ଦୈନିକ ଅସଂଖ୍ୟ ଲେଖା

Source: Author, Digitized by PPRACHIN, SOA

ଆସୁଥିବ ଓ ସେଥିପାଇଁ ସେମାନେ ଲେଖକର ଖର୍ଚ୍ଚରେ ମଧ ଏପରି ସୌଜନ୍ୟମୂଳକ ଉତ୍ତର ମଧ ଦେବାକୁ ଅକ୍ଷମ, କମ୍ବା ସମ୍ପାଦକ ମହାଶୟ ମାସିକ ଭରଣ, ଏକତରଣ ଦନ ଦୈନକ ଆଠଘଣ୍ଟା ଲେଖାଏଁ ଲେଖାମାନଙ୍କର ମୂଲ୍ୟାୟନରେ ଏତେ ବ୍ୟସ୍ତ ଯେ ତାଙ୍କୁ ନାକ ପୋଛିବାକୁ ତର ନ ଥାଏ, ପୋଷ୍ଟ କାର୍ଡ଼ରେ ଗୃରଧାଡ଼ ଲେଖିବା ତ ଦୂରର କଥା ।

କେତେବର୍ଷ ପୂର୍ବେ ମୁଁ ଥରେ ଏକ ଲବ୍ଧପ୍ରତିଷ୍ଠ ମାସିକ ସାହିତ୍ୟ ପତ୍ରକୁ ଏକ ରମ୍ୟରଚନା ଉପର୍ ଏକାଙ୍କିକା ପଠାଇଲ । ଲେଖାଟିରେ କଣ୍ଟି ନାଟକୀୟତା ଆଣିବାକୁ ଥିଲ ପ୍ରାୟ ଶେଷ ଆଡ଼କୁ ।

ମୋର ଲେଖାର ଆଠଭାଗରୁ ସାତଭାଗ ଏକ ସଂଖ୍ୟାରେ ପ୍ରକାଶିତ ହେଲ । ମୋର ଲେଖାଟି ଖୁବ୍ ଲମ୍ବା ନଥିଲା । ଗୋଟିଏ ସଂଖ୍ୟାରେ ସମୁଦାୟ ଲେଖାଟି ପ୍ରକାଶିତ ହୋଇ ପାରଥାନ୍ତା । ମାତ୍ର ଆଂଶିକ ପ୍ରକାଶିତ ହେଲା—ଶେଷରେ ଲେଖାଥିଲା "କ୍ରମଶଃ"—ଅର୍ଥାତ୍ ଅବଶିଷ୍ଟ ଅଂଶ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ୍ୟ । ଯେତକ ପ୍ରକାଶିତ ହେଲା, ତାହାର ଶେଷରେ ଏକ ବଗ୍ରଟ ସସ୍ପେନ୍ସ । ପରେ କଣ ହେବ ? ପାଠକମାନଙ୍କ ମନରେ ବଳବତ୍ତ ଜିଜ୍ଞାସା । ମୁଁ ସମ୍ପାଦକଙ୍କର କଳାକୌଶଳକୁ ମନେ ମନେ ପ୍ରଶଂସା କଲି ।

କନ୍ତୁ ଅବଶିଷ୍ଟ ଅଂଶ ପରବର୍ତ୍ତୀ ସଂଖ୍ୟାରେ ବାହାରିଲା ନାହିଁ । ଏ ପର୍ଯ୍ୟନ୍ତ ବାହାରି ନାହିଁ । ପୂର୍ବେ ବକ୍ରମାଦତ୍ୟ, ଭୋଜ ଆଦ ସାହିତ୍ୟ ରସିକ ରଜାମାନଙ୍କ ସମୟରେ ସମସ୍ୟା ପୂର୍ତ୍ତି ଥିଲା ସାହିତ୍ୟିକ ସାଧନାର ପ୍ରକୃଷ୍ଟ ପରୀକ୍ଷା । ମୋର ସେହି ଲେଖାର ପ୍ରକାଶିତ ଅସଂପୂର୍ଣ୍ଣ ଅଂଶର ବାକି ଅଂଶଟି ପାଠକମାନେ ନିଜ ନିଜ ରୁଚି ଅନୁସାରେ ପୂରଣ କରିଥିବେ ବୋଲି ଭାବି ମୁଁ ସନ୍ତୁଷ୍ଟ ହେଲ ।

ନୂତନ ସାହିତ୍ୟ ପତ୍ରର ପୃଷ୍ଠପୋଷକତା କରିବା ପ୍ରତ୍ୟେକ ଲେଖକର କର୍ତ୍ତବ୍ୟ । ଏକ ନୂତନ ସାହିତ୍ୟ ପତ୍ରର ସମ୍ପାଦକଙ୍କର ସନର୍ବନ୍ଧ ଅନୁରୋଧ କ୍ରମେ, ମୁଁ କେତେ ବର୍ଷ ତଳେ 'ପ୍ରାଚୀନ ଭାରତରେ ହତ୍ୟା ବଚାର' ଶୀର୍ଷକ ଏକ ପ୍ରବନ୍ଧ ପଠାଇଲି । ସଂସ୍କୃତ ନାଟକ "ମୃଚ୍ଛକଟିକମ୍" ରେ ନାୟକ ଚାରୁଦତ୍ତଙ୍କୁ ନାୟିକା ବସନ୍ତସେନାର ହତ୍ୟା ଅଭିଯୋଗରେ

Source: Author, Digitized by PPRACHIN, SOA

ଅଭିଯୁକ୍ତ କରାଯାଇଛନ୍ତି ଓ ନବମ ଅଙ୍କରେ ନ୍ୟାୟାଳୟରେ ଅଭିଯୋଗରୁ ବିସ୍ତର ହୋଇଛନ୍ତି । ଏହି ଅଙ୍କକୁ ଆଧାର କରି, ପ୍ରାଚୀନ ଭାରତରେ ନ୍ୟାୟାଳୟମାନଙ୍କରେ ଆଇନ୍‌ର ବ୍ୟବହାର କିପରି ହେଉଥିଲା, ତହିଁର ଏକ ଶାଣିତ ବିଶ୍ଳେଷଣ ମୋର ପ୍ରବନ୍ଧର ବିଷୟ ବସ୍ତୁ । ପ୍ରବନ୍ଧଟି ବିଶେଷ ବଡ଼ ନ ଥିଲା । ସମ୍ପାଦକ ମହାଶୟ ଲେଖାଟିକୁ ପୂରା ଅନୁକ୍ରମରେ ଛପାଇଲେ ନାହିଁ । ଲେଖାଟିକୁ ଚାରି ଭାଗରେ ବିଭକ୍ତ କରି, ପ୍ରଥମ ଭାଗ ପରେ, ତୃତୀୟ ଭାଗ ଓ ତା' ପରେ ଦ୍ୱିତୀୟ ଭାଗ ପ୍ରକାଶ କରି ଶେଷରେ ଚତୁର୍ଥ ଓ ଶେଷଭାଗ ପ୍ରକାଶ କଲେ । ଫଳ ହେଲା କିମ୍ଭୂତକିମାକାର । ସତେ ଯେପରି ଯାଦୁସମ୍ରାଟ୍ ପି.ସି. ସରକାର ଏକ ଅନନ୍ୟ ସୁନ୍ଦରୀ ତରୁଣୀକୁ କରତରେ ଏପରି ଭାବରେ କାଟିଛନ୍ତି ଯେ ଗୁଣ୍ଡିରୁ ପେଟ ପର୍ଯ୍ୟନ୍ତ ଶରୀରର ଅନ୍ୟ ଅଂଶଠାରୁ ଦୁଇଫୁଟ ଡାହାଣକୁ ଅଲଗା ହୋଇଯାଇଛି । ସମ୍ପାଦକ ପରେ ଏ ବିଷୟରେ କ୍ଷମା ପ୍ରାର୍ଥନା କରି ମୋ ପାଖକୁ ଚିଠି ଲେଖିଲେ । ସେତେବେଳକୁ ପାଠକମାନେ ମୋର ସେହି ପ୍ରବନ୍ଧଟିକୁ ଅତ୍ୟାଧୁନିକ ଗଦ୍ୟ କବିତା ବୋଲି ବୁଝି ଥିବେ ।

ମୋଟାମୋଟି କହିବାକୁ ଗଲେ, ଦୁଇ ତିନି ଦଶାବ୍ଦୀର ଅଭ୍ୟସ୍ତ ଲେଖା ପରେ, ପରବର୍ତ୍ତୀ ଲେଖାରେ ମଧ୍ୟ ଯଦି ମୋତେ ଏପରି ଚମତ୍କାର ଅଭିଜ୍ଞତା ମିଳୁଛି, ତେବେ ନୂଆ ସୌଖୀନ ଲେଖକମାନଙ୍କର ଦଶା କ'ଣ ହେଉଥିବ, ତାହା କଳ୍ପନା କରି ମୁଁ ଅନେକ ସମୟରେ ହତାଶ ହୁଏ ।

୧୯୬୭ ମସିହାରୁ ୧୯୭୦ ମସିହା ପର୍ଯ୍ୟନ୍ତ ଲୋକସଭାର ସଭ୍ୟ ଥିଲାବେଳେ ଦିଲ୍ଲୀରେ ଅବସର ସମୟରେ ସାହିତ୍ୟ ଚର୍ଚ୍ଚାରେ ମନ ଦେଉଥିଲି । ଏହି ସମୟରେ ଭାରତର ରାଜନୀତିରେ ଅନେକ ନାଟକୀୟ ଘଟଣା ଘଟୁଥିଲା । ସେଇଟା ଥିଲା ଆୟାରାମ ଗୟାରାମଙ୍କର ଯୁଗ । ମୁଁ ଇଂରେଜୀରେ କେତେକ ରାଜନୈତିକ ବ୍ୟଙ୍ଗ-ରଚନା ଲେଖିବା ଆରମ୍ଭ କଲି । ସେ ସମୟରେ ନୂଆଦିଲ୍ଲୀରୁ କାର୍ଟୁନବହୁଳ ଓ ଲୋକପ୍ରିୟ ସାପ୍ତାହିକ ପତ୍ରିକା "Shankar's weekly" ପ୍ରକାଶିତ ହେଉଥିଲା । ସେହି ପତ୍ରିକାକୁ ଗୋଟିଏ ଇଂରେଜୀ ରମ୍ୟରଚନା ପଠାଇ ପୂର୍ବ ଅଭ୍ୟାସାନୁସାରେ ଖଣ୍ଡେ ଛପାଇ କାର୍ଡ଼ ଲେଖି ତହିଁରେ ଅନୁରୋଧ ଜଣାଇଲି,

Source: Author, Digitized by PPRACHIN, SOA

"ଦୟାକରି ଲେଖାଟିର ପ୍ରାପ୍ତି ସ୍ୱୀକାର କରିବେ ଓ ଲେଖା ପସନ୍ଦ ହେଲା କି ନାହିଁ ଲେଖିବେ ।"

ଠିକ୍ ତହିଁଆରଦିନ ସନ୍ଧ୍ୟାରେ ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ନାୟାର ଫୋନ୍‌ରେ କହିଲେ :—"ସୂପକାର ମହାଶୟ, ଆପଣଙ୍କର ଯେ କୌଣସି ଲେଖା ଦୟାକରି ମଙ୍ଗଳବାର ସୁଦ୍ଧା ଡ଼ାକରେ ପଠାଇବେ । ଆମେ ତାହାକୁ ଗୁରୁବାର ସୁଦ୍ଧା ପ୍ରକାଶ କରିବାକୁ ଚେଷ୍ଟା କରିବୁ । ବିଶେଷ ଧନ୍ୟବାଦ···ଇତ୍ୟାଦି ।"

ଏହା ପରେ ମୁଁ ପ୍ରାୟ କ୍ରମାଗତ ପ୍ରତି ସପ୍ତାହରେ ବା ଦୁଇ ସପ୍ତାହରେ ଥରେ ମଙ୍ଗଳବାର ଦିନ ରମ୍ୟରଚନା ଡାକରେ ତାଙ୍କ ପାଖକୁ ପଠାଏ ଓ ତାହା ପ୍ରକାଶିତ ହୋଇ ତହିଁର ପରବର୍ତ୍ତୀ ଶୁକ୍ରବାର ଦିନ ମୋ ପାଖକୁ ଡାକରେ Complimentary Copy ଆସିଯାଏ । ଲେଖା ପ୍ରକାଶିତ ହେଲା କି ନାହିଁ, ସେ ବିଷୟରେ ଆଉ ମୋ ପକ୍ଷରେ ତାଙ୍କ ପାଖକୁ ଚିଠି ଲେଖିବା କିମ୍ବା ତାଙ୍କଠାରୁ ସେ ବିଷୟରେ ଚିଠି ପାଇବା ଆଉ କେବେ ଦରକାର ପଡ଼ିନାହିଁ ।

ପ୍ରାୟ ଦଶମାସ ମଧ୍ୟରେ ମୁଁ ପ୍ରାୟ ୨୫/୨୬ଟି ରମ୍ୟରଚନା ଏହିପରି ଭାବରେ "Shankar's Weekly"ରେ ପ୍ରକାଶିତ କଲି । ଅବଶ୍ୟ ମଝିରେ ମୋଟ ୩/୪ଟି ଲେଖା ପ୍ରକାଶିତ ନ ହୋଇ ଫେରସ୍ତ ପାଇଲି । ମାତ୍ର ଏହି କେତୋଟି ଲେଖା ମଧ୍ୟ ପଠାଇବାର ତୃତୀୟ ଦିନ ଅର୍ଥାତ୍ ଶୁକ୍ରବାର ଦିନ ଡ଼ାକରେ ନିୟମିତ ଭାବରେ ପାଇଥିଲି ।

"Shankar's Weekly" ସାରା ଭାରତରେ ହଜାର ହଜାର ସଂଖ୍ୟାରେ ବିକ୍ରି ହେଉଥିଲା—ଭାରତ ବାହାରେ ଇଂଲଣ୍ଡ ଆଦି ଦେଶକୁ ମଧ୍ୟ ବହୁ ସଂଖ୍ୟାରେ ଯାଉଥିଲା । ସେ ପତ୍ରିକାକୁ ମଧ୍ୟ ଲେଖା ବହୁ ସଂଖ୍ୟାରେ ନିଶ୍ଚୟ ଆସୁଥିଲା । କିନ୍ତୁ କେବଳ ଜଣେ ଲୋକ ଶ୍ରୀ ଏ.ଏନ୍. ନାୟାର ମାତ୍ର ଦେଡ଼ ଦିନ ମଧ୍ୟରେ ଲେଖା ବାଛି ପ୍ରକାଶ କରାଇ ଗୁରୁବାର ସନ୍ଧ୍ୟା ସୁଦ୍ଧା ପତ୍ରିକାକୁ ପଠାଇବାର ବ୍ୟବସ୍ଥା କରୁଥିଲେ, ଯେପରି କି ରବିବାର ସୁଦ୍ଧା ତ୍ରିଭାନ୍ଦ୍ରମଠାରୁ ପଠାଣକୋଟ୍ ପର୍ଯ୍ୟନ୍ତ ଓ ଦ୍ୱାରିକାଠାରୁ ଡିବ୍ରୁଗଡ଼ ପର୍ଯ୍ୟନ୍ତ, ବୁକ୍‌ଷ୍ଟଲ୍‌ମାନଙ୍କରେ ଓ

Source: Author, Digitized by PPRACHIN, SOA

ବ୍ୟକ୍ତିଗତ ଗ୍ରାହକମାନଙ୍କଠାରେ ଓ ଲଣ୍ଡନ ମାଞ୍ଚେଷ୍ଟର ପର୍ଯ୍ୟନ୍ତ ପତ୍ରିକାଟି ପାଠକ ହାତରେ ପହଞ୍ଚିପାରିବ । ପ୍ରତି ଲେଖା ପାଇଁ ଚେକ୍ ମଧ୍ୟ ଅତିଳମ୍ବେ ପହଞ୍ଚୁଥିଲା ।

ଓଡ଼ିଶାରେ କୌଣସି ମାସିକ ପତ୍ରର ସମ୍ପାଦକଙ୍କଠାରୁ ଏତକ ଆଶା କରିଯାଇପାରେ କି ? ଅସମ୍ଭବ । କିନ୍ତୁ କାହିଁକି ? କେତେବା ଲେଖା ଆସେ ମାସକୁ ? କେତେବା କାଟ୍ତି ଆମର ଲବ୍ଧପ୍ରତିଷ୍ଠ ସାହିତ୍ୟ-ମାସିକପତ୍ର-ମାନଙ୍କର ?

୧୯୭୯ ମସିହା ପୂଜା ସମୟରେ ମୁଁ ଛଅଟି ଓଡ଼ିଆ ମାସିକପତ୍ର ସମ୍ପାଦକମାନଙ୍କ ପାଖକୁ ପଚାଶ ପଇସା ଡ଼ାକ ଟିକଟ ସହ ଛଅଟି ଲେଖା (ମୋର ନିଜର ଲେଖା ନୁହେଁ) ପଠାଇଥିଲି, ପ୍ରାପ୍ତି ସ୍ୱୀକାର ଆଶାରେ । ଗୋଟିଏ ଲେଖା ପ୍ରକାଶିତ ହେଲା । ଅନ୍ୟ ସମ୍ପାଦକଙ୍କଠାରୁ ଉତ୍ତର ମିଳି ନାହିଁ ବା ଲେଖାମାନ ପ୍ରକାଶିତ ହୋଇ ନାହିଁ ।

ଗତ କେତେ ବର୍ଷ ମଧ୍ୟରେ ମୋର ଗବେଷଣା ପ୍ରବୃତ୍ତି ଜାଗ୍ରତ ଓ ବିକଶିତ ହୋଇଛି । ମୁଁ ବହୁ ଗବେଷଣା କରି ଅନେକ ପୁରାତନ ପତ୍ରପତ୍ରିକା ଅଧ୍ୟୟନ କରି ସମ୍ବଲପୁରର ଜଣେ ପ୍ରାତଃସ୍ମରଣୀୟ ବରପୁତ୍ରଙ୍କର ଜୀବନୀ ଲେଖିଲି । ସେହି ଜୀବନୀକୁ ଧାରାବାହିକ ରୂପେ ପ୍ରକାଶ କରିବା ପାଇଁ ଏକ ମର୍ଯ୍ୟାଦାବାନ୍ ମାସିକ ପତ୍ରକୁ ପଠାଇଲି । ମାସିକ ପତ୍ରର ସମ୍ପାଦକ ମଣ୍ଡଳୀର ସମସ୍ତେ ଉଚ୍ଚକୋଟିର ବିଦ୍ୱାନ । ସେମାନଙ୍କ ମଧ୍ୟରୁ ଜଣେ ବିଦ୍ୱାନ୍ ମନ୍ତବ୍ୟ ଦେଲେ,— "ଏ ଜୀବନୀଟି ଲେଖକ ପୁସ୍ତକାକାରରେ ପ୍ରକାଶ କରି ପାରିଥାନ୍ତେ । ଆମ ସାହିତ୍ୟ ପତ୍ରରେ ଏହା ଧାରାବାହିକ ଭାବରେ ପ୍ରକାଶ ପାଇଲେ, ପାଠକମାନେ ବୋର୍ (ବିରକ୍ତ) ହେବେ"। ଫଳରେ ଜୀବନୀଟି ମଧ୍ୟ ମାସିକ ପତ୍ରରେ ଅକାଳବାର୍ଦ୍ଧକ୍ୟ ଲାଭ କଲା—ଅର୍ଥାତ୍ ପରବର୍ତ୍ତୀ ସଂଖ୍ୟା ମାନଙ୍କରେ ହୋମିଓପେଥିକ ଡ଼ୋଜରେ ଅନିୟମିତ ଭାବେ ପ୍ରକାଶ ପାଇବାକୁ ଲାଗିଲା । ଏହା ୧୯୭୮ ମସିହାର ଘଟଣା ।

ମାସିକପତ୍ରର ସମ୍ପାଦକମାନଙ୍କ ଅନୁଗ୍ରହ ଲାଭ କରିବାଠାରୁ ପୁସ୍ତକ ପ୍ରକାଶକମାନଙ୍କର ଅନୁଗ୍ରହ ଲାଭ କରିବା ଅଧିକ ଦୁଃସାଧ୍ୟ ।

Source: Author, Digitized by PPRACHIN, SOA

କଟକ ସହର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ମୁଖ୍ୟ କେନ୍ଦ୍ର । ଓଡ଼ିଶାର ଅଧିକାଂଶ ପୁସ୍ତକ ପ୍ରକାଶନ ସଂସ୍ଥା କଟକରେ ଅବସ୍ଥିତ । ଏହି ସଂସ୍ଥାମାନଙ୍କର ଅନୁଗ୍ରହ ଦ୍ୱାରା ଓଡ଼ିଶାର ସାହିତ୍ୟିକ ପ୍ରତିଭା ନିୟନ୍ତ୍ରିତ ହୁଏ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ସମ୍ବଲପୁର ଓଡ଼ିଶାର ଏକ ସାଂସ୍କୃତିକ କେନ୍ଦ୍ର ହେଲେ ମଧ୍ୟ ଏଠାରେ କେବେ ସଙ୍ଗଠିତ ଭାବରେ ସାହିତ୍ୟିକ ପ୍ରକାଶନ ଉଦ୍ୟମ ହୋଇନାହିଁ ବା ନିକଟ ଭବିଷ୍ୟତରେ ହେବାର ସମ୍ଭାବନା ନାହିଁ । ସମ୍ବଲପୁରରେ ପୁସ୍ତକ-ବିକ୍ରେତା ଅନେକ ଅଛନ୍ତି ; କିନ୍ତୁ ସାହିତ୍ୟ ପ୍ରକାଶନ ଦିଗରେ କାହାର ଆଗ୍ରହ ନାହିଁ ।

ଶ୍ରୀଯୁକ୍ତ ରମନାଥ ପଣ୍ଡା କୋରାପୁଟ ଜିଲ୍ଲାରେ ଏକ ସାହିତ୍ୟ ପ୍ରକାଶନ ସଂସ୍ଥା ସ୍ଥାପନ କରିଥିଲେ; ମାତ୍ର ତାହା ବେଶୀ ଦିନ ଚଳିଲା ନାହିଁ ।

ମୁଁ ମୋର ପ୍ରଥମ କେତୋଟି ପୁସ୍ତକ ପରିପୂର୍ଣ୍ଣ ନିଜ ଖର୍ଚ୍ଚରେ ଛପାଇଲି । ବୋଧହୁଏ ୧୯୫୫ ମସିହାରେ ମୋର ପ୍ରଥମ ଗଳ୍ପ ପୁସ୍ତକ 'ଗଳ୍ପାଞ୍ଜଳି' ନାମରେ ଛପାହେଲା ନିଆଁଖୁଣ୍ଟା ପ୍ରେସ୍‌ରେ । ସେତେବେଳେ ଶ୍ରୀଯୁକ୍ତ ଗୋଦାବରୀଶ ମହାପାତ୍ରଙ୍କର ଖୁବ୍ ନାମଥିଲା ଓ ସେ ମୋ ବହିଟିର ଯଥାସମ୍ଭବ ନିର୍ଭୁଲ ମୁଦ୍ରଣରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ପ୍ରସିଦ୍ଧ ଚିତ୍ରଶିଳ୍ପୀ ଶ୍ରୀ ମୁରଲୀଧର ଟାଲି ଏହି ପୁସ୍ତକ ଓ ପରବର୍ତ୍ତୀ ଗଳ୍ପମାଳା "ବିଷକନ୍ୟା" ପାଇଁ ସୁନ୍ଦର ପ୍ରଚ୍ଛଦପଟ ଛବି ଆଙ୍କି ମୋତେ ଅନୁଗୃହୀତ କଲେ । ମୁଁ ଆଶା କରୁଥିଲି ଯେ, ବହିଟି ଭଲ ବିକ୍ରି ହେବ । କିନ୍ତୁ ସମ୍ବଲପୁରରେ ଏପରି ବହିର କାଟତି ନାହିଁ । ଯେଉଁ ପୁସ୍ତକ ଦୋକାନମାନଙ୍କୁ ବହି ବିକ୍ରୀ ପାଇଁ ଦିଆଗଲା, ସେମାନେ ପାଠ୍ୟପୁସ୍ତକ ବିକ୍ରୟରେ ବ୍ୟସ୍ତ । ମୋ ଭଳିଆ ଲେଖକଙ୍କର ବହି ସୁଦୃଶ୍ୟ ହେଲେ ମଧ୍ୟ window display ପାଇଁ ମଧ୍ୟ ଆଗ୍ରହୀ ବ୍ୟବସାୟୀଙ୍କର ଅଭାବ । ବହି ବିକ୍ରି ହୁଏନାହିଁ, ବିକ୍ରୀ ହେଲେ ମଧ୍ୟ ହିସାବ ମିଳେ ନାହିଁ ବା ରଏଲ୍‌ଟି ମିଳେନାହିଁ । ନିଜ ହାତରୁ ବହି ଛପାଇ ଦୋକାନମାନଙ୍କରେ ଦେଲେ ସେମାନଙ୍କଠାରୁ କୌଣସି ରୟାଲ୍‌ଟି ଆଶା କରିବା ଧୃଷ୍ଟତା ମାତ୍ର । ଘରେ ବହି ସଡ଼ିବା ଓ ଦୋକାନରେ ବହି ସଡ଼ିବା ଏକା କଥା । ଏହା

Source: Author, Digitized by PPRACHIN, SOA

ଫଳରେ କ୍ରମେ କ୍ରମେ ନିଜର ଅଯୋଗ୍ୟତା ବିଷୟରେ ଏକ ଦୃଢ଼ ଧାରଣା ଜାତହୁଏ । "ବଡ଼ ବଡ଼ ଲେଖକଙ୍କ ଅନୁକରଣରେ ଓଡ଼ିଆରେ ଲେଖିବି କାହିଁକି"? ବୋଲି ଭାବନା ମନରେ ଜାଗ୍ରତ ହୁଏ ।

ତଥାପି ନ ଲେଖିଲେ ନ ଚଳେ । ବହି ନ ଛାପି ମଧ୍ୟ ଗତି ନାହିଁ । କାରଣ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆମର ଅବଶ୍ୟ କିଛି କର୍ତ୍ତବ୍ୟ ଅଛି । ଆମର ଜୀବନକାଳରେ ହୁଏତ କେହି ଆମର ଲେଖା ପସନ୍ଦ କରି ନ ପାରନ୍ତି ; କିନ୍ତୁ କେବେ ଶହେ ବର୍ଷ ପରେ ହୁଏତ ପୁରୁଣା ବହିକୁ କେହି ପଢ଼ି ଆନନ୍ଦ ପାଇପାରେ । ମୋର କେତେ ବହି ମସ୍କୋ ବିଶ୍ୱବିଦ୍ୟାଳୟ ପାଠାଗାରକୁ ଓ କେତେ ବହି ଆମେରିକା ଲାଇବ୍ରେରୀ ଅଫ୍ କଂଗ୍ରେସକୁ ଦିଆଯାଇଛି । ଓଡ଼ିଶାରେ ଯେତେବେଳେ ମୋର ସବୁ ଛପା ବହି ଅପ୍ରାପ୍ୟ ହେବ, ସେତେବେଳେ ମଧ୍ୟ ସେହି ସୁଦୂର ବିଦେଶରେ ମୋର ମାନସ ସନ୍ତାନମାନେ ବଞ୍ଚି ରହିଥିବେ, ଆଲମାରି ଭିତରେ ସୁରକ୍ଷିତ ହୋଇ ।

ଲକ୍ଷ ଲକ୍ଷ ବର୍ଷ ଧରି ଘୂରୁଥିବା ଏହି ପୃଥିବୀରେ ପ୍ରତିଦିନ କେତେ ଲୋକ ଜନ୍ମୁଛନ୍ତି, କେତେ ଲୋକ ମରୁଛନ୍ତି । ପ୍ରାୟ ପ୍ରତ୍ୟେକ ଲୋକ ବଞ୍ଚିବାକୁ ଚାହେଁ ବହୁକାଳ ; କିନ୍ତୁ ଶରୀର ଶୀର୍ଣ୍ଣ ହୁଏ, ଆୟୁଷ ଶେଷ ହୁଏ, ତଥାପି ସେ ନିଜର ସନ୍ତାନମାନଙ୍କ ମାଧ୍ୟମରେ, ନିଜର କୀର୍ତ୍ତି ଓ ଯଶର ମାଧ୍ୟମରେ ବଞ୍ଚିରହେ ମୃତ୍ୟୁ ପରେ ମଧ୍ୟ । କାଳିଦାସ ଦେଢ଼ହଜାର ବର୍ଷ ହେଲି ମଲେଣି; ତଥାପି ମୁଁ ମେଘଦୂତର ପ୍ରତ୍ୟେକ ପଙ୍କ୍ତିରେ ଏକ ବିରହାତୁର ବ୍ୟଥିତ କାଳିଦାସଙ୍କର ହୃଦୟର ସ୍ପନ୍ଦନ ଅନୁଭବ କରେ । ରାଜର୍ଷିଅଙ୍କୁ ବାହା ହେଲା ପରେ ଉପେକ୍ଷିତ ଦରିଦ୍ର ବ୍ରାହ୍ମଣର ବିରହ ବ୍ୟଥାକୁ ପ୍ରିୟତମା ପତ୍ନୀ କେବେ ଶୁଣି ନ ଥିଲେ ବା ଶୁଣିବାକୁ ପ୍ରସ୍ତୁତ ନ ଥିଲେ, ମାତ୍ର ଦେଢ଼ ହଜାର ବର୍ଷ ପରେ ସେହି ହୃଦୟର ହାହାକାର ମୋତେ ଶୁଣାଯାଏ । ନଅ ହଜାର ବର୍ଷ ପୂର୍ବର ପକ୍ଷୀମାନଙ୍କର କାକଳି ଯେଉଁ ବୈଦିକ ଋଷିମାନଙ୍କର ଉଷାବନ୍ଦନାକୁ ସଙ୍ଗୀତମୟ କରୁଥିଲା, ଋଗ୍‌ବେଦର ସେହି ମନ୍ତ୍ର ଆଜି ମଧ୍ୟ ମାନବ ହୃଦୟକୁ ପୁଲକିତ କରୁଛି ଓ ଆଜିଠାରୁ ଛଅହଜାର ବର୍ଷ ପରେ ମଧ୍ୟ ଉଲ୍ଲସିତ କରୁଥିବ ।

ଆମର ସାହିତ୍ୟ ସୌରଭହୀନ ପୁଷ୍ପ ସଦୃଶ । ଫୁଟି ଝରିଗଲେ କିଛି ନାହିଁ ।

Source: Author, Digitized by PPRACHIN, SOA

ଆଜିକାଲି ବିଜ୍ଞାପନର ଯୁଗ । କେବଳ ସାହିତ୍ୟ ସୃଷ୍ଟି ଯଥେଷ୍ଟ ନୁହେଁ । ସେଥିପାଇଁ ଭଲ ବିଜ୍ଞାପନ ଦରକାର । ଲେଖକ ଜୀବନ ସର୍ବଦା ନିଜର ସାହିତ୍ୟ ପ୍ରତିଭାର ପରିପ୍ରଚାର ପାଇଁ ଜାଗ୍ରତ ଥିବା ଦରକାର ।

'ଗଳ୍ପାଞ୍ଜଳି' ଓ 'ବିଷକନ୍ୟା' ପ୍ରକାଶିତ ହେଲାପରେ ମୋର ତୃତୀୟ ପୁସ୍ତକ 'ଜୁଆର ଭଟ୍ଟା' ମଧ୍ୟ ନିଜ ଖର୍ଚ୍ଚରେ ପ୍ରକାଶ କଲି । ଏ ବହିଟି ଗଳ୍ପ ଓ ଏକାଙ୍କିକାର ସଂକଳନ । ଏକଦା ମାସିକ ପତ୍ରମାନଙ୍କରେ ପ୍ରକାଶିତ ଲେଖାମାନଙ୍କର ସମଷ୍ଟି ।

୧୯୬୧ ମସିହାରେ ସମ୍ବଲପୁରର ଋଷି ପ୍ରତିମ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କର ପରଲୋକ ହେଲା । ସେ ମୋ ବାପାଙ୍କର ମିତ୍ର ଓ ମୋର ଶ୍ୱଶୁରଙ୍କର ଅଗ୍ରଜ । ସେ ସମଗ୍ର ସମ୍ବଲପୁର ଜିଲ୍ଲାରେ ଓ ବାହାରେ ମଧ୍ୟ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ମୁଁ ତାଙ୍କର ମୃତ୍ୟୁର ଠିକ୍ ପରେ ତାଙ୍କର ଜୀବନୀ ଅଳ୍ପ କେତେଦିନ ମଧ୍ୟରେ ଲେଖି 'ଅମର ଜୀବନ' ନାମରେ ପ୍ରକାଶିତ କଲି । ଏହି ପୁସ୍ତକଟି କେବଳ ସମ୍ବଲପୁର ସହରରେ ଅତି ଅଳ୍ପ ଦିନ ମଧ୍ୟରେ ବିକ୍ରୀ ହୋଇଗଲା ଓ ବହି ଛପାରେ ଯାହା ଖର୍ଚ୍ଚ ହୋଇଥିଲା, ସବୁ ଟଙ୍କା ମୁଁ ପାଇଗଲି । ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିଲେ ମଧ୍ୟ ଚାଲିଥାନ୍ତା ।

୧୯୬୧ ମସିହାରେ ଶ୍ରାବଣ ମାସରେ ମୁଁ ଅମରନାଥ ଯାତ୍ରା କରିଥିଲି । ତହିଁ ପୂର୍ବରୁ ବଦ୍ରିନାଥ, କେଦାରନାଥ ଆଦି ଅନେକ ତୀର୍ଥ ଭ୍ରମଣ କରିଥିଲି । ଏହି ସବୁ ତୀର୍ଥ ଯାତ୍ରାର ବିବରଣୀ 'ଆସନ୍ତା କାଲି' ଆଦି ମାସିକ ପତ୍ରରେ ପ୍ରକାଶିତ ହୋଇଥିଲା । ପରେ ୧୯୬୪ ମସିହାରେ ଏହି ସବୁ ଭ୍ରମଣବୃତ୍ତାନ୍ତ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା 'ତୀର୍ଥ ପଥେ' ନାମରେ ପୁସ୍ତକାକାରରେ ପ୍ରକାଶିତ ହେଲା । ଏଥିରେ କେତେ ଫଟୋ ମଧ୍ୟ ସନ୍ନିବିଷ୍ଟ ହୋଇଛି ।

ମୁଁ ଇତିହାସ ବିଶାରଦ ନୁହେଁ । ତଥାପି ଚୌହାନ ବୀର ସୁରେନ୍ଦ୍ର ସାଏଙ୍କର ଦେଶପ୍ରେମ ଓ ଆତ୍ମୋତ୍ସର୍ଗ ମୋତେ ବାଲ୍ୟକାଳରୁ ଉଦ୍‌ବୁଦ୍ଧ କରିଥିଲା । ମୁଁ ସ୍ୱର୍ଗତ ସତ୍ୟେଶ୍ୱର ଦାଶଙ୍କ ଦ୍ୱାରା ପ୍ରଣିତ ସୁରେନ୍ଦ୍ର ସାଏଙ୍କର ଜୀବନୀ ଶିବ ପ୍ରସାଦ ଦାଶଙ୍କର 'ସମ୍ବଲପୁର ଇତିହାସ' ଓ ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ପାଢ଼ୀଙ୍କ ପ୍ରଣୀତ ଅପ୍ରକାଶିତ 'ଚୌହାନ ବୀର ସୁରେନ୍ଦ୍ର ସାଏ' ଅଧ୍ୟୟନ କରି 'ସୁରେନ୍ଦ୍ର ସାଏ' ନାମକ ନାଟକ ରଚନା କଲି । ୧୯୬୨-୬୩ ମସିହାରେ ଏହା ପ୍ରସିଦ୍ଧ ଚିତ୍ରଶିଳ୍ପୀ ଶ୍ରୀ ଭୋଳାନାଥ ନାୟକଙ୍କ

Source: Author, Digitized by PPRACHIN, SOA

ଦ୍ୱାରା ଅଙ୍କିତ ପ୍ରଚ୍ଛଦ ଛବିରେ ସମୃଦ୍ଧ ହୋଇ ପ୍ରକାଶିତ ହେଲା । ଏହାକୁ ମୁଁ ମଞ୍ଚସ୍ଥ କରାଇବାକୁ ବା ରେଡ଼ିଓରେ ପ୍ରସାରଣୋପଯୋଗୀ କରାଇବାକୁ ଚେଷ୍ଟା କରିନାହିଁ ।

ସମ୍ବଲପୁରର ଇତିହାସରେ ଦୁଇଜଣ ବ୍ୟକ୍ତି ଅମର ଗୌରବର ଅଧିକାରୀ—ସୁରେନ୍ଦ୍ର ସାଏ ଓ ଗଙ୍ଗାଧର ମେହେର । ଗଙ୍ଗାଧର ମେହେରଙ୍କର ଜନ୍ମ ଶତବାର୍ଷିକୋତ୍ସବ ୧୯୬୨ ମସିହା ଶ୍ରାବଣ ପୂର୍ଣ୍ଣିମା ଦିନ ସମ୍ବଲପୁର ମେହେର କଲେଜରେ ଓ ଅନ୍ୟତ୍ର ମହାସମାରୋହରେ ପାଳିତ ହେଉଥାଏ । ଏହି ଅବସରରେ ମୁଁ 'କସ୍ତୁରୀ ମୃଗ' ନାମକ ଏକ ଏକାଙ୍କିକା ସ୍ୱଭାବକବିଙ୍କ ପ୍ରତି ମୋର ଭକ୍ତିଶ୍ରଦ୍ଧାଞ୍ଜଳିର ପ୍ରତୀକ ସ୍ୱରୂପ ରଚନା କଲି । ତାହା ଗଙ୍ଗାଧର ମେହେର କଲେଜରେ ମଞ୍ଚସ୍ଥ ହେଲା ଓ ଏକାଧିକବାର ରେଡ଼ିଓରେ ପ୍ରସାରିତ ହୋଇଛି ।

ଗଳ୍ପ ଓ ଏକାଙ୍କିକା—ମୋ ଦୃଷ୍ଟିରେ ପରସ୍ପର ପରିପୂରକ—ଏକ ସୃଷ୍ଟିକଳାର ଆଂଶିକ ଓ ପୂର୍ଣ୍ଣ ବହିଃପ୍ରକାଶ । ମୁଁ ଅନେକ ଏକାଙ୍କିକା ଲେଖିଲି ଓ ସେଥିରୁ ଅଧିକାଂଶ ଏକାଙ୍କିକା ସମ୍ବଲପୁର ଓ କଟକ ଆକାଶବାଣୀରେ ପ୍ରସାରିତ ହୋଇଛି । ମୋର କେତୋଟି ଏକାଙ୍କିକାକୁ ନେଇ ମୁଁ 'କସ୍ତୁରୀ ମୃଗ' ନାମକ ଏକ ଏକାଙ୍କିକା ସଙ୍କଳନ ପ୍ରକାଶ କଲି ନିଜ ଖର୍ଚ୍ଚରେ ।

୧୯୬୭ ମସିହାରେ ମୁଁ ଦ୍ୱିତୀୟ ଥର ପାଇଁ ଚତୁର୍ଥ ଲୋକସଭାକୁ କଂଗ୍ରେସ ଦଳ ତରଫରୁ ନିର୍ବାଚିତ ହେଲି । ୧୯୬୮ ମସିହାରେ ଲୋକସଭାର ଅଧ୍ୟକ୍ଷ ଶ୍ରୀ ସଞ୍ଜୀବ ରେଡ଼୍ଡୀଙ୍କ ନେତୃତ୍ୱରେ ସୋଭିଏତ୍ ଦେଶ ଓ ହଙ୍ଗେରୀ ଦେଶ ଭ୍ରମଣକୁ ଯାଇଥିବା ଏକ ସଂସଦୀୟ ପ୍ରତିନିଧି ମଣ୍ଡଳୀରେ ଯୋଗ ଦେବାର ସୁଯୋଗ ପାଇଲି । ସୋଭିଏତ୍ ଦେଶକୁ ଯାତ୍ରା କରିବା ପୂର୍ବରୁ ମୁଁ ପ୍ରାୟ ଦୁଇମାସ କାଳ ରୁଷୀୟ ଭାଷାକୁ ଭଲ ଭାବରେ ଅଧ୍ୟୟନ କରିବାକୁ ଉଦ୍ୟମ କଲି । ରୁଷିଆରେ ଭ୍ରମଣ କାଳରେ ସେ ଦେଶର ଭାଷା ବୁଝିବାକୁ ଚେଷ୍ଟା କରିବାର ମୋର କର୍ତ୍ତବ୍ୟ ବୋଲି ଭାବି ମୁଁ ପଢ଼ାପଢ଼ି ଆରମ୍ଭ କଲି । ଅବଶ୍ୟ ନିଜ ଘରୋଇ ଚେଷ୍ଟାରେ ଦୁଇ ମାସ ରୁଷୀୟ ଭାଷାରେ ପ୍ରାବୀଣ୍ୟ ଲାଭ ଅସାଧ୍ୟ । ମାତ୍ର ମୁଁ ଏହି ଅଧ୍ୟୟନ କାଳରେ ସଂସ୍କୃତ ଭାଷା ରୁଷୀୟ ଭାଷା ମଧ୍ୟରେ ଅନେକ ସାମଞ୍ଜସ୍ୟ ଲକ୍ଷ୍ୟ କରି ଆଚମ୍ବିତ ହେଲି । ବିଦେଶ ଭ୍ରମଣ ଶେଷରେ, ମୁଁ 'ରୁଷିଆ ଭ୍ରମଣ' ନାମକ ଏକ ପୁସ୍ତକ ଲେଖିଲି । ୧୯୬୯ ମସିହାରେ ଏହା ମୋର ନିଜ ଖର୍ଚ୍ଚରେ

Source: Author, Digitized by PPRACHIN, SOA

ପ୍ରକାଶିତ ହେଲା । ତହିଁ ପରବର୍ଷ ୧୯୭୦ ମସିହାରେ ସୋଭିଏତ୍ ଦେଶର ପ୍ରତିଷ୍ଠାତା ମହାମାନବ ଲେନିନ୍‌ଙ୍କ ଜନ୍ମ ଶତବାର୍ଷିକୋତ୍ସବ ପାଳିତ ହେବାର କଥା । ମୁଁ ସେତେବେଳେ ଲୋକସଭାର ସଭ୍ୟ । ଲେନିନ୍‌ଙ୍କର ଜୀବନୀ ବିଷୟରେ ବହୁ ଗ୍ରନ୍ଥ ଅଧ୍ୟୟନ କରିବାର ସୁଯୋଗ ପାଇଲି ଓ ଲେନିନଙ୍କର ଜୀବନୀ ଓଡ଼ିଆରେ ପ୍ରକାଶିତ କଲି । ସେଥିରୁ ଅନେକ ପୁସ୍ତକ ଦିଲ୍ଲୀସ୍ଥିତ ସୋଭିଏତ ଦୂତାବାସ ଜରିଆରେ ୧୯୭୦ ମସିହାରେ ସୋଭିଏତ୍ ଦେଶର ବିଭିନ୍ନ ପାଠାଗାରମାନଙ୍କୁ ବିତରଣ ପାଇଁ ପଠାଇଲି ।

ମୁଁ ଅନେକ ଗଳ୍ପ, ନାଟକ, ଏକାଙ୍କିକା, ଜୀବନୀ, ଭ୍ରମଣକାହାଣୀ ଆଦି ନିଜ ଖର୍ଚ୍ଚରେ ପ୍ରକାଶ କରିଛି, କିନ୍ତୁ ଏଥିରେ ଛପାଖର୍ଚ୍ଚ ମଧ୍ୟ ମିଳେ ନାହିଁ । ବହିମାନ ଘରେ ପଡ଼ି ସଢ଼େ । ପାଠକମାନେ ସେଥିସହିତ ପରିଚିତ ହେବାର ସୁବିଧା ମଧ୍ୟ ନଥାଏ । ପ୍ରଚାର ହୁଏ ନାହିଁ ।

ଭଲ ପ୍ରକାଶମାନଙ୍କର ଦ୍ୱାରସ୍ଥ ହେଲେ ଲେଖା ପ୍ରକାଶ କରି ପ୍ରଚାର କରିବାରେ ଅନେକ ସୁବିଧା; କିନ୍ତୁ ସେମାନଙ୍କର ଦ୍ୱାରଠାରୁ ନିଜ ଦ୍ୱାର ଦୂରରେ ଥିଲେ ଭୀଷଣ ଅସୁବିଧା । କାରଣ ପୁସ୍ତକ ପ୍ରକାଶକମାନଙ୍କୁ ଭଲ ବହି କେବଳ ପ୍ରକାଶ ପାଇଁ ଦେବା ଯଥେଷ୍ଟ ନୁହେଁ । ସେମାନଙ୍କର ମନଜଗି ଚଳିବା ଦରକାର । ସେମାନଙ୍କ ଦୁଆରେ ଅଧିକ ପଡ଼ିବା ଦରକାର ପଡ଼ିପାରେ ।

ମୁଁ ଜଣେ ସମ୍ଭ୍ରାନ୍ତ ପୁସ୍ତକ-ପ୍ରକାଶକଙ୍କୁ ମୋର କବିତା ପୁସ୍ତକ ପ୍ରକାଶ କରିବା ପାଇଁ ଅନୁରୋଧ କରି ତାଙ୍କର କଠିକ ଠିକଣାକୁ ଖଣ୍ଡିଏ ଚିଠି ଦେଲି । ତାଙ୍କର ପ୍ରକାଶନ ସର୍ତ୍ତ କଣ ଲେଖିବାକୁ ଓ ଚୁକ୍ତିପତ୍ର ଖଣ୍ଡିଏ ପଠାଇବାକୁ ଅନୁରୋଧ କଲି । ଅନତି ବିଳମ୍ବେ ଉତ୍ତର ଆସିଲା, "ଆପଣ ପାଣ୍ଡୁଲିପିଟି ପଠାନ୍ତୁ ।" ମୁଁ ପାଣ୍ଡୁଲିପି ପଠାଇଲି । ତାହା ପରେ ସପ୍ତାହ, ମାସ, ମାସ ବିତିଗଲା । କୌଣସି ଉତ୍ତର ଆସିଲା ନାହିଁ ।

ଦୁଇ ବର୍ଷ ପରେ ହଠାତ୍ ପ୍ରକାଶକ ମହାଶୟଙ୍କ ସହିତ ପୁରୀରେ ଦେଖା ହେଲା । ତାଙ୍କୁ ପଚାରିଲି, "ଆପଣ ମୋର କବିତାର ପାଣ୍ଡୁଲିପିଟି ପାଇଛନ୍ତି କି ?" ସେ କହିଲେ, "ହଁ, ପାଇଛି ।"

ମୁଁ ଆଶ୍ୱସ୍ତ ହେଲି । ସେ ଅନେକ ବିବେଚନା ଉତ୍ତର ଦେଲେ, "ଆଜିକାଲି କବିତା ପୁସ୍ତକର ମାର୍କେଟ୍ ନାହିଁ ।" ଅତି କଠୋର ସତ୍ୟ କଥା । କିନ୍ତୁ ପ୍ରକାଶକ ମହାଶୟ ଏ ପର୍ଯ୍ୟନ୍ତ ପାଣ୍ଡୁଲିପିଟି ଫେରାଇ ନାହାନ୍ତି । ସେ ଯେ କେବଳ ଆଭିଜାତ୍ୟପୂର୍ଣ୍ଣ କବିତା ପୁସ୍ତକ ପ୍ରକାଶ କରନ୍ତି, ଏହି କଥା ସେ ବୋଧହୁଏ କହିବାକୁ ଚାହୁଁଥିଲେ ।

Source: Author, Digitized by PPRACHIN, SOA

ସେଦିନ ମୋର କାବ୍ୟାଭିମାନରେ ଭଟ୍ଟା ପଡ଼ିଲା । ମୁଁ ତହିଁ ପୂର୍ବରୁ ଓ ପରେ ବହୁ ସ୍ଥାନରେ କବିତା ପାଠୋତ୍ସବରେ କବିତାମାନ ପଢ଼ିଛି ଓ ଲବ୍ଧପ୍ରତିଷ୍ଠ ସମୀକ୍ଷକମାନଙ୍କଠାରୁ କବିତା ପାଇଁ ମଧ୍ୟ ଉଚ୍ଛ୍ୱସିତ ପ୍ରଶଂସା ଲାଭ କରିଛି ; କିନ୍ତୁ ପ୍ରକାଶକମାନଙ୍କର କଷଟି ପଥର ଭିନ୍ନ ପ୍ରକାର । ମୁଁ ପ୍ରାୟ ସର୍ବଜନବୋଧଗମ୍ୟ କବିତା ଲେଖେ । ସେ ପ୍ରକାର କବିତା ଆଜିକାଲିର ବଜାରରେ ହୁଏତ ଚଳୁନାହିଁ । ଅବଶ୍ୟ ସାହିତ୍ୟ ମାସିକପତ୍ର-ମାନେ ମୋର କବିତା ପ୍ରକାଶ କରିବାରେ ଦ୍ୱିଧା ବୋଧ କରନ୍ତି ନାହିଁ ।

ମୁଁ ପଚିଶ ଷାଠିଏ ପୃଷ୍ଠାର ଗୋଟିଏ କବିତା ବହିର ପାଣ୍ଡୁଲିପି ହରାଇ ଦୁଃଖିତ ହେଲି । ଯଦି ପାଣ୍ଡୁଲିପିଟି ଷାଠିଏ ପୃଷ୍ଠାର କବିତା ବହି ନ ହୋଇ ପାଞ୍ଚଶହ ପୃଷ୍ଠାର ଉପନ୍ୟାସଟିଏ ହୋଇଥାନ୍ତା, ତାହା ହେଲେ ଆହୁରି କେତେ ଗୁଣ ପରିଶ୍ରମ ବିଫଳ ହୋଇଥାନ୍ତା, ତାହା ଟିକିଏ କଳ୍ପନା କରନ୍ତୁ ।

ମୋର ଗୋଟିଏ ପୁଅ ସ୍କୁଲ ମାଷ୍ଟର ସେ କେତୋଟି ବିଦେଶୀ ଗଳ୍ପର ଓଡ଼ିଆ ଅନୁବାଦ କରିଥିଲା । ଥରେ ଭୁବନେଶ୍ୱରରେ ଚାକିରି କରୁଥିବା ଓ ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଜଣେ ସମ୍ବଲପୁରିଆ ବନ୍ଧୁଙ୍କ ସହିତ ବାର୍ତ୍ତାଳାପ କରୁଥିବା ସମୟରେ ବନ୍ଧୁ ଜଣକ ଧରି ବସିଲେ ଯେ କଟକ ଭୁବନେଶ୍ୱରରେ ପୁସ୍ତକ ପ୍ରକାଶକମାନଙ୍କ ସହିତ ତାଙ୍କର ଭଲ ପରିଚୟ ଥିବାରୁ ସେ ମତେ ପୁସ୍ତକ ପ୍ରକାଶନରେ ଭଲ ସାହାଯ୍ୟ କରିପାରିବେ । ପୁସ୍ତକ ପ୍ରକାଶକ ଜଣେ ନିଜେ ମୋ ବହି ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଉକ୍ତ ପୁସ୍ତକ ପ୍ରକାଶକ ମହାଶୟ ମୋର ସମ୍ବଲପୁରୀ ବନ୍ଧୁଙ୍କର ଅନେକ ପୁସ୍ତକ ପ୍ରକାଶ କରିଛନ୍ତି । ତେଣୁ ମୁଁ ମୋର ପୁଅ ଦ୍ୱାରା କରାଯାଇଥିବା ଅନୁବାଦ ଗଳ୍ପବହି ପାଣ୍ଡୁଲିପି ଓ ମୋ ନିଜ ଦ୍ୱାରା କରାଯାଇଥିବା ଆଉ ଏକ ଅନୁବାଦ ଗଳ୍ପମାଳା ଭୁବନେଶ୍ୱରରେ ସମ୍ବଲପୁରୀ ବନ୍ଧୁଙ୍କର ଘରେ ଦେଇ ଆସିଲି । ଉପରିଲିଖିତ ପ୍ରକାଶକଙ୍କ ଦ୍ୱାରା ବହି ଦୁଇଟି ଛପାଇ ଦେବାକୁ ମୋର ସମ୍ବଲପୁରୀ ବନ୍ଧୁ କହିଲେ ।

ତା'ପରେ ଅନେକ ଆଶା ଆକାଙ୍କ୍ଷା ଭରା ମାସ ବିତିଯାଇଛି । ମୁଁ ଓ ମୋର ପୁଅ ଉଭୟେ ପାଣ୍ଡୁଲିପିର ବିରହରେ ଅନେକ ଉନ୍ନିଦ୍ର ରଜନୀ ଯାପନ କରିଛୁ । ମାତ୍ର ପ୍ରକାଶକଙ୍କଠାରୁ କୌଣସି ଉତ୍ତର ବା ପ୍ରତ୍ୟୁତ୍ତର ପାଇନାହୁଁ ।

Source: Author, Digitized by PPRACHIN, SOA

ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା ଆଦି ରଚନା କଲାବେଳେ ମନ ସର୍ଜନର ଆନନ୍ଦରେ ବିଭୋର ଥାଏ । ତେଣୁ ପରିଶ୍ରମ କଷ୍ଟକର । ତାହା ପ୍ରକାଶକଙ୍କଠାକୁ ପଠାଗଲା ପରେ ଯଦି ତାହା ଅଳିଆ ଟୋକେଇରେ ଫୋପଡ଼ା ହୁଏ, ତେବେ ତାହା କେତେ ବାଧକ ହୁଏ, ତାହା କେବଳ ଅନୁଭବୀ ଲେଖକ ବୁଝିପାରିବେ । ପ୍ରକାଶକ ବା ପାଠକ ତାହା ବୁଝି-ପାରିବେ ନାହିଁ । ବିଶେଷତଃ ପାଞ୍ଚ ଛଅ ଶହ ପୃଷ୍ଠାର ଏକ ବିରାଟ ଉପନ୍ୟାସ ବା ନାଟକର ପାଣ୍ଡୁଲିପି ପଠାଇ ଯଦି ଲେଖକ ପ୍ରକାଶକ ଠାରୁ କୌଣସି ଉତ୍ତର ନ ପାଏ ବା ପାଣ୍ଡୁଲିପି ଫେରସ୍ତ ନ ପାଏ, ତେବେ ସେଇଥିରେ ତା'ର ଲେଖକ-ଜୀବନର ସମାଧି ହୁଏ ବା ହେବା ଉଚିତ୍ ।

ଓଡ଼ିଶାର କେତେ ଭାଗ୍ୟବାନ୍ ସାହିତ୍ୟିକଙ୍କୁ ଛାଡ଼ିଦେଲେ ବାକି ସମସ୍ତଙ୍କର ଅନୁଭୂତି ମୋର ଅନୁଭୂତି ସହିତ ସମାନ ହୋଇଥିବ ବୋଲି ମୁଁ ଭାବେ ।

ନିର୍ଜଳା ସାହିତ୍ୟ ଛଡ଼ା ଗବେଷଣାତ୍ମକ ସାହିତ୍ୟ ସୃଷ୍ଟିରେ ମଧ୍ୟ ମୁଁ ସାଧନା କରିଛି । ଏଲ୍. ଏଲ୍. ଏମ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଅବସରରେ ମୁଁ ମନୁ, ଯାଜ୍ଞବଲ୍କ୍ୟ, ନାରଦ, ପରାଶର, କାତ୍ୟାୟନ, ବୃହସ୍ପତି ଆଦି ଧର୍ମଶାସ୍ତ୍ରକାରମାନଙ୍କର ଗ୍ରନ୍ଥ ଅଧ୍ୟୟନ କଲି । ଓଡ଼ିଆରେ ସଙ୍ଗୀତ, ଆୟୁର୍ବେଦ, ଦର୍ଶନ ଆଦି ବିଭିନ୍ନ ବିଷୟରେ କିଛି କିଛି ପୁସ୍ତକ ଅଛି । ମାତ୍ର ଧର୍ମଶାସ୍ତ୍ର ବିଷୟରେ ବିଶେଷ କିଛି ଲେଖା ନାହିଁ, ଅଥଚ ଧର୍ମଶାସ୍ତ୍ର ସହିତ ଆମ ଜୀବନର ନିବିଡ଼ ସମ୍ପର୍କ । ଏଣୁ ମୁଁ ୧୯୮୨ ମସିହା ବେଳକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରକାଶିତ ମାସିକ ସାହିତ୍ୟ ପତ୍ରରେ "ମନୁସ୍ମୃତିରେ ଆଇନ୍" ଶୀର୍ଷକ କେତେ ପ୍ରବନ୍ଧ ଧାରାବାହିକ ଭାବେ ପ୍ରକାଶ କରିବାକୁ ଦେଲି । ଲେଖି ଲେଖି ପ୍ରାୟ ଚଉଦଶଟି ସଂଖ୍ୟାରେ ପ୍ରବନ୍ଧମାଳା ସରିଲା । ପରେ ଭାବିଲି—ଏହାକୁ ଟିକିଏ ସଜାଇ ଇଂରେଜୀରେ ଲେଖିଲେ ପିଏଚ୍.ଡ଼ି ପାଇଁ ଥିସିସ୍ ଟିଏ ହୋଇ ପାରନ୍ତା । ଆହୁରି ପଢ଼ିଲି ଓ ଭଲ କରି ଲେଖିଲି ବିଶ୍ଳେଷଣାତ୍ମକ ରୂପେ । ତିନିଶହ ପୃଷ୍ଠାରୁ ଅଧିକ ଥିସିସ୍ ଟାଏ ହୋଇଗଲା । ସେଇଥିରେ ପିଏଚ୍.ଡ଼ି ଉପାଧି ମଧ୍ୟ ମିଳିଗଲା ।

କିନ୍ତୁ ବିଦ୍ୟା-ବାରିଧିର ଅନ୍ତ କେଉଁଠି ? ସେତିକରେ କାମ ସରିଲା ନାହିଁ । ଆରମ୍ଭ ମାତ୍ର ହେଲା ।

ସାହିତ୍ୟ, ରାଜନୀତି, ଶିକ୍ଷା ଆଦି ପ୍ରାୟ ସବୁ କ୍ଷେତ୍ରରେ ପ୍ରତିଭାର ଆଦର ଜୀବନ-କାଳରେ ହୁଏ ନାହିଁ । ଯେତେବେଳେ ଉପେକ୍ଷା

Source: Author, Digitized by PPRACHIN, SOA

ଓ ଲାଞ୍ଛନାରେ ଜର୍ଜର ସାହିତ୍ୟକାର ହତାଶ ହୋଇ ଲେଖନୀ ତ୍ୟାଗ କରେ ଓ ପରେ ଇହଧାମରୁ ବିଦାୟ ନିଏ, ସେତେବେଳେ ଆରମ୍ଭ ହୁଏ ତାର ପ୍ରତିଭାର ପୂଜା । କବିଙ୍କର ଜନ୍ମଦିନ, ଶ୍ରାଦ୍ଧବାସର ମହା ସମାରୋହରେ ପାଳିତ ହୁଏ । ତାଙ୍କର ପଥର ଓ ଧାତୁ ମୂର୍ତ୍ତି ବହୁ ବ୍ୟୟରେ କଲିକତାରୁ ତିଆରି ହୋଇ ଆସେ । ଯେତିକି ପଇସା କଲିକତା ଆଦି ନଗରର ମୂର୍ତ୍ତିକାରମାନଙ୍କୁ ଦିଆଯାଏ, ତହିଁର ଅଧେରୁ ଅଧେ ଯଦି କବିଙ୍କୁ ତାଙ୍କର ଜୀବନ କାଳରେ ଦିଆଯାଇଥାନ୍ତା, ତେବେ କବିଙ୍କର ଜୀବନଯାତ୍ରା ହୁଏତ ସୁଗମ ହୋଇଥାନ୍ତା । ଯେଉଁମାନେ କବିଙ୍କର ଜୀବନକାଳରେ ତାଙ୍କର ଖଣ୍ଡିଏ ସୁଦ୍ଧା ବହି ପଢିବାକୁ ସମୟ ଓ ଅର୍ଥର ଅପବ୍ୟୟ ମଣୁଥିଲେ, ସେମାନେ ଏବେ ଅକାତରରେ ଶହ ଶହ ଟଙ୍କା ମାର୍ବଲ ମୂର୍ତ୍ତି ବା କାଂସ୍ୟ ମୂର୍ତ୍ତି ସ୍ଥାପନ ପାଇଁ ଦାନ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । କବିଙ୍କର ନାମରେ ନାନା ଅନୁଷ୍ଠାନକୁ ନାମିତ କରି ଆମେ ଆମର ପବିତ୍ର କର୍ତ୍ତବ୍ୟ—ପ୍ରତିଭା ପୂଜା ସମ୍ପନ୍ନ କରୁ । କବିଙ୍କର ଜୀବିତାବସ୍ଥାରେ ତାଙ୍କର ପ୍ରାପ୍ୟ ଯାଏ ପୁସ୍ତକ ପ୍ରକାଶକଙ୍କ ପାଖକୁ, ପୁସ୍ତକ ବିକ୍ରେତାଙ୍କ ପାଖକୁ, ମାସିକ ସାହିତ୍ୟ ପତ୍ରର ପ୍ରକାଶକଙ୍କ ପାଖକୁ । କବିଙ୍କର ମୃତ୍ୟୁ ପରେ ଯାହା ତାଙ୍କର ଉତ୍ତରାଧିକାରୀଙ୍କ ପ୍ରାପ୍ୟ, ତାହା ଯାଏ କଲିକତାର ମୂର୍ତ୍ତିକାରଙ୍କ ପାଖକୁ । ଆମେ ପଥରର ବା ବ୍ରୋଞ୍ଜର ପୁତ୍ତଳିକାରେ ପୁଷ୍ପମାଲ୍ୟ ଅର୍ପଣ କରୁ । ପଥର ଭିତରେ କିନ୍ତୁ ରସ ନ ଥାଏ ।

ମୁଁ ଜଣେ ଉଚ୍ଚକୋଟିର ସାହିତ୍ୟିକ ହୋଇ ପାରିଥାନ୍ତି । ମୋର ଜୀବନ ଯେତେ ବାର୍ତ୍ତାଢ୍ୟ, ମୋର ଜୀବନରେ ଯେତେ ବି ବିଚିତ୍ରତା ଦେଖିବାର ସୁଯୋଗ ମୁଁ ପାଇଛି, ମୁଁ ଯେତେ କଥା ଅଙ୍ଗେ ନିଭେଇଛି, ତାହା ଓଡ଼ିଶାର ଯେ କୌଣସି ସାହିତ୍ୟିକ ପକ୍ଷରେ ସହଜରେ ସମ୍ଭବ ହୁଏ ନାହିଁ । ମୁଁ ଏକାଧାରରେ ଭଲ ଛାତ୍ର, ଭଲ ଓକିଲ, ବିଧାୟକ, ଶିକ୍ଷାବିତ୍, ପ୍ରଶାସକ ହୋଇପାରିଛି । ମୁଁ ଭାରତବର୍ଷର ପ୍ରାୟ ସବୁ ଅଞ୍ଚଳରେ ବୁଲିଛି ଅନେକ ଥର ଅନେକ ଦିନ, ଭାରତ ବାହାରେ ମଧ୍ୟ ଅନେକ ସ୍ଥାନରେ ବୁଲିଛି । ଅନେକ ଲୋକଙ୍କର ସଂସ୍ପର୍ଶରେ ଆସିଛି । ହତ୍ୟାକାରୀ, ଚୋରର ଉଦ୍‌ଧୃତ, ସାଧୁ ସନ୍ନ୍ୟାସୀ, ଦେଶପ୍ରେମୀ, ଭଣ୍ଡ ତପସ୍ୱୀ, ନିର୍ଭୀକ ଆଦି-ବାସୀ ସୁଚତୁର ବଣିକ, ତୋଷାମୋଦକାରୀ ଗୃହସ୍ଥ, ରୁକ୍ଷଭାଷୀ ନେତା, କୋଟିପତି, ଭିକାରୀ, ପଣ୍ଡିତ ପ୍ରବର, ନିର୍ବୋଧ, ସ୍ଥିତପ୍ରଜ୍ଞ, ପାଗଳ ସମସ୍ତ ପ୍ରକାର ମନୁଷ୍ୟଙ୍କୁ ଦେଖିଛି ଓ ସେମାନଙ୍କର ମନସ୍ତତ୍ତ୍ୱ ଅଧ୍ୟୟନ କରିଛି । ମୁଁ ବିଜ୍ଞାନ, ତର୍କଶାସ୍ତ୍ର, ମନସ୍ତତ୍ତ୍ୱ, ଦର୍ଶନ, ଧର୍ମଶାସ୍ତ୍ର, ଉପନ୍ୟାସ,

Source: Author, Digitized by PPRACHIN, SOA

ନାଟକ, କାବ୍ୟ କବିତା ଅନେକ ଅଧ୍ୟୟନ କରିଛି । ମୁଁ ବହୁତ ହସିଛି ଓ ଅନ୍ୟମାନଙ୍କୁ ହସାଇଛି । ଅନେକ କାନ୍ଦିଛି ଓ ଅନ୍ୟମାନଙ୍କର ଲୁହ ପୋଛିବାର ଚେଷ୍ଟା କରିଛି । ମୋର ନିଜ ଜୀବନରେ ଅନେକ ଘଟଣା ଅନେକ ଅସାଧାରଣ ସାହିତ୍ୟିକ ଉପାଦାନ ମୋର ଆଖି ଆଗରେ ବାରଂବାର ଖେଳିଛି । ଶ୍ରେଷ୍ଠ ସାହିତ୍ୟିକମାନେ ସେଥିରୁ ଉଚ୍ଚାଙ୍ଗ ସାହିତ୍ୟ ରଚନା କରି ପାରିଥାନ୍ତେ । ମୁଁ ପାରି ନାହିଁ ଅନେକ କାରଣ ଯୋଗୁଁ ।

ସାହିତ୍ୟିକ ତପସ୍ୟା ମୋର ଭାଗ୍ୟରେ ଲେଖା ନ ଥିଲା । ହୀରାକୁଦ ଯୋଜନାରେ ହଜାର ହଜାର ପରିବାର ବାସଚ୍ୟୁତ ହେଲେ, ନିରାଶ୍ରୟ ହେଲେ । ସେମାନଙ୍କ ମଧ୍ୟରୁ କାହାର କାହାର ଜୀବନକୁ ନେଇ ଶ୍ରେଷ୍ଠ ଉପନ୍ୟାସ ବା ନାଟକ ରଚନା କରାଯାଇ ପାରିଥାନ୍ତା । ମୁଁ କିନ୍ତୁ କରିପାରିଲି ନାହିଁ । ମୁଁ କେବଳ ସାମାନ୍ୟ କେତୋଟି ଗଳ୍ପ ଲେଖି ସନ୍ତୁଷ୍ଟ ରହିଲି । ମୁଁ ସେହି ହତଭାଗ୍ୟ ନରନାରୀମାନଙ୍କ ପାଇଁ କାନ୍ଦୁଥିଲି, ସେମାନଙ୍କର ମୂକ ଭାଷାକୁ ବିଧାନ ସଭାରେ ପ୍ରତିଧ୍ୱନିତ କରିବା ପାଇଁ କ୍ଷୀଣ ଚେଷ୍ଟା କରୁଥିଲି ।

ଓଡ଼ିଶାର ରାଜନୀତିରେ କେତେ ସୁନାମୁଣ୍ଡାଠାରୁ ଗୁଞ୍ଜର ଓଜନ ଅଧିକ ହେବାର ଲକ୍ଷ୍ୟ କରିଛି । କେତେ ଥର ଭାଗ୍ୟର ବିଡ଼ମ୍ବନାରେ ପରସ୍ପରର ଆଗରେ ଅନ୍ତରଙ୍ଗତା ଲଜ୍ଜିତ ହେଉଥିବାର ଲକ୍ଷ୍ୟ କରିଛି । ଧୋଇ, ମରୁଡ଼ି, ଦୈନ୍ୟ ଓ ମାନସୀ ବିପତ୍ତି ଅନେକ ଦେଖିଛି । ସେ ସବୁ ଶରତ୍ କାଳର ମେଘ ପରି, ଅର୍ଦ୍ଧରାତ୍ରିର ସ୍ୱପ୍ନପରି ବିଚିତ୍ର ରୂପରେ ଦୂରେଇ ଯାଇଛନ୍ତି । ମୋ କଲମରେ ଧରାଦେଇ ନାହାନ୍ତି ।

ମୋ ନିଜ ଜୀବନରେ କେତେ ମିଳନାନ୍ତ ଓ ବିୟୋଗାନ୍ତ ନାଟକ ପୂର୍ଣ୍ଣତାର ତୁଙ୍ଗ ଶିଖରରୁ ହଠାତ୍ ଶୂନ୍ୟତାର ପାତାଳକୁ ଖସି ପଡ଼ିଛି ଖଣ୍ଡିଆ ଖାବରା ହୋଇ । କେତେ ଦୁଃସ୍ୱପ୍ନ ବାସ୍ତବ ହୋଇଛି ଓ ତାହା ପରେ ଗୀତାର ଅମରବାଣୀ 'ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ' ସ୍ମରଣ କରି ସାନ୍ତ୍ୱନା ଲାଭ କରିଛି । ଏ ସବୁ ଉପାଦାନରେ ଉତ୍ତମ ସାହିତ୍ୟ ରଚନା କରାଯାଇ ପାରିଥାନ୍ତା । କିନ୍ତୁ ପ୍ରତ୍ୟକ୍ଷ ବା ପ୍ରଚ୍ଛନ୍ନ ଆତ୍ମ ବିଜ୍ଞାପନ କରିବାକୁ ସଙ୍କୁଚିତ ହୋଇଛି ।

ଅନେକ ଦ୍ୱନ୍ଦ୍ୱ ଓ ଦ୍ୱିଧାଭାବ ଭିତରେ କେତେ ବନ୍ଧୁଙ୍କର ସନିର୍ବନ୍ଧ ଅନୁରୋଧରେ ବହୁ ବର୍ଷ ତଳେ ଏ ପୁସ୍ତକର କିଛି ଅଂଶ ଲେଖିଥିଲି । ଏବେ ଅନ୍ୟ କାମ ନ ଥିବାରୁ ଏହାକୁ ଯଥାସମ୍ଭବ ପୂର୍ଣ୍ଣ କରୁଛି ।

ଏ ପୁସ୍ତକରେ ମଧ୍ୟ ମୋର ଜୀବନକୁ ଅତି ସ୍ପଷ୍ଟ ଭାବରେ ରୂପାୟିତ କରୁନାହିଁ, କରି ପାରୁ ନାହିଁ । ଘର ଭିତରେ ଖୋଲା ଦେହରେ

Source: Author, Digitized by PPRACHIN, SOA

ନାଃସଙ୍କୋଚରେ ରହିଥାଏ । କିନ୍ତୁ ମନୁଷ୍ୟ ଯେତେବେଳେ ଘରୁ ବାହାରେ ସେତେବେଳେ ତାହାର ଶରୀରର ଅଧିକାଂଶ ପରିଚ୍ଛଦ ଦ୍ୱାରା ଆବୃତ ଥାଏ । ଏହାକୁ କିନ୍ତୁ ପୋଷାକୀ ଆତ୍ମଜୀବନୀ ଆଖ୍ୟା ଦିଆ ନ ଯାଉ । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁଙ୍କ ଭାଷାରେ ପ୍ରତ୍ୟେକ ଲୋକ ଗୋଟିଏ ଲେଖାଏଁ ଭାସମାନ ବରଫ ପାହାଡ଼ ବା ice berg । ତାହାର ଏକ ଅଷ୍ଟମାଂଶ ମାତ୍ର ଆମର ଦୃଷ୍ଟି ଗୋଚର ହୁଏ ।

ମନୁଷ୍ୟର ପୋଷାକ ଭେଦ କରି ତାର ଅଙ୍ଗ ପ୍ରତ୍ୟଙ୍ଗର ଗଠନ ଓ ସୌଷ୍ଠବ କଳ୍ପନା କରାଯାଇପାରେ, ମାତ୍ର ତାର ମନ ଗହନର କଥା କିଏ କଳନା କରିବ ?

ମୁଁ ଯଦି କଟକ ବା କଲିକତାରେ ଜନ୍ମଗ୍ରହଣ କରିଥାନ୍ତି, ତେବେ ହୁଏତ ଅଧିକ ସାହିତ୍ୟିକ ଉତ୍ସାହ ଲାଭ କରିଥାନ୍ତି, ପ୍ରଚାରର ଅଧିକ ସୁଯୋଗ ପାଇଥାନ୍ତି । କିନ୍ତୁ ମୋର କୌଣସି ଅନୁଶୋଚନା ନାହିଁ । ଧର୍ମଶାଳପୁର ହିଁ ମୋ ପକ୍ଷରେ ସ୍ୱର୍ଗ । ମୋର କ୍ଷୁଦ୍ର ଶକ୍ତିରେ ଯେତିକ ସମ୍ଭବ ହେଲ, ସେତିକ ସାହିତ୍ୟ ସାଧନା କରିଛି ଓ କରୁଛି । ଆହୁରି ଅନେକ କିଛି ହୁଏତ କରି ପାରିଥାନ୍ତି ।

ମୁଁ ଯେତିକ ଖ୍ୟାତି ପାଇଛି, ତାହା ମୋ ପକ୍ଷରେ ଯଥେଷ୍ଟରୁ ଅଧିକ । ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଶିଶୁ ସାହିତ୍ୟ ସମିତି, ସରସ ସାହିତ୍ୟ ସମିତି ଆଦି ମୋ ଉପରେ ଅଯାଚିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ମୁଁ ସେଥିପାଇଁ ସେମାନଙ୍କଠାରେ କୃତଜ୍ଞ । ଏବେ ସୁଦ୍ଧା ମୁଁ ବହୁ ବନ୍ଧୁ ଓ ଅନୁଷ୍ଠାନମାନଙ୍କରୁ ସାହିତ୍ୟ ସାଧନା ପାଇଁ ପ୍ରେରଣା ପାଉଛି ।

ଏହି ସାହିତ୍ୟିକ ଅଭିବ୍ୟକ୍ତି କୁଶଳତା ହିଁ ମୋତେ ଏ ବୟସରେ ଡକ୍ଟର ଉପାଧି ପାଇବାରେ ସାହାଯ୍ୟ କରିଛି । ଏଥିରୁ ବଳି ସାହିତ୍ୟ ସାଧନାର ଅଧିକ ସାର୍ଥକତା ଆଉ କଣ ହୋଇପାରେ ?

ଲେଖା ସରି ନାହିଁ ।

ସାହିତ୍ୟ ସାଧନା କହିଲେ ଯାହା ବୁଝାଯାଏ, ତାହା ମୁଁ କରି ନାହିଁ । ମୁଁ ଜଣେ ସୌଖୀନ ଲେଖକ । ଅବସର ଓ ପ୍ରେରଣା, ଦୁଇଟି ଯାକ ମିଳିତ ହେଲେ ମୋ ପକ୍ଷରେ ସାହିତ୍ୟ ସୃଷ୍ଟି ସମ୍ଭବ ହେଉଛି । ଧରାବନ୍ଧା ସମୟରେ ପ୍ରତିଦିନ ବା ନିୟମିତ ଭାବରେ ଲେଖିବା ମୋ ଭାଗ୍ୟରେ ନାହିଁ ।

ସୂଚନା : 'ମଧ୍ୟମ ପୁରୁଷ' ଆତ୍ମଜୀବନୀରେ ପ୍ରକାଶିତ ସାହିତ୍ୟ ସାଧନା - ୧୯ ଶ ପରିଚ୍ଛେଦ ।

Source: Author, Digitized by PPRACHIN, SOA

।। ଶେଷ ପୃଷ୍ଠା ।।

❁ ଶ୍ରୀ ଶ୍ରୀକର ସୂପକାର

ସମୁଦ୍ର ମନ୍ଥିରେ ବିଚାହରା ନାବିକ ଘୂରି ବୁଲୁଥିବା ପରି ଲକ୍ଷ୍ୟ-ସ୍ଥଳକୁ ପହଞ୍ଚିବା ପାଇଁ ଜୀବନର ଦିଗ ଉପରେ ଛାଡ଼ିଦେଇ ଦିଗ ନିର୍ଣ୍ଣୟ କରୁଥିବା ସମୟରେ ହିଁ ତାଙ୍କର ଉପସ୍ଥିତି ମୁଁ ଅନୁଭବ କଲି ।

ସେତେବେଳେ ସୂର୍ଯ୍ୟୋଦୟର ଆନନ୍ଦ ଉପଭୋଗ କରି ମୁଁ ଜୀବନର ମଧ୍ୟାହ୍ନରେ ଉପନୀତ, କିନ୍ତୁ ତାଙ୍କ ଜୀବନରେ ସୂର୍ଯ୍ୟାସ୍ତ ପ୍ରାୟ ଆସି ଯାଇଥିଲା । ଲକ୍ଷ୍ୟସ୍ଥଳକୁ ପହଞ୍ଚିବା ପାଇଁ ସେ ଯାଇଥିବା ରାସ୍ତାରେ ତାଙ୍କ ପଦ ଚିହ୍ନ ଦେଖି ଦେଖି ଅଗ୍ରସର ହେବାପାଇଁ ନିଷ୍ପତ୍ତି କରୁଥିବା ସମୟରେ ହିଁ କାଳରାତ୍ରିର ଅନ୍ଧାର ମାଡ଼ି ଆସିଲା । ପଛକୁ ଫେରି ଯିବାର ସାହସ ହେଲାନାହିଁ । ଶଂକିତ ଅବସ୍ଥାରେ ଆଗପଛ ବିଚାର ନକରି, ଫଳାଫଳ ପ୍ରତି ଭ୍ରୂକ୍ଷେପ ନକରି ଆଗକୁ ଅଗ୍ରସର ହେବାଛଡ଼ା ଅନ୍ୟ ଉପାୟ ନାହିଁ । କାରଣ ବିଗତର କରିନେଇ ଅତୀତର ମାନେ କିଛି ନାହିଁ । ଆଉ ଭବିଷ୍ୟତ ଏକ ମୂଲ୍ୟହୀନ ପ୍ରତୀକ୍ଷା । ବରଂ ଆମେ ସମସ୍ତେ ବର୍ତ୍ତମାନର ଏକ ଖେଳଣା ମାତ୍ର ।

ଶଂକିତ ଏବଂ ସ୍ୱାର୍ଥହୀନ ଭାବରେ ଅଗ୍ରସର ହେଉଥିବା ସମୟରେ ତାଙ୍କର ପଦଚିହ୍ନ ଦେଖି ଅହରି ଅନେକ ଯାତ୍ରୀ ସେହି ରାସ୍ତାରେ ହିଁ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଅଗ୍ରସର ହେଉଥିବା ଦେଖି ଆଶ୍ୱସ୍ତ ହେଲି । ଡର ଭାଙ୍ଗିଗଲା । ଦିନେ ସର୍ଯ୍ୟୋଦୟ ହେବ । ଅନୁଭବ କଲି ମୁଁ ଏକା ନୁହେଁ । ମୋ ସହିତ ଅନେକ ଅଛନ୍ତି । ରାସ୍ତାରେ ସେମାନେ ସୁଖ ଦୁଃଖର ସାଥୀ ହେବେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବେ । ଏ ଆତ୍ମବିଶ୍ୱାସ ଆସିଗଲା । ଲକ୍ଷ୍ୟ

Source: Author, Digitized by PPRACHIN, SOA

ସ୍ଥଳକୁ ପହଞ୍ଚିବା ପାଇଁ ସୂର୍ଯ୍ୟୋଦୟର ଅପେକ୍ଷାରେ ହୁଏତ ନିଜ ଜୀବନର ସୂର୍ଯ୍ୟାସ୍ତ ହୋଇଯାଇପାରେ । ତଥାପି ସେହି ରାସ୍ତାରେ ଅଗ୍ରସର ହେବାକୁ ପଡ଼ିବ । କାରଣ ସେ ଏବଂ ତାଙ୍କ ପୂର୍ବରୁ ଅନେକେ ଏହି ରାସ୍ତାରେ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛନ୍ତି ।

ତାଙ୍କ ଚଲାପଥରେ ମୋ ପରି ଅନେକ ଅଗ୍ରସର ହେଉଛନ୍ତି । ଏଣୁ ଦିନେ ତାଙ୍କର ସଙ୍ଗେ ଦେଖାହେବ ନିଶ୍ଚିତ । ଏଥିପାଇଁ ସମୟ ନିର୍ଦ୍ଧାରଣ ହୋଇ ସାରିଛି । ଏକ ଅଦୃଶ୍ୟ ଶକ୍ତି ସମୟ ତ ନିର୍ଦ୍ଧାରଣ କରି ସାରିଛି । ଏ ଅଦୃଶ୍ୟ ଶକ୍ତି ବା ସମୟ କାହାରି ହସ୍ତକ୍ଷେପ ବରଦାସ୍ତ କରିନାହିଁ । କେହି ଚାହିଁଲେ ମଧ୍ୟ ହସ୍ତକ୍ଷେପ କରି ପାରିବେ ନାହିଁ । ଏଣୁ ଲକ୍ଷ୍ୟସ୍ଥଳକୁ ପହଞ୍ଚିବାକୁ ନିଜେ ନିଜର ଚେଷ୍ଟାରେ ଅଗ୍ରସର ହେଉଥିଲେ ମଧ୍ୟ ସମୟର ଅପେକ୍ଷାରେ ରହିବାକୁ ପଡ଼ିବ । ଲକ୍ଷ୍ୟସ୍ଥଳକୁ ପହଞ୍ଚିବାକୁ ଜୀବନର ଏକ ମୂଲ୍ୟବାନ ବର୍ଷ କଟି ଗଲାଣି । ଅନ୍ୟ ଭାଷାରେ ଜୀବନର ସୂର୍ଯ୍ୟାସ୍ତ ଏକ ବର୍ଷ ପାଖେଇ ଆସିଲାଣି ।

ଭଗବାନଙ୍କୁ ପ୍ରାର୍ଥନା, ହୋଇଯାଉ ପଛେ ଅସମୟରେ ଜୀବନର ସୂର୍ଯ୍ୟାସ୍ତ; କିନ୍ତୁ ଶୀଘ୍ର ଲକ୍ଷ୍ୟସ୍ଥଳକୁ ପହଞ୍ଚାଇ ଦିଅନ୍ତୁ ।

ସମ୍ପାଦକ- ମଧ୍ୟମ ପୁରୁଷ
ବୁଢ଼ାରଜା, ସମ୍ବଲପୁର

Source: Author, Digitized by PPRACHIN, SOA

ORISSA WATER SUPPLY & SEWERAGE BOARD

BHUBANESWAR

* WATER IS LIFE:

  Waste water is indignity :

* OWSSB is committed to give dignity to life by providing safe drinking water and disposing waste water.

* WATER and sanitation facilties have to be maintained for proper functioning.

OWSSB commits for it.

* Bad drinking water and insanitation breeds diseases, sickness, less energy, hence less work done, hence less crops and less money, hence less food, thence the circle of poverty is complete.

* Let us break the cycle of poverty by ensuring potable drinking water sanitation and proper disposal of waste water.

Nalinikanta Mohanty
CHAIRMAN

Pravat Kumar Tripathy
VICE-CHAIRMAN

Niranjan Mishra
MEMBER SECY.

Source: Author, Digitized by PPRACHIN, SOA

STATE URBAN DEVELOPMENT AGENCY (S U D A)

PRESENTS

COMMUNITY REWARD SCHEME (CRS) TO BE AWARDED ON 15th AUGUST CELEBRATION AT THE STATE LEVEL FOR COMMUNITY MANAGEMENT BESED EFFORTS ON THE FOLLOWING ISSUES :-

- ✳ BUILDING
- ✳ WATER SUPPLY
- ✳ SANITATION
- ✳ REFUSE
- ✳ PRIMARY HEALTH
- ✳ PRIMARY EDUCATION
- ✳ NATURE RELATED
- ✳ SOCIO ECONOMIC

FOR DETAILS

PLEASE CONTACT NEAREST URBAN LOCAL BODY OR STATE URBAN DEVELOPMENT AGENCY/DISTRICT URBAN DEVELOPMENT AGENCY / NATIONAL INSTITUTE OF HABITAT MANAGEMENT.

Source: Author, Digitized by PPRACHIN, SOA

Printed at :
Art & Artist Press
Sambalpur.

Source: Author, Digitized by PPRACHIN, SOA